୪୬

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୬/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, November 26/2019 | ★★★★★★

୪୬ଶ ଭାଗ ୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



**‘ଭୁଲ୍ କଲେ ଅଧିକ ସୁନ୍ଦର ଲାଗନ୍ତି କରିନା’**

ବଲିଉଡ୍ ବେବୋ କରିନା କପୁର ଖାଁ କେବେ ଭୁଲ୍ କଲେ ସବୁଠାରୁ ଅଧିକ ସୁନ୍ଦର ଲାଗନ୍ତି ବୋଲି ଏକ ସାକ୍ଷାତ୍କାରରେ କହିଛନ୍ତି ବଲିଉଡ୍ ଖିଲାଡି ବୟ ଅକ୍ଷୟ କୁମାର।

୦୯

୧୮

**ଲକ୍ଷ୍ୟଙ୍କୁ ସ୍କଟିଶ ଓପନ୍ ଟାଇଟଲ୍**

ଭାରତର ଯୁବ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ସ୍କଟିଶ ଓପନ୍‌ରେ ଚାମ୍ପିୟନ ହୋଇଛନ୍ତି। ସିଜନରେ ଏହା ତାଙ୍କର ୪ର୍ଥ ଟାଇଟଲ୍ ଥିଲା।



## ଭାଜପାକୁ ସହଯୋଗ
# ମାମଲା ହଟିଲା

ମୁମ୍ବାଇ,୨୫।୧୧(ପି.ଟି.)

ମହାରାଷ୍ଟ୍ର ଜଳସେଚନ ପ୍ରକଳ୍ପ ଦୁର୍ନୀତିକୁ ନେଇ ୯ଟିମାମଲାର ତଦନ୍ତକୁ ସୋମବାର ରାଜ୍ୟ ଦୁର୍ନୀତି ନିର୍ବାରଣ ବ୍ୟୁରୋ (ଏସିବି) ବନ୍ଦ କରିଦେଇଛି। କୌଣସି ଜଳସେଚନ ଦୁର୍ନୀତି ସହ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ସମ୍ପୃକ୍ତି ନ ଥିବା ଏସିବି ପକ୍ଷରୁ କୁହାଯାଇଛି। ଏହାକୁ ସର୍ତ୍ତମୂଳକ ଭାବେ ବନ୍ଦ କରାଯାଇଛି। ରାଜ୍ୟ କିମ୍ବା ଅଦାଲତ ଚାହିଁଲେ ମାମଲାକୁ ପୁନର୍ବାର ଖୋଲିପାରିବେ ବୋଲି ଏସିବି ଅଧିକାରୀ କହିଛନ୍ତି। ଜଳସେଚନ ଦୁର୍ନୀତି ଅଭିଯୋଗ ପରେ ୩୦୦୦ ଟେଣ୍ଡରର ତଦନ୍ତ କରାଯାଇଥିଲା ବୋଲି ସେ କହିଛନ୍ତି।

ମହାରାଷ୍ଟ୍ରରେ ସରକାର ଗଠନରେ ଭାଜପାକୁ ସହଯୋଗ କରିଥିବାରୁ ଅଜିତଙ୍କ ନାମରେ ଥିବା ଆପରାଧିକ ମାମଲା ସହ ଜଳସେଚନ ଦୁର୍ନୀତି ସଂକ୍ରାନ୍ତ କେସ୍ ହଟିଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ୧୯୯୯ରୁ ୨୦୦୯ ଯାଏ ମହାରାଷ୍ଟ୍ରର ଜଳସେଚନ ବିଭାଗ ଦାୟିତ୍ୱରେ ଥିବାବେଳେ ଅଜିତ ୭୦ ହଜାର କୋଟି ଟଙ୍କାର ଦୁର୍ନୀତିରେ ଜଡ଼ିତ ଥିବା କୁହାଯାଇ ଆସୁଥିଲା।

ମାମଲା ବନ୍ଦ କରିବାକୁ ନେଇ କଂଗ୍ରେସ ମହାରାଷ୍ଟ୍ର ସରକାରଙ୍କୁ କଡ଼ା

- ୯ଟି ଅଭିଯୋଗରେ ଅଜିତ ପାୱାରଙ୍କୁ କ୍ଲିନ୍‌ଚିଟ୍
- କଂଗ୍ରେସର ସମାଲୋଚନା



ସମାଲୋଚନା କରିଛି। ଭାଜପା-ଅଜିତ ପାୱାର ସରକାର ଦାୟିତ୍ୱ ନେବା ପରେ ସମସ୍ତ ଦୁର୍ନୀତି ମାମଲା ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିବା କଂଗ୍ରେସ କହିଛି। ୯ଟି ଜଳସେଚନ ମାମଲା ମଧ୍ୟରୁ କୌଣସିଟିରେ ଅଜିତ ପାୱାରଙ୍କ ସମ୍ପୃକ୍ତି ନାହିଁ ବୋଲି ଏସିବି କହିବା ପରେ ମହାରାଷ୍ଟ୍ରରେ ସାଧୁତା ଓ ଉତ୍ତରଦାୟିତ୍ୱକୁ ଠିକାରେ ହତ୍ୟା କରାଯାଇଥିବା କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଅଭିଯୋଗ କରିଛନ୍ତି।

# ବଳାତ୍କାର ପ୍ରସଙ୍ଗରେ ଗୃହରେ ଝଡ଼

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଅଧୀନ ତିରୁନା ଗ୍ରାମପଞ୍ଚାୟତର ତେନ୍ତୋଇ ଗ୍ରାମର ଜଣେ ଅନୁସୂଚିତ ଜାତି(ଏସ୍‌ସି) ଝିଅର ଆତ୍ମହତ୍ୟା ଘଟଣାକୁ ନେଇ ସୋମବାର ବିଧାନସଭାର ଶୂନ୍ୟକାଳରେ ହୋ ହଲ୍ଲା ଦେଖିବାକୁ ମିଳିଥିଲା। ନିକଟରେ ଇଂଲିଶ ଦୈନିକରେ ପ୍ରକାଶିତ ଏକ ଖବରକୁ ଆଧାରକରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇଥିଲେ। ଏଥିସହିତ ଏହି ସମ୍ବେଦନଶୀଳ ଘଟଣାରେ ମୁଖ୍ୟମନ୍ତ୍ରୀ ଗୃହରେ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ମଧ୍ୟ ଦାବି କରିଥିଲେ। ଘଟଣାରୁ ଗୁରୁତ୍ୱ ଅନୁଭବ କରି ଭାଜପା ସଦସ୍ୟମାନେ ମଧ୍ୟ କଂଗ୍ରେସ ସହ ସ୍ୱର ମିଳାଇଥିଲେ। ସମ୍ପୂର୍ଣ୍ଣ ପ୍ରଶ୍ନକାଳ ଏବଂ ଶୂନ୍ୟକାଳର କିଛି ସମୟ ଗୃହରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରି କି ବାଚସ୍ପତି/ଉପବାଚସ୍ପତିଙ୍କୁ ଗୃହକୁ ବାରମ୍ବାର ମୁଲତବୀ କରିବାକୁ ପଡ଼ିଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ସମାନ ପ୍ରସଙ୍ଗରେ କଂଗ୍ରେସ ସଦସ୍ୟମାନେ ହୋ ହଲ୍ଲା କରିଥିଲେ। ସେଥିପାଇଁ ୩ଟା ୪ ମିନିଟ୍‌ରୁ ୩ଟା ୩୪ ମିନିଟ୍ ପର୍ଯ୍ୟନ୍ତ ଗୃହକୁ ମୁଲତବୀ କରାଯାଇଥିଲା। ଏହା ପରେ

- ଜଗତ୍‌ସିଂହପୁର ବଳାତ୍କାର ପୀଡ଼ିତାଙ୍କ ଆତ୍ମହତ୍ୟା ନେଇ ହଟ୍ଟଗୋଳ
- ଆଜି ଉତ୍ତର ରଖିବେ ସରକାର
- ଶୂନ୍ୟକାଳରେ ଉଠିଲା ପ୍ରସଙ୍ଗ
- ବାରମ୍ବାର ଗୃହ ମୁଲତବୀ
- କଂଗ୍ରେସ, ଭାଜପା ଶାସକ ଦଳକୁ ଘେରିଲେ



ପ୍ରକାଶିତ ସମ୍ପର୍କିତ ଖବରକୁ ପଢ଼ି ଗୃହକୁ ଜଣାଇଥିଲେ। ଏଥିସହିତ କହିଥିଲେ, ଯଦି ଏପରି କଥା ସତ ତେବେ ଶାସନରେ ରହିବାର କୌଣସି ନୈତିକ ଅଧିକାର ସରକାରଙ୍କର ନାହିଁ। ଯଦି ନୁହେଁ, ତେବେ ଖବର ଛାପିଥିବା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯାଉ। ଏସ୍‌ସି ଝିଅକୁ ବଳାତ୍କାର କରିଥିବା ସମ୍ପୃକ୍ତ ବ୍ୟକ୍ତି(ଦୀପକ ବେଉରା, ପିତା-ଅକ୍ଷୟ ବେଉରା) ମଧ୍ୟ ସେହି ତେନ୍ତୋଇ ଅଞ୍ଚଳର । ସେ ଉକ୍ତ ଝିଅଟିକୁ ଏକପାଖିଆ ପ୍ରେମ କରୁଥିଲେ। ହେଲେ ଝିଅଟିର ଏଥିରେ ସମ୍ମତି ନ ଥିଲା। ଝିଅର ପରିବାର ଏହି ଘଟଣା ସମ୍ପର୍କରେ ପ୍ରତିବାଦ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏମିତି କି ଗାଁବାଲାଙ୍କୁ ଏ ସମ୍ପର୍କରେ ଜଣାଇବାରୁ ସେମାନେ କୌଣସି ପ୍ରତିବାଦ କରି ନ ଥିଲେ। ଅକ୍ଷୟ ବେଉରାଙ୍କ ଉକ୍ତ ଅଞ୍ଚଳରେ ଏକ ମାଂସ ଦୋକାନ ରହିଛି। ଏହାକୁ ଲାଗି ତାଙ୍କ ଭାଇଙ୍କ ଏକ ମଦ ☞ପୃଷ୍ଠା-୪

## ୬ ମାସରେ ୬୦୪ ନାବାଳିକାଙ୍କୁ ବଳାତ୍କାର

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ରାଜ୍ୟରେ ଚଳିତ ବର୍ଷର ପ୍ରଥମ ୬ ମାସରେ ୬୦୪ ନାବାଳିକାଙ୍କୁ ବଳାତ୍କାର ମାମଲା ପଞ୍ଜୀକୃତ ହୋଇଛି। ଏପରି କି ଏହି ସମୟ ମଧ୍ୟରେ ରାଜ୍ୟର ମୋଟ ୧୧୪୯ଟିବଳାତ୍କାର ଘଟଣା ପଞ୍ଜୀକରଣ କରାଯାଇଛି। ଓଡ଼ିଶା ସରକାରଙ୍କ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସୋମବାର ବିଧାନସଭାରେ ଏହି ଉତ୍ତର ରଖିଛନ୍ତି।

ଏକ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତର ଦେଇ ମନ୍ତ୍ରୀ ମିଶ୍ର କହିଛନ୍ତି ଯେ, ୨୦୧୮ ମସିହାରେ ରାଜ୍ୟରେ ବଳାତ୍କାର ମାମଲା ସମ୍ପର୍କିତ ଦଣ୍ଡବିଧାନ ହାର ୧୮.୩୫ ପ୍ରତିଶତ ରହିଥିଲା। ଏହି ବର୍ଷ ୨୫୦୨ଟି ☞ପୃଷ୍ଠା-୪

- ଗୃହ ରାଷ୍ଟ୍ରମନ୍ତ୍ରୀ ରଖିଲେ ଉତ୍ତର
- ସମାଧାନ ପାଇଁ ପ୍ରତିଷ୍ଠା ହେବ ୨୪ ସ୍ୱତନ୍ତ୍ର କୋର୍ଟ
- ୨୦୧୮ରେ ୨୫୦୨ରୁ ୧୦୭୩ ସମାଧାନ ହୋଇଛି

**ବ୍ୟାପମ୍ ଦୁର୍ନୀତି ମାମଲା: ୩୧ ଜଣଙ୍କୁ ଜେଲ** ପୃଷ୍ଠା ୨

**ଆଜିର ସମ୍ପାଦକୀୟ**

ଝାଳ ବୁହାଇବା

**ଆଜିର ମନ୍ତବ୍ୟ**

“ମହାରାଷ୍ଟ୍ରରେ ଗଣତନ୍ତ୍ରର ହତ୍ୟା କରାଯାଇଛି।

-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

**କିଛି ତଥ୍ୟ**

୨୦୧୪-୧୫ ଆର୍ଥିକ ବର୍ଷଠାରୁ କୋଇଲା ଖଣି ନିଲାମରୁ ସରକାର ୪୯୭୩ କୋଟି ଟଙ୍କାର ରାଜସ୍ୱ ଲାଭ କରିଛନ୍ତି।

-କୋଇଲା ମନ୍ତ୍ରଣାଳୟ




Vencobb Fresh Chicken

25.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 85 | 139 | 149 |
| CTC | 84 | 137 | 147 |
| DKL | 85 | 139 | 149 |
| BDK | 83 | 136 | 146 |
| BLS | 84 | 137 | 147 |
| ANG | 85 | 139 | 149 |
| BHM | 84 | 137 | 147 |

*Conditions Apply

Issued in the Interest of Consumers




Buy online at tanishq.co.in • To know more, log on to tanishq.co.in or give a missed call on 1800 3010 5002

*ସର୍ତ୍ତାବଳୀ ଲାଗୁ • ଅଫର୍ 75 ଗ୍ରାମ୍ ଓ ତଦୁର୍ଦ୍ଧ୍ୱ ସ୍ୱର୍ଣ୍ଣ ଅଳଙ୍କାର କ୍ରୟ ଉପରେ ବୈଧ • ଅଫର୍ କେବଳ 1 ଲକ୍ଷ ଓ ତଦୁର୍ଦ୍ଧ୍ୱର ଡାଇମଣ୍ଡ ଜ୍ୱେଲରୀ କ୍ରୟ ଉପରେ ବୈଧ ଅଟେ ।
**ବିନିମୟ ବା ଏକ୍ସଚେଞ୍ଜ୍ ସାମଗ୍ରୀ 22 କ୍ୟାରେଟ୍ ଏବଂ ତଦୁର୍ଦ୍ଧ୍ୱ ବିଶୁଦ୍ଧତା ଆଧାରରେ ହୋଇଥାଏ • Check tanishq.co.in/offers for further details • Follow us on:

| ଅନୁଗୁଳ | ଭୁବନେଶ୍ୱର | | କଟକ |
|---|---|---|---|
| ଅମଲାପଡ଼ା ଲେନ୍-୨ | ଚନ୍ଦ୍ରଶେଖର ପୁର | ମାଷ୍ଟର କ୍ୟାଣ୍ଟିନ୍ | କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ |
| ଫୋନ୍-୦୬୭୬୪-୨୩୧୨୨୪, ୯୬୫୮୨୭୪୨୨୫ | ଫୋନ୍-୭୨୦୫୦୫୦୭୦୦ | ଫୋନ୍-୦୬୭୪-୨୫୩୪୩୫୧, ୯୨୩୮୩୦୭୦୪୩ | ଫୋନ୍-୦୬୭୧-୨୩୦୨୦୩୬, ୯୨୩୮୩୦୭୦୪୪ |



ସରକାର ଗଠନ କରିବା ଲାଗି ଭାଜପା ଚମ୍ବଲ ଡାକୁ ଭଳି କାମ କରୁଛି।
- ସଞ୍ଜୟ ରାଉତ୍
ଶିବସେନା ଏମ୍‌ପି



# ବ୍ୟାପମ୍ ଦୁର୍ନୀତି: ୩୧ ଜଣଙ୍କୁ ଜେଲ

ନୂଆଦିଲ୍ଲୀ,୨୫।୧୧

ମଧ୍ୟପ୍ରଦେଶର ବହୁଚର୍ଚ୍ଚିତ ବ୍ୟାପମ୍ ନିଯୁକ୍ତି ଦୁର୍ନୀତି ମାମଲାରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ୩୧ ଜଣଙ୍କୁ ଜେଲଦଣ୍ଡାଦେଶ ଦେଇଛନ୍ତି। ଗ୍ୱାଲିୟରର ପ୍ରଦୀପ ତ୍ୟାଗୀଙ୍କୁ ୧୦ ବର୍ଷ ଜେଲ୍ ହୋଇଥିବାବେଳେ ଅନ୍ୟ ୩୦ ଜଣଙ୍କୁ ୭ ବର୍ଷ ଲେଖାଏ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ। ଅଧିକାଂଶ ଅପରାଧୀଙ୍କ ଘର ଭିନ୍ଦ୍, ମୋରେନା, ଡାଟିଆ, ଗ୍ୱାଲିୟର ଏବଂ ଭୋପାଳରେ। ଉତ୍ତରପ୍ରଦେଶରୁ ମଧ୍ୟ କେତେଜଣ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିଲେ। ଅପରାଧୀମାନଙ୍କୁ କୋର୍ଟ ପ୍ରକୋଷ୍ଠରୁ ସିଧା କେନ୍ଦ୍ରୀୟ ଜେଲ୍‌କୁ ପଠାଇଦିଆଯାଇଛି।





୨୦୧୩ରେ ମଧ୍ୟପ୍ରଦେଶର ବୈଷୟିକ ପରୀକ୍ଷା ମଣ୍ଡଳ (ବ୍ୟାପମ୍) ଦୁର୍ନୀତି ପଦାକୁ ଆସିଥିଲା। ପ୍ରାର୍ଥୀଙ୍କ ସ୍ଥାନରେ ଅନ୍ୟମାନେ ପରୀକ୍ଷା ଦେଇଥିବାବେଳେ ଏଥିରେ ଜାଲିଆତି ଓ ଠକେଇ ମଧ୍ୟ ହୋଇଥିଲା। ସେତେବେଳେ ଏହି ଘଟଣା ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏପରିକି ଏହି ଦୁର୍ନୀତି ଅଭିଯୋଗ ଆସିବା ପରେ ଏଥିରେ ସମ୍ପୃକ୍ତ ପ୍ରାୟ ୪୦ ଜଣଙ୍କ ରହସ୍ୟଜନକ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ମଧ୍ୟପ୍ରଦେଶର ପୂର୍ବତନ ରାଜ୍ୟପାଳଙ୍କ ପୁଅ ମଧ୍ୟ ଥିଲେ। ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦିଆଯାଇଥିଲା। ୨୦୧୭ ଏପ୍ରିଲରେ ସିବିଆଇ ୧୨ ପ୍ରାର୍ଥୀ, ୧୨ ଜଣ ଛଦ୍ମପ୍ରାର୍ଥୀ ଏବଂ ୭ ମଧ୍ୟସ୍ଥଙ୍କ ବିରୋଧରେ ଚାର୍ଜଶିଟ୍ ଦାଏର କରିଥିଲା। ୯୧ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଆଧାରରେ ୩୧ ଜଣଙ୍କୁ ଦୋଷୀସାବ୍ୟସ୍ତ କରାଯାଇଛି। ଗୁରୁବାର ସିବିଆଇ ସ୍ୱତନ୍ତ୍ର ବିଚାରପତି ଏସ୍.ବି. ସାହୁ ଆଇପିସିର ଧାରା ୪୧୯, ୪୨୦, ୪୬୭, ୪୬୮ ଏବଂ ୪୭୧ରେ ଅଭିଯୁକ୍ତମାନଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ।

## ରହସ୍ୟ ଘେରରେ ୪୦ ଜଣଙ୍କ ମୃତ୍ୟୁ

ଭୋପାଳ,୨୫।୧୧

ବ୍ୟାପମ୍ ଦୁର୍ନୀତି ଭାବେ ପରିଚିତ ମଧ୍ୟପ୍ରଦେଶ ପ୍ରଫେସନାଲ ଏକ୍‌ଜାମିନେଶନ ବୋର୍ଡ (ଏମ୍‌ପିପିଇବି) ଦୁର୍ନୀତି ୨୦୧୩ରେ ପଦାକୁ ଆସିବା ପରେ ଏହା ସହ ସମ୍ପୃକ୍ତ ୪୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଥିଲା। ଅସମର୍ଥିତ ଭାବେ ମୃତ୍ୟୁସଂଖ୍ୟା ୧୦୦ରୁ ଅଧିକ ବୋଲି କୁହାଯାଏ। ମୃତକଙ୍କ ମଧ୍ୟରେ ଅଭିଯୁକ୍ତ, ସାକ୍ଷୀ ଏବଂ ଅନୁଧ୍ୟାନମୂଳକ ଖବର ଛାପିଥିବା ଜଣେ ଖବରଦାତା ଥିଲେ। ସମସ୍ତଙ୍କ ମୃତ୍ୟୁ ରହସ୍ୟଜନକ ସ୍ଥିତିରେ ହୋଇଥିଲା। ରହସ୍ୟଜନକ ମୃତ୍ୟୁ ହୋଇଥିବା ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ଥିଲେ ମଧ୍ୟପ୍ରଦେଶର ପୂର୍ବତନ ରାଜ୍ୟପାଳ ରାମନରେଶ ଯାଦବଙ୍କ ପୁଅ ଶୈଳେଶ, ଜବଲପୁର ମେଡିକାଲ କଲେଜ ଡିନ୍ ଡ. ଅରୁଣ ଶର୍ମା ଏବଂ ଆଜତକ୍ ଖବରଦାତା ଅକ୍ଷୟ ସିଂ, କନଷ୍ଟେବଳ ସଞ୍ଜୟ କୁମାର ଯାଦବ, ଭେଟେରିନାରୀ ଡାକ୍ତର ରାଜେନ୍ଦ୍ର ଆର୍ଯ୍ୟ, ଭେଟେରିନାରୀ କଲେଜ ଛାତ୍ର ଅମିତ ସାଗର, ନମ୍ରତା ଡାମୋର। ଏଭଳି ରହସ୍ୟମୟ ମୃତ୍ୟୁ ଘଟଣା ସେତେବେଳେ ସାରା ଦେଶରେ ଆଲୋଡନ ସୃଷ୍ଟି କରିଥିଲା। ଏସ୍‌ଆଇଟି ତଦନ୍ତ ଯଥେଷ୍ଟ ନୁହେଁ, ମାମଲାର ସିବିଆଇ ତଦନ୍ତ କରିବା ପାଇଁ ବିରୋଧୀ ଦଳ ଦାବି କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ସିବିଆଇ ତଦନ୍ତ ଚାହୁଁ ନ ଥିଲେ। ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଖବରଦାତା ହତ୍ୟା ମାମଲାର ତଦନ୍ତ କରୁଥିବା ଚୌହାନ କହିଥିଲେ।





ବ୍ୟାପମ୍ ଦୁର୍ନୀତି: ନ୍ୟାୟ ଦାବିରେ ବିକ୍ଷୋଭର ଫାଇଲ ଫଟୋ।

## ବ୍ୟାପମ୍ ଦୁର୍ନୀତି କ'ଣ

ମଧ୍ୟପ୍ରଦେଶ ବୈଷୟିକ ପରୀକ୍ଷା ମଣ୍ଡଳ (ବ୍ୟାପମ୍) ବିଭିନ୍ନ ସରକାରୀ ନିଯୁକ୍ତି ପାଇଁ ପ୍ରାର୍ଥୀ ଚୟନ କରିଥାଏ। ଏହି ସଂସ୍ଥା ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଜାଲିଆତି କରି କୋଟି କୋଟି ଟଙ୍କା ଦୁର୍ନୀତି କରୁଥିଲା। ପ୍ରକୃତ ପ୍ରାର୍ଥୀଙ୍କ ବଦଳରେ ଜାଲ୍ ପ୍ରାର୍ଥୀ ପରୀକ୍ଷା ଦେଉଥିଲେ। ପରୀକ୍ଷାରେ ପ୍ରବଳ କପି ହେଉଥିଲା। ଦୁର୍ନୀତିରେ ରାଜନେତା, ବରିଷ୍ଠ ଅଧିକାରୀ, ବ୍ୟବସାୟୀ ସମ୍ପୃକ୍ତ ଥିଲେ। ବ୍ୟାପମ ଦ୍ୱାରା ପରିଚାଳିତ ୧୩ଟି ବିଭିନ୍ନ ପରୀକ୍ଷାରେ ଦୁର୍ନୀତି ହୋଇଥିଲା। ଚାକିରିରେ ଥିବା ପିଲାଙ୍କ ପାଇଁ ଅନ୍ୟମାନେ ପ୍ରକ୍ସିରେ ପରୀକ୍ଷା ଦେଉଥିଲେ। ପରୀକ୍ଷାରେ ଏଭଳି ସିଟ୍ ବ୍ୟବସ୍ଥା କରାଯାଉଥିଲା ଯେପରି ଜଣେ ଭଲ ଛାତ୍ରଠାରୁ ଅନ୍ୟ ଦୁଇଜଣ ଉତ୍ତର ଚିପି ପାରିବେ। ଏଥିପାଇଁ ସମ୍ପୃକ୍ତ ଛାତ୍ରଙ୍କୁ ଟଙ୍କା ଦିଆଯାଉଥିଲା। ୯୦ ଦଶକ ମଧ୍ୟଭାଗରୁ ଏହି ଦୁର୍ନୀତି ଚାଲିଥିବାବେଳେ ୨୦୦୦ରେ ପ୍ରଥମ ଏତଲା ଦାଏର ହୋଇଥିଲା। ୨୦୦୯ ପ୍ରାକ୍ ମେଡିକାଲ ପରୀକ୍ଷାରେ ଦୁର୍ନୀତି ଅଭିଯୋଗ ଆସିବା ପରେ ସରକାର ତଦନ୍ତ ପାଇଁ ଏକ କମିଟି ଗଠନ କରିଥିଲେ। ଉକ୍ତ କମିଟି ରିପୋର୍ଟ ଆଧାରରେ ଶତାଧିକ ଗିରଫ ହୋଇଥିଲେ। ତେବେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ହାଜତରେ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିଲା ଓ ଅନ୍ୟମାନେ ଜାମିନରେ ବାହାରିଥିଲେ। କୌଣସି ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରାଯାଇ ନ ଥିଲା।

୨୦୧୩ରେ ଇନ୍ଦୋର ପୋଲିସ ୨୦ ଜଣ ଜାଲ୍ ପ୍ରାର୍ଥୀଙ୍କୁ ଗିରଫ କରିବା ପରେ ଘଟଣା ଚର୍ଚ୍ଚାକୁ ଆସିଥିଲା। ସେମାନଙ୍କୁ ଜେରା କରାଯିବାରୁ ଦୁର୍ନୀତି ର୍ୟାକେଟର ମୁଖ୍ୟ ଜଗଦୀଶ ସାଗର ବୋଲି ଜଣାପଡ଼ିଥିଲା। ପୋଲିସ ଜଗଦୀଶଙ୍କୁ ଗିରଫ କରିବା ପରେ ତଦନ୍ତ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରିଥିଲେ। ଜେରାବେଳେ ରାଜନେତା, ଏମ୍‌ପିପିଇବିର ଅଧିକାରୀ, ମଧ୍ୟସ୍ଥ, ପ୍ରାର୍ଥୀ ଓ ଅଭିଭାବକଙ୍କ ସମ୍ପୃକ୍ତି ପଦାକୁ ଆସିଥିଲା। ୨୦୧୫ ଜୁନ୍ ସୁଦ୍ଧା ଏହି ମାମଲାରେ ୨୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାଯାଇଥିଲା। ସେଥିରେ ରାଜ୍ୟର ପୂର୍ବତନ ଶିକ୍ଷାମନ୍ତ୍ରୀ ଲକ୍ଷ୍ମୀକାନ୍ତ ଶର୍ମା ଓ ଶତାଧିକ ରାଜନେତା ସମ୍ପୃକ୍ତ ଥିଲେ। ମାମଲାର ସିବିଆଇ ତଦନ୍ତ ଲାଗି ୨୦୧୫ ଜୁଲାଇରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

■ ମହାରାଷ୍ଟ୍ର ରାୟ ପୂର୍ବରୁ ୩ ଦଳର ଶକ୍ତି ପ୍ରଦର୍ଶନ

# ୧୬୨ ବିଧାୟକଙ୍କୁ ପରେଡ୍ କରାଇଲେ

ମୁମ୍ବାଇ,୨୫।୧୧(ପି.ଟି.)

ମହାରାଷ୍ଟ୍ର ସରକାରଙ୍କୁ ଆସ୍ଥାଭୋଟ ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ପୂର୍ବରୁ ତିନି ବିରୋଧୀ ଦଳ ଶିବସେନା, କଂଗ୍ରେସ ଏବଂ ଏନ୍‌ସିପି ଶକ୍ତି ପ୍ରଦର୍ଶନ କରିଛନ୍ତି। ସୋମବାର ସନ୍ଧ୍ୟାରେ ଏକ ହୋଟେଲରେ ତିନିଦଳ ୧୬୨ ବିଧାୟକମାନଙ୍କୁ ପରେଡ କରାଇଥିଲେ। ଏହି ଶକ୍ତିପ୍ରଦର୍ଶନ ବେଳେ ଶିବସେନା ନେତା ଉଦ୍ଧବ ଠାକ୍‌ରେ, ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକମାନେ ଭାଜପା ପ୍ରଲୋଭନରେ ପଡ଼ିବେ ନାହିଁ ବୋଲି ସେଠାରେ ଶପଥ ନେଇଥିଲେ। ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାରେ ସରକାର ଗଠନ ପାଇଁ ୧୪୫ ବିଧାୟକଙ୍କ ଆବଶ୍ୟକତା ଥିବାବେଳେ ବିରୋଧୀ ମହା ବିକାଶ ଅଘାଡି ମେଣ୍ଟ ପାଖରେ ୧୬୨ଜଣଙ୍କ ସମର୍ଥନ ଥିବା ସେମାନେ ଆସ୍ଥାଭୋଟ ପୂର୍ବରୁ ପ୍ରଦର୍ଶନ କରିଛନ୍ତି। ପଞ୍ଚତାରକା ହୋଟେଲ ପରିସରରେ ମେଣ୍ଟ ବିଧାୟକମାନଙ୍କୁ ଉଦ୍‌ବୋଧନ ଦେଇ ପାୱାର କହିଥିଲେ, ଭାଜପା ଗୋଆ ଓ ଅନ୍ୟ କେତେକ ରାଜ୍ୟରେ ଅଣସାମ୍ବିଧାନିକ ଉପାୟରେ କ୍ଷମତା ଦଖଲ କରିଥିଲା। ମହାରାଷ୍ଟ୍ର ଗୋଆ ନୁହେଁ। ଏବେ ସେମାନଙ୍କୁ ଶିକ୍ଷାଦେବାର ଉପଯୁକ୍ତ ସମୟ। ଏନ୍‌ସିପି ବିଧାୟକଙ୍କ ଉପରେ ହ୍ୱିପ୍ ଜାରି କରିବାର କୌଣସି ଅଧିକାର ଅଜିତଙ୍କର ନାହିଁ ବୋଲି ଶରଦ ପାୱାର କହିଥିଲେ।





ଅନ୍ୟପକ୍ଷରେ ଶିବସେନା-କଂଗ୍ରେସ-ଏନ୍‌ସିପି ବିଧାୟକମାନଙ୍କ ପରେଡକୁ ଭାଜପା ପରିହାସ କରିଛି। ବିଧାନସଭାରେ ଆସ୍ଥାଭୋଟ ବେଳେ ଭାଜପା ଜିତିବା ନିଶ୍ଚିତ ବୋଲି ଏକ ଖବରଦାତା ସମ୍ମିଳନୀରେ ଭାଜପା ନେତା ଆଶିଷ ଶେଲାର କହିଛନ୍ତି। ବିରୋଧୀ ଦଳଗୁଡ଼ିକ ବିଧାୟକଙ୍କ ଚିହ୍ନଟ ଲାଗି ପରେଡ କରାଇବା ଗଣତନ୍ତ୍ର ଓ ରାଜ୍ୟବାସୀଙ୍କ ପ୍ରତି ନିଷ୍ଠୁର ପରିହାସ। ଅପରାଧୀ ଚିହ୍ନଟ ପାଇଁ ଏଭଳି ପରେଡ କରାଯାଇଥାଏ ବୋଲି ଶେଲାର କହିଛନ୍ତି।

## ସୁପ୍ରିମକୋର୍ଟଙ୍କ ରାୟ ଆଜି

ନୂଆଦିଲ୍ଲୀ,୨୫।୧୧(ପି.ଟି.)

ଭାଜପା ନେତା ଦେବେନ୍ଦ୍ର ଫଡ଼ନବିସଙ୍କୁ ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରାଇବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଶିବସେନା-ଏନ୍‌ସିପି-କଂଗ୍ରେସ ପକ୍ଷରୁ ଦାଏର ରିଟ୍ ପିଟିଶନ ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର ପୂର୍ବାହ୍ଣ ୧୦ଟା ୩୦ରେ ରାୟ ଶୁଣାଇବେ। ବିଚାରପତି ଏନ୍.ଭି. ରମାନା, ଅଶୋକ ଭୂଷଣ ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଫଡ଼ନବିସ ସରକାରଙ୍କୁ ଆସ୍ଥାଭୋଟ ପାଇଁ ନିର୍ଦ୍ଦେଶ ଦେଇପାରନ୍ତି ବୋଲି କୁହାଯାଉଛି। ସୋମବାର ଆସ୍ଥାଭୋଟ ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ କୋର୍ଟଙ୍କୁ ଅନୁରୋଧ କରିଥିଲେ। ଏହାକୁ ଫଡ଼ନବିସ ଓ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପକ୍ଷରୁ ବିରୋଧ କରାଯାଇଥିଲା।

■ ପାର୍ଲାମେଣ୍ଟରେ ମହାରାଷ୍ଟ୍ର ତାତି

## ହଟ୍ଟଗୋଳ ଯୋଗୁ ଉଭୟ ଗୃହ ମୁଲତବୀ

ନୂଆଦିଲ୍ଲୀ,୨୫।୧୧(ପି.ଟି.)

ମହାରାଷ୍ଟ୍ର ରାଜନୀତିକୁ ନେଇ ସୋମବାର ପାର୍ଲାମେଣ୍ଟରେ ଜୋରଦାର ହଟ୍ଟଗୋଳ ହେବା ପରେ ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଲୋକ ସଭାରେ କଂଗ୍ରେସ ପକ୍ଷରୁ ମହାରାଷ୍ଟ୍ର ଘଟଣାର ପ୍ରତିବାଦ କରାଯାଇଥିଲା। କଂଗ୍ରେସ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଚାଲିଆସି ବ୍ୟାନର ଓ ପ୍ଲାକାର୍ଡ ଦେଖାଇ ଭାଜପା ନେତୃତ୍ୱାଧୀନ ସରକାର ବିରୋଧରେ ନାରାବାଜି ଦେଇଥିଲେ। ଫଳରେ ବାଚସ୍ପତି ଓମ୍ ବିର୍ଲା ପ୍ରଥମେ ମଧ୍ୟାହ୍ନ ପର୍ଯ୍ୟନ୍ତ, ପରେ ଅପରାହ୍ଣ ୨ଟା ଏବଂ ଶେଷରେ ଦିନକ ପାଇଁ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ସେହିପରି

**ଆଲୋଚନା ଦାବିରେ ବିରୋଧୀ ଅଟଳ**

ରାଜ୍ୟ ସଭାରେ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ମହାରାଷ୍ଟ୍ର ପ୍ରସଙ୍ଗକୁ ନେଇ ହୋ-ହଲ୍ଲା କରିଥିଲେ। ମହାରାଷ୍ଟ୍ର ପ୍ରସଙ୍ଗରେ ଆଲୋଚନା ପାଇଁ ସେମାନେ ଅଡି ବସିଥିଲେ। ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାରୁ ଏହା ଉପରେ ଆଲୋଚନା କରାଯାଇପାରିବ ନାହିଁ ବୋଲି ଉପାଧ୍ୟକ୍ଷ ହରିବଂଶ କହିଥିଲେ। ଆଲୋଚନା ଦାବିରେ ବିରୋଧୀ ଗୃହକାର୍ଯ୍ୟ ଚଳାଇ ଦେଇ ନ ଥିଲେ। ଶେଷରେ ଗୃହକୁ ଦିନକ ପାଇଁ ମୁତଲବୀ ରଖାଯାଇଥିଲା।





## ସୋନିଆଙ୍କ ନେତୃତ୍ୱରେ କଂଗ୍ରେସର ବିକ୍ଷୋଭ

ନୂଆଦିଲ୍ଲୀ,୨୫।୧୧(ପି.ଟି.)

ମହାରାଷ୍ଟ୍ରରେ ଭାଜପାର ସରକାର ଗଠନ ବିରୋଧରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ଦଳ ପକ୍ଷରୁ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଂଗ୍ରେସ ନେତାମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ମଧ୍ୟରାତ୍ରିର ଷଡ଼ଯନ୍ତ୍ର ପରେ ଅଜିତ ପାୱାରଙ୍କ ସମର୍ଥନରେ ଭାଜପା ମହାରାଷ୍ଟ୍ରରେ ସରକାର ଗଢ଼ିବା ଗଣତନ୍ତ୍ରର ହତ୍ୟା ବୋଲି କଂଗ୍ରେସ ନେତା ଅହମଦ ପଟେଲ, ଆନନ୍ଦ ଶର୍ମା, ଅଧୀର ରଞ୍ଜନ ଚୌଧୁରୀ ଏବଂ ଶଶୀ ଥରୁର ପ୍ରମୁଖ ସ୍ଲୋଗାନ ଦେବା ସହ ପ୍ଲାକାର୍ଡ ଦେଖାଇ ନ୍ୟାୟ ଦାବି କରିଥିଲେ। ମହାରାଷ୍ଟ୍ରରେ ଗଣତନ୍ତ୍ରର ହତ୍ୟା କରାଯାଇଥିବା ଲୋକ ସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଥିଲେ।





ପାର୍ଲାମେଣ୍ଟ ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ସମ୍ମୁଖରେ କଂଗ୍ରେସର ବିକ୍ଷୋଭ।

## ୩ ଆଇଏସ୍ ସହଯୋଗୀ ଗିରଫ

**ନୂଆଦିଲ୍ଲୀ,୨୫।୧୧:** ଆଇଏସ୍ ଆତଙ୍କବାଦୀଙ୍କ ସହ ସମ୍ପର୍କ ରଖିଥିବା ୩ ଆତଙ୍କବାଦୀଙ୍କୁ ବିସ୍ଫୋରକ ସହ ଦିଲ୍ଲୀ ପୋଲିସ ଆସାମ୍‌ର ଗୋଲ୍‌ପାରାରୁ ଗିରଫ କରିଛି। ଦିଲ୍ଲୀରେ ଆତଙ୍କବାଦୀ ଆକ୍ରମଣ କରିବା ଲାଗି ଏମାନେ ଯୋଜନା କରୁଥିଲେ ବୋଲି ଜଣାପଡ଼ିଛି। ଗିରଫ ରଣଜୀତ ଅଲି, ମୁକଦର ଓ ଜମିଲ୍‌ଙ୍କୁ ହେପାଜତକୁ ନିଆଯାଇ ଜେରା କରାଯାଉଛି। ଏମାନଙ୍କଠାରୁ ଆଇଇଡି ଜବତ କରାଯାଇଥିବା ସ୍ପେଶାଲ ସେଲ୍ ଡିସିପି ପ୍ରମୋଦ ସିଂ କୁଶ୍‌ୱାହ ପ୍ରକାଶ କରିଛନ୍ତି। ଦିଲ୍ଲୀ ପୋଲିସ ଓ ଆସାମ ପୋଲିସର ମିଳିତ ଅପରେଶନ ସେମାନଙ୍କ ଯୋଜନାକୁ ପଣ୍ଡ କରିଛି।

**ଇତିହାସର ଆଇନାରେ** — **ନଭେମ୍ବର ୨୬ର ପ୍ରମୁଖ ଘଟଣା**

୨୦୦୮ ନଭେମ୍ବର ୨୬ରେ ପାକ୍ ସମର୍ଥିତ ଲଶ୍କର-ଇ-ତୋଇବାର ୧୦ ଆତଙ୍କବାଦୀ ମୁମ୍ବାଇରେ ସିରିଜ୍ ଆକ୍ରମଣ କରିଥିଲେ। ୪ ଦିନଧରି ହୋଇଥିବା ଏହି ଆକ୍ରମଣରେ ୧୭୪ ଜଣ ପ୍ରାଣ ହରାଇଥିଲେ। ୩୦୦ରୁ ଊର୍ଦ୍ଧ୍ୱ ଏଥିରେ ଆହତ ମଧ୍ୟ ହୋଇଥିଲେ। ବିଶ୍ୱବ୍ୟାପୀ ଏହି ଆକ୍ରମଣକୁ ନିନ୍ଦା କରାଯାଇଥିଲା। ଆତଙ୍କବାଦୀ ଅଜମଲ୍ କସବଙ୍କୁ ଜୀବନ୍ତ ଧରାଯାଇ ପରେ ଫାଶୀ ଦିଆଯାଇଥିଲା।

୨୦୧୧ ନଭେମ୍ବର ୨୬ରେ ନାଟୋ ପକ୍ଷରୁ ପାକିସ୍ତାନ ଉପରେ ଆକ୍ରମଣ କରାଯାଇଥିଲା। ଆଫଗାନିସ୍ତାନ ସୀମାରେ ଥିବା ଦୁଇଟି ପାକ୍ ସେନା ଚେକ୍‌ପୋଷ୍ଟ ଉପରେ ଆକ୍ରମଣ କରାଯାଇଥିଲା। ଏଥିରେ ପାକ୍ ସେନାର ୨୮ କର୍ମଚାରୀ ପ୍ରାଣ ହରାଇଥିଲେ। ଏହାକୁ ନେଇ ପାକିସ୍ତାନ ପ୍ରତିକ୍ରିୟା ପ୍ରକାଶକରିବା ସହ ନାଟୋ ସପ୍ଲାଏ ଲାଇନ୍‌କୁ ବନ୍ଦ କରିଦେଇଥିଲା।

**କେନ୍ଦ୍ର, ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ସମାଲୋଚନା**

## ନର୍କଠୁ ବଳିଛି ଦିଲ୍ଲୀ ପ୍ରଦୂଷଣ

ନୂଆଦିଲ୍ଲୀ, ୨୫।୧୧

ରାଜଧାନୀ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ବାୟୁ ଓ ଜଳ ପ୍ରଦୂଷଣ ଭୟଙ୍କର ରୂପ ଧାରଣ କରିଛି। ପରିସ୍ଥିତି ଏମିତି ହୋଇଛି ଯେ, ସାଧାରଣ ଜୀବନଯାପନ ଦୁର୍ବିଷହ ହୋଇପଡ଼ିଛି। ନର୍କଠାରୁ ବି ଏହା ତଦ୍ରୂପ। ଏହାର ସୁଧାର ଲାଗି କେନ୍ଦ୍ର କି ରାଜ୍ୟ ସରକାର ସେଭଳି କୌଣସି ପଦକ୍ଷେପ ଗ୍ରହଣ ନ କରିବା ପରିତାପର ବିଷୟ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରି ସାଧାରଣ ମଣିଷଙ୍କ ଜୀବନ ସହ ଖେଳ ଖେଳାଯାଉଛି। ପରସ୍ପର ବାକ୍‌ଯୁଦ୍ଧ ବନ୍ଦକରି ଏହାର ନିରାକରଣ ଦିଗରେ ଉଭୟ ସରକାର ପଦକ୍ଷେପ ନେବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ସରକାରଙ୍କୁ ସମାଲୋଚନା କରି ଗାଦିରେ ରହିବାର କୌଣସି ଅଧିକାର ଏ ସରକାରର ନାହିଁ ବୋଲି ସୁପ୍ରିମକୋର୍ଟ ଭର୍ତ୍ସନା କରି କହିଛନ୍ତି।



ଜଷ୍ଟିସ ଅରୁଣ ମିଶ୍ର ଓ ଜଷ୍ଟିସ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ପଡ଼ୋଶୀ ରାଜ୍ୟଗୁଡ଼ିକରେ ନଡ଼ା ପୋଡ଼ି ଯୋଗୁ ଦିଲ୍ଲୀ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଉଥିବା କହିଥିଲେ। ସେହିଭଳି ଦିଲ୍ଲୀର ପାଣି ନିରାପଦ ନୁହେଁ, ଏନେଇ ବ୍ୟୁରୋ ଅଫ୍ ଇଣ୍ଡିଆ ଷ୍ଟାଣ୍ଡାର୍ଡର ରିପୋର୍ଟରୁ ସ୍ପଷ୍ଟ। ତୁରନ୍ତ ଦିଲ୍ଲୀର ଏଏପି ସରକାର ଓ କେନ୍ଦ୍ର ସରକାର ଏହାର ନିରାକରଣ ଲାଗି ପଦକ୍ଷେପ ଗ୍ରହଣକରି ବିସ୍ତୃତ ରିପୋର୍ଟ ପ୍ରଦାନକରିବାକୁ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଲୋକମାନଙ୍କୁ ଗ୍ୟାସ ଚାମ୍ବରରେ ରହିବାକୁ ବାଧ କରାଯାଉଛି। ପ୍ରତି ମୁହୂର୍ତ୍ତରେ ସେମାନଙ୍କୁ ମରିବାକୁ ପଡୁଛି। ଏହାଠାରୁ ଭଲହେବ ବିସ୍ଫୋରକ ଆଣି ଏକାଥରକେ ଶେଷ କରିଦେବା ବୋଲି କୋର୍ଟ ପ୍ରକାଶ କରିଛନ୍ତି। ହରିୟାଣା ଓ ପଞ୍ଜାବରେ ନଡ଼ାପୋଡ଼ି ପୁଣି ଦିଲ୍ଲୀ ପରିବେଶକୁ ଭୟଙ୍କର କରିବାରେ ଲାଗିଛି। ଉତ୍ତରପ୍ରଦେଶ ସ୍ଥିତି ମଧ୍ୟ ଏକାଭଳି। ଏନେଇ ବାରମ୍ବାର ଅଭିଯୋଗ ଆସୁଛି। ସମ୍ପୃକ୍ତ ରାଜ୍ୟର ମୁଖ୍ୟ ସଚିବମାନେ ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ରାଜ୍ୟଗୁଡ଼ିକ ବାୟୁର ମାନ ସହ ପ୍ରଦୂଷଣ ରୋକିବା ଲାଗି କି କି ପଦକ୍ଷେପ ଗ୍ରହଣ କରାଯାଇଛି, ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ଦେବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ସରକାରଙ୍କୁ ମଧ୍ୟ ନୋଟିସ ଜାରି କରାଯାଇ ପରିସ୍ଥିତି ସୁଧାରିବା ଲାଗି ପଦକ୍ଷେପ ନେବାକୁ କୁହାଯାଇଛି।



ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ତାଙ୍କ ଟୁଇଟର ପ୍ରୋଫାଇଲ ପରିବର୍ତ୍ତନ କରି କଂଗ୍ରେସ ପଦ ପଦବୀ ଓ ମନ୍ତ୍ରୀ ପଦ ଆଦି ଉଡାଇ ଦେବାକୁ ନେଇ ରାଜନୈତିକ ଝଡ଼ ଆରମ୍ଭ ହୋଇଛି। ଟୁଇଟରରେ ସେ ନିଜକୁ ଜଣେ ଜନସେବକ ଓ କ୍ରିକେଟ ଉତ୍ସାହୀ ବୋଲି ପରିଚୟ ଦେଇଛନ୍ତି। କଂଗ୍ରେସରେ ଭଲ ପଦ ନ ପାଇ ଅସନ୍ତୁଷ୍ଟ ଥିବା ସିନ୍ଧିଆ ମାସକ ପୂର୍ବରୁ ଏଭଳି କରିଥିବା ସଫେଇ ଦେଇଛନ୍ତି।




# ୧୦ ସୁଦ୍ଧା କମିବ ପିଆଜ ଦର

- ଇଜିପ୍ଟରୁ ଆସିଛି ପିଆଜ
- ନାସିକରୁ ମଧ ପହଞ୍ଚିବ ନୂଆ ଅମଳ

ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)

ଆସନ୍ତା ଡିସେମ୍ବର ୧୦ରୁ ପିଆଜ ଦର କମିବା ସମ୍ଭାବନା ରହିଛି। କାରଣ ଇଜିପ୍ଟରୁ ସରକାର ପ୍ରାୟ ୧ ଲକ୍ଷ ୨୦ ହଜାର ଟନ୍ ପିଆଜ ଆମଦାନୀ କରିଛନ୍ତି। ଏହା ରବିବାର ଦେଶରେ ପହଞ୍ଚି ସାରିଛି। ଖୁବ୍‌ଶୀଘ୍ର ସାରା ଦେଶର ବଜାରରେ ଏହା ମିଳିବ। ସେହିପରି ନାସିକରୁ ଓଡ଼ିଶାକୁ ଆସନ୍ତା ୧୦ତାରିଖରୁ ନୂଆ ଅମଳ ପିଆଜ ଆସିବା ସମ୍ଭାବନା ରହିଛି। ଦୁଇ ସ୍ଥାନର ପିଆଜ ଉପଲବ୍ଧ ହେଲେ କିଲୋଗ୍ରାମ ପିଛା ଶହେ ଟଙ୍କା ଛୁଇଁଥିବା ଦର ପ୍ରାୟ ୪୦ଟଙ୍କା ହୋଇପାରେ ବୋଲି ଓଡ଼ିଶା ବ୍ୟବସାୟୀ ମହାସଂଘ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି।

ରାଜ୍ୟରେ ପିଆଜର ସ୍ଥିତି କିପରି ଅଛି, କେବେ ସୁଦ୍ଧା ଦର ନିୟନ୍ତ୍ରଣକୁ ଆସିବ ତାହା ଜାଣିବା ପାଇଁ ସୋମବାର ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ବ୍ୟବସାୟୀ ସଂଘ ସହିତ ଆଲୋଚନା କରିଥିଲା। ଆଲୋଚନା ପରେ ସୁଧାକର ପଣ୍ଡା କହିଥିଲେ ଯେ, ବର୍ତ୍ତମାନ ରାଜ୍ୟରେ ଯଥେଷ୍ଟ ପରିମାଣର ପିଆଜ ଗଚ୍ଛିତ ଅଛି। କାରଣ ଉଚ୍ଚା ଦର ଯୋଗୁ ପିଆଜ ବିକ୍ରି କମ୍ ହେଉଛି। ଅନ୍ୟପକ୍ଷରେ ନାସିକ୍‌ରୁ ଆସନ୍ତା ଦୁଇ ତିନି ଦିନ ଭିତରେ ନୂଆ ଅମଳ ପିଆଜ ଅନ୍ୟତ୍ର ପଠାଯିବ। ତାହା ଓଡ଼ିଶା ଆସିବା ପାଇଁ ପ୍ରାୟ ୮/୧୦ ଦିନ ଲାଗିବ। ତେଣୁ ଆମେ ଆଶା ରଖିଛୁ ଆସନ୍ତା ୧୦ତାରିଖ ସୁଦ୍ଧା ପିଆଜ କିଲୋଗ୍ରାମ ପିଛା ୪୦ଟଙ୍କାରେ ପହଞ୍ଚି ଯାଇପାରେ। ସେହିପରି ଇଜିପ୍ଟରୁ ପିଆଜ ଆସିବା ଓ ଅଧିକ ଆସିବା ସମ୍ଭାବନା ଥିବା କାରଣରୁ ରବିବାର ଅପେକ୍ଷା ସୋମବାର ପିଆଜର ହୋଲ୍‌ସେଲ୍ ପ୍ରାଇସ୍ ୫୦୦ ଟଙ୍କା କମ୍ ରହିଛି। ଆସନ୍ତା ୧୦-୧୫ ଦିନ ଭିତରେ ନିଶ୍ଚିତ ଭାବେ ଏକ ଯୁକ୍ତିଯୁକ୍ତ ମୂଲ୍ୟ ଉପରେ ପିଆଜ ମିଳିବା ଆଶା ରହିଥିବା ପଣ୍ଡା କହିଛନ୍ତି।

ସୂଚନାଯୋଗ୍ୟ, ଗତମାସର ଅନିୟମିତ ବର୍ଷା ଫଳରେ ଦେଶରେ ପିଆଜ ଉତ୍ପାଦନ ପ୍ରଭାବିତ ହୋଇଥିଲା। ତେଣୁ ବଜାରରେ ଏହାର ଅଭାବ ସୃଷ୍ଟି ହୋଇଥିଲା। ବେଙ୍ଗାଲୁରୁ, ମହାରାଷ୍ଟ୍ରର ନାସିକ, ଆନ୍ଧ୍ରପ୍ରଦେଶର କର୍ନୁଲରୁ ଓଡ଼ିଶାକୁ ମୁଖ୍ୟତଃ ପିଆଜ ଆସିଥାଏ। କିନ୍ତୁ ଅନିୟମିତ ବର୍ଷା ପିଆଜ ଉତ୍ପାଦନକୁ ଗୁରୁତର ଭାବେ କମାଇ ଦେଇଛି। ଅନ୍ୟପଟେ ଡିସେମ୍ବର ପ୍ରଥମ ସପ୍ତାହରେ ଦେଶରେ ନୂଆ ପିଆଜ ଅମଳ ହୋଇଯିବ। ଫଳରେ ଆଉ ପିଆଜର ଅଭାବ ରହିବ ନାହିଁ ବୋଲି ଆଶା କରାଯାଉଛି। ଗତ କିଛି ଦିନ ହେଲା ରାଜ୍ୟର ବିଭିନ୍ନ ସହରରେ ପିଆଜ ଦର କିଲୋଗ୍ରାମ ପିଛା ୯୦ରୁ ଅଧିକ ରହିଛି। ଫଳରେ ସାଧାରଣ ଖାଉଟି ହନ୍ତସନ୍ତ ହେଉଛନ୍ତି। ଓଡ଼ିଶାରେ ଦୈନିକ ପ୍ରାୟ ୬ଶହରୁ ୭ଶହ ଟନ୍ ଅର୍ଥାତ୍ ୬ଲକ୍ଷରୁ ୭ ଲକ୍ଷ କିଲୋଗ୍ରାମ ଯାଏ ପିଆଜ ବିକ୍ରି ହୋଇଥାଏ। କିନ୍ତୁ ଦର ଅଧିକ ରହିଥିବାରୁ ମାତ୍ର ୨ଲକ୍ଷରୁ ଅଢ଼େଇ ଲକ୍ଷ କିଲୋଗ୍ରାମ ଯାଏ ପିଆଜ ବିକ୍ରି ହେଉଛି ବୋଲି ଜଣାପଡ଼ିଛି।

# ଠିକାଦାର ମହାସଂଘର ଆମରଣ ଅନଶନ ଆରମ୍ଭ



ଲୋୟର ପିଏମ୍‌ଜିରେ ଠିକାଦାର ମହାସଂଘ କର୍ମକର୍ତ୍ତା ଏବଂ ପୋଲିସ ମଧ୍ୟରେ ଧସ୍ତାଧସ୍ତି।

**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ):** ଓଡ଼ିଶା ଠିକାଦାର ମହାସଂଘ ପକ୍ଷରୁ ବିଧାନସଭା ସମ୍ମୁଖରେ ସୋମବାରଠାରୁ ଆମରଣ ଅନଶନ ଆରମ୍ଭ ହୋଇଛି। ରାଜ୍ୟର ୫ ହଜାରରୁ ଊର୍ଦ୍ଧ୍ୱ ଠିକାଦାର ବିଧାନସଭା ଘେରାଉ କରିବା ସହ ୧୦ ଦଫା ଦାବି ନେଇ ଧାରଣାରେ ବସିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ଧାରଣା ଓ ଆମରଣ ଅନଶନ ଜାରି ରହିବ ବୋଲି ମହାସଂଘ ସଭାପତି ପ୍ରଭାତ ଦାସ କହିଛନ୍ତି। ପ୍ରଭାତ କହିଛନ୍ତି, ରାଜ୍ୟ ସରକାର ଠିକାଦାରଙ୍କ ପ୍ରତି ବୈମାତୃକ ମନୋଭାବ ରଖୁଛନ୍ତି। ସରକାରଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କ ବେତନ ଓ ଭତ୍ତାରେ ୫ବର୍ଷରେ ୮୦ ପ୍ରତିଶତ ବଢ଼ିଥିଲେ ମଧ୍ୟ ଠିକାଦାର ବାଦ ପଡ଼ିଛନ୍ତି। ନିର୍ଦ୍ଧାରିତ ମୂଲ୍ୟଠାରୁ ୧୦ ପ୍ରତିଶତ କମ୍‌ରେ କାମ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି। ଏହା ଠିକାଦାର ଓ ସେମାନଙ୍କ ଅଧୀନରେ କାର୍ଯ୍ୟରତ ଦିନ ମଜୁରିଆଙ୍କ ପେଟକୁ ଲାତ ମାରିବା ସଦୃଶ ହୋଇଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ମହାସଂଘର ଏକ ପ୍ରତିନିଧି ଦଳ ସନ୍ଧ୍ୟାରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଭେଟି ଦାବି ନେଇ ଆଲୋଚନା କରିଥିଲେ। କେବଳ ୧୦ ନମ୍ବର ଦାବିକୁ ଦିନେ କିମ୍ବା ଦୁଇଦିନ ମଧ୍ୟରେ ପୂରଣ କରିବାକୁ ପ୍ରତିଶ୍ରୁତି ମିଳିଥିବାବେଳେ ଅନ୍ୟ ଦାବିଗୁଡ଼ିକ ଉପରେ ଏକ କମିଟି ବସାଯାଇ ଆଲୋଚନା କରାଯିବ ବୋଲି କୁହାଯିବା ପରେ ଆନ୍ଦୋଳନ ଜାରି ରଖାଯାଇଥିବା ଜଣାପଡ଼ିଛି।

# ମନୋଜ ଛାବ୍ରାଙ୍କୁ ସ୍ପେଶାଲ ଜେଲ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ



**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ):** ୧୯୮୮ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ମନୋଜ ଛାବ୍ରାଙ୍କୁ ସ୍ପେଶାଲ ଜେଲ୍ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ମନୋଜ ବର୍ତ୍ତମାନ ଓଏସ୍‌ଏପିର ସ୍ୱତନ୍ତ୍ର ଡିଜି ଅଛନ୍ତି। ଗତ ୨୦ ତାରିଖ ରାତିରେ ରାଜ୍ୟ ସରକାର ହଠାତ୍ ବିଜୟ କୁମାର ଶର୍ମାଙ୍କୁ ପୋଲିସ ଡିଜି ପଦରୁ ହଟାଇ ତାଙ୍କ ସ୍ଥାନରେ ୧୯୮୬ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ଅଭୟଙ୍କୁ ଅବସ୍ଥାପିତ କରିଛନ୍ତି। ଅଭୟ ଏବେ ହାଇଦ୍ରାବାଦସ୍ଥିତ ଜାତୀୟ ପୋଲିସ ଏକାଡେମୀରେ ଥିବାରୁ ସତ୍ୟଜିତ ମହାନ୍ତିଙ୍କୁ ଅନ୍ତରୀଣ ଡିଜିପି ଦାୟିତ୍ୱ ଦିଆଯାଇଛି।

ରାୟଗଡ଼ା ନିର୍ବାଚନ ମାମଲା

# ୬ ସପ୍ତାହ ସମୟ ନେଲେ ବିଧାୟକ

କଟକ ଅଫିସ, ୨୫।୧୧

ରାୟଗଡ଼ା ବିଧାନସଭା ନିର୍ବାଚନକୁ ନେଇ ହାଇକୋର୍ଟରେ ରୁଜୁ ମାମଲାରେ ବିଧାୟକ ମକରନ୍ଦ ମୁଦୁଲି ନିଜ ଓକିଲଙ୍କ ଜରିଆରେ ସୋମବାର ହାଜର ହୋଇଛନ୍ତି। ତେବେ ଜବାବ ରଖିବା ପାଇଁ ବିଧାୟକଙ୍କ ଓକିଲ ଗୋପାଳ ଅଗ୍ରୱାଲ ୬ ସପ୍ତାହ ସମୟ ମାଗିଥିଲେ। ବିଚାରପତି ବି.ଆର୍. ଷଡ଼ଙ୍ଗୀ ବିଧାୟକଙ୍କୁ ଉକ୍ତ ମହଲତ ଦେଇଥିବା ଓକିଲ ଅଗ୍ରୱାଲ ସୂଚନା ଦେଇଛନ୍ତି। ଗତ ସେପ୍ଟେମ୍ବର ୨୫ରେ ଏହି ମାମଲାର ପ୍ରାରମ୍ଭିକ ଶୁଣାଣି କରି ଖଣ୍ଡପୀଠ ବିଧାୟକଙ୍କୁ ପକ୍ଷ ରଖିବା ପାଇଁ ନୋଟିସ ଜାରି କରିଥିଲେ।

ମୋତେ ଦୁର୍ବଳତାର କିଛି ଫରକ ପଡ଼ିବ ନାହିଁ!




Endura® MASS
ଆପଣାନ୍ତୁ, ଦୁର୍ବଳତାରୁ ରକ୍ଷା ପାଆନ୍ତୁ।
Follow us on:
ଓଜନ ବଢ଼ାନ୍ତୁ • ଫିଟ୍ ରୁହନ୍ତୁ • ଆକର୍ଷଣୀୟ ଦିଶନ୍ତୁ
କେମିଷ୍ଟ/ମେଡ଼ିକାଲ ଷ୍ଟୋର୍ସରେ ଉପଲବ୍ଧ
5 ଟି ବଢ଼ିଆ ଫ୍ଲେବରରେ ଉପଲବ୍ଧ: Chocolate, Banana, Vanilla, Kesar Pista & Cappuccino
For Query: 07377150950 • Customer Care: 9555800200 • info@endurasupplements.com
www.endurasupplements.com • Also available at Medplus & Apollo Pharmacy

SAI International Residential School
SAI INTERNATIONAL RESIDENTIAL SCHOOL



I'M A VISIONARY MAVERICK TRAILBLAZER INNOVATOR PIONEER AND MORE...
FROM HERE I CAN GO ANYWHERE

ONE OF THE FINEST RESIDENTIAL SCHOOLS IN INDIA IS A MERE 20-MINUTE DRIVE FROM BHUBANESWAR, ODISHA.

For over a decade, SAI International Education Group has given some of the finest centres of learning and knowledge to the country, creating leaders endowed with Indian values and a global outlook. At SAI International Residential School, educational programmes include scholastic and co-curricular activities. The school aims to equip each child with the right vision, values and ideals, to transform them into truly educated, refined, inspired, confident and happy global citizens.

LET YOUR CHILD SOAR HIGH WITH CONFIDENCE, CHARACTER & COMPASSION

SAI International Residential School (SIRS), is a pioneer in New Age Learning, a Gurukul of today epitomising the School of future. It equips each student with the right vision, values and ideas, to transform them into truly educated, refined, inspired, confident, empathetic and happy global citizen.

ADMISSIONS OPEN 2020-21 CBSE affiliated from Class V to XII

SAI International Residential School

BOARDING
Fully air-conditioned hostel for child's comfort. Ensuring safe & secured enviornment equipped with modern technology

SPORTS
Inculcating responsibility, team spirit, fairness and respect through various sporting activities

ACADEMICS
Academic programs with happy classrooms emphasising on 21st century learning skills

DIGITAL
Opening the doors to a digital future through latest technologies

LEADERSHIP
Leadership programs and personal grooming sessions aimed at holistic development of each child

CAMPUS
An open environment for real-time, interactive and personalised learning

AWARDS
Odisha's No.1 Co-ed Boarding School Award — EducationWorld India School Rankings 2019
Emerging School — World Education Award 2018
Emerging High Potential School — EducationWorld India School Rankings 2018

Other Initiatives
SAI INTERNATIONAL SCHOOL · sai angan India's largest play school · SICC

For Admissions, Call:
0671-7100100 | 81143 68700

City Office
Plot - 5A, Chandrasekharpur, Infocity Road, Bhubaneswar - 751024, Odisha, INDIA

Campus Address
SAI International Residential School, SAI Vihar, 1400 Ramdaspur, Nuagaon, District - Cuttack-754008, Odisha, INDIA

admissions@sirs.edu.in
www.sirs.edu.in



TATA
TATA STEEL
#WeAlsoMakeTomorrow

ଆଜିର ପ୍ରତିଶ୍ରୁତି।
ଏକ ଉନ୍ନତ ଆସନ୍ତାକାଲି ପାଇଁ।

ସର୍ବାଧିକ ଇସ୍ପାତ ଉତ୍ପାଦନ ସହିତ ନ୍ୟୁନତମ କାର୍ବନ୍ ନିର୍ଗମନ- ପୃଥିବୀ ପ୍ରତି ଏହା ଆମର ପ୍ରତିବଦ୍ଧତା। ପରିବେଶ ଉପଯୋଗୀ କୌଶଳକୁ ଦୃଷ୍ଟିରେ ରଖି ଟାଟା ଷ୍ଟିଲ କଳିଙ୍ଗନଗର କାରଖାନାର ଡିଜାଇନ୍ ପ୍ରସ୍ତୁତ କରାଯାଇଛି। ଅଦମ୍ୟ ଉତ୍ସାହ ଭରା ନୂତନ ଭାରତ ପ୍ରତି ଟାଟା ଷ୍ଟିଲର ଏହା ଏକ ଯୋଗଦାନ ଏବଂ ଏକ ଉତ୍ତମ ଆସନ୍ତାକାଲି ପାଇଁ ପ୍ରତିଶ୍ରୁତି। ଆମେ ଇସ୍ପାତ ଉତ୍ପାଦନ କରୁ ନିଶ୍ଚୟ।

କିନ୍ତୁ, ଆସନ୍ତାକାଲି ବି ଆମେ ନିର୍ମାଣ କରୁ।

ଆମେ ଇସ୍ପାତ ଉତ୍ପାଦନ କରିବା ସହିତ ଏକ ସବୁଜିମା ଭରା ଆସନ୍ତାକାଲି ମଧ ସୁନିଶ୍ଚିତ କରୁଛୁ।

ଟାଟା ଷ୍ଟିଲ କଳିଙ୍ଗନଗର, ଓଡ଼ିଶା

ବିଶଦ ଜାଣିବାକୁ ଦେଖନ୍ତୁ www.wealsomaketomorrow.com

## ଖର୍ଚ୍ଚ ପରିମାଣ ପ୍ରକାଶ କଲେ ଅର୍ଥମନ୍ତ୍ରୀ

ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା କେଉଁ ବିଭାଗ କେତେ ଖର୍ଚ୍ଚ କରିଛି, ସେ ନେଇ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସୋମବାର ବିଧାନସଭାରେ ତଥ୍ୟ ରଖିଛନ୍ତି। ପ୍ରଦତ୍ତ ତଥ୍ୟ ଅନୁଯାୟୀ, ସେପ୍ଟେମ୍ବର ସୁଦ୍ଧା ଗୃହ ବିଭାଗ ୨୩୪୦.୭୯ କୋଟି, ଅର୍ଥ ବିଭାଗ ୧୧୫୬୨.୮୦ କୋଟି, ସ୍କୁଲ ଓ ଗଣଶିକ୍ଷା ୬୫୪୧.୦୨, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ୨୨୫୩.୨୬, ନଗର ଉନ୍ନୟନ ୧୯୮୯.୨୪, ପଞ୍ଚାୟତିରାଜ ୪୯୧୩.୭୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ସେହିଭଳି ଜଳସମ୍ପଦ ୨୬୩୮.୧୦ କୋଟି, କୃଷି ୪୦୨୫.୧୭ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ଆଦିଦେବ
ପରିବାରବର୍ଗ


ଅମରଦୀପ
ପରିବାରବର୍ଗ


ଜ୍ୟୋତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୮ ଜିଲ୍ଲାରୁ ୧,୭୫,୫୫୮ କୁଇଣ୍ଟାଲ ଧାନ ସଂଗୃହୀତ

### ବିଧାନସଭାରେ ସମବାୟ ମନ୍ତ୍ରୀଙ୍କ ଉତ୍ତର

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ସାରା ରାଜ୍ୟରେ ଖରିଫ ଧାନ ସଂଗ୍ରହ ଆରମ୍ଭ ହୋଇଛି। ବରଗଡ, ସମ୍ବଲପୁର, କଳାହାଣ୍ଡି, ସୁବର୍ଣ୍ଣପୁର, ନୂଆପଡା, ବଲାଙ୍ଗୀର, ମାଲକାନଗିରି ଏବଂ କୋରାପୁଟ ଆଦି ଜିଲ୍ଲାରୁ ଧାନ କ୍ରୟ ଆରମ୍ଭ ହୋଇଛି। ଚଳିତ ମାସ ୨୫ ତାରିଖ ତଥା ସୋମବାର ସୁଦ୍ଧା ୮ ଜିଲ୍ଲାରୁ ୧,୭୫,୫୫୮ କୁଇଣ୍ଟାଲ ଧାନ କିଣାଯାଇଥିବା ସମବାୟ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଧାନସଭାରେ ଉତ୍ତର ରଖିଛନ୍ତି। ରଣେନ୍ଦ୍ର କହିଛନ୍ତି ଯେ, ଟୋକନ୍ ବ୍ୟବସ୍ଥାକୁ ମାନବୀୟ ହସ୍ତକ୍ଷେପରୁ ମୁକ୍ତ ରଖାଯାଇଛି। ଯେଉଁ ଚାଷୀଙ୍କ ତାଲିକା ଭିତ୍ତିରେ ଟୋକନ୍ ପ୍ରସ୍ତୁତି କରାଯାଉଛି। ଏପରିକି ଏହାର ତା'ର ତଥ୍ୟ ସୋସାଇଟି ସେକ୍ରେଟାରିମାନେ ମଧ୍ୟ ରଖୁଛନ୍ତି। ପ୍ରତି ବିକ୍ରୟ ଦିବସରେ କ୍ଷୁଦ୍ର, ନାମମାତ୍ର, ମଧ୍ୟମ ଏବଂ ବଡ଼ଚାଷୀ ପୂର୍ବ ନିର୍ଦ୍ଧାରିତ ମାପକାଠି ଅନୁସାରେ ଧାନ ବିକ୍ରୟର ସୁଯୋଗ ପାଉଛନ୍ତି। ତୃଣମୂଳରେ ଥିବା ବଣ୍ଟନ ଅନିୟମିତତାକୁ ଏହି ବ୍ୟବସ୍ଥା ପ୍ରତିହତ କରିବ ବୋଲି ମନ୍ତ୍ରୀ କହିଛନ୍ତି। ଚାଷୀଙ୍କ ପରିଚୟ ଆଧାର ପ୍ରମାଣୀକରଣ କରାଯାଇଛି। ସମସ୍ତ କ୍ରୟ କେନ୍ଦ୍ରକୁ ଆଇରିସ୍ ସ୍କାନର ଯୋଗାଇ ଦିଆଯାଇଛି। କୌଣସି ବୃଦ୍ଧ, ରୋଗଗ୍ରସ୍ତ ବ୍ୟକ୍ତି, ଆଧାର ପ୍ରମାଣୀକରଣ ପାଇଁ ମଣ୍ଡିରେ ଉପସ୍ଥିତ ନ ରହିପାରିଲେ ମଧ୍ୟ ପୁନର୍ବାର ଏକାଧିକ ସୁଯୋଗ ଦିଆଯିବ। ଚାଷୀଙ୍କ ଧାନକୁ ସୁରକ୍ଷା, ସେମାନଙ୍କ ପାଇଁ ବିଶ୍ରାମସ୍ଥଳୀ ଏବଂ ଶୌଚାଳୟ ପ୍ରତିଷ୍ଠା ପାଇଁ ସୋସାଇଟିକୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି। ବସ୍ତାରେ ନେଇ ଆସୁଥିବା ଧାନର କ୍ରୟ ପରେ ବସ୍ତା ଫେରସ୍ତ ବ୍ୟବସ୍ଥା ରହିଛି। ଯେଉଁଠି ବସ୍ତା ଫେରସ୍ତ କରାଯାଉନାହିଁ, ସେଠାରେ ଏହା ବାବଦକୁ ଅର୍ଥ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟ ମୁଖ୍ୟତଃ ମିଲରଙ୍କ ଦ୍ୱାରା କରାଯିବାର କଥା, ଯିଏ ଏହାକୁ ଉଲ୍ଲଂଘନ କରୁଛି, ତାହାକୁ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ, ଯୋଗାଣ ଅଧିକାରୀ ଅଥବା ବିଭାଗର ଦୃଷ୍ଟିକୁ ଆଣିବାକୁ ରଣେନ୍ଦ୍ର ପ୍ରତାପ କହିଛନ୍ତି।

ଅପରପକ୍ଷେ ଚଳିତ ଖରିଫ ଧାନ ସଂଗ୍ରହ ପାଇଁ ସରକାର ଜଳସେଚିତ ଓ ଅଣଜଳସେଚିତ ଜମିରୁ ଯଥାକ୍ରମେ ଏକର ପ୍ରତି ୧୯ କୁଇଣ୍ଟାଲ ଏବଂ ୧୩ କୁଇଣ୍ଟାଲ ହାରରେ ଧାନ କ୍ରୟ କରୁଛନ୍ତି। ସରକାର ଏକ ହାରାହାରି ଅମଳ ହାରରେ ଧାନ କ୍ରୟ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ବ୍ୟବସ୍ଥା ଆହୁରି ସ୍ୱଚ୍ଛତା ପାଇଁ ଆସୁଥିବା ଯେ କୌଣସି ଗଠନଧର୍ମୀ ପ୍ରସ୍ତାବକୁ ସାଦରେ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ।

### ପ୍ରଥମ ପୃଷ୍ଠାରୁ...

## ୬ ମାସରେ...

ମାମଲା ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରୁ ୧୪୩୦ ବଳାତ୍କାର କେବଳ ନାବାଳିକାଙ୍କ ସହ ହୋଇଥିବା ରିପୋର୍ଟ ହୋଇଥିଲା। ପଞ୍ଜୀକୃତ ମାମଲା ମଧ୍ୟରୁ ୧୦୭୩ ମାମଲା ସମାଧାନ ହୋଇଥିବା ବେଳେ ୧୯୭ଟି ମାମଲାରେ ଅଭିଯୁକ୍ତ ଦୋଷୀସାବ୍ୟସ୍ତ ହୋଇଛନ୍ତି। ୮୬୭ ଜଣ ଅଭିଯୁକ୍ତ ବିଭିନ୍ନ ଅଦାଲତରେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ରାଜ୍ୟରେ ନାବାଳିକା ବଳାତ୍କାର ଘଟଣାର ତୁରନ୍ତ ସମାଧାନ ପାଇଁ ୨୪ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ପୋକ୍ସୋ ନିୟମ-୨୦୧୨ ଅଧୀନରେ ରୁଜୁ ହୋଇଥିବା ମାମଲାର ଶୁଣାଣି ଏହି ସ୍ୱତନ୍ତ୍ର କୋର୍ଟ ଦ୍ୱାରା କରାଯିବ। ଗତ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହ ବିଭାଗର ଖର୍ଚ୍ଚଦାବି ଆଲୋଚନାର ଉତ୍ତର ରଖିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୋକ୍ସୋ ଅଧୀନରେ କରାଯାଉଥିବା ରେଡ୍ ଫ୍ଲାଗ ବର୍ଗର ମାମଲାରେ ଶୁଣାଣି ୪୧.୪୮ ପ୍ରତିଶତ ରହିଛି। ଉଲ୍ଲେଖଯୋଗ୍ୟ, ୨୦୧୪ ମସିହାରେ ରାଜ୍ୟ ସରକାରଙ୍କ ଦ୍ୱାରା ରେଡ ଫ୍ଲାଗ୍ ମାମଲା ପଞ୍ଜୀକରଣ ଓ ନ୍ୟାୟିକ ବ୍ୟବସ୍ଥାର ଆରମ୍ଭ କରାଯାଇଥିଲା।

## ବଳାତ୍କାର...

ଦୋକାନ ମଧ୍ୟ ଉକ୍ତ ଅଞ୍ଚଳରେ ରହିଥିବା ନରସିଂହ ଉଲ୍ଲେଖ କରିଥିଲେ। ଅଭିଯୁକ୍ତ ଦୀପକ ଏବଂ ତାଙ୍କ ପରିବାର ପିଡିତାର ପରିବାରଙ୍କୁ ଧମକାଇବା ଏବଂ ମାରିଦେବାକୁ ଭୟ ଦେଖାଉଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହିପ୍ରସଙ୍ଗ ସମ୍ପର୍କରେ କହୁଥିବା ବେଳେ ବାଚସ୍ପତି ଅମର ଶତପଥୀଙ୍କୁ କହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ନରସିଂହ ଅସନ୍ତୋଷ ପ୍ରକାଶ କରିଥିଲେ। ତାଙ୍କ ବକ୍ତବ୍ୟ ସରି ନାହିଁ, ଏହି ପ୍ରସଙ୍ଗରେ ବାଚସ୍ପତି କୌଣସି ରୁଲିଂ ନ ଦେବାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଘଟଣାକ୍ରମରେ ବିରୋଧୀ ଉପନେତା ବିଷ୍ଣୁ ସେଠୀ ଆସନରୁ ଉଠି ନରସିଂହଙ୍କୁ ସମୟ ମିଳୁ ବୋଲି କହିଥିଲେ। ଏହା ପରେ ଉଭୟ କଂଗ୍ରେସ ଏବଂ ଭାଜପା ସଦସ୍ୟ ମଧ୍ୟଭାଗକୁ ଆସି ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ। ଏମିତି କି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ମଧ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ପ୍ରଦୀପ୍ତ କହିଥିଲେ ଯେ, ପ୍ରଶ୍ନକାଳକୁ ଗଣମାଧ୍ୟମରେ ପ୍ରସାରଣ କରାଯିବାର ନିୟମ ରହିଛି। ହେଲେ କେଉଁ ନିୟମ ଆଧାରରେ ଗୃହ ବିଭାଗ ଖର୍ଚ୍ଚଦାବି ଆଲୋଚନାର ମୁଖ୍ୟମନ୍ତ୍ରୀ ଦେଇଥିବା ଉତ୍ତର ହ୍ୱାଟ୍ସ ଆପ୍‌କୁ କିପରି ଆସିଲା ବୋଲି ପ୍ରଶ୍ନ କରିଥିଲେ। ଏହିପରି ଭାବେ ବାକ୍‌ବିତଣ୍ଡା ହୋ ହଲ୍ଲା ମଧ୍ୟ ଦେଇ ୧୨ଟା ୧୨ରୁ ୧୨ଟା ୩୨, ୧୨ଟା ୩୨ରୁ ୧୨ଟା ୪୨ ଏବଂ ୧୨ଟା ୪୨ରୁ ୧୨ଟା ୫୨ ପର୍ଯ୍ୟନ୍ତ ଗୃହ ମୁଲତବୀ ରହିଥିଲା। ଏଥିପାଇଁ ସର୍ବଦଳୀୟ ସହମତି ମଧ୍ୟ ହୋଇ ପାରି ନ ଥିଲା। ଏହା ପରେ ମଧ୍ୟ ଗୃହ ସ୍ୱାଭାବିକ ହୋଇ ନ ଥିଲା। ଏହି କୋଳାହଳ ମଧ୍ୟରେ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବ୍ୟୟମଞ୍ଜୁରୀ ବିଲ୍ ଆଗତ କରିବା ସହ ଗୃହୀତ କରିବା ନେଇ କହିଥିଲେ। ହେଲେ କୋଳାହଳ ଯୋଗୁ ଆଲୋଚନା ଆରମ୍ଭ ହୋଇ ପାରି ନ ଥିଲା।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଅନନ୍ୟା ଦାଶ


ରୁଦ୍ର ପ୍ରତାପ ଦାସ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ପୂର୍ବତନ ମନ୍ତ୍ରୀଙ୍କ ବିରୋଧରେ ଜମି ହଡ଼ପ ଅଭିଯୋଗ

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ପୂର୍ବତନ ମନ୍ତ୍ରୀ ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀ ୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସରକାରୀ ଜମିକୁ ହଡ଼ପ କରିଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ଓଡ଼ିଶା ସରକାରଙ୍କର ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ମହାରଥୀ ସର୍ବସାଧାରଣ ସମ୍ପତ୍ତି, ଜଳସେଚିତ କେନାଲ ଜମି, ଗୋଚର, ଚକନାଳୀ, ଚକ ରାସ୍ତା, ରିଜର୍ଭଜଙ୍ଗଲ, ଅନାବାଦି, ଚକ ରାସ୍ତା ଆଦିକୁ ନିଜ ହୁଙ୍କେଇପୁର ଫାର୍ମ ହାଉସ୍‌ରେ ମିଶାଇ ଜବରଦଖଲ କରଛନ୍ତି। ହୁଙ୍କେଇପୁର ଫାର୍ମ ହାଉସ୍ ନିକଟବର୍ତ୍ତୀ ମୌଜା ପୋଡ଼ାଗୁଣ ଓ ପାଣିଦୋଳ ଗ୍ରାମର ବିଭିନ୍ନ ସରକାରୀ ପ୍ଲଟ୍‌କୁ ତାଙ୍କ ଫାର୍ମ ହାଉସରେ ମିଶାଇ ଦେଇ ଭୋଗ ଦଖଲ କରୁଛନ୍ତି। ମହାରଥୀଙ୍କ ବେଆଇନ ଜମି ଜବରଦଖଲ ବିରୋଧରେ ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟ କେସ ନଂ ୭୭୬୧ / ୨୦୧୫ରେ ଓଡ଼ିଶା ହାଇକୋର୍ଟରେ ମକଦ୍ଦମା କରିଥିଲେ। ମାନ୍ୟବର ହାଇକୋର୍ଟ ୨୩।୦୨।୨୦୧୬ରେ ନିର୍ଦ୍ଦେଶ ଦେଇଥିଲେ ଯେ, ଦରଖାସ୍ତକାରୀ ଏ ସଂକ୍ରାନ୍ତରେ ଜିଲ୍ଲାପାଳଙ୍କ ନିକଟରେ ଦରଖାସ୍ତ କରିବେ ଏବଂ ଜିଲ୍ଲାପାଳ ଦୁଇ ମାସ ଭିତରେ ନିଷ୍ପତ୍ତି ନେବେ। ତେଣୁ ଜିଲ୍ଲାପାଳ ଆଜି ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇ ନାହାନ୍ତି କାହିଁକି।



ଏପରିକି ପରବର୍ତ୍ତୀ ସମୟରେ ମହାରଥୀ ଏବଂ ସାମନ୍ତରାୟଙ୍କୁ ସଚିବାଳୟରେ ଏକାଠି ଦେଖିବାକୁ ମିଳିଥିଲା। ରାଜନୈତିକ ଫାଇଦା ପାଇଁ ଉଭୟ ପରସ୍ପରର ସହଯୋଗୀ ପାଲଟିଥିଲେ, ଏହି ଜମି ହଡ଼ପ ମାମଲାରେ ଯୁଧିଷ୍ଠିରଙ୍କ ଭୂମିକା ସନ୍ଦେହଜନକ। ତେଣୁ ଉଭୟଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଗୋଲକ କହିଛନ୍ତି। ହେଲେ ଯୁଧିଷ୍ଠିର ସାମନ୍ତରାୟ ଏହିସବୁ ଅଭିଯୋଗକୁ ପୁରୁଣା ଅଭିଯୋଗ କହି ଏଡ଼ାଇ ଦେଇଛନ୍ତି। ଅପରପକ୍ଷରେ ଏହି ଅଭିଯୋଗ ଉପରେ ବିଧାୟକମହାରଥୀଙ୍କପ୍ରତିକ୍ରିୟାମିଳିପାରିନାହିଁ।

# ଆଜି ବିଧାନସଭାରେ ପାଳନ ହେବ ୭୦ତମ ସମ୍ବିଧାନ ଦିବସ

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ଭାରତର ୭୦ତମ ସମ୍ବିଧାନ ଦିବସ ମଙ୍ଗଳବାର ସାରା ଦେଶରେ ଅନୁଷ୍ଠିତ ହେବ। ସେହି ଅନୁଯାୟୀ ଏହି ଦିବସ ଓଡିଶା ବିଧାନସଭାରେ ମଧ୍ୟ ଅନୁଷ୍ଠିତ ହେବ। ଏହା ପାଳନ କରାଯିବା ଲାଗି ନୀତିଗତ ନିଷ୍ପତ୍ତି ନିଆଯାଇଛି। ଓଡିଶା ବିଧାନସଭାର କନ୍‌ଫରେନ୍ସ ହଲ୍‌ରେ ଦିନ ୧୨ଟା ୧୫ରୁ ଏକ ଘଣ୍ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଥିବାବେଳେ ଏଥିରେ ସମସ୍ତ ଦଳର ସଦସ୍ୟମାନଙ୍କୁ ଯୋଗଦେବା ଲାଗି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହରେ ନିର୍ଦ୍ଦେଶ ଦେଇଛନ୍ତି।

# ଆସିଗଲେ ଶୃଙ୍ଖଳିତ ସଦସ୍ୟ

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ବିଧାନସଭା ଗୃହ କାର୍ଯ୍ୟ ସୋମବାର ୩ଟାରେ ଆରମ୍ଭ ହେବା କ୍ଷଣି କଂଗ୍ରେସ ସଦସ୍ୟମାନେ ଜଗତ୍‌ସିଂହପୁର ବଳାତ୍କାର ଘଟଣାରେ ରୁଲିଂ ଦାବି କରି ଗୃହ ମଝିକୁ ଚାଲି ଆସିଥିଲେ। ବାଚସ୍ପତି କଂଗ୍ରେସର ୪ଜଣ ସଦସ୍ୟଙ୍କୁ ନିଜ ଆସନକୁ ଫେରିଯିବା ଲାଗି କହିବା ସମୟରେ ବିଧାୟକ ତାରା ପ୍ରସାଦ ବାହିନୀପତି ଗୃହରେ ପ୍ରବେଶ କରିଥିଲେ। ଏହାପରେ ସିଧା ଅନ୍ୟ ସଦସ୍ୟମାନଙ୍କ ନିକଟକୁ ଚିଲେଇ ଚିଲେଇ ଚାଲି ଆସିଲେ। ଏତିକିବେଳେ ବାଚସ୍ପତି ତାରାଙ୍କୁ ଦେଖି ମଜାରେ ଛିଗୁଲେଇ କହିଲେ, ଆସିଗଲେ ଗୃହର ସବୁଠାରୁ ଶୃଙ୍ଖଳିତ ସଦସ୍ୟ। ଏହାପରେ ତାରା ଚେୟାର ଉପରେ ଚଢି ବାଚସ୍ପତିଙ୍କ ମାଇକ୍ ଭିଡିବାକୁ ଚେଷ୍ଟା କରିଥିଲେ ଆଉ ବାଚସ୍ପତି କହିଥିଲେ, ଦେଖନ୍ତୁ ଏମିତି ଚଢନ୍ତୁ ନାହିଁ, ପଡିଗଲେ ଗୋଡ ଭାଙ୍ଗିଯିବ ପୁଣି ତୁମ ସ୍ତ୍ରୀ ମୋତେ ଗାଳି କରିବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଆଜି ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି, କାର୍ଯ୍ୟ ସିଦ୍ଧି, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭାନ୍ୱିତ ହେବେ। ସନ୍ତାନଙ୍କ କୌଣସି ସମସ୍ୟା, ଶିକ୍ଷାରେ ପ୍ରତିବନ୍ଧକ, ଆଲୋଚନାରେ ବିଫଳତା ମାନସିକ ଦୁଶ୍ଚିନ୍ତାର କାରଣ ହୋଇପାରେ। ଜମିଜମା ବିବାଦ, ପଦୋନ୍ନତି, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ ପ୍ରଭୃତି ସୁଫଳ ପାଇବେ।

**ବୃଷ** — ଆକସ୍ମିକ ଅନତି ଦୂରକୁ ଯାତ୍ରା,ପଡୋଶିନୀଙ୍କ ସହ ମତାନ୍ତର, ଆନୁଷ୍ଠାନିକ କାର୍ଯ୍ୟରେ ପ୍ରେରଣା ପାଇବେ। ସକାଳୁ ସକାଳୁ କୌଣସି ଅର୍ଥ ସମ୍ବନ୍ଧିତ ଶୁଭ ଖବର ପାଇ ମନ ଖୁସି ହୋଇଯିବ। ଉଦ୍ୟମର ସଫଳତା ପ୍ରାପ୍ତି ଦିଗରେ ଜଣେ ଗୌରବର୍ଣ୍ଣ ବ୍ୟକ୍ତି ସାହାଯ୍ୟ କରିବେ। ଭ୍ରମଣ, ବନ୍ଧୁମିଳନ ହେତୁକ ଆନନ୍ଦ ପାଇବେ।

**ମିଥୁନ** — ଆଶାନୁଯାୟୀ ଅର୍ଥ ପ୍ରାପ୍ତି ଅବଶ୍ୟ ଘଟିବ କିନ୍ତୁ ପିଲାମାନଙ୍କ ସକାଶେ କିମ୍ବା ଶିକ୍ଷା କ୍ଷେତ୍ର ପାଇଁ ଅଥବା ଜମିଜମା,ଚୁକ୍ତିପତ୍ର କ୍ଷେତ୍ରରେ ବ୍ୟୟ କରିବାର ମଧ୍ୟ ସୂଚନା ରହିଛି। ରାଜନୈତିକ କ୍ଷେତ୍ରରେ କିମ୍ବା ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଉପରିସ୍ଥ କର୍ମଚାରୀଙ୍କ ଅନୁକମ୍ପାରୁ ଦୂରଯାତ୍ରାର ସୁଯୋଗ ପାଇପାରନ୍ତି।

**କର୍କଟ** — ଆଜି ଜହ୍ନମାମୁ ଭଳି ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିବିଶେଷଙ୍କ ମାଧ୍ୟମରେ ଆଦର ଓ ସମ୍ମାନ ପାଇବେ। ପାରିବାରିକ କ୍ଷେତ୍ରରେ, ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ରାଜନୈତିକ କ୍ଷେତ୍ର କିମ୍ବା ଆନୁଷ୍ଠାନିକ କାମ କିମ୍ବା ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ପୂର୍ବ ସମସ୍ୟାଗୁଡିକର ସମାଧାନ ପଇଁ ତତ୍ପରତା ପ୍ରକାଶ କରିପାରନ୍ତି।

**ସିଂହ** — ଆକସ୍ମିକ ଖର୍ଚ୍ଚ ସହ ବାରମ୍ବାର ସ୍ଥାନାନ୍ତର ଓ ଅନ୍ୟମାନଙ୍କ ସମସ୍ୟା ଭିତରେ ନିଜକୁ ସାମିଲ କରିବାକୁ ବାଧ ହୋଇପାରନ୍ତି। ମାନସିକ ସନ୍ତୁଳନ ରକ୍ଷା କରିବାରେ ଅସମର୍ଥ ପୂର୍ବକ ବ୍ୟସ୍ତତା ବୃଦ୍ଧି ପାଇବ। କଚେରି ମାମଲାରେ, ପ୍ରତିଯୋଗିତାରେ ସଫଳତା ଅବଶ୍ୟ ପାଇବେ। ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା କାମ ହାସଲ କରିବେ।

**କନ୍ୟା** — ଆତ୍ମୀୟମାନଙ୍କ ସହ ମନାନ୍ତର କିମ୍ବା କଳହ ବ୍ୟତୀତ ଅନ୍ୟ ପ୍ରତ୍ୟେକ ଦିଗରୁ ଦିନଟି ସୁନ୍ଦର ଭାବରେ ଅତିବାହିତ ହେବ। ପକେଟ ଖାଲି ରହିବନି, ହସିଲେ କଥା କହିବେ, ମଜାମଉଜକୁ ମଧ୍ୟ ମନ ବଳିବ। କର୍ମ କ୍ଷେତ୍ରରେ, ପରିବାରରେ, ମିତ୍ର ବନ୍ଧୁରେ, ଲେଖାପଢାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହୋଇପାରନ୍ତି।

**ତୁଳା** — ଅଭାବ ନ ଥିଲେ କ'ଣ ହେଲା ହାତ ଖାଲି ରହିବା ଫଳରେ କିଣିବାକୁ ଇଚ୍ଛାଥିଲେ ମଧ୍ୟ କିଣି ପାରିବେ ନାହିଁ। ପରିସ୍ଥିତିବଶତଃ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ଅବଶ୍ୟ ପୁତ୍ରକନ୍ୟା ହେତୁକ ସୁଖ ମିଳିବା ସାଙ୍ଗକୁ ପରିବାରରେ ଶାନ୍ତି ବିରାଜମାନ କରିବ। ବନ୍ଧୁଙ୍କ ସାହାଯ୍ୟରୁ ମୂଲ୍ୟବାନ ଦ୍ରବ୍ୟ ପାଇପାରିବେ।

**ବିଛା** — ସ୍ୱାସ୍ଥ୍ୟ ସମସ୍ୟା ସ୍ଥିର ରହିବ। ଈର୍ଷା କରୁଥିବା ଲୋକମାନଙ୍କର ପରୋକ୍ଷ ଚୁପ୍‌ଚାପ୍ କଥା ମନରେ ଅସ୍ଥିରତା ସୃଷ୍ଟି କରିପାରେ। ରାହୁଙ୍କ ଦୋଷରୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟିହେବାର ସମ୍ଭାବନା ରହିଛି। ଆପଣ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ବ୍ୟବସାୟ ଓ ପରିବହନରେ ସମସ୍ୟା ସୁଧାରିବାରେ ବନ୍ଧୁ ସାହାଯ୍ୟ କରିବେ।

**ଧନୁ** — ଆଲୋଚନା ପରିସରରେ କିମ୍ବା ସଭାସମିତିରେ ନିଜର କିଛି ମତ ମନ୍ତବ୍ୟକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ରାଜନୀତିରେ, କଳା, ସାହିତ୍ୟ, ସଙ୍ଗୀତରେ, ସଭାସମିତିରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ଭ୍ରମଣ, ବନ୍ଧୁମିଳନରୁ ମନ ଖୁସି ରହିବ।

**ମକର** — ଆଜି ଘରେ ଯେମିତି ବାହାରେ ମଧ୍ୟ ସେମିତି ସବୁଠି ଆଦର ଓ ସମ୍ମାନ, ପ୍ରଶଂସା ମଧ୍ୟରେ ମନ ଖୁସି ହୋଇଯିବ। କଳା, କ୍ରୀଡା, ସାହିତ୍ୟ, ସାମ୍ବାଦିକତା,ସଙ୍ଗୀତ,ଚଳଚ୍ଚିତ୍ର ପ୍ରଭୃତି କ୍ଷେତ୍ରରେ ସଫଳତା ମିଳିପାରେ। କିଛି ମୂଲ୍ୟବାନ ଦ୍ରବ୍ୟ ହଜାଇଦେବା କାରଣରୁ କିମ୍ବା ଅନ୍ୟ ଦ୍ୱାରା ଧନହାନିର ସୂଚନା ପ୍ରତି ସତର୍କ ରହିବା ଭଲ।

**କୁମ୍ଭ** — କର୍ମକ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରି ସମସ୍ୟା ସୃଷ୍ଟି କରିପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରିବେ ନାହିଁ ଏବଂ ଏହି କଥାକୁ ନେଇ କଳହର ମଧ୍ୟ ଆଶଙ୍କା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବାକୁ ବାଧ ହେବେ।

**ମୀନ** — ଆଜି ଅବୁଝା ସନ୍ତାନ, ଅନାଦର ଆମନ୍ତ୍ରଣ, ଅଯଥା ତର୍କ ଜନିତ ବ୍ୟସ୍ତତା ବୃଦ୍ଧି ପାଇବ। କିନ୍ତୁ ମଙ୍ଗଳଙ୍କ ସୁପ୍ରଭାବରୁ ଆର୍ଥିକ ଉନ୍ନତି, ପ୍ଲଟିଙ୍ଗ୍ କାରବାର, ଅଗ୍ନି, ବିଦ୍ୟୁତ୍ ସମ୍ପର୍କିତ ବ୍ୟବସାୟ କ୍ଷେତ୍ରରୁ ଲାଭବାନ୍ ହେବେ। ସହକର୍ମୀମାନେ କୌଶଳରେ କାର୍ଯ୍ୟ ହାସଲ କରିନେଇପାରନ୍ତି। ପାରିବାରିକ ସ୍ଥିତି, ବନ୍ଧୁ ସମ୍ପର୍କ, ଯାତ୍ରା ଓ ସଭାସମିତି କ୍ଷେତ୍ର ଉତ୍ତମ ରହିବ।

ଆଜି ମାର୍ଗଶିର ମାସର ମହୋଦଧି ଅମାବାସ୍ୟା ମଙ୍ଗଳବାର, ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଶ୍ରାଦ୍ଧ ବେଶ, ଦଶରଥ ଓ କୌଶଲ୍ୟାଙ୍କ ପ୍ରତିପ୍ରଦୀପ ଉତ୍ସର୍ଗ, ମଧ୍ୟ ଦେବଦୀପାବଳି ଉତ୍ସବ, ନଭେମ୍ବର ୨୬ ଦିବା ଘ୧୦।୧୧ମି. ପର୍ଯ୍ୟନ୍ତ, ରାଶିନକ୍ଷତ୍ର-ବିଶାଖା/ବିଛା, ତତ୍ପରେ ଅନୁରାଧା ନକ୍ଷତ୍ର, ଅମାବାସ୍ୟାର ଶ୍ରାଦ୍ଧ, ଅଦ୍ୟ ନିଶାପାଳନ ଓ ଉପବାସ, ଦିବା ଘ୭।୩୩ମି. ଗତେ ଘ୧୧।୧୨ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦।୧୪ମି. ଗତେ ଘ୧୧।୩୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ୨।୧୭ମି. ଗତେ ଘ୩।୩୯ମି. ମଧ୍ୟେ ରାହୁକାଳ।


## classifieds Everyday
0674-2580101, 2549302



**HIRE**

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9556240228, 9937292015. Email- enquiry@kttorissa.com D-15185



**SALE**

Plot for sale at Hanspal starting at Rs.300/- per sqft. 7681894885. D-15410

କଟକ-ଗୋପାଳପୁର ଧାକୁଲେଇପୀଠରୁ 3k.m sqft.250/-, ଭୁବନେଶ୍ୱର ବାଳକାଟି ବଜାରରୁ 2k.m 550/-, ନଖରା DPS ପାଖରେ sqft.700/- ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440. D-68409

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68432

Do you want a land in Bhubaneswar, Sundarpada near Xavier University at Lowprice? Litigation free land, first possession then registration. 8847851850. D-68413

100ft. Revenue ପିଚୁରାସ୍ତାକୁ ଲାଗି ଘରବାରି, ବାଉଣ୍ଡାରୀ Commercial/ Residential ପ୍ଲଟ୍ 14,40,000/- ଧଉଳି ଶାନ୍ତିସ୍ତୁପ ପାଖରେ ମିଳୁଛି। 9437033320. D-68426

ଭୁବନେଶ୍ୱର ବାଲିଅନ୍ତାରେ Ready to move Duplex, Tamandoରେ yellowzone plot କିଣନ୍ତୁ। 9348767829. D-68427

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68192

Bhubaneswar Kesura SBI, କଲୋନୀକୁ ଲାଗି ଘରବାରି ପାଚେରୀସହ ଏବଂ Airport ଠାରୁ 5k.m. ସୁନ୍ଦରପଦାରେ plot ବିକ୍ରିହେବ। 9078736851. D-68428

Versa hermitage- 1BHK, studio flats available for sales at the holy land of Puri (Hurry, few flats left) 9861930740, 9437030740. D-68180

ଭୁବନେଶ୍ୱର ପିପିଲି Tol gate ପରେ NH କୁ ଲାଗିକି Plot sqft. 650/-, 8249070901, 9438272948. D-68430

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

1500sqft. (6 Nos) 2000sqft. (7 Nos) main road side plot, infront Tata Areana Ghatikia, Sankarpur, Bhubaneswar 30' road, Electricity, Supply water available: 8114744495, 8328943165. D-15406



For residential/ office purposes at Phulnakhara, Bhubaneswar-Cuttack. 9437442108, 917057510886. D-67509

6500 Square feet hall type 3 storied building on 100 feet Bhimtangi Main Road for office and commercial. Contact: 9958003695. D-15405

3BHK premium house at N-5- 237 (1st floor) for residence/ office/ guesthouse. Rent- Rs.22,000/-Contact: 7978785736, 9437014252. D-68517



Shivam logistic packers movers. Household/ car relocation countrywide. 9777044177, 9338461133. D-15348



Rejuvenate and ayurvedic full body massage by smart therapist. 9114402304. D-68145

Sai herbal Spa refresh your body with smart and expert therapist, contact: 7608062524. D-68184

Full body herbal massage with refreshment expert therapist. 7381239385, 06742540855. D-68185

Experience full body massage with us (expert). Call: 7377048581, 06742597822. D-68186

Herbal full body massage by smart / expert therapist. Contact: 8338067247. D-68187

Summer special mesmerizing offer expert therapeutic refreshing massage appointment. 9668374480. D-68188

Ayurvedic full body massage ladies & gents smart therapist, 9337349409. D-68707

Newly open full body massage by ladies, gents therapist. 8018656899 D-60852

Ayurvedic full body massage by ladies, gents therapist. 7008773793 D-60853

Refresh your mind and soul with best therapy at Orchid Salon/Spa. 9937287222. D-68708

Ayurvedic full body massage ladies & gents smart therapist, 9668814589. D-68706

Ayurvedic full body massage Ladies/ Gents therapist Contact: 8018467469. D-63965

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୬ ନଭେମ୍ବର, ୨୦୧୯



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାଡ଼ଖଣ୍ଡର ଡାଲ୍‌ଟନ୍‌ଗଞ୍ଜ ଏବଂ ପାଲାମୁରେ ନିର୍ବାଚନୀ ବିଗୁଲ ବଜାଇବା ସହ କଂଗ୍ରେସ, ଜେଏମ୍‌ଏମ୍ ଓ ଆର୍‌ଜେଡି ଉପରେ ବର୍ଷିଛନ୍ତି। ରାଜ୍ୟରେ ସ୍ଥିର, ସୁଶାସନ, ସୁରକ୍ଷା ଓ ବିକାଶ ଲାଗି ଭାଜପାକୁ ଭୋଟ୍ ଦେବା ଲାଗି ସେ ଭୋଟରଙ୍କୁ ଅନୁରୋଧ କରିଛନ୍ତି। ଏଠାକାର ଲୋକ ପଦ୍ମଫୁଲ ସହ ରହିଆସିଛନ୍ତି ବୋଲି ମୋଦି କହିଥିଲେ।



# ଓଡ଼ିଶାର ଅର୍ଥନୀତି ସ୍ଥିତି ଭଲ ଅଛି

## ୮ ହଜାର ୧୨୬ କୋଟି ଟଙ୍କାର ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍ ଅନୁମୋଦିତ

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ବିଧାନସଭାରେ ସୋମବାର ୮ ହଜାର ୧୨୬ କୋଟି ଟଙ୍କାର ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍‌କୁ ଅନୁମୋଦନ ମିଳିଛି। ଏହାକୁ ଆଗତ କରି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ, ଏହି ବିଲ୍‌କୁ ମଞ୍ଜୁର କରାଗଲେ ବିଭିନ୍ନ ଜନକଲ୍ୟାଣ ଓ ଉନ୍ନୟନମୂଳକ କାର୍ଯ୍ୟରେ ଅର୍ଥ ବିନିଯୋଗ ହୋଇପାରିବ। ବଜେଟ୍‌ର ଆକାର ମୂଳ ବଜେଟ୍‌ର ୫.୮ ପ୍ରତିଶତ ରଖାଯାଇଛି। ଏହାସହ ବର୍ତ୍ତମାନ ସୁଦ୍ଧା ରାଜ୍ୟର ଋଣଭାର କଥା ଉଠାଇ ବିରୋଧୀ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ଏବେସୁଦ୍ଧା ଏହି ସଂଖ୍ୟା ୧ଲକ୍ଷ ୬ହଜାର କୋଟି ଟଙ୍କାକୁ ଟପିଯାଇଥିବ ବୋଲି କହିଥିଲେ। ଏ ସମ୍ପର୍କରେ ମନ୍ତ୍ରୀ ପୂଜାରୀ ଉତ୍ତର ରଖି କହିଛନ୍ତି ଯେ, ବିରୋଧୀଙ୍କ ଆକଳନ ସମ୍ପୂର୍ଣ୍ଣ ଭୁଲ। ସରକାର ସେପ୍ଟେମ୍ବର ୧୯ ସୁଦ୍ଧା ୮୩ହଜାର ୭୦୩କୋଟି ଟଙ୍କା ଋଣ କରିଛନ୍ତି। ସବୁଠାରୁ ବଡ଼ ରାଜ୍ୟ ମହାରାଷ୍ଟ୍ର ଠାରୁ ମଧ୍ୟ ଓଡ଼ିଶା ଭଲ ସ୍ଥିତିରେ ରହିଛି। ୨୦୦୦ ମସିହାରେ ଓଡ଼ିଶାକୁ ଋଣ ଦେବାକୁ କେହି ରାଜି ହେଉ ନ ଥିଲେ, ଯାହା ବର୍ତ୍ତମାନ ଅନ୍ୟ ରାଜ୍ୟଗୁଡ଼ିକର ଅବସ୍ଥା ହୋଇଛି। ଗୋଟିଏ ବିକଶିତ ରାଜ୍ୟ ନିଜର ଅଧିକ ଉନ୍ନତି କରିବା ସକାଶେ ଋଣ ନେଇଥାଏ। ୧୯୯୯-୨୦୦୦ରେ ଯେତିକି ଋଣ ଥିଲା ତା'ର ଜିଏସ୍‌ଡିପି ୩୭.୮ ପ୍ରତିଶତ ଥିଲା, ମାତ୍ର ଆଜି ଜିଏସ୍‌ଡିପି ୧୫.୪ପ୍ରତିଶତ ଅଛି। ବର୍ତ୍ତମାନ ଆମେ ୧୫ପ୍ରତିଶତ ପର୍ଯ୍ୟନ୍ତ ଋଣ ନେଇପାରିବୁ ବୋଲି ସେ କହିଛନ୍ତି। ପରିବହନ ରାଜସ୍ୱ ଆଦାୟ ମଧ୍ୟ କମିନାହିଁ। ୨୦୦୫ରେ ରାଜ୍ୟରେ ୫ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହେଉଥିବା ବେଳେ ବର୍ତ୍ତମାନ ୪୧ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିଛି। ୨୦୧୪-୧୫ ବର୍ଷରେ ଅର୍ଥାତ୍ ୯ବର୍ଷ ପରେ ପ୍ରଥମ ଥର ଲାଗି ଖୋଲା ବଜାରରୁ ଋଣ କଲୁ। ୨୦୧୯-୨୦ରେ ରାଜ୍ୟ ସରକାର ଖୋଲା ବଜାରରୁ ଋଣ କରିଛନ୍ତି। ଏହି ଋଣ ଏଫଆରବିଏମ୍ ସୀମା ମଧ୍ୟରେ ରଖିଛୁ। ଏହି ଅର୍ଥ ସମ୍ପୂର୍ଣ୍ଣଭାବେ ପୁଞ୍ଜି ଖର୍ଚ୍ଚ ପାଇଁ ବିନିଯୋଗ ହେବ ବୋଲି ସେ କହିଛନ୍ତି। ବଜେଟରେ ୧ଲକ୍ଷ ୬ହଜାର ପର୍ଯ୍ୟନ୍ତ ଋଣ ହୋଇପାରେ ବୋଲି ଆକଳନ କରିଛୁ। ମାତ୍ର ଯାହା ଆକଳନ କରାଯାଏ ସେତିକି ହୁଏନାହିଁ। ବର୍ତ୍ତମାନ ଦେଶରେ ଆର୍ଥିକ ମାନ୍ଦାବସ୍ଥା ଚାଲିଛି। ଓଡ଼ିଶାର ଅର୍ଥନୀତି ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ବହୁତ ଭଲ ରହିଛି। ବଜେଟରେ ପ୍ରାୟ ୯୨ପ୍ରତିଶତ ଅର୍ଥ କାର୍ଯ୍ୟକ୍ରମ ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ। ଏଥିରୁ ପୁଞ୍ଜି ଖର୍ଚ୍ଚ ପାଇଁ ପ୍ରାୟ ୩୩,୩୦୦ କୋଟି ଟଙ୍କାର ବ୍ୟୟ ବ୍ୟବସ୍ଥା କରାଯାଇଛି। ମୂଳ ବଜେଟ ସହିତ ଅତିରିକ୍ତ ବଜେଟକୁ ମିଶାଇଲେ ମୋଟ ପୁଞ୍ଜି ବିନିଯୋଗ ରାଜ୍ୟର ସକଳ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ୫ପ୍ରତିଶତକୁ ଟପିଯିବ। ସେହିପରି କାର୍ଯ୍ୟକ୍ରମ ବ୍ୟୟ କ୍ଷେତ୍ରରେ ମୋଟ ବ୍ୟୟ ବରାଦ ୭,୪୩୩ କୋଟି ଟଙ୍କା ମଧ୍ୟରୁ ଭିତ୍ତିଭୂମି ଓ ଗ୍ରାମ୍ୟ ଉନ୍ନୟନ ପାଇଁ ୨୬୨୩କୋଟି ଟଙ୍କା ଉଦ୍ଦିଷ୍ଟ। ପୁରୀଠାରେ ମୌଳିକ ସୁବିଧା ଏବଂ ଐତିହ୍ୟ ଓ ସ୍ଥାପତ୍ୟର ଉନ୍ନୟନ(ଅବଢ଼ା) ପାଇଁ ଜମି ଅଧିଗ୍ରହଣ ଲାଗି ୭୩୦ କୋଟି ଟଙ୍କା ଖର୍ଚ୍ଚ ହେବ।

ସେହିପରି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ପଚାରିଥିବା କେତେଗୁଡ଼ିଏ ପ୍ରଶ୍ନର ଉତ୍ତର ମଧ୍ୟ ମନ୍ତ୍ରୀ ପୂଜାରୀ ଗୃହରେ ରଖି କହିଛନ୍ତି, ୨୦୧୩ରେ ରାଜ୍ୟ ସରକାର ସରକାରୀ ନିଯୁକ୍ତି ବାବଦକୁ ଏକ ନୂତନ ନୀତି ପ୍ରଣୟନ କରିଛନ୍ତି। ଏହି ନୀତି ଅନୁଯାୟୀ ଗ୍ରୁପ-ଏ ଏବଂ ଗ୍ରୁପ-ବି ନିଯୁକ୍ତି ସିଧାସଳଖ ସ୍ଥାୟୀଭାବେ ଓଡ଼ିଶା ଲୋକସେବା ଆୟୋଗ ମାଧ୍ୟମରେ କରାଯିବ। ଅନ୍ୟାନ୍ୟ ଶ୍ରେଣୀର ନିଯୁକ୍ତି ପ୍ରଥମେ ୬ ବର୍ଷ ପାଇଁ ଠିକାଭାବେ ହେବ। ସପ୍ତମ ବର୍ଷଠାରୁ ଏହି କର୍ମଚାରୀମାନେ ସ୍ଥାୟୀ ହେବେ। ଠିକା କର୍ମଚାରୀଙ୍କ ଦରମା ବାର୍ଷିକ ୧୦ ପ୍ରତିଶତ ବୃଦ୍ଧି ହୁଏ। ଆଉଟସୋର୍ସିଂରେ କାର୍ଯ୍ୟରତ ବ୍ୟକ୍ତିମାନେ ଇପିଏଫ୍ ଏବଂ ଇଏସ୍ଆଇ ପ୍ରଦାନ ବାଧ୍ୟତାମୂଳକ। ସେହିପରି ବିରୋଧୀ ଦଳ ନେତା କେନ୍ଦ୍ର ପ୍ରବର୍ତ୍ତିତ କେତେଗୁଡ଼ିଏ ଯୋଜନାର ନାମକରଣ ଉପରେ କରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପୂଜାରୀ କହିଛନ୍ତି, ଅଧିକାଂଶ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା(ସିଏସ୍‌ଏସ୍)ରେ କେନ୍ଦ୍ର ଅଂଶ ୬୦ ପ୍ରତିଶତ ଥିବାବେଳେ ରାଜ୍ୟ ୪୦ ପ୍ରତିଶତ ଅର୍ଥ ଦେଇଥାଏ। ରାଜ୍ୟ ସରକାରଙ୍କ ମମତା ଯୋଜନା ଲୋକପ୍ରିୟ ହୋଇଛି। ଏହାର ସଫଳତାକୁ ଦେଖି କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ପ୍ରଣୟନ କରିଛନ୍ତି। ସେହିପରି ମାଇନର ମିନେରାଲରୁ ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱ ଦେଉଛୁ। ଏଥିପାଇଁ ସ୍ୱତନ୍ତ୍ରଭାବେ ଡିରେକ୍ଟୋରେଟ୍ ଅଫ୍ ମାଇନର ମିନେରାଲ୍ସ ସ୍ଥାପନ କରିଛୁ। ୧୪୪ଟି ଚିହ୍ନିତ ତହସିଲରେ ସ୍ୱତନ୍ତ୍ର ମାଇନର ମିନେରାଲ ସେଲ୍ ସ୍ଥାପନ କରାଯାଇଛି। ଆଗାମୀ ବର୍ଷରେ ମାଇନର ମିନେରାଲ୍ସରୁ ଅଧିକ ରାଜସ୍ୱ ଆଦାୟ ଲକ୍ଷ୍ୟ ରଖିଛୁ। ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସଂଖ୍ୟା ୪.୫୨ଲକ୍ଷ ଥିବାବେଳେ ଗତ ୫ ବର୍ଷରେ ୭୦ ହଜାର ପଦବୀ ପୂରଣ କରାଯାଇଛି।

# ସଦସ୍ୟତା ଅଭିଯାନର ସମୀକ୍ଷା କଲେ ନବୀନ

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ପୂର୍ବାହ୍ନରେ ଦଳର ସଦସ୍ୟତା ସମ୍ପର୍କିତ ସମୀକ୍ଷା କରିଛନ୍ତି। ବୈଠକ ସମ୍ପର୍କରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ କହିଛନ୍ତି ଯେ, ପ୍ରତିଦିନ ତୃଣମୂଳସ୍ତରୀୟ ଲୋକଙ୍କ ସହ ଆହୁରି ଜଡ଼ିତ ହେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଲେ। ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଯେପରି ସମସ୍ତଙ୍କ ନିକଟରେ ପହଞ୍ଚିପାରିବ, ସେଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ କହିଥିବା ଉମା କହିଛନ୍ତି। ସଦସ୍ୟତା ଅଭିଯାନରେ ଯୁବବର୍ଗ, ମହିଳା ଏବଂ ବରିଷ୍ଠ ନାଗରିକଙ୍କୁ ଗୁରୁତ୍ୱ ଦିଆଯିବା ନେଇ କୁହାଯାଇଥିଲା। ବର୍ତ୍ତମାନ ସୁଦ୍ଧା ସଦସ୍ୟତା ଅଭିଯାନର ସ୍ଥିତି କ'ଣ ରହିଛି, ସେ ସମ୍ପର୍କରେ ବିଜେଡି ସଭାପତି ପଚାରି ବୁଝିଥିଲେ। ନବୀନ ନିବାସରେ ହୋଇଥିବା ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ସାଧାରଣ ସମ୍ପାଦକ(ମୁଖ୍ୟାଳୟ) ସଞ୍ଜୟ ଦାସବର୍ମା, ସାଧାରଣ ସମ୍ପାଦକ ଦେବାଶିଷ ସାମନ୍ତରାୟ, ପୁରୀ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତି, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ , ସମୀରରଞ୍ଜନ ଦାଶ ଏବଂ ତୁଷାରକାନ୍ତି ବେହେରା, ବିଧାୟକ ଦେବୀ ପ୍ରସାଦ ମିଶ୍ର, ପ୍ରମୋଦ ମଲ୍ଲିକ ଏବଂ ପ୍ରଦୀପ ମହାରଥୀ ପ୍ରମୁଖ ଉପସ୍ଥିତ ରହିଥିଲେ।



## ବାର୍ତ୍ତା

ବହୁଳ ପ୍ରସାରିତ ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀ ତା'ର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ନଭେମ୍ବର ୨୪ ତାରିଖରେ ପାଳନ କରିଥିବାର ଜାଣି ମୁଁ ବହୁତ ଆନନ୍ଦିତ। ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ଭାରତ ଭଳି ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରଶାସନ, ନ୍ୟାୟପାଳିକା ଓ ବ୍ୟବସ୍ଥାପିକା ସଭା ଭଳି ଆମ ଦେଶର ଜନସାଧାରଣଙ୍କ ପ୍ରତି ଗଣମାଧ୍ୟମର ମଧ୍ୟ କିଛି ଉତ୍ତରଦାୟିତ୍ୱ ରହିଛି। ଏହି ଉତ୍ତରଦାୟିତ୍ୱକୁ ସଠିକ୍ ଓ ସୁଚାରୁରୂପେ ନିର୍ବାହ କରିବା ହେଉଛି ପ୍ରତ୍ୟେକ ଗଣମାଧ୍ୟମର କର୍ତ୍ତବ୍ୟ। ଏ କ୍ଷେତ୍ରରେ ଧରିତ୍ରୀ ଦୀର୍ଘ ୪୫ ବର୍ଷ ଧରି ଓଡ଼ିଶାର ଜନସାଧାରଣଙ୍କ ପ୍ରତି ତା'ର କର୍ତ୍ତବ୍ୟ ଓ ଦାୟିତ୍ୱ ସଠିକ ଭାବେ ନିଭାଇ ଆସୁଛି। ନିର୍ଭୀକ ଓ ନିରପେକ୍ଷ ସମ୍ବାଦ ପରିବେଷଣ କ୍ଷେତ୍ରରେ ଧରିତ୍ରୀ ଆଜି ତା'ର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏଥିପାଇଁ ଧରିତ୍ରୀ ପରିବାରର ପ୍ରତ୍ୟେକ ସଦସ୍ୟ ଓ ସଦସ୍ୟାଙ୍କୁ ଅଶେଷ ଅଶେଷ ଧନ୍ୟବାଦ।

ଏହି ଅବସରରେ ମୁଁ ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବର ସଫଳତା କାମନା କରିବା ସହ ଧରିତ୍ରୀ ପରିବାରର ପ୍ରତ୍ୟେକ ସଦସ୍ୟ ସଦସ୍ୟାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ସ୍ୱା./-
(ଅଚ୍ୟୁତ ସାମନ୍ତ)


ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର,
ଇ-ମେଲ୍: recoverybhubro@centralbank.co.in

**ସଂଶୋଧନ ପତ୍ର**

ଏତଦ୍‌ଦ୍ୱାରା ସମସ୍ତ ପକ୍ଷମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସୂଚିତ କରାଇ ଦିଆଯାଉଛି କି ତା.୧୯.୧୧.୨୦୧୯ରିଖ ଦୈନିକ ଖବର କାଗଜ "ଧରିତ୍ରୀ"ରେ ପ୍ରକାଶିତ ଆମର ଇ-ନିଲାମ ବିକ୍ରୟ ବିଜ୍ଞପ୍ତିରେ **ଢେଙ୍କାନାଳ ଶାଖାର ଋଣଗ୍ରହୀତା: ମେସର୍ସ ଶକ୍ତି ଫ୍ଲାଏ ଆଶ୍ ବ୍ରିକ୍ସ (ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଅନ୍ତର୍ଯ୍ୟାମୀ ବେହେରା)**ଙ୍କର ସମ୍ପତ୍ତିର ଇ-ନିଲାମକୁ ବାତିଲ କରାଗଲା।

ତାରିଖ: ୨୫.୧୧.୨୦୧୯
କ୍ଷମତାପ୍ରାପ୍ତ ଅଧିକାରୀ
ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ











ପ୍ରତ୍ୟେକ ଧର୍ମ ମନୁଷ୍ୟ ଜାତିକୁ ସାହାଯ୍ୟ କରିଛି। ପ୍ରତ୍ୟେକ ଧର୍ମ ମଧ୍ୟ କେତେକ ସଂଖ୍ୟକ ଆତ୍ମାକୁ ଉଦ୍ଧାର କରିଛନ୍ତି। କିନ୍ତୁ କୌଣସି ଧର୍ମ ଏ ପର୍ଯ୍ୟନ୍ତ ମନୁଷ୍ୟ ଜାତିକୁ ସାମଗ୍ରିକ ଭାବେ ଆଧ୍ୟାତ୍ମିକ ଭାବାପନ୍ନ କରି ପାରିନାହାନ୍ତି। ସେଥିପାଇଁ ପରମ୍ପରା ବା ପ୍ରଥାର ଆବଶ୍ୟକତା ନାହିଁ। ଆଧ୍ୟାତ୍ମିକ-ବିବର୍ତ୍ତନ ପାଇଁ ଏକ ନିରନ୍ତର ଓ ସର୍ବବ୍ୟାପୀ ପ୍ରୟାସର ଆବଶ୍ୟକତା ରହିଛି। - ଶ୍ରୀଅରବିନ୍ଦ



# ଝାଳ ବୁହାଇବା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୪ ନଭେମ୍ବର ୨୦୧୯ରେ ତାଙ୍କ ରେଡିଓ ବାର୍ତ୍ତା 'ମନ କୀ ବାତ୍'ରେ ଶାରୀରିକ ସୁସ୍ଥତା ଉପରେ ଗୁରୁତ୍ୱ ଦେଇଥିବାରୁ ତାଙ୍କୁ ଦେଶବାସୀଙ୍କ ତରଫରୁ ଶୁଭେଚ୍ଛା ଜଣାଇବା ଦରକାର। ଭାରତବର୍ଷର ଅଧିକାଂଶ ସ୍କୁଲ ଓ କଲେଜରେ ଛାତ୍ରୀଛାତ୍ରଙ୍କୁ ଶାରୀରିକ ବ୍ୟାୟାମ ଶିଖାଇବାର କୌଣସି ବ୍ୟବସ୍ଥା କରାଯାଉନାହିଁ। ପୂର୍ବରୁ ବିଭିନ୍ନ ସ୍କୁଲରେ ଶାରୀରିକ ଶିକ୍ଷା ଶିକ୍ଷକ ବା ପିଇଟି ପଦବୀ ଥିଲା ଓ ସେମାନେ ଅଳ୍ପେ ବହୁତେ କାର୍ଯ୍ୟ କରୁଥିଲେ । ପରବର୍ତ୍ତୀ ସମୟରେ ସମ୍ଭବତଃ ସେହି ପଦବୀ ରହିଯାଇଛି, କିନ୍ତୁ ପ୍ରଶିକ୍ଷକମାନେ କୌଣସି ସକ୍ରିୟ ଆଗ୍ରହ ଦେଖାଉଥିବାର ପରିଲକ୍ଷିତ ହେଉନାହିଁ। ପଦବୀ ଅଛି, ଚାକିରି କରୁଛନ୍ତି ଓ ଦରମା ମଧ୍ୟ ପାଉଛନ୍ତି। ତେବେ ଛାତ୍ରୀଛାତ୍ରଙ୍କ ଜୀବନରେ ସମ୍ପୃକ୍ତ ଶିକ୍ଷକଙ୍କର କୌଣସି ପ୍ରଭାବ ରହୁନାହିଁ। ଏହି ପରିପ୍ରେକ୍ଷୀରେ ଦେଶର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ପ୍ରଧାନମନ୍ତ୍ରୀ ମୋଦି ଏକ ସ୍ପଷ୍ଟ ସନ୍ଦେଶ ଦେବା ସମୟୋପଯୋଗୀ।

ଏବେକାର ପରିସ୍ଥିତି ଦେଖିଲେ ପିଲାବେଳୁ ଅଧିକାଂଶ ମୋବାଇଲ ଫୋନ, କମ୍ପ୍ୟୁଟରର ମାଧ୍ୟମରେ କ୍ରୀଡ଼ାମଗ୍ନ ରହୁଛନ୍ତି। କିନ୍ତୁ ସେଭଳି ଖେଳରେ ଝାଳ ବୁହେନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ, ଭାରତର ଅନେକ ମାତାପିତାଙ୍କର ଆଗ୍ରହ ରହୁଛି ଯେ, ସେମାନଙ୍କ ପିଲା ଉଚ୍ଚ ଚାକିରି କରି କାହା ପାଖରେ ଚାକର ହେବ। ସେଥିପାଇଁ ଆରମ୍ଭରୁ ପାଠପଢ଼ା ଉପରେ ଅଧିକ ଚାପ ଦେଇ ଭଲ ମାର୍କ୍ସ ଆଣିବା ହୋଇଛି ପିଲାଙ୍କ ପାଇଁ ଜୀବନର ମୂଳଲକ୍ଷ୍ୟ। ଏହି ଦୌଡ଼ରେ ନକାରାତ୍ମକ ଫଳ ହେଲେ ଆତ୍ମହତ୍ୟା ହୋଇପଡୁଛି ଅନ୍ତିମ ପନ୍ଥା। ସତେଯେମିତି ଭଲ ମାର୍କ୍ସ ନ ରହିଲେ ଜୀବନ ବ୍ୟର୍ଥ ହୋଇଯିବ। ଏହିଭଳି ମନୋଭାବ ସୃଷ୍ଟି କରିବା ପାଇଁ ଅଭିଭାବକମାନେ ଦାୟୀ। ସେମାନଙ୍କ ଏଭଳି ବିକୃତ ମାନସିକତାକୁ ଖୋରାକ ଯୋଗାଉଛି ଶିକ୍ଷା ବ୍ୟବସ୍ଥା ଓ କାମ ଛାଡ଼ି ପ୍ରତିବାଦ କରୁଥିବା ଶିକ୍ଷକ। ପାଠ୍ୟକ୍ରମରେ ଯଦି ବ୍ୟବସ୍ଥା କରାଯାଇପାରନ୍ତା ପିଲାଙ୍କ ଖେଳ ଓ ବ୍ୟାୟାମରେ ଦକ୍ଷତା ମପାଯାଇ ମାର୍କ୍ସ ମିଳିବ, ତେବେ ମାତାପିତା ମଧ୍ୟ କ୍ରୀଡ଼ା ପାଇଁ ପିଲାଙ୍କୁ ପ୍ରୋତ୍ସାହିତ କରନ୍ତେ। ଏହି ଦିଗକୁ ଧ୍ୟାନ ଦିଆଯାଉ ନ ଥିବା ହେତୁ ଭାରତର ସାମାଜିକ ଅଭିବୃଦ୍ଧିରେ ନକାରାତ୍ମକ ପ୍ରଭାବ ପଡୁଥିବା ବିଷୟରେ ଅଧିକାଂଶ ସଚେତନ ନ ଥିବେ। ଯେଉଁ ଦେଶର ନାଗରିକ ସୁସ୍ଥ ସବଳ ହୋଇଥିବ, ସେହି ଦେଶରେ ଡାକ୍ତରଙ୍କ ଚାହିଦାଠାରୁ ଆରମ୍ଭ କରି ଚିକିତ୍ସାଳୟ ଅର୍ଥ ବିନିଯୋଗ ହ୍ରାସ ପାଇଥାଏ।

ଏଭଳି ସ୍ଥଳେ ଜାତୀୟ ପରିସଂଖ୍ୟାନ ଅଫିସ୍ (ଏନ୍‌ଏସ୍‌ଓ) ପକ୍ଷରୁ ଏବେ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଘରୋଇ ହସ୍‌ପିଟାଲରେ ପରିବାର ପିଛା ହାରାହାରି ଚିକିତ୍ସା ଖର୍ଚ୍ଚ ସରକାରୀ ଡାକ୍ତରଖାନାଠାରୁ ୭ ଗୁଣା ଅଧିକ। ସରକାରୀ ଡାକ୍ତରଖାନାରେ ଚିକିତ୍ସା ସକାଶେ ହାରାହାରି ୪,୪୫୨ ଟଙ୍କା ରହିଥିବା ବେଳେ ଏହା ଘରୋଇ ହସ୍‌ପିଟାଲ କ୍ଷେତ୍ରରେ ୩୧,୮୪୫ ଟଙ୍କା ରହିଛି। ଏହି ରିପୋର୍ଟରେ ପ୍ରସବଜନିତ ଖର୍ଚ୍ଚକୁ ସାମିଲ କରାଯାଇ ନାହିଁ। ଜୁଲାଇ ୨୦୧୭ରୁ ଜୁନ୍ ୨୦୧୮ ମଧ୍ୟରେ ହୋଇଥିବା ସର୍ଭେ ଆଧାରରେ ଏନ୍‌ଏସ୍‌ଓ ଏଭଳି ତଥ୍ୟ ପ୍ରକାଶ କରିଛି।

ଉପରୋକ୍ତ କ୍ଷୁଦ୍ର ତଥ୍ୟରୁ ସ୍ପଷ୍ଟ ଜଣାପଡୁଛି ଯେ, ଭାରତୀୟମାନେ ଘରୋଇ ହସ୍ପିଟାଲକୁ ସ୍ୱଇଚ୍ଛା ବା ଡାକ୍ତରଙ୍କ ଚାପରେ ହେଉ ଯିବାକୁ ବାଧ୍ୟ ହେଉଥିବାରୁ ଚିକିତ୍ସାଜନିତ ଖର୍ଚ୍ଚ ଅତ୍ୟଧିକ ମାତ୍ରାରେ ବଢ଼ିଚାଲିଛି। ଗୋଟିଏ ପଟେ ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡୁଥିବା ବେଳେ ଅନ୍ୟପଟେ ଘରୋଇ ଚିକିତ୍ସା ବ୍ୟୟବହୁଳ ହୋଇପଡୁଛି। ଏହା କେବଳ ସହରବାସୀଙ୍କ ପାଇଁ ନୁହେଁ, ମଫସଲବାସୀ ମଧ୍ୟ ଏହି ବଳୟରୁ ରକ୍ଷା ପାଉନାହାନ୍ତି।

ଏଭଳି ଏକ ସମୟରେ 'ଫିଟ୍ ଇଣ୍ଡିଆ' ବା ସୁସ୍ଥ ଭାରତ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦି ଉଲ୍ଲେଖ କରିଥିବା ହେତୁ ଏହି ବିଷୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏଥିପ୍ରତି ପିଲାଙ୍କ ସମେତ ଜନସାଧାରଣ ଗୁରୁତ୍ୱ ଦେଲେ ଆସନ୍ତାକାଲିର ପିଢ଼ି ପାଇଁ ସୁଦିନ ଅଣାଯାଇପାରିବ।

## ଚିରନ୍ତନୀ

କମାଣରୁ ବଳି ତତାଇଲେ ଯେହୁ ଛାତି
ମତାଇଲେ ଏହି ମରଣାପନ୍ନ ଜାତି
ଡାକିଲେ ଆସରେ ଆସ ମୋର ଦେଶ
ମୃତ୍ୟୁ ନୁହେ ତ ଜୀବନର ଶେଷ।
ଜୀବନ ମରଣ ଲୁଚକାଳି ଖେଳ
ଖେଳିବା ଆସରେ ସାଥି
ଡାକିଲେ ଉଠରେ ମରଣାପନ୍ନ ଜାତି!
ଅସ୍ତ୍ର ଶକତି ଅସ୍ଥିର ଚିରଦିନ
କେବେ ସେ ଅଧିକ କେବେ ହୁଏ ଅବା ହୀନ
ମନର ଶକତି ପଡି ନାହିଁ ଭାଜି
ସେହି ଶକତିରେ ବଳୀୟାନ ଆଜି
ସେହି ସମ୍ପଦେ ଦୁର୍ଜୟ ଆଶା
ଲଭି ଆଜି ନୋହୁଁ ଦୀନ
ଅସ୍ତ୍ରର ବଳ ଅସ୍ଥିର ଚିରଦିନ।

(ଭାରତ ଆସିବ ଫେରି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | | | | | B | | C | | | E | 0 | | |
| 0 | 3 | | | | | | | | | | | 9 | | |
| | | A | E | | 6 | | | 5 | | | 0 | | | |
| | D | | | | | 2 | 8 | | C | 1 | | | 7 | 4 |
| B | | | D | | C | | | | | 2 | 5 | 6 | | |
| | | | 6 | | 3 | | 7 | | | B | | | | |
| | | | 0 | 9 | 4 | | | | | | 2 | | | |
| | | | | | | | B | | 8 | | | | 5 | 1 |
| 5 | | 7 | 2 | | | | E | | | 6 | 4 | | 0 | |
| 2 | 9 | | | | D | | | | A | | C | 4 | 6 | |
| | B | 1 | | 0 | A | | | | 4 | | | | D | C |
| | | 6 | | | 2 | | | A | | | D | | | |
| | E | | | | 1 | | 9 | | | 3 | A | | | |
| 7 | | 8 | 9 | | | | | | 2 | | | 3 | E | |
| | | | | | 5 | C | | | | 7 | | | 4 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 4 | 2 | 3 | D | A | 7 | 5 | B | 6 | 8 | E | 9 | C | 0 |
| 9 | 8 | A | B | 5 | 4 | D | E | 3 | C | 0 | 2 | 1 | 7 | 6 |
| C | E | 7 | 1 | 8 | 6 | 0 | A | 9 | 5 | 3 | B | 4 | 2 | D |
| 3 | 5 | 6 | C | 0 | 7 | 2 | 4 | 8 | 1 | 9 | D | A | B | E |
| D | 0 | B | 9 | E | 2 | 1 | C | 6 | 4 | 7 | A | 8 | 5 | 3 |
| 8 | D | E | 4 | 9 | 1 | 3 | 0 | 2 | A | B | 7 | C | 6 | 5 |
| B | 9 | 4 | 8 | 7 | D | 6 | 1 | C | E | 2 | 5 | 3 | 0 | A |
| A | 7 | 1 | 6 | 3 | 0 | B | D | 5 | 9 | 4 | C | 2 | E | 8 |
| 0 | 3 | 5 | 2 | C | E | 4 | 7 | A | 8 | 1 | 6 | B | D | 9 |
| 6 | 2 | C | 5 | A | B | 9 | 8 | E | 0 | D | 3 | 7 | 4 | 1 |
| E | 1 | 8 | D | 4 | 3 | 5 | 2 | 7 | B | A | 0 | 6 | 9 | C |
| 4 | 6 | 0 | A | 2 | C | 8 | B | 1 | D | E | 9 | 5 | 3 | 7 |
| 7 | A | 3 | E | B | 5 | C | 9 | 0 | 2 | 6 | 1 | D | 8 | 4 |
| 5 | B | 9 | 0 | 6 | 8 | A | 3 | D | 7 | C | 4 | E | 1 | 2 |
| 2 | C | D | 7 | 1 | 9 | E | 6 | 4 | 3 | 5 | 8 | 0 | A | B |

ଗତକାଲିର ଉତ୍ତର

# ମୂଲ୍ୟବୋଧଭିତ୍ତିକ ଶିକ୍ଷା ଓ କର୍ତ୍ତବ୍ୟ ସଚେତନତା



ରମେଶ ପୋଖରିଆଲ 'ନିଶଙ୍କ'

ଭାରତ କେବଳ ବିଶ୍ୱର ସର୍ବବୃହତ୍ ଲୋକତନ୍ତ୍ର ନୁହେଁ, ଏହା ମଧ୍ୟ ସର୍ବବୃହତ୍ ଶିକ୍ଷାତନ୍ତ୍ରର ଅଧିକାରୀ। ଏହି ଗୌରବର ଅଧିକାରୀ ହେବା ସହ ଆମ ଉପରେ ଏକ ବିରାଟ ଦାୟିତ୍ୱ ମଧ୍ୟ ରହିଛି। ଆମେ ସଭିଏଁ ଏ ସମ୍ପର୍କରେ ସଚେତନ ଯେ କେବଳ ଗୁଣାତ୍ମକ ଶିକ୍ଷା ହାସଲ ଦ୍ୱାରା ହିଁ ଆମେ ଏକ ନୂତନ ଭାରତ ନିର୍ମାଣର ଭିତ୍ତିଭୂମି ସ୍ଥାପନ କରିପାରିବା। ଏ କଥା ମଧ୍ୟ ଆମେ ଜାଣୁ ଯେ, ଦେଶର ପ୍ରାୟ ୩୩ କୋଟି ବିଦ୍ୟାର୍ଥୀଙ୍କ ଭବିଷ୍ୟତ ନିର୍ମାଣର ଦାୟିତ୍ୱ ଆମ ଉପରେ ନ୍ୟସ୍ତ। ସେମାନଙ୍କର ସ୍ୱର୍ଣ୍ଣିମ ଭବିଷ୍ୟତ ସେତିକିବେଳେ ସାକାର ହୋଇପାରିବ ଯେତେବେଳେ ସେମାନଙ୍କ ପରିଚୟ ଏହି ଶାଶ୍ୱତ ମୂଲ୍ୟବୋଧ ବଳରେ ହୋଇପାରିବ। ଏହା ମାନବିକତାର ଆଧାର ସ୍ତମ୍ଭ ଭାବେ ବିଦ୍ୟମାନ। ଯଦି କୌଣସି ବ୍ୟକ୍ତି ମର୍ଯ୍ୟାଦାପୂର୍ଣ୍ଣ ଜୀବନ ବଞ୍ଚିବାକୁ ଇଚ୍ଛୁକ ତେବେ ତାହାର ପ୍ରଥମ କର୍ତ୍ତବ୍ୟ ହେଉଛି ତାଙ୍କର କୌଣସି କାର୍ଯ୍ୟ ଏପରି ହେବା ଅନୁଚିତ ଯାହା ଅନ୍ୟର ଗରିମାମୟ ଜୀବନକୁ ବ୍ୟାହତ କରୁଥିବ। ଯଦି ଜଣେ ବ୍ୟକ୍ତି ନିଜ ଅଭିବ୍ୟକ୍ତିର ସ୍ୱାଧୀନତା ପ୍ରକଟ କରିବାକୁ ଚାହେଁ, ତେବେ ତାଙ୍କୁ ଅନ୍ୟର ବକ୍ତବ୍ୟକୁ ଧୈର୍ଯ୍ୟ, ସହିଷ୍ଣୁତା ଓ ସହନଶୀଳତାର ସହ ଶୁଣିବା ଆବଶ୍ୟକ। ବିଶ୍ୱର ଅଧିକାଂଶ ଗଣତାନ୍ତ୍ରିକ ରାଷ୍ଟ୍ର ମୌଳିକ ଅଧିକାରର କଥା କହୁଛନ୍ତି। ପରନ୍ତୁ ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ସମ୍ପୂର୍ଣ୍ଣ ନୀରବ। ଆମ ସମ୍ବିଧାନରେ ଥିବା ନାଗରିକର କର୍ତ୍ତବ୍ୟ ସମ୍ପର୍କିତ ଧାରା ସୋଭିଏତ ସଂଘ ଦ୍ୱାରା ପ୍ରଭାବିତ ହୋଇ ଆହରଣ କରାଯାଇଛି। ଯେଉଁଦିନ ଆମେ ଆମ ଦେଶର ବିଦ୍ୟାର୍ଥୀମାନଙ୍କୁ ସେମାନଙ୍କ କର୍ତ୍ତବ୍ୟର ମହତ୍ତ୍ୱ ସମ୍ପର୍କରେ ସଚେତନ କରାଇପାରିବା, ଆମର ଅନେକ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ। ଯେତେବେଳେ ଆମେ ଭାରତକୈନ୍ଦ୍ରିକ, ସଂସ୍କାରଯୁକ୍ତ ଶିକ୍ଷା କଥା କହୁଛୁ, ସେତେବେଳେ ମୋତେ ଲାଗେ ଯେ ଆମର ସାମ୍ବିଧାନିକ କର୍ତ୍ତବ୍ୟ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସେଥିରେ ସାମିଲ ହୋଇଥାଏ। ଦୀର୍ଘ ୩୩ ବର୍ଷ ପରେ ଦେଶରେ ନୂତନ ଶିକ୍ଷାନୀତି ଆସିବାକୁ ଯାଉଛି। ନବାଚାରଯୁକ୍ତ, ମୂଲ୍ୟବୋଧଭିତ୍ତିକ, ସଂସ୍କାରଯୁକ୍ତ, ଗବେଷଣାମୂଳକ ଅନୁସନ୍ଧାନକୁ ପ୍ରୋତ୍ସାହନ ଦେବାର ଲକ୍ଷ୍ୟ ନେଇ ନୂତନ ଶିକ୍ଷାନୀତି ପ୍ରସ୍ତୁତ ହୋଇଛି। ତାହା ଦେଶର ସାମାଜିକ ଓ ଆର୍ଥିକ ଜୀବନରେ ଏକ ନୂତନ ସୂତ୍ରପାତ ଘଟାଇବା ଆଶା କରାଯାଉଛି। ନୂତନ ଶିକ୍ଷାନୀତି ଦେଶକୁ ବୈଶ୍ୱିକ ଚିନ୍ତାଧାରା କ୍ଷେତ୍ରରେ ଏକ ମହାଶକ୍ତି ଭାବେ ସ୍ଥାପିତ କରିବା ପାଇଁ ସମର୍ପିତ।

ଆମେ ପିଲାମାନଙ୍କୁ ଏ କଥା ବୁଝାଇବା ଉଚିତ ଯେ ବିବିଧତାରେ ପରିପୂର୍ଣ୍ଣ ଭାରତ ଏକ ରାଷ୍ଟ୍ର ନୁହେଁ ବରଂ ଏହା ଏକ ଉପମହାଦ୍ୱୀପ, ଯାହାର ବିଭିନ୍ନ ଭାବରେ ପୃଥକ୍ ପୃଥକ୍ ରୀତିନୀତି ଓ ଭିନ୍ନ ଭିନ୍ନ ପରମ୍ପରା ରହିଆସିଛି। ଏହି ବିବିଧତାର ଯେତିକି ଦର୍ଶନ ଭାରତରେ ହୁଏ, ସମ୍ଭବତଃ ସମଗ୍ର ବିଶ୍ୱରେ କୌଣସିଠାରେ ତାହା ପରିଲକ୍ଷିତ ହୁଏନାହିଁ। ଭାରତୀୟ ସଂସ୍କୃତି ମାନବ ସଭ୍ୟତାକୁ ସର୍ବଦା ଆଧ୍ୟାତ୍ମିକ ନିଧି ପ୍ରଦାନରେ ଯୋଗଦାନ ଦେଇଆସିଛି। ଏହି ସଂସ୍କୃତି ଆଧ୍ୟାତ୍ମିକତାର ଏକ ନିରନ୍ତର ପ୍ରବାହ ଧାରା। ଏଠାରେ ପ୍ରତି ୧୦୦କିଲୋମିଟର ପରେ ଆମର କଥା ବଦଳିଯାଏ, ପ୍ରାୟ ପ୍ରତି ୨୦୦ କିଲୋମିଟର ଅନ୍ତରରେ ଆମର ଖାଦ୍ୟପେୟ, ରୁଚି, ପରିଧାନ ବଦଳିଯାଏ ଏବଂ ପ୍ରତି ୧୦୦୦ କିଲୋମିଟର ଦୂର ଗଲେ ସମ୍ପୂର୍ଣ୍ଣ ଜୀବନଶୈଳୀର ରଙ୍ଗ ପରିବର୍ତ୍ତିତ ହୋଇଯାଏ। ଏସବୁ ସତ୍ତ୍ୱେ ଶହ ଶହ ବର୍ଷ ଧରି ଆମେ ଏକତା ସୂତ୍ରରେ ଗୁନ୍ଥା ହୋଇ ରହିଆସିଛୁ। ଆମ ସଂସ୍କୃତି ଆମକୁ ଏକତା, ସମରସତା, ସହଯୋଗ, ଭ୍ରାତୃତ୍ୱ, ସତ୍ୟ, ଅହିଂସା, ତ୍ୟାଗ, ବିନମ୍ରତା, ସମାନତା ଆଦି ମୂଲ୍ୟବୋଧଭିତ୍ତିକ ଜୀବନ ବଞ୍ଚିବା ସକାଶେ ପ୍ରେରିତ କରିଥାଏ। ବସୁଧୈବ କୁଟୁମ୍ବକମ୍ ଭଳି ଭାବନା ସହ ଆମକୁ ସର୍ବଦା ଆଗକୁ ବଢ଼ିବା ସକାଶେ ପ୍ରୋତ୍ସାହିତ କରିଥାଏ। ନିଜର ଚିନ୍ତନ ଦ୍ୱାରା ହିଁ ଆମେ ଦିନେ ବିଶ୍ୱଗୁରୁ ବନି ପାରିଥିଲୁ ଏବଂ ଆମର ଉଦାର ଚିନ୍ତାଧାରା ମାଧ୍ୟମରେ ହିଁ ଆମେ ସମସ୍ତଙ୍କ ଉପରେ ବିଜୟ ହାସଲ କରିପାରିବା। ଦ୍ରୁତ ବେଗରେ ବଦଳୁଥିବା ଆଜିର ଡିଜିଟାଲ ଯୁଗରେ ଆମେ ଶିକ୍ଷା ମାଧ୍ୟମରେ ନିଜର ମୂଲ୍ୟବୋଧକୁ ସୁରକ୍ଷିତ ରଖିପାରିବା। ଅବଶ୍ୟ ତାହା ଆମ ପାଇଁ ଏକ ଆହ୍ୱାନ। ନୂତନ ଶିକ୍ଷାନୀତି ଦ୍ୱାରା ଆମେ ବିଦ୍ୟାର୍ଥୀମାନଙ୍କୁ ମୂଳ ଆଧାର ସହ ଯୋଡ଼ିବା ଲାଗି ପ୍ରୟାସ କରିଛୁ।

ମୋର ବିଶ୍ୱାସ ଯେ, ନିଜର କର୍ତ୍ତବ୍ୟ ପ୍ରତି ସଚେତନ ରହିବା ଲାଗି ପିଲାଦିନେ ବିଦ୍ୟାଳୟରେ ହିଁ ଶିକ୍ଷା ଦିଆଯାଇଥାଏ। ମୋର ମନେଅଛି, ହିମାଚଳ ପ୍ରଦେଶ ସ୍ଥିତ ମୋ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ସମୟରେ ଆମକୁ ଉତ୍ତମ ନାଗରିକ ହେବାକୁ ଶିକ୍ଷା ଦିଆଯାଉଥିଲା। ପ୍ରାର୍ଥନା ବୋଲିଲା ବେଳେ ଆମକୁ କୁହାଯାଉଥିଲା ଜାତୀୟ ପତାକାକୁ ସମ୍ମାନ ପ୍ରଦର୍ଶନ କର। ଜାତୀୟ ସଙ୍ଗୀତ ଗାନର ଗରିମାକୁ ହୃଦୟରେ ଧାରଣ କର। ନିଜର ଆଖପାଖର ସବୁ ସଂସ୍ଥାନକୁ ସ୍ୱଚ୍ଛ ବନାଅ। କେମିତି ସମସ୍ତଙ୍କ ସହ ମିଳିମିଶି ସହାବସ୍ଥାନ କରିବ ତାହା ଶିଖ। ଆମ ଶିକ୍ଷକମାନେ ସବୁ ଛାତ୍ରଙ୍କ ଭିତରେ କିଭଳି ଜିଜ୍ଞାସାର ଭାବ ଓ ବୈଜ୍ଞାନିକ ଚିନ୍ତାଧାରାର ବିକାଶ ଘଟିବ ତାହା ଶିଖାଉଥିଲେ। ଏ କଥା ସତ ଯେ, ସେତେବେଳେ ସମ୍ବିଧାନରେ ବର୍ଣ୍ଣିତ କର୍ତ୍ତବ୍ୟ ନ ଥିଲା। କିନ୍ତୁ ଏକଥା ନିଶ୍ଚିତ ଭାବେ ବୁଝାଯାଇଥିଲା ଯେ ଜଣେ ଉତ୍ତମ ବ୍ୟକ୍ତି କିମ୍ବା ନାଗରିକ ହେବା ଏକାନ୍ତ ଆବଶ୍ୟକ। ମୋର ବିଶ୍ୱାସ ଯେ ଆଜିକାଲି ସମାଜରେ ଯେତେସବୁ ବିକୃତି ପରିଲକ୍ଷିତ ହେଉଛି, ମୂଲ୍ୟବୋଧଭିତ୍ତିକ ଶିକ୍ଷାର ଅଭାବ ଯୋଗୁ ହିଁ ତାହା ଘଟୁଛି। ଆଗାମୀ ଦିନରେ ଏହା ଏକ ମସ୍ତବଡ଼ ଆହ୍ୱାନ ହୋଇ ଦେଖାଦେବ ଯେତେବେଳେ ଆମେ ଦ୍ରୁତ ପରିବର୍ତ୍ତନଶୀଳ ବୈଶ୍ୱିକ ପରିବେଶରେ ସାଧାରଣ ନାଗରିକଟିଏ ନୁହେଁ, ଡିଜିଟାଲ ନାଗରିକ ଭାବେ ପରିଚିତ ହେବା।

ଆମ ଜନସଂଖ୍ୟାର ସିଂହଭାଗ ହେଉଛନ୍ତି ଯୁବଗୋଷ୍ଠୀ। ତେଣୁ ଭାରତକୁ ଏକ ଯୁବରାଷ୍ଟ୍ର ବୋଲି ବିବେଚନା କରାଯାଉଛି। ଏହା ଆମକୁ ବୈଶ୍ୱିକ ପ୍ରତିସ୍ପର୍ଦ୍ଧାର ଯୁଗରେ ଆଗକୁ ଅଗ୍ରସର ହେବାରେ ଶକ୍ତି ଯୋଗାଉଛି। ଅପରପକ୍ଷେ ଏହି ସାମର୍ଥ୍ୟ ଆମ ସମ୍ମୁଖରେ ଅନ୍ୟ ଏକ ଆହ୍ୱାନ ମଧ୍ୟ ସୃଷ୍ଟି କରୁଛି ଯେ, ଆମେ ଆମର ଯୁବଶକ୍ତିକୁ କିଭଳି ଭାବେ ସକାରାତ୍ମକ ଏବଂ ସୃଜନାତ୍ମକ ମାର୍ଗରେ ପ୍ରେରିତ କରିପାରିବା। ଆଜି ଆମେ ଆମର ବିଦ୍ୟାର୍ଥୀମାନଙ୍କୁ କେବଳ ସାମ୍ବିଧାନିକ କର୍ତ୍ତବ୍ୟ ସମ୍ପର୍କରେ ସତର୍କ କରୁନାହେଁ, ବରଂ ଆମେ ଏଭଳି ଏକ ବାତାବରଣ ନିର୍ମାଣ କରୁଛେ, ଯେଉଁଠାରେ ପ୍ରତ୍ୟେକ ନାଗରିକ ତାଙ୍କର କର୍ତ୍ତବ୍ୟ ପାଳନ କରିବ। ୨୦୫୫ ମସିହା ସୁଦ୍ଧା ଭାରତରେ କର୍ମତତ୍ପର ଲୋକଙ୍କ ସଂଖ୍ୟା ସର୍ବାଧିକ ରହିଥିବ। ଏଭଳି ସ୍ଥିତିରେ ଏହା ଜରୁରୀ ଯେ ଆମେ ଆମର ଯୁବପିଢ଼ିଙ୍କୁ ଗୁଣବତ୍ତାଯୁକ୍ତ, ନବାଚାର ଯୁକ୍ତ, କୌଶଳଯୁକ୍ତ ଶିକ୍ଷା ପ୍ରଦାନ ସହିତ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଦେଇ କର୍ତ୍ତବ୍ୟର ମହତ୍ତ୍ୱ ସମ୍ପର୍କରେ ବୁଝାଇବା। ଏହାଦ୍ୱାରା ବୈଶ୍ୱିକ ପ୍ରତିସ୍ପର୍ଦ୍ଧା ପାଇଁ କୁଶଳୀ ମାନବ ସମ୍ବଳ ପ୍ରସ୍ତୁତ କରାଯାଇପାରିବ। ଆମର ଯୁବବର୍ଗଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ମୂଲ୍ୟବୋଧ ଉପରେ ଆଧାରିତ ଶିକ୍ଷା ମାଧ୍ୟମରେ ଉତ୍କର୍ଷ ହାସଲ କରିବାର ସୁଯୋଗ ପ୍ରଦାନ କରାଯିବା ବାଞ୍ଛନୀୟ। ଏଭଳି ଉତ୍କର୍ଷ ଦେଶର ସାମାଜିକ ଓ ଆର୍ଥିକ ଜୀବନରେ ପ୍ରଗତିର ନୂଆ ଯୁଗର ସୂତ୍ରପାତ କରିବ। ଅବଶ୍ୟ ଯେକୌଣସି ରାଷ୍ଟ୍ରର ଯୁବଶକ୍ତିଙ୍କୁ ସକରାତ୍ମକ, ସୃଜନାତ୍ମକ ମାର୍ଗରେ ପ୍ରେରିତ କରିବା ଏକ କଷ୍ଟସାଧ୍ୟ ବ୍ୟାପାର। ଏଭଳି ସ୍ଥିତିରେ ଯେଉଁଠି ଆମର ବିଦ୍ୟାର୍ଥୀମାନଙ୍କ ସ୍ଥାନ ମହତ୍ତ୍ୱପୂର୍ଣ୍ଣ, ସେଠାରେ ଅଧ୍ୟାପକମାନଙ୍କୁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାର ଅଛି। ନୂତନ ଶିକ୍ଷାନୀତିରେ ମୂଲ୍ୟବୋଧଭିତ୍ତିକ ଶିକ୍ଷା ମାଧ୍ୟମରେ ପ୍ରଶିକ୍ଷଣ ସଂସ୍ଥାନମାନଙ୍କରେ କର୍ତ୍ତବ୍ୟବୋଧର ଗୁରୁତ୍ୱ ପାଇଁ ଏକ ବିଶିଷ୍ଟ ବାତାବରଣ ବିକଶିତ କରାଯିବାର ପ୍ରୟାସ କରାଯାଉଛି। ଆମେ ଆମର ବିଦ୍ୟାର୍ଥୀମାନଙ୍କ ମନରେ ମାନବୀୟ ମୂଲ୍ୟବୋଧର ବିକାଶ ଘଟାଇବାକୁ ଅବଶ୍ୟ ସକ୍ଷମ ହେବୁ।

ଭାରତୀୟ ସମାଜର ମୂଳଦୁଆକୁ ସୁଦୃଢ଼ କରିବା ସକାଶେ ଆମେ ସମସ୍ତେ ପରସ୍ପର ମଧ୍ୟରେ ଶାନ୍ତିପୂର୍ବକ ସହଯୋଗର ଭାବନା ସୃଷ୍ଟି କରିବା ନିହାତି ଆବଶ୍ୟକ। ପରସ୍ପର ସହଯୋଗର ଭାବନା ସମାଜରେ ଶାନ୍ତି ସ୍ଥାପନ କରିବାରେ ସହାୟକ ହୋଇଥାଏ ଏବଂ ତାହାହିଁ ଶାନ୍ତି ଓ ପ୍ରଗତିର ମାର୍ଗକୁ ପ୍ରଶସ୍ତ କରିଥାଏ। ଆମେ ଯେଉଁ ଜାତି, ଧର୍ମ, କ୍ଷେତ୍ର, ଭାଷା, ରୀତିନୀତିର ହୋଇଥାଉ ପଛେ, ଆମକୁ ପରିସ୍ଥିତିରୁ ଉତ୍ପନ୍ନ କଠିନ ସମସ୍ୟା ସମାଧାନ କରିବା ସକାଶେ ପରସ୍ପରର ସହାୟତା କରିବା ଜରୁରୀ। ପାରସ୍ପରିକ ବୁଝାମଣା ଏବଂ ସହଯୋଗ ଦ୍ୱାରା ହିଁ ଦେଶର ପ୍ରଗତିକୁ ସୁନିଶ୍ଚିତ କରିହେବ। ଅନେକ ରାଷ୍ଟ୍ର ସେମାନଙ୍କର ଶୈକ୍ଷିକ କାର୍ଯ୍ୟକ୍ରମରେ ନାଗରିକତାକୁ ପାଠ୍ୟକ୍ରମର ଅଂଶବିଶେଷ କରିସାରିଛନ୍ତି। ପିଲାମାନଙ୍କୁ ସେମାନଙ୍କର ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ସଚେତନ କରାଇ ଆମେ କେବଳ ସେମାନଙ୍କୁ ସାହାଯ୍ୟ କରୁନାହୁଁ, ବରଂ ରାଷ୍ଟ୍ର ନିର୍ମାଣର ଭିତ୍ତିଭୂମିକୁ ମଜଭୁତ କରୁଛୁ।

(ଲେଖକ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ)

# ଶ୍ରୀମନ୍ଦିରରେ ଦେବଦୀପାବଳି

ପଣ୍ଡିତ ରାମକୃଷ୍ଣ ମିଶ୍ର

ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀରୁ ଶୁକ୍ଳ ପ୍ରତିପଦ ଯାଏ ତିନିଦିନ ଦେବତାମାନଙ୍କର ଦୀପାବଳି ବା ଦୀପଦାନ ଉତ୍ସବ ପାଳିତ ହୁଏ। ଏହି ସମୟରେ ଓଡ଼ିଶାର ମନ୍ଦିରଗୁଡ଼ିକୁ ଆଲୋକମାଳାରେ ସଜାଯାଏ। ପୁରୀ ଶ୍ରୀମନ୍ଦିର ଓ ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିରରେ ଏହା ବିଶେଷ ଭାବରେ ପାଳିତ ହୋଇଥାଏ। କିନ୍ତୁ ଶ୍ରୀମନ୍ଦିରରେ ଏହି ଦୀପାବଳି ଉତ୍ସବ ଶ୍ରୀଜଗନ୍ନାଥଙ୍କ ପିତୃଶ୍ରାଦ୍ଧ ପରମ୍ପରା ଭାବେ ଏକ ସ୍ୱତନ୍ତ୍ର ନୀତିରେ ପାଳିତ ହୁଏ। ଶ୍ରୀଜୀଉମାନେ ତିନିଦିନ ଲୁଗା ଓ ଚାଦର ପରିଧାନ କରି ଶ୍ରାଦ୍ଧବେଶରେ ସଜ୍ଜିତ ହୋଇ ପିତୃଗଣଙ୍କୁ ଶ୍ରାଦ୍ଧ ପ୍ରଦାନ ପୂର୍ବକ ଦୀପଦାନ କରିଥାନ୍ତି।

ତିନି ଠାକୁରଙ୍କ ଶ୍ରାଦ୍ଧ ସମୟର ବସ୍ତ୍ରକୁ କାଶୀଧଡ଼ିଆ ବସ୍ତ୍ର କୁହାଯାଏ। ଶ୍ରୀଜଗନ୍ନାଥଙ୍କର ଶ୍ୱେତ ପାଟବସ୍ତ୍ରର ଲମ୍ବ ୧୬-୧୮ ହାତ, ଚଉଡ଼ା ୫ ହାତ ଓ ଲାଲ ରଙ୍ଗ ଧଡ଼ିର ଓସାର ୧ଫୁଟ। ସେହିଭଳି ବଳଭଦ୍ରଙ୍କର ଶ୍ୱେତ ପାଟବସ୍ତ୍ରର ଲମ୍ବ ୧୪ ହାତ, ଚଉଡ଼ା ୪ ହାତ ଓ କଳାବର୍ଣ୍ଣ ଧଡ଼ିର ଓସାର ୧ ଫୁଟ। ଦେବୀ ସୁଭଦ୍ରାଙ୍କର ପାଟବସ୍ତ୍ରର ଲମ୍ବ ୧୨ ହାତ, ଚଉଡ଼ା ୩ ଫୁଟ ୬ ଇଞ୍ଚ ଓ ହଳଦିଆ ରଙ୍ଗ ଧଡ଼ିର ଓସାର ୧ ଫୁଟ। ଏସବୁ ବସ୍ତ୍ର ସହିତ ଶ୍ରୀଜୀଉମାନଙ୍କୁ ଚାଦରରେ ମଣ୍ଡନ କରାଯାଇ ଶିରରେ ଶ୍ରୀକପଡ଼ା ନାମକ ସ୍ୱତନ୍ତ୍ର ବସ୍ତ୍ରରେ ଶୋଭିତ କରାଯାଏ। ପୁଷ୍ପାଳକ ସେବକମାନେ ଶ୍ରୀଜୀଉମାନଙ୍କୁ ଚିତ୍ତାକର୍ଷକ ଶ୍ରାଦ୍ଧବେଶରେ ସଜ୍ଜିତ କରିଥାନ୍ତି। ଏହି ବେଶରେ ଠାକୁରମାନେ ନଳିଭୁଜ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ତଡ଼ଗି, ହରିଡ଼ାମାଳି ଓ ଅଣ୍ଟାକମରପଟି ପ୍ରଭୃତି ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥାନ୍ତି।

ଶ୍ରୀମନ୍ଦିରରେ ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀରେ ପ୍ରଭୁ ବାମନ ରୂପରେ ଦେବ ପିତାମାତା ସତ୍ୟଯୁଗର କଶ୍ୟପ ଋଷି ଓ ଅଦିତିଙ୍କ ପ୍ରତି ପିଣ୍ଡ ଓ ଦୀପୋତ୍ସର୍ଗ କରନ୍ତି। ଅମାବାସ୍ୟା ତିଥିରେ ପ୍ରଭୁ ଶ୍ରୀରାମଚନ୍ଦ୍ର ରୂପରେ ତ୍ରେତୟା ଯୁଗର ପିତା ଦଶରଥ ଓ କୌଶଲ୍ୟା ମାତାଙ୍କୁ ପିଣ୍ଡ ଓ ଦୀପଦାନ କରନ୍ତି। ମାର୍ଗଶିର ଶୁକ୍ଳ ପ୍ରତିପଦ ତିଥିରେ ପ୍ରଭୁ ଶ୍ରୀକୃଷ୍ଣ ରୂପରେ ଦ୍ୱାପର ଯୁଗର ପିତା ବସୁଦେବ ଓ ମାତା ଦେବକୀଙ୍କୁ ଏବଂ ନନ୍ଦ ଓ ଯଶୋଦାଙ୍କୁ ପିଣ୍ଡ ଓ ଦୀପଦାନ କରନ୍ତି।

ସୂର୍ଯ୍ୟବଂଶର ବିଷ୍ଣୁଭକ୍ତ ଗଜପତି ମହାରାଜା ଇନ୍ଦ୍ରଦ୍ୟୁମ୍ନ ବିଷ୍ଣୁଙ୍କ ଦର୍ଶନ ପାଇଁ କାମନା କରିଥିଲେ। ସେ ପାଞ୍ଚଶହ ବର୍ଷ ମଧ୍ୟରେ ପ୍ରଭୁଙ୍କ ଆଜ୍ଞାରେ ଏକହଜାର ଅଶ୍ୱମେଧ ଯଜ୍ଞ କରି ଶ୍ରୀନୀଳମାଧବଙ୍କୁ ଦାରୁରୂପେ ପ୍ରାପ୍ତ ହୋଇଥିଲେ। ପ୍ରଭୁଙ୍କ ଆଜ୍ଞାରେ ବାଙ୍କୀ ମୁହାଣଠାରେ ଭାସୁଥିବା ଦାରୁ ଆଣି ମୂର୍ତ୍ତି ଗଠନ କଲେ। ଗୁଣ୍ଡିଚା ମନ୍ଦିରରେ ବ୍ରହ୍ମାଙ୍କ ଆଜ୍ଞାରେ ଯଜ୍ଞ କରାଇଥିଲେ। ଏକହଜାର ହାତ ଉଚ୍ଚରେ ବଡଦେଉଳ କରାଇଥିଲେ ବୋଲି କିମ୍ବଦନ୍ତୀ ରହିଛି, ଯାହା କି ବର୍ତ୍ତମାନ ଲୁପ୍ତ। ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରା ତିନିମୂର୍ତ୍ତି ସ୍ଥାପନ କରି ବ୍ରହ୍ମାଙ୍କ ଦ୍ୱାରା ପ୍ରତିଷ୍ଠା କରାଇଥିଲେ। ପ୍ରଭୁ ଶ୍ରୀନୀଳମାଧବ ଆୟୁଧ ଶ୍ରୀସୁଦର୍ଶନଙ୍କ ସହିତ ଚତୁର୍ଦ୍ଧାମୂର୍ତ୍ତି ରୂପେ ପୂଜା ପାଇଲେ। ବରଦାନରେ ସେ ନିଜେ ବଂଶହୀନ ହେବା ପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରିଥିଲେ। ଯାହାଦ୍ୱାରା ପ୍ରଭୁଙ୍କ କୀର୍ତ୍ତି ପାଇଁ ତାଙ୍କ ପରେ କେହି ଅହଙ୍କାର କରିବେ ନାହିଁ। ତେଣୁ ଏହି ଦୀପାବଳିରେ ମାର୍ଗଶିର ଶୁକ୍ଳ ପ୍ରତିପଦ ତିଥିରେ ପ୍ରଭୁ ଶୁଭ୍ରବସ୍ତ୍ର ଓ ଚାଦର ପରିଧାନ କରି ପିତାମାତା ଭାବେ ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚାଙ୍କୁ ପିଣ୍ଡ ଓ ଦୀପଦାନ କରନ୍ତି।

ଏପରି ଭକ୍ତ ଓ ଭଗବାନଙ୍କ ସମ୍ପର୍କ ବିରଳ। ଏହି ଦିନମାନଙ୍କରେ ପ୍ରଭୁଙ୍କର ଶ୍ରାଦ୍ଧବେଶ ଓ ଶ୍ରୀମନ୍ଦିରର ଆଲୋକସଜ୍ଜା ଅତ୍ୟନ୍ତ ମନୋମୋହକର ହୋଇଥାଏ। ବିଧି ଅନୁସାରେ ଚୂନରା ସେବକ ମହାଦୀପ ଧରି ଶ୍ରୀମନ୍ଦିରକୁ ଦୀପରେ ସଜ୍ଜିତ କରିଥାନ୍ତି। ଶ୍ରୀମନ୍ଦିରର ଗୁମୁଟି, ରାଜନଅର ଓ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆଲୋକମାଳାରେ ସଜାଯାଏ। ପିତୃଶ୍ରାଦ୍ଧ ଓ ଦୀପଦାନ ପରେ ଚୂନରା ସେବକ ଶ୍ରୀମନ୍ଦିରର ତିନିଦେଉଳ ଉପରେ ମହାଦୀପ ଜାଳି ଗଜପତିଙ୍କୁ ମହାପ୍ରଭୁଙ୍କ ଆଶୀର୍ବାଦ ଦିଅନ୍ତି।

ଚତୁର୍ଦ୍ଦଶୀ ଦିନ ସନ୍ଧ୍ୟାଧୂପ ଓ ଧୋପଖାଳ ପରେ ରତ୍ନସିଂହାସନ ତଳେ ଭଣ୍ଡାରମେକାପ ଚାଉଳରେ ଗୋଟିଏ ଗଛ ନିର୍ମାଣ କରନ୍ତି। ପାଳିଆ ମେକାପ ବଇଠାମାନଙ୍କରେ ଘୃତ ପୂର୍ଣ୍ଣକରି ଚାଉଳଗଛରେ ବତି ବସାନ୍ତି। ସମୁଦାୟ ୨୮ଟି ବତି ବସାଯାଏ। ତନ୍ମଧ୍ୟରୁ ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ନିମନ୍ତେ ୯ଟି କରି ୧୮ ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିମନ୍ତେ ୧୦ଟି ଦୀପ ବସାଯାଇଥାଏ। ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକମାନେ ସିଂହାସନ ଉପରକୁ ଉଠି ତିନିବାଡ଼ରେ ବନ୍ଦାପନା କରନ୍ତି। ତା'ପରେ ତିନିଗୋଟି ମହାଦୀପରେ ବନ୍ଦାପନା କରାଯାଏ। ଅମାବାସ୍ୟା ଦିନ ଠିକ୍ ପୂର୍ବୋକ୍ତ ରୀତିରେ ନୀତି ପାଳିତ ହୋଇଥାଏ। କିନ୍ତୁ ପ୍ରତିପଦା ଦିନ ପାଣି ପଡ଼ି ଚାଉଳଗଛ ହେବା ପରେ ମଦନମୋହନ ଭିତର ସିଂହାସନକୁ ବିଜେ କରନ୍ତି। ଏଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ପିତୃଶ୍ରାଦ୍ଧ ପରମ୍ପରା ଏକ ଗୁପ୍ତସେବା ହୋଇଥିବାରୁ ସାଧାରଣ ଭକ୍ତଙ୍କ ଦର୍ଶନ ହୁଏନାହିଁ।

ଭିଏସ୍‌ଏସ୍ ନଗର, ମୋ-୮୮୯୫୦୪୪୪୫୫

## ଏଇ ଭାରତରେ

ଭାରତରେ ବିବିଧତା ମଧ୍ୟରେ ସହାବସ୍ଥାନ ଓ ସାମ୍ପ୍ରଦାୟିକ ସଦ୍‌ଭାବନା ସମ୍ଭବ, ଯାହାର ଏକ ଉଦାହରଣ ଦେଖିବାକୁ ମିଳିଛି ଉତ୍ତରପ୍ରଦେଶର ମୁଜାଫରନଗର ଜିଲାରେ। ଜଣେ ଶିଖ୍ ବ୍ୟକ୍ତି ମସ୍‌ଜିଦ ନିର୍ମାଣ ଲାଗି ଜମି ଦାନ କରିଛନ୍ତି। ଦାତାଙ୍କ ନାମ ସୁଖପାଲ ସିଂହ ବେଦି। ସେ ଜଣେ ସାମାଜିକ କର୍ମୀ। ଗୁରୁ ନାନକଦେବଙ୍କ ୫୫୦ତମ ପ୍ରକାଶ ପର୍ବର ପବିତ୍ର ମାସରେ ସୁଖପାଲ ଏହି ଦାନ ଦେଇଛନ୍ତି। ମୁଜାଫରନଗର ପୁରକାଜି ସହରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସେ ଏହା ଘୋଷଣା କରିଛନ୍ତି। ପୁରକାଜି ନଗରନିଗମର ଅଧ୍ୟକ୍ଷ ଫାରୁଖଙ୍କୁ ସୁଖପାଲ ୯୦୦ ବର୍ଗଫୁଟ୍ ଜାଗାର କାଗଜପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ପୁରକାଜି ସହରରେ ସଂଖ୍ୟାଧିକ ମୁସଲମାନ ବାସ କରନ୍ତି। ସବୁ ଧର୍ମର ଲୋକଙ୍କୁ ଆଦର ଓ ସମ୍ମାନ କରିବା ସହ ଗୁରୁ ନାନକଙ୍କ ନୀତିଶିକ୍ଷା ଓ ଆଦର୍ଶରେ ଅନୁପ୍ରାଣିତ ହେବା ଲାଗି ସେ ଆହ୍ୱାନ ଦେଇଛନ୍ତି। ସହରର ଦୁଇ ସମ୍ପ୍ରଦାୟର ଲୋକମାନେ ସୁଖପାଲଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ଏହାଦ୍ୱାରା ଭାଇଚାରା ଓ ଶାନ୍ତି ଆହୁରି ସୁଦୃଢ଼ ହୋଇପାରିବ ବୋଲି ସେମାନେ କହିଛନ୍ତି। ମୁସଲମାନ ସମ୍ପ୍ରଦାୟର ଲୋକମାନେ ସୁଖପାଲଙ୍କ ଏହି ନିଷ୍ପତ୍ତି ଉପରେ ଖୁସି ପ୍ରକାଶ କରିବା ସହିତ ଧନ୍ୟବାଦ ବି ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ନଭେମ୍ବର ୧୯୯୪

- କଶ୍ମୀର ସମସ୍ୟାର ସମାଧାନ ପାଇଁ ପାକିସ୍ତାନ ସହିତ ଦ୍ୱିପାକ୍ଷିକ କଥାବାର୍ତ୍ତା ଆରମ୍ଭ ନିମନ୍ତେ ଭାରତର ପ୍ରସ୍ତାବକୁ ଦକ୍ଷିଣ ଆଫ୍ରିକାର ସମର୍ଥନ।
- ବୋସନିଆର ବିହାକ ସହରରେ ସର୍ବୀୟବାହିନୀ ଓ ମୁସଲିମ୍‌ଙ୍କ ମଧ୍ୟରେ ଯୁଦ୍ଧବିରତି କାର୍ଯ୍ୟକାରୀ କରାଯାଇଛି।
- ଦେଶ ଦେଶ ମଧ୍ୟରେ ରହିଥିବା ବିବାଦର ସମାଧାନ ପାଇଁ ମଧ୍ୟସ୍ଥତା କରିବାକୁ ରାଜ୍ୟଗୋଷ୍ଠୀର ସର୍ତ୍ତମୂଳକ ପ୍ରସ୍ତାବ।

## ପାଠକ ଶ୍ରେଷ୍ଠ ବିଚାରକ

### ଠକ ମାଷ୍ଟର

ମହାଶୟ,

ଧରିତ୍ରୀ (୫।୧୧)ର ସମ୍ପାଦକୀୟ 'ଠକ ମାଷ୍ଟର' ବେଶ୍ ଚମତ୍କାର। ସଦ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଷାଣ୍ମାସିକ ପରୀକ୍ଷାରେ ଏକକ ପରୀକ୍ଷା ବ୍ୟବସ୍ଥାରେ ବିଭ୍ରାଟ ଦେଖାଦେଇଛି। ସ୍କୁଲରେ ପ୍ରଶ୍ନପତ୍ର ନ ପହଞ୍ଚିବାରୁ ପ୍ରଥମେ ପରୀକ୍ଷା ତାରିଖ ଘୁଞ୍ଚାଇ ଦିଆଗଲା ଓ ପରେ ହ୍ୱାଟ୍ସଆପରୁ ପ୍ରଶ୍ନ ସଂଗ୍ରହ କରି ବ୍ଲାକ୍‌ବୋର୍ଡରେ ଲେଖାଗଲା। ଆଉ ଏକ ଚିନ୍ତାଜନକ ପ୍ରସଙ୍ଗ ଶିକ୍ଷକ ନିଯୁକ୍ତିରେ ଜାଲିଆତି, ନକଲି ସାର୍ଟିଫିକେଟ ଜରିଆରେ ଶିକ୍ଷକ ନିଯୁକ୍ତି। ସବୁଠାରୁ କୌତୂହଳ ପ୍ରସଙ୍ଗ ହେଲା ଅଷ୍ଟମ ଫେଲ୍ ଜଣେ ବ୍ୟକ୍ତି ସହକାରୀ ଶିକ୍ଷକ ହେବା। ଏହି ଜାଲ୍ ସାର୍ଟିଫିକେଟ ପ୍ରସ୍ତୁତ କରି ବିକୁଥିବା ବ୍ୟକ୍ତିଙ୍କୁ ପ୍ରଥମେ ଧରାଯାଉ। ନିଜର ଜ୍ଞାନ ନ ଥିଲେ, ଶିକ୍ଷାଦାନ ଏକ ଦୁରୂହ ବ୍ୟାପାର। ଶିକ୍ଷକତା କରୁଥିବା ଏପରି ଜାଲ୍ ବ୍ୟକ୍ତିଙ୍କ ଦୁଃସାହସକୁ ମାନିବାକୁ ପଡିବ। ଏପରି ଶଠ ବ୍ୟକ୍ତିଙ୍କୁ ବହିଷ୍କାର ସହ ଜେଲ୍‌ଦଣ୍ଡ ବ୍ୟବସ୍ଥା ହେବା ଜରୁରୀ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ପାକିସ୍ତାନ କେବେ ସୁଧୁରିବ

ବାରମ୍ବାର ତାଗିଦ୍ ସତ୍ତ୍ୱେ ପାକିସ୍ତାନର ସୁଧାର ଆସୁନାହିଁ। ତେଣୁ ଫାଇନାନ୍‌ସିଆଲ ଆକ୍‌ଶନ ଟାସ୍କଫୋର୍ସ ଚେତାବନୀ ଦେଇଚାଲିଛି। ଆତଙ୍କବାଦୀ କାର୍ଯ୍ୟକଳାପରୁ ଦୂରେଇ ରହିବାକୁ ତାଗିଦ କରିବା ସହିତ ଆଉ ଚାରିମାସ ତାକୁ ଗ୍ରେ ଲିଷ୍ଟରେ ରଖାଯାଇଛି। ସେଥିପାଇଁ ତାକୁ ୨୭ଟି ସର୍ତ୍ତ ପୂରଣ କରିବାକୁ ପଡ଼ିବ। ମାତ୍ର ୬ଟି ସର୍ତ୍ତ ପୂରଣ କରିବାକୁ ସମର୍ଥ ହୋଇ ପାକିସ୍ତାନ ଔଷଧ ବିକଳରେ ତାଟିଆ କାମୁଡୁଛି। ଆତଙ୍କବାଦୀଙ୍କୁ ଏତେଦିନ ପାଳିପୋଷି ରଖିଥିବା ସ୍ଥଳେ ହଠାତ୍ ସେମାନଙ୍କ କାର୍ଯ୍ୟକଳାପ ଉପରେ ରୋକ ଲଗାଇଲେ ସେମାନେ ଉତ୍କ୍ଷିପ୍ତ ହେବେ। ଚାଇନାର ସହାୟତା ତାକୁ ଗ୍ରେ ଲିଷ୍ଟରୁ ଉଦ୍ଧାର କରିବା ସହଜ ମନେହୁଏନା। ବରଂ ଭାରତ ବିରୋଧରେ ଅଣୁଅସ୍ତ୍ର ପ୍ରୟୋଗ ଧମକ ଦେଇ ସେ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରୁଛି। ଏଭଳି ଆତ୍ମଘାତୀ କାର୍ଯ୍ୟକଳାପକୁ ବିଶ୍ୱ ସମୁଦାୟ ନିନ୍ଦା କରୁଛି। ପ୍ରତିଦିନ କଶ୍ମୀର ସୀମାରେ ଆତଙ୍କବାଦୀଙ୍କର ଗୁଳିଗୋଳା ଫୁଟୁଛି। ଉଭୟ ପକ୍ଷରୁ ଶହ ଶହ ସୈନ୍ୟ ଏବଂ ଆତଙ୍କବାଦୀ ନିହତ ହେଉଛନ୍ତି। ପାକିସ୍ତାନ କେବେ ସୁଧୁରିବ ?

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ପଶ୍ଚିମବଙ୍ଗରେ ୩ ବିଧାନସଭା ଆସନ ଲାଗି ଉପନିର୍ବାଚନ କରାଯାଉଥିବାବେଳେ ସୋମବାର ୭୫% ମତଦାନ କରାଯାଇଛି। ଭୋଟଗ୍ରହଣ ବେଳେ କରିମ୍‌ନଗର ଆସନର ଭାଜପା ପ୍ରାର୍ଥୀ ତଥା ପଶ୍ଚିମବଙ୍ଗ ଭାଜପାର ଉପସଭାପତି ଜୟପ୍ରକାଶ ମଜୁମ୍‌ଦାରଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଛି। ତାଙ୍କୁ ଅତର୍କିତ ଆକ୍ରମଣ ସହ ଗୋଇଠା ମାରି ଏକ ବୁଦା ଭିତରକୁ ଠେଲିଦେବା ପଛରେ ଟିଏମ୍‌ସି କର୍ମୀଙ୍କ ହାତ ଥିବା ଅଭିଯୋଗ କରାଯାଇଛି।

## ସଂକ୍ଷେପରେ

### ଧାନ ଖାଇବାକୁ ଆସି ପ୍ରସବ କଲା ହାତୀ

#### ଶାବକକୁ ଘେରି ରହିଛନ୍ତି ହାତୀପଲ

**ଦେଓଗାଁ, ୨୫।୧୧ (ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ଓ ମକୁନ୍ଦପୁର ପଞ୍ଚାୟତ ଅଞ୍ଚଳରେ କିଛିଦିନ ହେବ ହାତୀପଲ ଉପଦ୍ରବ ଚଳାଇଛନ୍ତି। ଶନିବାର ଉପରଝର ନିକଟରେ ୧୨ଟି ହାତୀଥିବା ପଲ ପଶିଆସି ପାଚିଲା ଧାନକ୍ଷେତରେ ବ୍ୟାପକ ଫସଲ ନଷ୍ଟ କରିଥିଲେ। ତେବେ ଧାନ ଖାଇବାକୁ ଆସିଥିବା ଏକ ହାତୀ ସୋମବାର ସକାଳେ ଜଣେ ଚାଷୀଙ୍କ କ୍ଷେତ ନିକଟରେ ପ୍ରସବ କରିଛି। ଶାବକ ଜନ୍ମ ଦେବାପରେ ସେହି ସ୍ଥାନରେ ଗର୍ଭଫୁଲ ଓ ରକ୍ତ ପଡିଥିବା ସ୍ଥାନୀୟ ଚାଷୀମାନେ ଦେଖିଥିଲେ। ଏହାର କିଛି ଦୂରରେ ହାତୀମାନେ ଛୁଆକୁ ଘେରି ରହିଥିବା ନଜରକୁ ଆସିଥିଲା। ଖବରପାଇ ଅପରାହ୍ନରେ ଆଟଗାଁ ଫରେଷ୍ଟ ସେକ୍ସନର ୫ କର୍ମଚାରୀ ଓ ଫଟାମୁଣ୍ଡା ବିଟ ଗାର୍ଡ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଖବର ଲେଖାହେବା ବେଳକୁ ହାତୀପଲ ଉକ୍ତ ନବଜାତକକୁ ଉପରଝର ଓ ମଠଖାଇ ସୀମାରେ ଥିବା ସଂରକ୍ଷିତ ଜଙ୍ଗଲକୁ ନେଇ ଯାଇଥିବା ଜଣାପଡ଼ିଛି।

### ନକଲି ଜର୍ଦ୍ଦା କାରଖାନା ଠାବ

#### ଜଣେ ଗିରଫ

**ଭଦ୍ରକ ଅଫିସ, ୨୫।୧୧:** ଭଦ୍ରକ ପୁରୁଣାବଜାର ଥାନା ପୋଲିସ ସୋମବାର ମଧ୍ୟାହ୍ନରେ ମିର୍ଜାପୁର ଚିଡ଼ିଆମାରପଦାରେ ଏକ ନକଲି ଜର୍ଦ୍ଦା କାରଖାନା ଠାବ କରିଛି। ସେଠାରୁ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ଜର୍ଦ୍ଦା ସମେତ ପ୍ରସ୍ତୁତି ସାମଗ୍ରୀ ଜବତ କରିଛି ପୋଲିସ। ଜବତ ସାମଗ୍ରୀ ମଧ୍ୟରେ ବିଭିନ୍ନ ନାମୀଦାମୀ କମ୍ପାନୀର ହୋଲୋଗ୍ରାମ୍, ପ୍ୟାକିଂ ମେଶିନ, ଏସେନ୍ସ ଆଦି ରହିଛି। ଏହି ନକଲି କାରଖାନା ଚଳାଉଥିବା ଯୁବକ ଶେଖ୍ ବବୁଲ୍‌ଙ୍କୁ ପୋଲିସ ଗିରଫ କରିବା ସହ ତାଙ୍କର ଏକ ବାଇକ୍ ଜବତ କରିଛି। ଏ ନେଇ ପୁରୁଣାବଜାର ଥାନାରେ ଏକ ମାମଲା(ନଂ.୨୪୧/୧୯) ରୁଜୁ କରାଯାଇ ସନ୍ଧ୍ୟାରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି।



## ଜିଲା ଚିଠି

### ନୟାଗଡ଼

## ଅସଜଡ଼ା ସ୍ୱାସ୍ଥ୍ୟସେବା

ରାଜ୍ୟ ସରକାରଙ୍କ ପକ୍ଷରୁ 'ମୋ ସରକାର' ଯୋଜନା ଜିଲାର ପ୍ରତି ଡାକ୍ତରଖାନାରେ ଲାଗୁ କରାଯାଇଛି। ଏଥିପାଇଁ ସବୁଠି ତତ୍ପରତା ପ୍ରକାଶ ପାଇଛି। ତଥାପି ଜିଲାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ମିଳୁନାହିଁ। କେଉଁଠି ଭିତ୍ତିଭୂମି ଅସଜଡ଼ା ଅବସ୍ଥାରେ ରହିଛି ତ ଆଉ କେଉଁଠି ଆବଶ୍ୟକ ସଂଖ୍ୟକ ଡାକ୍ତରଙ୍କ ଅଭାବରୁ ଫାର୍ମାସିଷ୍ଟମାନେ ରୋଗୀ ଦେଖି ରୋଗ ଚିହ୍ନଟ କରୁଛନ୍ତି ଓ ସେହି ରୋଗର ଉପଶମ ପାଇଁ ଔଷଧ ବି ଲେଖୁଛନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି ନୂତନ ସ୍ୱାସ୍ଥ୍ୟକେନ୍ଦ୍ରରେ ବି ଏପରି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଜିଲା ମୁଖ୍ୟ ଡାକ୍ତରଖାନା ଏଥିରୁ ବି ବାଦ୍ ପଡ଼ିନାହିଁ। ବିଭିନ୍ନ ବିଭାଗରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବାରୁ ରୋଗୀ ସେବା ଏକ ପ୍ରକାର ଅଚଳ ହୋଇପଡ଼ିଛି। ସବୁଠି ଯେମିତି ଅବ୍ୟବସ୍ଥା ଲାଗି ରହିଛି। ସବୁ ଡାକ୍ତରଖାନାରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ଭିଡ଼ ଲାଗି ରହୁଛି। ପରିସ୍ଥିତି ଏପରି ହୋଇଛି ଯେ, ରୋଗୀ ରୋଗ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ କହିବା ପୂର୍ବରୁ ଦାୟିତ୍ୱରେ ଥିବା ଡାକ୍ତର ଔଷଧ ଲେଖି ଦେଉଥିବା ଅଭିଯୋଗ ହେଉଛି। ସେହିଭଳି ଜିଲା ମୁଖ୍ୟ ଡାକ୍ତରଖାନାର କେତେଜଣ ଡାକ୍ତର ନିଜର ସରକାରୀ କ୍ୱାର୍ଟର୍ସରେ ବି ରୋଗୀ ଦେଖି ଫି ନେଇ ନାମୀଦାମୀ କମ୍ପାନୀର ଔଷଧ ଲେଖୁଛନ୍ତି। ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀମାନେ ଯଦି କୌଣସି ଅବ୍ୟବସ୍ଥାକୁ ନେଇ ପ୍ରତିବାଦ କରୁଛନ୍ତି ବା ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଦାବି କରୁଛନ୍ତି ତା'ହେଲେ ଡାକ୍ତରଖାନା କର୍ତ୍ତୃପକ୍ଷ ତୁରନ୍ତ ସେହି ରୋଗୀଙ୍କୁ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ମିଳିଥିବା ସୂଚନା ଅନୁସାରେ, ଜିଲାରେ ୧୯୬ ଜଣ ଡାକ୍ତର ଆବଶ୍ୟକ ଥିବା ବେଳେ ଅଛନ୍ତି ମାତ୍ର ୮୬ ଜଣ। ୧୧୦ ଡାକ୍ତର ପଦବୀ ଖାଲି ପଡ଼ିଛି, ଫଳରେ ଜିଲାରେ କିପରି ଭାବେ ରୋଗୀ ସେବା ଚାଲିଥିବ ତାହା ଅନୁମେୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅକ୍ଟୋବର ୧୬ରେ ନୟାଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ, ରୋଗୀମାନଙ୍କ ସମ୍ପର୍କୀୟଙ୍କ ପାଇଁ ଏକ ଆଶ୍ରୟସ୍ଥଳୀ, ଜିଲା ରୋଗୀ କଲ୍ୟାଣ ସମିତି ପାଣ୍ଠିକୁ ୧୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ, ଜିଲାକୁ ଦୁଇଟି ଆମ୍ବୁଲାନ୍ସ ଓ ଗୋଟିଏ ମହାପ୍ରୟାଣ ଗାଡ଼ି ମଞ୍ଜୁର କରିଥିଲେ। ଭିତ୍ତିଭୂମି ସଜଡ଼ା ପାଇଁ ସରକାର ଉଦ୍ୟମ ଜାରି ରଖିଥିବାବେଳେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ପାଇଁ ଜିଲାବାସୀ ଦାବି କରିଛନ୍ତି। ଅନ୍ୟପକ୍ଷେ ଡାକ୍ତରମାନେ ରୋଗୀ ଓ ତାଙ୍କ ସମ୍ପର୍କୀୟମାନଙ୍କ ସହ ଭଲ ବ୍ୟବହାର କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଗୁରୁତ୍ୱାରୋପ କରାଯାଇଛି।

– ରଞ୍ଜନ କୁମାର ପ୍ରଧାନ




ଫନ୍ ୱିଥ୍ ପବ୍ଲିକ୍

ଦେଖନ୍ତୁ ଭିଡିଓ

YouTube /dharitrilive

## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

## 'ଅକଳରେ ଅର୍ଥନୀତି'

ଧରିତ୍ରୀର ୪୬ତମ ଜନ୍ମଦିନ ଅବକାଶରେ ପ୍ରକାଶ ପାଇଛି ଆକର୍ଷଣୀୟ ବାର୍ଷିକ ବିଶେଷାଙ୍କ। ଆର୍ଥିକ ମାନ୍ଦାବସ୍ଥାକୁ ନେଇ ପରିକଳ୍ପିତ ଏହାର ପ୍ରଚ୍ଛଦ ପ୍ରସଙ୍ଗ 'ଅକଳରେ ଅର୍ଥନୀତି'। ଏଥି ସହିତ ରହିଛି ଜନଜୀବନ, ରାଜନୀତି, ବିଜ୍ଞାନ ଓ ସାହିତ୍ୟକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ଫିଚର, ଆକର୍ଷଣୀୟ ଗଳ୍ପ, ପ୍ରବନ୍ଧ ଏବଂ କବିତା। କ୍ରୀଡ଼ା ଜଗତର ୩ଜଣ ପ୍ରଖ୍ୟାତ ଖେଳାଳି– ଦୂତୀ ଚାନ୍ଦ, ପ୍ରମୋଦ ଭଗତ, ଅମିତ ରୋହିଦାସଙ୍କ ସହିତ ଅନନ୍ୟ ସାକ୍ଷାତ୍‌କାର। ଭାରତର ଭାଷାନୀତି, ଧ୍ୱଂସର ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେ, ପୃଥିବୀ ବାହାରେ କେହି ଅଛି କି, ଯୁଦ୍ଧ: ପଥର ଫିଙ୍ଗାରୁ ମହାକାଶ, ୩୭୦ର ବ୍ୟବଚ୍ଛେଦ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ସ୍ପେସ୍‌ରେସ୍, ନୋବେଲ ପୁରସ୍କାର ୨୦୧୯, ଶରଣାର୍ଥୀ ସଙ୍କଟରେ ବିଶ୍ୱ, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ@ ନୂଆ ଠିକଣା ଏବଂ ସିନେମା ଓଡ଼ିଆ ନାୟିକା ଅଣଓଡ଼ିଆ ଭଳି ବହୁ ତଥ୍ୟଧର୍ମୀ ଲେଖାରେ ସମୃଦ୍ଧ ଏହାର କଳେବର। ସମଗ୍ର ୧୨୦ ପୃଷ୍ଠା ରଙ୍ଗୀନ୍ ଓ ସଚିତ୍ର।




ଧରିତ୍ରୀ ବିତରକଙ୍କ ପାଖରେ ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ଟ ୮୦/-**

**ଯୋଗାଯୋଗ: ଭୁବନେଶ୍ୱର:** ସଞ୍ଜୟ ସାହୁ (୯୦୪୦୮୦୦୩୭୪), **କଟକ:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫) **ପୁରୀ:** ଦେବରାଜ ସାମଲ (୯୩୩୭୩୫୫୦୫୫) **ଖୋର୍ଦ୍ଧା:** ଅରବିନ୍ଦ ପାଠୀ (୭୦୦୮୯୫୦୪୨୫)
ଦୂରଭାଷ: ୦୬୭୪–୨୫୮୦୧୦୧/୨୫୪୯୩୦୨

**OFFICE OF THE PRINCIPAL**
**Ekalavya Model Residential School, Nuapada**
(Supported by Govt. of Odisha ST/SC Dev. Dept.)
(Affiliated To CBSE, Delhi Affiliation No.1520009)
At - Sakhatara, Po- Maulibhatta, Ps-Nuapada, Dist.-Nuapada-766105 (Odisha)
Email id : emrs.nuapada@gmail.com
Letter No.1565/2019-20 Date: 25.11.2019

**NOTICE**

Principal, Staff and Students of Ekalavya Model Residential School, Nuapada invite all, the Alumni (Ekalavyans of EMRS, Nuapada) to attend the

**2nd ALUMNI MEET-2019**

On **Sunday, 1st December 2019 from 10 A.M. to 1 P.M.** at Ekalavya Model Residential School, Nuapada.

*Your gracious presence is highly solicited.*

Sd./- Principal
EMRS, Nuapada

**RAIN, SUN AND FIREPROOF KONARK IS THE RIGHT ROOF**

KONARK USE KONARK AC SHEETS & ACCESSORIES

**UAL-ODISHA**
(PROP.: UAL INDUSTRIES LTD.)
(AN ISO 9001, 14001 & OHSAS 18001 CERTIFIED COMPANY)

**ODISHA WORKS**
At/P.O. Korian, Dist-Dhenkanal-759013 (Odisha)
Phone: (06762) 228231, Fax: (06762) 228263
EPABX: (06762) 228879, 228880, 228881
E-mail:ual_dkl@ualind.com

**BENGAL WORKS**
**UAL-BENGAL**
Guptamani Kultikri Road, Midnapore (West Bengal)
Phone: (03222) 202401, 202402
Fax: (03222) 257274, E-mail:ual_kgp@ualind.com

**U.P. Work**
**UAL-UTTAR PRADESH**
At-Barmanpur, Tehsil-Kerakat, Dist: Jaunpur-222129 (U.P)
Phone: (05450) 249301, E-mail:ual_up@ualind.com



**WHILE SOME PERSUE FOR EXCELLENCE WE ARE BORN TO EXCELL.**

**ସମ୍ବଲପୁରୀ ବସ୍ତ୍ରାଳୟ**
**ବିବାହ ବ୍ରତ ଉପଲକ୍ଷେ ବିଶେଷ ରିହାତି**



**୧୦%+୨୦%**
ତା.୨୬.୧୧.୨୦୧୯ ରୁ ତା.୦୩.୧୨.୨୦୧୯ ପର୍ଯ୍ୟନ୍ତ

ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ, ସୁଟ୍ ସେଟ
**ଇତ୍ୟାଦି ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।**

**ODISHA STATE HOUSING BOARD**
A Govt. of Odisha undertaking
Sachivalaya Marg, Bhubaneswar-751001
Phone : 0674-2393524/2392587/2393277, Website : https://oshb.org




Multi Storied Residential Apartment Complex at a Prime Locality in ANGUL Town

**BOOKING CLOSES on 30th Nov. 2019**

**Behind District Headquarter Hospital and near to Daily Market, Bus Stand, Railway Station, Central School & Collectorate.**

- Ample Open Space
- Gated Complex with required Infrastructure Facilities
- Quality Construction
- **Nominal Registration Charges** - only on divided share of Land Cost as per benchmark value
- Easy Payment Schedule during construction period
- Tie-up with **State Bank of India, Bank of Baroda, HDFC Bank** for EMD & Loan as per eligibility.

**Forms are available at :**
- **SBI** : Angul, Talcher, Dhenkanal, Kandsar, NTPC
- **BOB** : Angul
- **OSHB** : Site Office Angul, Cuttack, Rourkela, Sambalpur and Head Office at Bhubaneswar.

**Housing Commissioner-cum-Secretary**
**ODISHA STATE HOUSING BOARD**

**For Details Contact :**
98612 11820, 9437 22 6043, 90903 73641, 9437 228 444, 98610 32436
Or Visit : https://oshb.org

**Building Houses Building Odisha**

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇଞ୍ଜିନିୟରିଂ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

(୧) ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଆର୍-ଟି-୧୦୩-୧୯-୨୦, ତାରିଖ: ୧୯।୧୧।୨୦୧୯।
**କାର୍ଯ୍ୟ:** (୧) ବିଳାସପୁର-ଦୁର୍ଗ ସେକ୍ସନରେ ମେନ୍ ଲାଇନ୍ ଓ ୟାର୍ଡ ଲାଇନ୍‌ରେ ଡିପ୍ ସ୍କ୍ରିନିଂ ସହିତ ପଏଣ୍ଟ ଓ କ୍ରସିଂଗୁଡ଼ିକର ଥ୍ରୋ ବାଲାଷ୍ଟ ନବୀକରଣ (୯୦ ସେଟ୍) ଏବଂ (୨) ବିଳାସପୁର-ଦୁର୍ଗ ସେକ୍ସନରେ ୭.୯୨୫ କି.ମି. ପାଇଁ ଥ୍ରୋ ବାଲାଷ୍ଟ ନବୀକରଣ। ଟେଣ୍ଡର ମୂଲ୍ୟ: ₹୧,୨୧,୪୮,୩୮୭/–, ଇଏମ୍‌ଡି: ₹୨,୧୦,୮୦୦/–।

(୨) ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଆର୍-ଟି-୧୦୪-୧୯-୨୦, ତାରିଖ: ୧୯।୧୧।୨୦୧୯।
**କାର୍ଯ୍ୟ:** ରାୟପୁର ଡିଭିଜନର ବିଳାସପୁର – ଦୁର୍ଗ ସେକ୍ସନରେ ୨୭.୮୫ କିମି, ଉର୍କୁରା – ସରୋନା (ଡାଉନ୍ ବାଇପାସ)ରେ ୭.୬୪୬ କିମି ଏବଂ ବିଳାସପୁର – ଦୁର୍ଗ ସେକ୍ସନ ଅପ୍/ଡାଉନ୍/ମିଡ୍ ଲାଇନ୍ ମଧ୍ୟରେ ୧୯.୪୧ କିମି ଥ୍ରୋ ଫିଟିଂ ନବୀକରଣ। ଟେଣ୍ଡର ମୂଲ୍ୟ: ₹୬୩,୮୧,୫୫୪/–, ଇଏମ୍‌ଡି: ₹୧,୨୭,୬୦୦/–।

(୩) ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଆର୍-ଟି-୧୦୭-୧୯-୨୦, ତାରିଖ: ୧୯।୧୧।୨୦୧୯।
**କାର୍ଯ୍ୟ:** ଦୁର୍ଗ ଏବଂ ବାଲୋଦ ଷ୍ଟେଶନଠାରେ ସ୍ମାରକୀ ପତାକାର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ₹୧୯,୭୯,୧୬୫/–, ଇଏମ୍‌ଡି: ₹୩୯,୬୦୦/–।

(୪) ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଆର୍-ଟି-୧୦୮-୧୯-୨୦, ତାରିଖ: ୧୯।୧୧।୨୦୧୯।
**କାର୍ଯ୍ୟ:** ଭାଟପଡ଼ାଠାରେ ଆର୍‌ପିଏଫ୍ ବାରାକ୍ ଓ ପୋଷ୍ଟର ନବୀକରଣ। ଟେଣ୍ଡର ମୂଲ୍ୟ: ₹୧୫,୩୨,୫୨୪/–, ଇଏମ୍‌ଡି: ₹୩୦,୭୦୦/–।

(୫) ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଆର୍-ଟି-୧୦୯-୧୯-୨୦, ତାରିଖ: ୧୯।୧୧।୨୦୧୯।
**କାର୍ଯ୍ୟ:** ରାୟପୁର ଡିଭିଜନର ୨୪ ଏଲ୍‌ଏଚ୍‌ବି କୋଚ୍ ବିଶିଷ୍ଟ ଏକ୍ସପ୍ରେସ୍ ଟ୍ରେନ୍‌ର ରହଣି ପାଇଁ ପ୍ଲାଟଫର୍ମର ଦୈର୍ଘ୍ୟ ବୃଦ୍ଧି କରିବା। ଟେଣ୍ଡର ମୂଲ୍ୟ: ₹୧,୨୩,୬୦,୩୨୨/–, ଇଏମ୍‌ଡି: ₹୨,୧୧,୮୦୦/–।

**ଟେଣ୍ଡର ଦାଖଲ:** ତା୧୯।୧୨।୨୦୧୯ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ। **ଟେଣ୍ଡର ଖୋଲାଯିବ:** ତା୧୯।୧୨।୨୦୧୯ରିଖ ୧୧.୦୦ ଘଟିକା।

ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର ଡିଭିଜନାଲ ଇଞ୍ଜିନିୟର (ସିଓ.)/ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ରାୟପୁରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍: **www.ireps.gov.in** ରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନଲୋଡ୍ କରନ୍ତୁ।

ଡିଭିଜନାଲ ଇଞ୍ଜିନିୟର (II)/ ରାୟପୁର
PR/R/Engg/IP/142
South East Central Railway @secrail




**ଜାତୀୟ ଶକ୍ତି ସଂରକ୍ଷଣ ଦିବସ ୧୪ ଡିସେମ୍ବର୨୦୧୯ ଉପଲକ୍ଷେ**
ବ୍ଲକ୍, ଜିଲ୍ଲା ଏବଂ ରାଜ୍ୟସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ସପ୍ତମ ରୁ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀମାନଙ୍କୁ ଅଂଶଗ୍ରହଣ ନିମନ୍ତେ ଆହ୍ୱାନ କରାଯାଉଅଛି।
ଛାତ୍ରଛାତ୍ରୀମାନଙ୍କ ମାଧ୍ୟମରେ ଶକ୍ତି ସଂରକ୍ଷଣ ସଚେତନତା ସୃଷ୍ଟି ଏହି ପ୍ରସାର ଅଭିଯାନର ଏକ ଅଂଶବିଶେଷ।




**ବ୍ଲକସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା**
- ସମସ୍ତ ସ୍କୁଲର ସପ୍ତମରୁ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀମାନେ ବ୍ଲକସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ଭାଗ ନେଇପାରିବେ। ଏହି ପ୍ରତିଯୋଗିତା ସମସ୍ତ ବ୍ଲକରେ **୧ ଡିସେମ୍ବର, ୨୦୧୯** ରେ ଆୟୋଜନ କରାଯିବ। ଏହାର ଅବଧି ୧ ଘଣ୍ଟା ଅଟେ। ଛାତ୍ର ଛାତ୍ରୀ ମାନେ ପରୀକ୍ଷାନିମନ୍ତେ ନିଜର ଆବଶ୍ୟକୀୟ ଲେଖନ ଉପକରଣ ଆଣିବେ। ପ୍ରତିଯୋଗିତାର ପ୍ରଶ୍ନୋତ୍ତର ନିମନ୍ତେ ପ୍ରଦତ୍ତ ଅନେକ ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଗୋଟିଏ ସଠିକ୍ ଉତ୍ତର ବାଛିବାକୁ ପଡ଼ିବ। ପୌରାଞ୍ଚଳର ଛାତ୍ରଛାତ୍ରୀମାନେ ସଂପୃକ୍ତ ବ୍ଲକ୍‌ରେ ଭାଗ ନେଇପାରିବେ।
- ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଛାତ୍ର ଛାତ୍ରୀ ମାନଙ୍କ ପାଇଁ କୌଣସି ଖର୍ଚ୍ଚ ବହନ କରାଯିବ ନାହିଁ।
- ଶ୍ରେଷ୍ଠ ବିବେଚିତ ୩ଜଣ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହିତ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯିବ।
- ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଉଛି ଯେ, ସେମାନେ ବ୍ଲକସ୍ତରୀୟ ପ୍ରତିଯୋଗିତାର ସ୍ଥାନ ଏବଂ ସମୟର ବିବରଣୀ ନିମ୍ନରେ ଦିଆଯାଇଥିବା websiteରୁ ପାଇପାରିବେ।

**ଜିଲ୍ଲାସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା**
- ପ୍ରତି ବ୍ଲକରୁ ୩ ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯାଇ ଜିଲ୍ଲାସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା ପାଇଁ ମନୋନୟନ କରାଯିବ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ସମସ୍ତ ଜିଲ୍ଲାର ସଦର ମହକୁମାରେ **୮ ଡିସେମ୍ବର, ୨୦୧୯** ତାରିଖରେ ଆୟୋଜନ କରାଯିବ। ଏହି ପ୍ରତିଯୋଗିତାର ଅବଧି ୧ ଘଣ୍ଟା ଅଟେ। ପିଲାମାନେ ପରୀକ୍ଷା ନିମନ୍ତେ ନିଜର ଆବଶ୍ୟକୀୟ ଲେଖନ ଉପକରଣ ଆଣିବେ। ପ୍ରତିଯୋଗିତାର ପ୍ରଶ୍ନୋତ୍ତର ନିମନ୍ତେ ପ୍ରଦତ୍ତ ଅନେକ ସମ୍ଭାବ୍ୟଉତ୍ତର ମଧ୍ୟରୁ ଗୋଟିଏ ସଠିକ୍ ଉତ୍ତର ବାଛିବାକୁ ପଡ଼ିବ।
- ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କର କୌଣସି ଖର୍ଚ୍ଚ ବହନ କରାଯିବ ନାହିଁ।
- ଶ୍ରେଷ୍ଠ ବିବେଚିତ ୩ଜଣ ପ୍ରତିଯୋଗିଙ୍କୁ ପ୍ରମାଣପତ୍ର ସହିତ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯିବ।
- ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ସ୍ଥାନ ଏବଂ ସମୟର ବିବରଣୀ ନିମ୍ନରେ ଦିଆଯାଇଥିବା website ରୁ ପାଇପାରିବେ।

**ରାଜ୍ୟସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା**
- ପ୍ରତି ଜିଲ୍ଲାରୁ ୩ ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯାଇ ସେମାନଙ୍କୁ ରାଜ୍ୟସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ଯୋଗଦେବା ନିମନ୍ତେ ଭୁବନେଶ୍ୱରକୁ ଆମନ୍ତ୍ରଣ କରାଯିବ। ଏହି ପ୍ରତିଯୋଗିତାଟି **୧୩.୧୨.୨୦୧୯**, ସମୟ-ଅପରାହ୍ନ ୨ଟାରେ ଅନୁଷ୍ଠିତ ହେବ।
- ଭୁବନେଶ୍ୱରରେ ୧୪.୧୨.୨୦୧୯ଦିନ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ଉତ୍ସବରେ ସମସ୍ତ ପୁରସ୍କାର ବଣ୍ଟନ କରାଯିବ।
- କେବଳ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଉଥିବା ପ୍ରତିଯୋଗୀ ଓ ତାଙ୍କ ସହିତ କେବଳ ଜଣେ ଶିକ୍ଷକ / ଅଭିଭାବକଙ୍କର ଗସ୍ତ ଖର୍ଚ୍ଚ ରାଜ୍ୟ ସରକାରଙ୍କ ନିୟମାନୁଯାୟୀ ବହନ କରାଯିବ।
- ସମସ୍ତ ପ୍ରତିଯୋଗୀ ୧୪.୧୨.୨୦୧୯ଦିନ ଆୟୋଜିତ ହେଉଥିବା ପଦଯାତ୍ରାରେ ଭାଗ ନେବେ।
- ମନୋନୀତ ଛାତ୍ର/ଛାତ୍ରୀଙ୍କୁ ୩ଟି ବିଭାଗରେ ଯଥା ପ୍ଲାଟିନମ୍, ସ୍ୱର୍ଣ୍ଣ ଏବଂ ରୌପ୍ୟ ପୁରସ୍କାର ପ୍ରଦାନ କରାଯିବ।

ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ୧୪ ଡିସେମ୍ବର ୨୦୧୯ଦିନ ଆୟୋଜିତ ହେଉଥିବା ବ୍ଲକ, ଜିଲ୍ଲା ଏବଂ ରାଜ୍ୟସ୍ତରୀୟ ପଦଯାତ୍ରା କାର୍ଯ୍ୟକ୍ରମରେ ଭାଗ ନେବା ସହିତ ଶକ୍ତି ସଂରକ୍ଷଣ ଅଭିଯାନରେ ସହଯୋଗ କରନ୍ତୁ।
ବି.ଦ୍ର. କେବଳ ଓଡ଼ିଶାର ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ। ବିଚାରକ ମଣ୍ଡଳୀ / ଆୟୋଜକମାନଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ସବୁଙ୍କର ପାଇଁ ଅନ୍ତିମ ଅଟେ।

**ବ୍ଲକ ପୁରସ୍କାର:** ପ୍ରଥମ-ଟ୧୦୦୦/-, ଦ୍ୱିତୀୟ-ଟ୮୦୦/-, ତୃତୀୟ-ଟ୬୦୦/- | **ଜିଲ୍ଲା ପୁରସ୍କାର:** ପ୍ରଥମ-ଟ୧୫୦୦/-, ଦ୍ୱିତୀୟ-ଟ୧୨୦୦/-, ତୃତୀୟ-ଟ୧୦୦୦/- | **ରାଜ୍ୟ ପୁରସ୍କାର:** ପ୍ଲାଟିନମ୍- ଟ୮୦୦୦/-(୫ଟି), ସ୍ୱର୍ଣ୍ଣ- ଟ୫୦୦୦/-(୧୦ଟି), ରୌପ୍ୟ- ଟ୩୦୦୦/-(୨୫ଟି)

ସ୍ଥାନ ଓ ସମୟ ପାଇଁ ଦେଖନ୍ତୁ: www.orienvis.nic.in, www.ecoclubodisha.org, www.cesorissa.org
ଫୋନ-୦୬୭୪-୨୫୫୧୮୫୩ / ୯୪୩୭୬୦୪୩୮୯/ ୯୪୩୭୦୫୭୩୩୧/ ୯୪୩୭୧୦୫୧୭୭ / ୯୪୩୮୧୮୭୦୧୯, E-mail: energyquiz2019@gmail.com

**ସହଯୋଗ:** ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (ବି.ଇ.ଇ.) କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ, ନୂଆଦିଲ୍ଲୀ
**ପ୍ରାୟୋଜକ:** ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ ଏବଂ ରାଜ୍ୟପଦାଧିକାରୀ ସଂସ୍ଥା (ଏସ୍.ଡି.ଏ), ଶକ୍ତି ବିଭାଗ, ଓଡ଼ିଶା ସରକାର (SDA, Odisha)
**ସଂଯୋଜନା:** ସେଣ୍ଟର ଫର୍ ଏନ୍‌ଭର୍ଣ୍ଣମେଣ୍ଟାଲ୍ ଷ୍ଟଡିଜ ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର

**ସହନଶୀଳ ସମାଜ ପାଇଁ ଶକ୍ତି ସଂରକ୍ଷଣ କରିବା।**



ଶତ୍ରୁଙ୍କୁ ମିତ୍ରରେ ପରିଣତ କରିବା ହେଉଛି ଅହିଂସାର ଏକ ଯାଦୁକରୀ ଶକ୍ତି।
- ମହାତ୍ମା ଗାନ୍ଧୀ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଜନଗଣର ନେତା ବୀରେନ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଜୟଦେବ ବିହାର ଛକ, ସକାଳ ୮ଟା ୩୦। ବୀରେନ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଅବସରରେ ଷ୍ଟୁଡେଣ୍ଟ୍ସ ଫଙ୍କସନ, କ୍ୟାମ୍ପସ ପରିସର, ପୂର୍ବାହ୍ନ ୧୧ଟା।
- ଲୋହିଆ ଏକାଡେମୀ ଟ୍ରଷ୍ଟ ପକ୍ଷରୁ ପୂର୍ବତନ ବାଚସ୍ପତି ରବି ରାୟଙ୍କ ୯୩ତମ ଜନ୍ମ ଜୟନ୍ତୀରେ ଆଲୋଚନା ସଭା, ଇଉକଲ ଅଡିଟୋରିୟମ, ଅପରାହ୍ନ ୫ଟା ୩୦।
- କଳିଙ୍ଗ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା ସଭା, ଇନଷ୍ଟିଚ୍ୟୁଟ ଅଫ ଫିଜିକ୍ସ, ସୈନିକ ସ୍କୁଲ ନିକଟ, ସନ୍ଧ୍ୟା ୬ଟା।

**ପୁରୀ**

- ପୁସ୍ତକ ମେଳା, ସାହିତ୍ୟ ଆଲୋଚନା, ଶରଧାବାଲି, ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**

- ଖୋର୍ଦ୍ଧା ଲୋକ ଉତ୍ସବର ଷଷ୍ଠ ସନ୍ଧ୍ୟା, ଗୁରୁଜଙ୍ଗ ପଡିଆ, ସନ୍ଧ୍ୟା ୬ଟା।

# ନକଲି କମର୍ସିଆଲ ଟ୍ୟାକ୍ସ ଅଫିସର ଗିରଫ

**ଭୁବନେଶ୍ୱର,୨୫ା୧୧(ବ୍ୟୁରୋ)**

- ଡିଆରଡିଏ, ଗୁଗୁଲ ରିଜିଓନାଲ ମ୍ୟାନେଜରର ପରିଚୟ ଦେଉଥିଲେ
- ବଡ଼ ବ୍ୟବସାୟୀ, ଶୋ'ରୁମ୍ ମାଲିକଙ୍କୁ ଟାର୍ଗେଟ କରି ଠକୁଥିଲେ
- ବହୁ ଲକ୍ଷ ଟଙ୍କାର ଇଲେକ୍ଟ୍ରୋନିକ୍ସ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ

ନିଜକୁ ଜଣେ କମର୍ସିଆଲ ଟ୍ୟାକ୍ସ ଅଫିସର ଭାବେ ପରିଚୟ ଦେଉଥିଲେ। ମୋବାଇଲ୍ ନମ୍ବର ଟ୍ରୁ-କଲରରେ ନିଜର ଭିନ୍ନ ଭିନ୍ନ ନାମ ସହ କେତେବେଳେ ସରକାରୀ ଅଫିସର ତ ପୁଣି ଗୁଗୁଲ୍‌ର ସର୍କଲ ରିଜିଓନାଲ ମ୍ୟାନେଜର ବୋଲି ରଖୁଥିଲେ। ବଡ଼ ବଡ଼ ବ୍ୟବସାୟୀ ଓ ଶୋ'ରୁମ୍ ମାଲିକଙ୍କୁ ନାନା ଧମକ ଦେଇ କେତେବେଳେ ଟଙ୍କା ତ ଆଉ କେତେବେଳେ ଦାମୀ ସାମଗ୍ରୀ ନେଉଥିଲେ। ଏହି ନକଲି କମର୍ସିଆଲ ଟ୍ୟାକ୍ସ ଅଫିସରଙ୍କୁ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଗିରଫ କରିଛି। ସେ ହେଲେ କଳିଙ୍ଗନଗର ଫ୍ଲାଟ୍ ନଂ.କେ-୭ରେ ରହୁଥିବା ସୂର୍ଯ୍ୟକାନ୍ତ ଓରଫ ସୌମ୍ୟଜିତ୍ ତ୍ରିପାଠୀ। ତାଙ୍କ ନାମରେ ଶହୀଦନଗର ଥାନାରେ ୩ଟି ମାମଲା ରୁଜୁ ହୋଇଛି। ତାଙ୍କଠାରୁ ପୋଲିସ ୬ ଲାପ୍‌ଟପ୍, ୧୦ଲକ୍ଷ ଟଙ୍କାର ମୋବାଇଲ୍ ଫୋନ୍, ସିପିୟୁ, ପ୍ରିଣ୍ଟିଂ ମେଶିନ ଜବତ କରିଛି। ତାଙ୍କ ନାମରେ ଅଭିଯୋଗ ସଂଖ୍ୟା ବଢ଼ି ଚାଲିଥିବାବେଳେ ପୋଲିସ ପଚରାଉଚରା ପରେ କୋର୍ଟଚାଲାଣ କରିଛି।

ପୋଲିସ ସୂଚନାନୁଯାୟୀ, ସୌମ୍ୟଜିତ୍ ମେକାନିକାଲ ଇଞ୍ଜିନିୟରିଂ ପଢ଼ିଛନ୍ତି। ଚାକିରି ନ ପାଇବାରୁ ଏଭଳି ଠକେଇ କରିବାକୁ ଅଭିନବ ପନ୍ଥା ଆପଣାଇଥିଲେ। କମର୍ସିଆଲ ଟ୍ୟାକ୍ସ ଅଫିସର ବିପିନ ବିହାରୀ ତ୍ରିପାଠୀ ପରିଚୟ ଦେଇ ଇଲେକ୍ଟ୍ରୋନିକ୍ସ ଶୋ'ରୁମ୍ ମାଲିକଙ୍କୁ ଫୋନ୍ କରି ତାଙ୍କ ଅଫିସ ପାଇଁ ଆବଶ୍ୟକ ସାମଗ୍ରୀର ଅର୍ଡର ଦେଉଥିଲେ। ଜଣେ ପିଅନ୍‌ଙ୍କୁ ପଠାଉଛି, ଟଙ୍କା ପରେ ନେଇଯିବାକୁ କହୁଥିଲେ। ଶୋ'ରୁମ୍ ମାଲିକ ରାଜି ନ ହେଲେ ତାଙ୍କୁ ଟ୍ୟାକ୍ସ ଫାଙ୍କିଥିବା କେସ୍‌ରେ ଫସାଇଦେବାକୁ ଧମକ ଦେଉଥିଲେ। ଶୋ'ରୁମ୍ ମାଲିକମାନେ ତାଙ୍କ ମୋବାଇଲ୍ ନମ୍ବର ଟ୍ରୁ କଲର ଦେଖି ବିଶ୍ୱାସ କରି ନେଉଥିଲେ। ଏହାପରେ ଶୋ'ରୁମ୍‌ରୁ ମନଇଚ୍ଛା ବିଭିନ୍ନ ସାମଗ୍ରୀ ନେଇ ବାହାରେ ବିକ୍ରି କରୁଥିଲେ ସୌମ୍ୟଜିତ୍। ଟଙ୍କା ନ ଦେଇ ଡରାଉଥିଲେ। ଏହିଭଳି ସେ ବିଏମ୍‌ସି ମଲ୍‌ରେ ଥିବା ପ୍ରୋପ୍-ଦିଭା ଇଣ୍ଟରପ୍ରାଇଜେସ୍ ମାଲିକ ନିକୁଞ୍ଜ ଖେମାନୀଙ୍କଠାରୁ ଗତ ୧୯ ତାରିଖରେ ୧୧ ଆଇଫୋନ୍ ନେଇ ଟଙ୍କା ଦେଇ ନ ଥିଲେ। ସନ୍ଦେହ ହେବାରୁ ନିକୁଞ୍ଜ ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ-୬୧୩/୧୯ ମାମଲା ରୁଜୁ କରିଥିଲା। ସେହିଭଳି ସମାନ ଠକେଇର ଶିକାର ହୋଇଥିବା ଏହି ଥାନାଞ୍ଚଳର ୩ ଶୋ'ରୁମ୍ ମାଲିକ ଅଭିଯୋଗ କରିବା ପରେ ଡିସିପି ସ୍ପେଶାଲ ସ୍କ୍ୱାଡ୍‌କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ପୋଲିସ ମୋବାଇଲ୍ ନମ୍ବର ଯାଞ୍ଚ କରିବା ସହ କମର୍ସିଆଲ ଟ୍ୟାକ୍ସ ଅଫିସ୍‌କୁ ଯାଇ ଯାଞ୍ଚ କରାଯିବା ପରେ ଉକ୍ତ ବ୍ୟକ୍ତିଜଣକ ଠକ ବୋଲି ଜାଣିବାକୁ ପାଇଥିଲା। ପୂର୍ବରୁ ମଧ୍ୟ ଏଭଳି ଅଭିଯୋଗ ଆସିଥିବା ଅଫିସ ପକ୍ଷରୁ କୁହାଯିବା ପରେ ପୋଲିସ ଉକ୍ତ ମୋବାଇଲ୍ ନମ୍ବରକୁ ଟ୍ରେସ୍ କରି ତାଙ୍କୁ ଧରିବା ପରେ ଅସଲ ପରିଚୟ ଓ କାରନାମା ପଦାକୁ ଆସିଥିଲା। ଟ୍ରୁ କଲରରେ ଆସୁଥିବା ବିପିନ ବିହାରୀ ତ୍ରିପାଠୀ ତାଙ୍କ ବାପାଙ୍କ ନାମ ବୋଲି ଜଣାପଡିଛି।



ସୌମ୍ୟଜିତ୍ ତ୍ରିପାଠୀ

### ଠକେଇ ଜାଲରେ ଅନ୍ତର୍ଜାତୀୟ କରାଟେ ଖେଳାଳି

ସୌମ୍ୟଜିତଙ୍କ ଠକେଇ ଜାଲରେ ପଡିଛନ୍ତି ଜଣେ ଅନ୍ତର୍ଜାତୀୟ କରାଟେ ଖେଳାଳି। ୭୨ ହଜାର ଟଙ୍କାର ଏକ ମୋବାଇଲ୍ ଫୋନ୍‌କୁ ସୌମ୍ୟଜିତ୍‌ଙ୍କଠାରୁ ୧୦ ହଜାର ଟଙ୍କା କମ୍‌ରେ କିଣି ସେ ହଟହଟା ହୋଇଛନ୍ତି। ଉକ୍ତ ଫୋନ୍ ସମ୍ପର୍କରେ ଜାଣିବା ପରେ ଖେଳାଳି ଜଣକ ତାହାକୁ ଫେରାଇଥିବା ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀ ତଥା ଏସିପି ସଞ୍ଜୀବ ଶତପଥୀ କହିଛନ୍ତି। ବହୁ ସରକାର ବାବୁ ମଧ୍ୟ ତାଙ୍କଠାରୁ ବିଭିନ୍ନ ସାମଗ୍ରୀ କିଣି ଫସିଥିବା ଜଣାପଡ଼ିଛି।

# ଡକାୟତ ଗ୍ୟାଙ୍ଗ୍ ଠାବ, ୩ ଗିରଫ

**ଭୁବନେଶ୍ୱର,୨୫ା୧୧(ବ୍ୟୁରୋ)/ ପାତ୍ରପଡ଼ା (ଡି.ଏନ୍.ଏ.)**



- ୭୦ ଗ୍ରାମ ସୁନା, ୧୫୦ ଗ୍ରାମ ରୁପା, ୨ ବାଇକ୍ ଜବତ
- ନଣ୍ଡା, ନାଲୁଙ୍କ ନାମରେ ରହିଛି ୪୮ରୁ ଊର୍ଦ୍ଧ୍ୱ ମାମଲା

କମିଶନରେଟ ପୋଲିସ ଆଖିରୁ ନିଦ ହଜାଇ ଦେଇଥିବା ଏକ ଡକାୟତ ଗ୍ୟାଙ୍ଗ୍‌କୁ ସ୍ପେଶାଲ ସ୍କ୍ୱାଡ୍ ଠାବ କରିଛି। ଗ୍ୟାଙ୍ଗ୍‌ର ଦୁଇ ମୁଖ୍ୟଙ୍କ ସହ ଚୋରି ସାମଗ୍ରୀ କିଣିଥିବା ଜଣେ ରିସିଭରଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ପୁରୀ ଜିଲା ଅସ୍ତରଙ୍ଗର ନଣ୍ଡା ଓରଫ ନିରଞ୍ଜନ ସ୍ୱାଇଁ (୪୨), ନାଲୁ ସ୍ୱାଇଁ ଓ ରିସିଭର କୋଣାର୍କ ଥାନା ଅନ୍ତର୍ଗତ ବାଜପୁରର ସୁକାନ୍ତ ସାହୁ(୩୧)। ପୋଲିସ ସେମାନଙ୍କ ନିକଟରୁ ୭୦ ଗ୍ରାମର ସୁନା ଅଳଙ୍କାର, ୧୫୦ ଗ୍ରାମର ରୁପା, ଦୁଇଟି ଦୁଇଚକିଆ ଗାଡ଼ିକୁ ଜବତ କରିଛି। ତେବେ ନଣ୍ଡା ଓ ନାଲୁଙ୍କ ନାମରେ ୪୮ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଅସ୍ତରଙ୍ଗ ଥାନା ଅଞ୍ଚଳରେ ଏକାଧିକ ମାମଲା ରହିଥିବାବେଳେ ଭୁବନେଶ୍ୱର ଖଣ୍ଡଗିରି, ଚନ୍ଦ୍ରଶେଖରପୁର, ଧଉଳି ଓ ବାଲିଅନ୍ତା ଥାନାରେ ୧୧ ମାମଲା ରହିଛି।

ମିଳିଥିବା ସୂଚନାନୁସାରେ, ନଣ୍ଡା ଓ ସହଯୋଗୀ ନାଲୁ କେତେଜଣ ସଦସ୍ୟଙ୍କୁ ନେଇ ଏକ ଗ୍ୟାଙ୍ଗ୍ ଗଢ଼ିଥିଲେ। ଏହି ଗ୍ୟାଙ୍ଗର ସଦସ୍ୟମାନେ ଚୋରି, ଲୁଟ୍ ଓ ଡକାୟତି କରନ୍ତି। ବିଶେଷକରି ଘରେ କେହି ନ ଥିବାବେଳେ ଝରକା ଓ କବାଟ ତାଡି ସୁନା ଗହଣା ଓ ଟଙ୍କା ପଇସା ନେଇ ଚମ୍ପଟ ମାରନ୍ତି। ଏହାସହ ଘର ଆଗରେ ଥିବା ବାଇକ୍ କିମ୍ବା କାର୍‌କୁ ମଧ୍ୟ ଚୋରି କରି ନେଇଥାନ୍ତି। ଡକାୟତି ସମୟରେ ଘରେ ଯଦି କେହି ତାଙ୍କୁ ବିରୋଧ କରନ୍ତି, ସେମାନେ ତାଙ୍କୁ ଆକ୍ରମଣ କରନ୍ତି। ଏପରି କି ଡକାୟତିବେଳେ ମହିଳା ଦେଖିଲେ ବଳାତ୍କାର କରିଥାନ୍ତି। ଇତିମଧ୍ୟରେ ଏହି ଗ୍ୟାଙ୍ଗ୍ ଖଣ୍ଡଗିରି କଳିଙ୍ଗନଗର ଅଞ୍ଚଳରୁ ଏକାଧିକ ଡକାୟତି କରିଥିବା ନେଇ ଥାନାରେ ଅଭିଯୋଗ ରହିଛି। ନିକଟରେ ଖଣ୍ଡଗିରି ଓ ଧଉଳି ଥାନା ଅଞ୍ଚଳରୁ ଲୁଟପାଟ କରିଥିଲେ। ଏମାନଙ୍କ ନାମରେ ଅଭିଯୋଗ ବଢ଼ିବା ପରେ ପୋଲିସ ଏହି ଗ୍ୟାଙ୍ଗ୍‌କୁ ଧରିବାକୁ ଆରମ୍ଭ କରିଥିଲା ଅପରେଶନ। ସେମାନଙ୍କ ଫୋନ୍ ନମ୍ବରକୁ ଟ୍ରେସ୍ କରିବା ପରେ ଗିରଫ କରିବାରେ ସଫଳ ହୋଇଥିଲା ପୋଲିସ। ଉଭୟଙ୍କୁ ରିମାଣ୍ଡରେ ଆଣିବା ପାଇଁ ଯୋଜନା ଚାଲିଥିବା ଜଣାପଡ଼ିଛି।

## ବଡ଼ଭାଇଙ୍କ ଗୁପ୍ତାଙ୍ଗ କାଟିଲେ ସାନଭାଇ

**କଟକ ଅଫିସ, ୨୫ା୧୧:** ବଡ଼ଭାଇଙ୍କ ଗୁପ୍ତାଙ୍ଗ କାଟିବା ଅଭିଯୋଗରେ ଲାଲବାଗ ପୋଲିସ ଅଭିଯୁକ୍ତ ସାନଭାଇ ସୁକାନ୍ତ ସାମଲଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ଗତ ୨୧ ତାରିଖରେ ଉମାକାନ୍ତ ସାମଲଙ୍କ ସହ ସାନଭାଇ ସୁକାନ୍ତଙ୍କର କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସୁକାନ୍ତ ଏକ ଧାରୁଆ ଛୁରିରେ ଉମାକାନ୍ତଙ୍କ ଗୁପ୍ତାଙ୍ଗକୁ କାଟି ଦେଇଥିଲେ। ଏ ନେଇ ଉମାକାନ୍ତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୮୧/୧୯) ରୁଜୁ କରିଛି।

## ରାସ୍ତାରୁ ମୁମୂର୍ଷୁ ଅବସ୍ଥାରେ ଯୁବତୀ ଉଦ୍ଧାର

**କଟକ ଅଫିସ, ୨୫ା୧୧:** ବାଦାମବାଡ଼ି-ରାଣୀହାଟ ରାସ୍ତାକଡ଼ରୁ ଜଣେ ଯୁବତୀଙ୍କୁ ମୁମୂର୍ଷୁ ଅବସ୍ଥାରେ ସୋମବାର ସନ୍ଧ୍ୟାରେ ଉଦ୍ଧାର କରାଯାଇ ଏସ୍‌ସିବି ମେଡିକାଲର କାଜୁଆଲ୍‌ଟିରେ ଭର୍ତ୍ତି କରାଯାଇଛି। ସେଠାରେ ଯୁବତୀଙ୍କ ଚେତା ଫେରିବା ପରେ ତାଙ୍କ ପରିବାର ଲୋକ ମଧ୍ୟ ମେଡିକାଲରେ ପହଞ୍ଚିଛନ୍ତି। ପ୍ରାଥମିକ ସୂଚନା ଅନୁଯାୟୀ, ଯୁବତୀଙ୍କ ଘର ଯାଜପୁର ଅଞ୍ଚଳରେ ହୋଇଥିବାବେଳେ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ନର୍ସ ଭାବେ କାମ କରନ୍ତି। ତେବେ କେଉଁଭଳି ପରିସ୍ଥିତିରେ ସେ ରାସ୍ତା ଉପରେ ପଡ଼ିଥିଲେ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

## ଦଳିତ ପରିବାରଙ୍କୁ ଗାଁରୁ ତଡ଼ିବା ଘଟଣା

## ଓଏଚ୍ଆରସିଙ୍କ ନିର୍ଦ୍ଦେଶ ନ ମାନିବାରୁ ପୁରୀ ଜିଲାପାଳଙ୍କୁ ରିପୋର୍ଟ ତଲବ

**ଭୁବନେଶ୍ୱର,୨୫ା୧୧(ବ୍ୟୁରୋ):** ପୁରୀ ଜିଲା ବ୍ରହ୍ମଗିରି ନୂଆଗାଁର ୪ ଦଳିତ ପରିବାରକୁ ଗ୍ରାମର କେତେଜଣ ଲୋକ ମାଡ଼ ମାରି ତଡ଼ିବା ମାମଲାରେ ଓଡ଼ିଶା ମାନବିକ ଅଧିକାର କମିଶନ (ଓଏଚ୍ଆର୍‌ସି) ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପୁରୀ ଜିଲାପାଳ ନିର୍ଦ୍ଦେଶ ମାନି ନ ଥିବାରୁ କମିଶନ ଏ ନେଇ ଡିସେମ୍ବର ୬ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ଉତ୍ତର ନ ଦେଲେ ବ୍ୟକ୍ତିଗତ ହାଜର ପାଇଁ ସମ୍ମନ କରାଯିବ ବୋଲି କମିଶନ ଜଣାଇଛନ୍ତି। ସୂଚନା ଅନୁଯାୟୀ, ୨୦୧୮ ଜୁଲାଇ ୨୩ରେ ନୂଆଗାଁରେ ରହୁଥିବା ୪ ଦଳିତ ପରିବାରଙ୍କୁ ମାଡ଼ ମାରି କେତେଜଣ ବ୍ୟକ୍ତି ତଡ଼ି ଦେଇଥିଲେ। ସେମାନଙ୍କ ଘର ଭାଙ୍ଗି ଦେବା ସହ ଲୁଟପାଟ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୧୧୫/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ କାର୍ଯ୍ୟାନୁଷ୍ଠାନ ନ ହେବାରୁ ମାନବିକ ଅଧିକାର କର୍ମୀ ପ୍ରଦୀପ୍ତ ନାୟକଙ୍କ ସହଯୋଗରେ ୪ ପରିବାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ କେତେଜଣ ଅଭିଯୁକ୍ତଙ୍କୁ ଗିରଫ କରି ଚୁପ୍ ବସିଥିଲା। ଉକ୍ତ ଦଳିତ ପରିବାରଙ୍କୁ ରହିବା ପାଇଁ ଘର କରି ଦେବା ପାଇଁ କମିଶନ ଗତ ମାର୍ଚ୍ଚରେ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଜିଲାପାଳ ତାହାକୁ ପାଳନ କରି ନ ଥିବାରୁ ସେମାନେ ବାତ୍ୟା ଆଶ୍ରୟସ୍ଥଳୀରେ ରହୁଛନ୍ତି। ଏ ସଂକ୍ରାନ୍ତରେ ରିପୋର୍ଟ ଦେବାକୁ କୁହାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ କଷି**
**କଥା ନ କହିଲେ ଯିବି ଭାସି ।**

ଯେଉଁଠି ସ୍ନେହ, ପ୍ରେମ, ଭଲପାଇବା ଥାଏ ସେଇଠି ରାଗ ରୋଷ ମାନ ଅଭିମାନ ରହିଥାଏ । ପରନ୍ତୁ ଏହି ମାନ ଅଭିମାନର ମାତ୍ରା ଯେତେ କମ୍ ହୁଏ ସମ୍ପର୍କ ସେତେ ମଧୁମୟ ଓ ସୁଖମୟ ହୋଇଥାଏ । ଅଭିମାନରେ କଥା ନ କହି ଚାଲିଯିବା ଦ୍ୱାରା ପ୍ରେମୀ ମନରେ ସୃଷ୍ଟି ହେଉଥିବା ଆହତାବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଲୋ ମୁକୁତି**
**ଆର ପତାକେ ତୁ ହେବୁ ପୋଖତି ।**

ବାହାଘରର ୨-୩ ବର୍ଷ ଭିତରେ ପିଲାପିଲି ନ ହେଲେ ଅନେକେ ଖରାପ ଭାବନ୍ତି। ବନ୍ଧ୍ୟା ସ୍ତ୍ରୀକୁ ଦେଖିଲେ ଅଶୁଭ ବୋଲି ଭାବନ୍ତି। ଆଡ ଆଖିରେ ବି ଅନାନ୍ତି ନାହିଁ। କଥାରେ କଥାରେ ଆଜିଯାଏ ତ ପିଲାପିଲିର ମା' ହେଲୁନି ଆଉ କେବେ ହବୁ। ପୂରା ବୁଢ଼ୀ ହୋଇଗଲେ କି ବୋଲି ଟାହିଟାପରା କରିଥାନ୍ତି। ବନ୍ଧ୍ୟା ରହିବା ଏକ ସାମାଜିକ କଳଙ୍କ ବୋଲି ଧରାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ (ଫ୍ରେଣ୍ଡସ୍ ପବ୍ଲିଶର୍ସ)


ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o Sr. General Manager Construction, Zone-II, Sambalpur,
At-132/33 Kv Grid S/S, Ganesh Nagar, Bohidar Nuapali, PO-Sankarma, Sambalpur-7680006, Telephone: (0663) 2540039,
E-mail: sgm.con2.sbp@optcl.co.in

Lr. No: SGM CON-II/RTSS Laxmipur/ 2190 Date: 25.11.2019

NOTIFICATION

In accordance with section-164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10.2006, dated the 9th March 2006, the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the work & scope | Name of the village in which the line will pass | Tentative esti-mated amount | Name of the Executive Engineer to be contacted | Perceived benefit that may accrue |
|---|---|---|---|---|---|
| 1 | Construction of 220 KV line from existing 220/33 KV Grid Sub-Station Laxmipur to pro-posed 220/25 KV RTSS Sub-Station at Laxmipur | 1. Tahasil-Laxmipur, RI Circle-Laxmipur, Village- L a xmipur, Ambaguda, Nisar. | 13.95 Cr | Deputy Gen-eral Manager (Elect.), EHT (Construc-tion) Division, Rayagada | It will pro-vide stable and qual-ity power supply to Potangiand nearby area. |

Sd./- Er Swarup Kumar Harichandan
Senior General Manager (El.)
Construction Zone-II, OPTCL, Sambalpur



CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

EDUCATION

SPOT ADMISSION
B.Ed
Acharya Nagarjuna University
Equivalent to Govt. of Odisha
FREE Practical, Study Material, Form fill-up fees & Weekend Class
NIDT
NO-1 B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

FINANCE

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB - 9853098838, 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ଆପଣଙ୍କ ସ୍ୱପ୍ନକୁ କରେ ସାକାର
ଟଙ୍କା ନେଉନୁ, ଧୋକା ଦେଉନୁ
ସବୁ ଯୋଜନା ଅଧୀନରେ
ମୁଦ୍ରା ଫାଇନାନ୍ସ
କମ୍ କିମ୍ବା ଖରାପ CIBIL ସ୍କୋର୍‌ଧାରୀ ବ୍ୟକ୍ତିମାନଙ୍କୁ ମଧ୍ୟ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 40% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
ମହିଳାଙ୍କ ପାଇଁ ବିଶେଷ ରିହାତି
7289999543
8929619951
SCF-14, Aggarwal Estate, South Delhi

FINANCE
Ujjivan ଋଣ ସରକାରୀ ସ୍ୱୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ।
2% ସୁଧ 45% ଛାଡ
No Guarantor/No Commission
Plot No 428/74, Shahnajaf Rd, Lucknow, Uttar Pradesh 226001
7056051417

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

BUSINESS

ଭାରତର ନଂ.1 COMPANY
AMERICAN TOWER CORPORATION
ନିଜର ଖାଲି ଜମି, କ୍ଷେତ, ଛାତ, ଘର, ଦୋକାନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 50 ଲକ୍ଷ + ଭଡ଼ା 45 ହଜାର + ଏକ ପଲ୍‌ସର୍ ବାଇକ୍ (ମାସିକ 25,000 - 30,000ର ଅନ୍ୟାନ୍ୟ ସୁବିଧା)
atc4gnetwork@gmail.com
MOB - 9471965297



**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମୋ ବଡ଼ପୁଅ ଆର୍ଯ୍ୟାନ୍ ଏବେ ମ୍ୟାନେଜ୍‌ମେଣ୍ଟ ପଢୁଛି, ଦିନେ ନା ଦିନେ ସେ ବଲିଉଡ୍‌ରେ ପାଦ ଥାପିବ।
- ବବି ଦେଓଲ୍, ବଲିଉଡ୍ ଅଭିନେତା





# 'ଭୁଲ୍ କଲେ ସୁନ୍ଦର ଲାଗନ୍ତି କରିନା'

**ମୁମ୍ବାଇ:** ବଲିଉଡ୍ ବେବୋ କରିନା କପୁର ଖାଁ ଓ ଖିଲାଡି ବୟ ଅକ୍ଷୟ କୁମାରଙ୍କ ଯୋଡ଼ିକୁ ପୁଣିଥରେ ଦେଖିବାକୁ ମିଳିବ। ଫିଲ୍ମ 'ଗୁଡ୍ ନ୍ୟୁଜ'ରେ ଆସିବେ ଏହି ଯୋଡ଼ି। ଏବେ ଏହାର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି କଳାକାରମାନେ। ପୂର୍ବରୁ ମଧ୍ୟ ଏହିଯୋଡ଼ି 'ଏତ୍‌ରାଜ', 'ଅଜ୍‌ନବି', 'ଟସନ୍' ଆଦି ଫିଲ୍ମରେ ଆସି ଦର୍ଶକଙ୍କ ଦିଲ୍ ଜିତିଛନ୍ତି। ନିକଟରେ ଏକ ସାକ୍ଷାତ୍‌କାରରେ ଅକ୍ଷୟ ନିଜ ଅପ୍ କମିଙ୍ଗ୍ ଫିଲ୍ମ ବିଷୟରେ ଆଲୋଚନା କରିବା ସହ କରିନାଙ୍କ ବିଷୟରେ ମଧ୍ୟ ମନଖୋଲି କଥା ହୋଇଛନ୍ତି। ସେ କହିଛନ୍ତି କରିନାଙ୍କ ସହ କାମ କରିବା ଅର୍ଥ ପିକ୍‌ନିକ୍ କରିବା ସହ ସମାନ। ଆଉ ଯଦିଓ ସେ କେବେ ଭୁଲ୍ କରିଦିଅନ୍ତି ତା'ପରେ ସେ ଅଧିକ ସୁନ୍ଦର ଲାଗନ୍ତି।

# ୧୫ ସ୍ତ୍ରୀଙ୍କ ପାଇଁ ୧୦୦ କୋଟିର କାର୍ କିଣା





ଲୋବାମ୍ବା: ବିଶ୍ୱର ଗରିବ ଦେଶ ଭାବେ ବେଶ୍ ଜଣାଶୁଣା ଆଫ୍ରିକାର ସ୍ୱାଜିଲାଣ୍ଡ ବା ଏବେକାର ଇସ୍ୱାତିନି। ଏଠାରେ ୬୦ ପ୍ରତିଶତ ଲୋକ ଗରିବ ସୀମାରେଖା ତଳେ ବାସକରନ୍ତି ବୋଲି କୁହାଯାଏ। ହେଲେ ଏଠାକାର ରାଜା ମସ୍ୱତି-୩ ଖୁବ୍ ବିଳାସବ୍ୟସନରେ ଦିନ କାଟନ୍ତି। ନିକଟରେ ସେ ତାଙ୍କ ୧୫ ଜଣ ସ୍ତ୍ରୀଙ୍କ ପାଇଁ ୧୧୯ କୋଟି ଟଙ୍କାର ବିଳାସମୟ କାର୍ କିଣି ଆସିଛନ୍ତି ଚର୍ଚ୍ଚାକୁ। ସ୍ୱାଜିଲାଣ୍ଡ ବିଭିନ୍ନ କାରଣକୁ ନେଇ ଅନେକ ସମୟରେ ବଦ୍‌ନାମ ହୋଇଥାଏ ବୋଲି କୁହାଯାଏ। ଏଠାରେ ବହୁବିବାହ ଆଇନ ସମ୍ମତ। ତେଣୁ ରାଜା ମସ୍ୱତି-୩ ୧୫ସ୍ତ୍ରୀ ଗ୍ରହଣ କରିଥିବା ବେଳେ ଏବେ ତାଙ୍କ ପାଖରେ ୧୪ ଜଣ ରହିଛନ୍ତି ଓ ଜଣଙ୍କର ମୃତ୍ୟୁ ହୋଇଯାଇଛି। କୁହାଯାଏ ଏଠାରେ ପ୍ରତିବର୍ଷ ଟପ୍‌ଲେସ୍ କୁମାରୀ ଝିଅଙ୍କର ପରେଡ୍ କରାଯାଇଥାଏ। ସେମାନଙ୍କ ମଧ୍ୟରୁ ରାଜା ପ୍ରତିବର୍ଷ ଜଣେ ସ୍ତ୍ରୀ ବାଛି ଥାଆନ୍ତି। ଆଉ ଏଥିରେ ଯେଉଁ ଯୁବତୀମାନେ ଭାଗ ନେଇ ନ ଥାଆନ୍ତି ସେମାନଙ୍କୁ ବିଭିନ୍ନ ପ୍ରକାର ଦଣ୍ଡ ଦିଆଯାଇଥାଏ। ଏହି ପରେଡକୁ ନେଇ ବିରୋଧ କରାଯାଉଥିବା ବେଳେ ଏପର୍ଯ୍ୟନ୍ତ କିନ୍ତୁ ଏହାକୁ ବନ୍ଦ କରାଯାଇ ପାରୁ ନ ଥିବା କୁହାଯାଏ। ନିକଟରେ ରାଜା ମସ୍ୱତି-୩ ତାଙ୍କ ସ୍ତ୍ରୀମାନଙ୍କ ପାଇଁ ୧୫ ରୋଲ୍ସ-ରୟସିକ୍ ଓ ବିଏମ୍‌ଡବ୍ଲୁ କାର୍ କିଣିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ରାଜା ମସ୍ୱତି-୩ ତାଙ୍କ ଜନ୍ମଦିନରେ ଦେଶର ନାଁ ସ୍ୱାଜିଲାଣ୍ଡରୁ ବଦଳାଇ ଇସ୍ୱାତିନି କରିଥିଲେ। ହେଲେ ଏପର୍ଯ୍ୟନ୍ତ ଅନେକ ଲୋକ ଏହାକୁ ସ୍ୱାଜିଲାଣ୍ଡ ବୋଲି ଜାଣନ୍ତି। ତେବେ ରାଜାଙ୍କ ପାଖରେ ୧,୪୩୪ କୋଟି ଟଙ୍କାର ସମ୍ପତ୍ତି ରହିଛି। ତାଙ୍କର ନିଜର ପ୍ରାଇଭେଟ୍ ଜେଟ୍ ସହ ଏୟାରପୋର୍ଟ ମଧ୍ୟ ରହିଛି ବୋଲି କୁହାଯାଏ। ଗରିବ ଦେଶର ରାଜା ହୋଇ ନିଜ ପରିବାର ପାଇଁ ଏତେ ଅର୍ଥ ଖର୍ଚ୍ଚ କରୁଥିବାରୁ ସାଧାରଣ ଲୋକେ ଏହାର ବିରୋଧ କରିଆସୁଛନ୍ତି। ଏମିତିକି ତାଙ୍କ କାର୍ କିଣାକୁ ନେଇ ଲୋକେ ସୋସିଆଲ ମିଡିଆରେ ମଧ୍ୟ ବିରୋଧ କରିଛନ୍ତି। ତେବେ ୧୫ ସ୍ତ୍ରୀ ଗ୍ରହଣ କରିଥିବା ଏହି ରାଜାଙ୍କର ୨୫ରୁ ଊର୍ଦ୍ଧ୍ୱ ସନ୍ତାନ ରହିଛନ୍ତି। ଜଣେ ସ୍ତ୍ରୀ ରାଜାଙ୍କ ଉପରେ ଅସନ୍ତୁଷ୍ଟ ହୋଇ ଆତ୍ମହତ୍ୟା କରିଥିବା କୁହାଯାଏ।

# ଅଛି ଜଳ, ନାହିଁ ଜୀବନ

ଆଡିସ୍ ଆବାବା: ପୃଥିବୀରେ ଜଳ ଥିବା ସ୍ଥାନରେ ଜୀବନ ରହିଥାଏ। ଅର୍ଥାତ୍ ସେଠାରେ ଜୀବିତ ପ୍ରାଣୀ ରହିଥାନ୍ତି। ତେବେ ଇଥୋପିଆର ଏପରି ଏକ ଅଞ୍ଚଳ ରହିଛି ଯେଉଁଠି ଜଳ ଅଛି, ମାତ୍ର ଜୀବନ ନାହିଁ। ଏଠାରେ ଥିବା ଦଲୋଲ ଅଞ୍ଚଳରେ ଏଭଳି ଦେଖାଯାଇଥାଏ। ଏଠାରେ ବହୁଗୁଡ଼ିଏ ଉଷ୍ଣପ୍ରସବଣ ରହିଛି। ଫଳରେ ଜଳ ଅତ୍ୟଧିକ ଅମ୍ଳୀୟ। ମାତ୍ରାଧିକ ଅମ୍ଳୀୟ ଜଳରେ କୌଣସି ଜୀବ ସୃଷ୍ଟି ହୋଇପାରି ନ ଥାନ୍ତି। ଏହି ସ୍ଥାନକୁ ଲୋକେ ମୃତ୍ୟୁର ଉପତ୍ୟକା କହିଥାନ୍ତି। ଦେଶବିଦେଶରୁ ଏଠାକୁ ପର୍ଯ୍ୟଟକମାନେ ଆସିଥାନ୍ତି। ତେବେ ରହିବାର କୌଣସି ବ୍ୟବସ୍ଥା ନ ଥିବାରୁ ବୁଲାବୁଲି କରି ସୂର୍ଯ୍ୟାସ୍ତ ପୂର୍ବରୁ ପଳାଇ ଯାଇଥାନ୍ତି।



# ସମ୍ବିଧାନ: ଭାରତର ଏକ ସ୍ୱତନ୍ତ୍ର ପରିଚୟ

ଭାରତର ସମ୍ବିଧାନ ଦେଶର ସବୁଠୁ ବଡ଼ ଆଇନ। ଏହା ରାଜନୈତିକ ସଂରଚନା, ପ୍ରକ୍ରିୟା, କ୍ଷମତା, ସରକାରୀ ସଂସ୍ଥାର କାର୍ଯ୍ୟ, ମୌଳିକ ଅଧିକାର, ନିର୍ଦ୍ଦେଶକ ସିଦ୍ଧାନ୍ତ ତଥା ନାଗରିକମାନଙ୍କ କର୍ତ୍ତବ୍ୟର ଢାଞ୍ଚା ନିର୍ଦ୍ଧାରଣ କରିଥାଏ। ଧର୍ମ ନିରପେକ୍ଷ ଗଣତନ୍ତ୍ର ରାଷ୍ଟ୍ର ଭାରତର ସମ୍ବିଧାନ ସାରା ବିଶ୍ୱରେ ଗୁରୁତ୍ୱ ବହନ କରେ। ଭାରତର ସମ୍ବିଧାନ ବିଶ୍ୱର ସବୁଠୁ ବଡ଼ ଲିଖିତ ସମ୍ବିଧାନ। ଏହା ପ୍ରତ୍ୟେକ ଭାରତୀୟଙ୍କ ଲାଗି ଗର୍ବର କଥା। ଡ. ଭୀମରାଓ ଆମ୍ବେଡକରଙ୍କ ୧୨୫ତମ ଜନ୍ମ ବାର୍ଷିକୀ ୨୦୧୫ରେ ପାଳନ କରାଯାଇଥିଲା। ମୁମ୍ବାଇରେ ଡ.ଆମ୍ବେଡକର ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି ସ୍ମାରକୀର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଭାରତ ସରକାର ପ୍ରଥମେ ଏହି ବର୍ଷ ୨୬ ନଭେମ୍ବରକୁ ସମ୍ବିଧାନ ଦିବସ ଭାବେ ପାଳନ କରିବା ଲାଗି ଘୋଷଣା କରିଥିଲେ। ସେବେଠାରୁ ପ୍ରତିବର୍ଷ ଏହା ପାଳନ କରାଯାଉଛି। ସମ୍ବିଧାନ ପ୍ରସ୍ତୁତ କରିବାରେ ଡ. ଭୀମରାଓଙ୍କ ଯୋଗଦାନକୁ ସ୍ମରଣ କରିବା ଓ ତାଙ୍କ ବିଚାର ଆଦର୍ଶ ସମ୍ପର୍କରେ ପ୍ରସାର କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ସମ୍ବିଧାନର



## ଆଜି ସମ୍ବିଧାନ ଦିବସ

ମହତ୍ତ୍ୱ ପ୍ରସାର କରିବା ଏହି ଦିବସର ଲକ୍ଷ୍ୟ।

ଭାରତର ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ସମ୍ବିଧାନ ସଭା ଗଠନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମ୍ବିଧାନ ସଭା ଲାଗି ଜୁଲାଇ ୧୯୪୬ରେ ନିର୍ବାଚନ କରାଯିବା ପରେ ପ୍ରଥମ ବୈଠକ ସେହି ବର୍ଷ ଡିସେମ୍ବରରେ ଅନୁଷ୍ଠିତ ହୋଇଥିଲା ଓ ୯ ଡିସେମ୍ବରରେ ସମ୍ବିଧାନ ସଭା ତା'ର କାର୍ଯ୍ୟ ଆରମ୍ଭ କରିଥିଲା। ଡ୍ରଫ୍ଟିଂ କମିଟିର ଅଧ୍ୟକ୍ଷ ଡ. ଆମ୍ବେଦକର ସମ୍ବିଧାନର ପ୍ରଣେତା। ତାଙ୍କ ନେତୃତ୍ୱରେ ସମ୍ବିଧାନ ଲେଖା ୨ବର୍ଷ ୧୧ ମାସ ୧୮ ଦିନରେ ଶେଷ କରାଯାଇ ୨୬ ନଭେମ୍ବର ୧୯୪୯ରେ ରାଷ୍ଟ୍ରକୁ ସମର୍ପିତ କରାଯାଇଥିଲା। ଏହି ଦିବସକୁ ସ୍ମରଣ କରାଇଦିଏ ସମ୍ବିଧାନ ଦିବସ। ସମ୍ବିଧାନ ଲେଖିବା କାର୍ଯ୍ୟ ଶେଷ କରାଯାଇଥିଲେ ମଧ୍ୟ ଏହାକୁ ଭଲ ଭାବରେ ପଢି ହିନ୍ଦୀରେ ଅନୁବାଦ କରାଯାଇ ୨ ମାସ ପରେ ୨୬ ଜାନୁୟାରୀ ୧୯୫୦ରେ ଏହାକୁ ଲାଗୁ କରାଯାଇଥିଲା। ଏହି ସମ୍ବିଧାନରେ ୩୯୫ଟି ଅନୁଚ୍ଛେଦ ରହିଛି ଏବଂ ପରେ ଏହାକୁ କେବଳ ଯାହା ବିସ୍ତାର କରାଯାଇଛି। ଭାରତର ମୂଳ ସମ୍ବିଧାନରେ ୮ ଅନୁସୂଚି ଥିଲା ଓ ଏବେ ୧୨ ଅନୁସୂଚୀ ଓ ୨୨ ଭାଗ ରହିଛି। ପ୍ରଥମ ସମ୍ବିଧାନ ସଂଶୋଧନ ୧୯୫୧ ଦ୍ୱାରା ୯ମ ଅନୁସୂଚୀ, ୫୨ତମ ସମ୍ବିଧାନ ସଂଶୋଧନ ୧୯୮୫ ଦ୍ୱାରା ୧୦ ଅନୁସୂଚୀ, ୭୩ତମ ସମ୍ବିଧାନ ସଂଶୋଧନ ୧୯୯୨ ଦ୍ୱାରା ୧୧ତମ ଅନୁସୂଚୀ ଏବଂ ୭୪ ସମ୍ବିଧାନ ସଂଶୋଧନ ୧୯୯୨ ଦ୍ୱାରା ୧୨ ଅନୁସୂଚୀ ସମ୍ମିଳିତ କରାଯାଇଛି।

ସମ୍ବିଧାନ ଦିବସ ଏକ ସାମୂହିକ ଛୁଟି ଦିବସ ନହେଲେ ବି ଏହି ଦିବସକୁ ଭାରତ ସରକାରଙ୍କ ବିଭିନ୍ନ ବିଭାଗ ପାଳନ କରିଥାନ୍ତି। ଏହାକୁ ମଧ୍ୟ ଜାତୀୟ ଆଇନ ଦିବସ ଭାବେ ପାଳନ କରାଯାଏ ଓ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବାର୍ ଆସୋସିଏଶନ ଦ୍ୱାରା ଆଗତ ଏକ ପ୍ରସ୍ତାବରେ ୧୯୭୯ରେ ଏହି ଦିବସକୁ ସ୍ୱୀକୃତି ମିଳିଥିଲା।

# ନିକ୍‌ଙ୍କ ସହ ଗୀତ ଗାଇବାକୁ ନାରାଜ୍

ମୁମ୍ବାଇ: ବଲିଉଡ୍ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ନିଜ ଅଭିନୟକୁ ନେଇ ବେଶ୍ ଚର୍ଚ୍ଚିତ। କେବଳ ଅଭିନୟ ନୁହେଁ ସେ ଫିଲ୍ମରେ କେତୋଟି ଗୀତ ମଧ୍ୟ ଗାଇଛନ୍ତି। ଯାହା ଶ୍ରୋତା ତଥା ଦର୍ଶକଙ୍କୁ ପସନ୍ଦ ଆସିଛି। ଏବେ ତାଙ୍କ ପ୍ରଶଂସକମାନେ ଅପେକ୍ଷାରେ ଅଛନ୍ତି କେବେ ପ୍ରିୟଙ୍କା ତାଙ୍କ ସ୍ୱାମୀ ତଥା ଅନ୍ତର୍ଜାତୀୟ ଗାୟକ ନିକ୍ ଜୋନସଙ୍କ ସହ ଗୀତ ଗାଇବେ। ହେଲେ ନିକଟରେ ଏକ ଚାଟ୍ ଶୋ'ରେ ପ୍ରିୟଙ୍କା କହିଛନ୍ତି ସେ କେବେବି ନିକ୍‌ଙ୍କ ସହ ଗୀତ ଗାଇବାର ଭୁଲ୍ କରିବେନି। କାରଣ ନିକ୍ ଗୀତ ଲେଖିବା, ମ୍ୟୁଜିକ୍ କମ୍ପୋଜ୍ କରିବା ଓ ଗାଇବାରେ ଜଣେ ଓସ୍ତାଦ କଳାକାର। ମୋତେ ଗୀତ ଭଲଲାଗେ ବାସ୍। କିନ୍ତୁ ନିକ୍‌ଙ୍କର ସଙ୍ଗୀତକୁ ନେଇ ଯେତିକି ଜ୍ଞାନ ଅଛି ସେପର୍ଯ୍ୟନ୍ତ ମୁଁ ପହଞ୍ଚି ପାରିବି ନାହିଁ ବୋଲି ପ୍ରିୟଙ୍କା କହିଛନ୍ତି। ପ୍ରିୟଙ୍କାଙ୍କ ଏହି କଥା ଶୁଣିବା ପରେ ତାଙ୍କର ପ୍ରଶଂସକମାନେ ନିରାଶ ହୋଇଛନ୍ତି।



ପ୍ରିୟଙ୍କା ଚୋପ୍ରା

# ଯୁବକଙ୍କ ଆଙ୍ଗୁଠି ସଂଖ୍ୟା ୨୮

**ଗାନ୍ଧୀନଗର:** ସାଧାରଣତଃ ମଣିଷଙ୍କ ଦୁଇ ହାତ ଏବଂ ପାଦରେ ୧୦ ଲେଖାଏଁ ଆଙ୍ଗୁଠି ରହିଥାଏ। ତେବେ ଗୁଜରାଟରେ ବାସ କରୁଥିବା ଦେବେନ୍ଦ୍ର ସୁଥରଙ୍କ ପ୍ରତି ହାତ ଏବଂ ପାଦରେ ୭ ଲେଖାଏଁ ଆଙ୍ଗୁଠି ରହିଛି। ତାଙ୍କର ଆଙ୍ଗୁଠି ସଂଖ୍ୟା ୨୮। ସେହିପରି ଓଡ଼ିଶାର ଗଞ୍ଜାମରେ ବାସ କରୁଥିବା ୬୩ ବୟସ୍କ କୁମାର ନାୟକ ନାମକ ମହିଳାଙ୍କ ଦୁଇହାତର ଆଙ୍ଗୁଠି ସଂଖ୍ୟା ୧୨ ଏବଂ ପାଦର ଆଙ୍ଗୁଠି ସଂଖ୍ୟା ୧୯ ରହିଛି। ତାଙ୍କର ମୋଟ ଆଙ୍ଗୁଠି ସଂଖ୍ୟା ୩୧ ରହିଛି। ଡାକ୍ତରଙ୍କ ଅନୁସାରେ ହଜାରେ ଲୋକଙ୍କ ମଧ୍ୟରେ ଏଭଳି ଜଣେ ଲୋକଙ୍କଠାରେ ବ୍ୟତିକ୍ରମ ଦେଖାଯାଇଥାଏ। ଏହା ଏକ ଜନ୍ମଗତ ରୋଗ ପୋଲିଡେକ୍ଟିଲି ଯୋଗୁ ହୋଇଥାଏ। ତେବେ ମାତୃଗର୍ଭରେ ଥିବା ସମୟରେ ଏସମ୍ପର୍କରେ ଅଲ୍‌ଟ୍ରାସାଉଣ୍ଡ ଦ୍ୱାରା ଜଣାପଡ଼ିଥାଏ।



# ପରିବେଶ ସୁରକ୍ଷା ଚିନ୍ତା




**ଭୋପାଳ:** ପରିବେଶ ସୁରକ୍ଷା ଉପରେ ଲୋକମାନଙ୍କୁ ସଚେତନ କରିବା ଲାଗି ମଧ୍ୟପ୍ରଦେଶର ଗୋଟିଏ ପରିବାର ଏକ ନିଆରା ଉପାୟ ଆପଣାଇଛନ୍ତି। ସେମାନେ ବିବାହରେ କାର୍ଡ ବଦଳରେ ଫୁଲକୁଣ୍ଡ ବାଣ୍ଟିଛନ୍ତି। ଏହି କୁଣ୍ଡ ଉପରେ ବର-କନ୍ୟାଙ୍କ ନାମ ଓ ବିବାହସ୍ଥଳର ଠିକଣା ଲେଖି ୪୦୦ ଲୋକଙ୍କୁ ନିମନ୍ତ୍ରଣ କରିଛନ୍ତି। କୁଣ୍ଡଗୁଡ଼ିକରେ ବିଭିନ୍ନ ପ୍ରକାର ଗଛ ଲଗାଯାଇଛି। ବିବାହ ସ୍ଥିର ହେବାର ୮ ମାସ ପୂର୍ବରୁ କୁଣ୍ଡରେ ଏହିସବୁ ଗଛ ଲଗାଯାଇଥିଲା। ଭୋପାଳର ତୁଳସୀ ନଗରରେ ରହୁଥିବା ରାଜକୁମାର କନ୍‌କନେଙ୍କ ପୁଅ ପ୍ରିୟାଂଶୁଙ୍କ ବାହାଘରରେ ଦେଖିବାକୁ ମିଳିଛି ଅତିଥିଙ୍କୁ ନିମନ୍ତ୍ରଣ କରିବାର ଏହି ଅଭିନବ ଉପାୟ। ରାଜକୁମାରଙ୍କ ବଡ଼ ପୁଅ ପ୍ରତୀକଙ୍କ ପରାମର୍ଶ କ୍ରମେ ପରିବାର ପକ୍ଷରୁ ଏହି ବ୍ୟବସ୍ଥା ଗ୍ରହଣ କରାଯିବା ଲାଗି ସ୍ଥିର କରାଯାଇଥିଲା। ନୂଆ ଉପାୟରେ ନିମନ୍ତ୍ରଣ କରାଯିବା ପରେ ଅତିଥିମାନେ ବି ବିବାହ ଉତ୍ସବରେ ଯୋଗ ଦେଇଥିଲେ। ଏଭଳି ନିମନ୍ତ୍ରଣ ବ୍ୟବସ୍ଥାକୁ ଲୋକମାନେ ପ୍ରଶଂସା କରିଛନ୍ତି।



# ମା' ହେଲେ ରାଲି

**ଢେଙ୍କାନାଳ:** ଓଲିଉଡ ଅଭିନେତ୍ରୀ ରାଲି ନନ୍ଦ ସୋମବାର ମା' ହୋଇଛନ୍ତି। ତାଙ୍କ କୋଳମଣ୍ଡନ କରିଛି ଏକ କନ୍ୟାସନ୍ତାନ। ଏହାପରେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। 'କଳିଙ୍ଗପୁତ୍ର' ସିନେମାରୁ ଚଳଚ୍ଚିତ୍ର ଜଗତରେ ପାଦ ଦେଇଥିବା ରାଲି ୨୦୧୪ ଜୁଲାଇ ୨ରେ ବ୍ୟାଙ୍କ ଅଧିକାରୀ ପ୍ରଶାନ୍ତ ପଣ୍ଡାଙ୍କ ହାତ ଧରିଥିଲେ। ଏହାପରେ ସେ ଚଳଚ୍ଚିତ୍ର ଜଗତରୁ ଦୂରେଇ ଯାଇଥିଲେ। ଆକାଶେ କି ରଙ୍ଗ ଲାଗିଲା, ଓମ୍ ନମଃ ଶିବାୟ, ତୁ ଥିଲେ ମୋ ଡର କାହାକୁ, ଟଙ୍କା ତୋତେ ସଲାମ୍, ମା' ଖୋଜେ ମମତା, ସୁପରଷ୍ଟାର, ନଈ ସେପାରି କନକ ଗୋରୀ, ପୁଣି ଦେଖାହେବ ଆର ଜନମରେ ଆଦି ୧୨ଟି ସିନେମାରେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି ରାଲି। 'କଳିଙ୍ଗପୁତ୍ର' ସିନେମାରେ ନିଖୁଣ ଅଭିନୟ ପାଇଁ ତାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ରାଜ୍ୟ ସରକାର ଚଳଚ୍ଚିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏ ନେଇ ରାଲି ନିଜ ପ୍ରତିକ୍ରିୟାରେ କୁହନ୍ତି, କନ୍ୟା ସନ୍ତାନ ଜନ୍ମ ହୋଇଥିବାରୁ ସେ ବହୁତ ଖୁସି। ଖୁବ୍‌ଶୀଘ୍ର ସେ ଓଲିଉଡକୁ ଫେରିବେ।

# ଅବିକଳ ରାନୁ ମଣ୍ଡଳ

## ଭିଡିଓ ଭାଇରାଲ୍



**ନୂଆଦିଲ୍ଲୀ:** ପଶ୍ଚିମବଙ୍ଗ ରାଣାଘାଟ ରେଲଓ୍ୱେ ଷ୍ଟେଶନରେ ଗୀତଗାଇ ଗୁଜୁରାଣ ମେଣ୍ଟାଉଥିବା ରାନୁ ମଣ୍ଡଳଙ୍କ ଗୋଟିଏ ଭାଇରାଲ ଭିଡିଓ ତାଙ୍କୁ ରାତାରାତି ସେଲିବ୍ରିଟି କରି ଦେଇଥିଲା। ତାଙ୍କ କଣ୍ଠର ଯାଦୁରେ ପ୍ରଭାବିତ ହୋଇ ବଲିଉଡ୍ ଗାୟକ ହିମେଶ୍ ରେଶମିୟା ତାଙ୍କୁ ଗୀତ ଗାଇବାକୁ ଅଫର୍ ଦେଇଥିଲେ। ଏବେ ସେହି ରାନୁ ମଣ୍ଡଳ ସାରା ଦେଶରେ ବେଶ୍ ପରିଚିତ। ସେ ଭାରତ ରତ୍ନ ଲତା ମଙ୍ଗେସକରଙ୍କ ଗୀତ ଗାଇ ଆଜି ବେଶ୍ ପରିଚିତି ଲାଭ କରିଛନ୍ତି। ଏବେ ରାନୁ ମଣ୍ଡଳଙ୍କ ପରି ଦେଖାଯାଉଥିବା ଆଉ ଜଣେ ମହିଳାଙ୍କ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଉକ୍ତ ଭିଡିଓରେ ରାନୁଙ୍କ ପରି ଦେଖାଯାଉଥିବା ମହିଳା ଜଣକ ରାନୁଙ୍କ ଗୀତ 'ତେରୀ ମେରି କାହାଣୀ' ଗାଉଥିବା ଦେଖାଯାଇଛି। ତେବେ ମହିଳା ଜଣଙ୍କ ଗୁଆହାଟିର ବୋଲି କୁହାଯାଉଛି। ମହିଳାଙ୍କର ଏହି ଭିଡିଓଟିକୁ ରାନୁ ମଣ୍ଡଳ ଫ୍ୟାନ୍ କ୍ଲବ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଥିବା କୁହାଯାଉଛି। ଭିଡିଓଟି ଶେୟାର କରିବା ସହ ଲେଖାଯାଇଛି ରାନୁ ମଣ୍ଡଳ ୨.୦। ଅବଶ୍ୟ ଏଥିରେ ମହିଳାଙ୍କ ଗୀତ ଗାଇବା ଶୈଳୀ ଏତେ ଭଲ ନାହିଁ। କିନ୍ତୁ ସେ କେବଳ ରାନୁ ମଣ୍ଡଳଙ୍କ ପରି ଦେଖାଯାଉଥିବାରୁ ତାଙ୍କ ଭିଡିଓଟି ଶୁଟ୍ କରାଯାଇଥିବା କୁହାଯାଉଛି।

## ଧରିତ୍ରୀ ଶତାୟୁ ହେଉ।

ଖବର ପ୍ରସାରଣରେ ନିରପେକ୍ଷତାକୁ ଅକ୍ଷୁଣ୍ଣ ରଖି ଆଗକୁ ଆଗକୁ ବଢ଼ି ଚାଲୁ ବୋଲି ତା'ର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ମୋର କାମନା। ଏହି ଅବସରରେ ବାରବାଟୀ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ପାଇଁ ଆସନ୍ତା ନବବର୍ଷ-୨୦୨୦ ସୁଖ, ସମୃଦ୍ଧି, ପ୍ରଗତିର ବର୍ଷ ହେଉ, ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।



**ଚୈତନ୍ୟ ନାୟକ**
ସମିତିସଭ୍ୟ
ବାରବାଟୀ ଗ୍ରାମ ପଞ୍ଚାୟତ
ରସୁଲପୁର ବ୍ଲକ୍, ଯାଜପୁର

# ■ ସେବା ସଙ୍ଗମ-୨୦୧୯ ଉଦ୍‌ଯାପିତ

# ରାଜନୀତିରେ ବି ଆଧ୍ୟାତ୍ମିକ, ସେବାଭାବ ରହିବା ଉଚିତ

ରାଉରକେଲା ଅଫିସ,୨୫।୧୧

ରାଜନୀତିରେ କେବଳ ଆନ୍ଦୋଳନ କରିବା ବା ପ୍ରଚାର କରିବା ଏକ ମାତ୍ର ଲକ୍ଷ୍ୟ ନୁହେଁ। ରାଜନୀତିରେ ଆଧ୍ୟତ୍ମିକ ବା ସେବାଭାବ ବି ଆବଶ୍ୟକ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡ଼ିଶା ପୂର୍ବ ପ୍ରାନ୍ତ ସଂଘଚାଳକ ସମୀର କୁମାର ମହାନ୍ତି ମତବ୍ୟକ୍ତ କରିଛନ୍ତି। ରାଉରକେଲା ଭଞ୍ଜଭବନଠାରେ ସେବା ଭାରତୀ, ଓଡ଼ିଶା ପଶ୍ଚିମ, ପୂର୍ବ ଓ ଉତ୍କଳ ବିପନ୍ନ ସହାୟତା ସମିତି ଦ୍ୱାରା ରାଉରକେଲା ସେକ୍ଟର-୫ ଭଞ୍ଜଭବନରେ ଅନୁଷ୍ଠିତ ଦ୍ୱିଦିବସୀୟ ସେବା ସଙ୍ଗମ-୨୦୧୯ର ରବିବାର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ମହାନ୍ତି ଏ କଥା କହିଛନ୍ତି।

ସଂଘର ପୂର୍ବ ପ୍ରାନ୍ତ ସେବା ପ୍ରମୁଖ କୈଳାସ ଚନ୍ଦ୍ର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ପୂର୍ବର ପ୍ରାନ୍ତ ସଂଘଚାଳକ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗଦେଇ କହିଲେ, ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି କୌଣସି ଆଶା ନ ରଖି ସେବା କରିବା ଉଚିତ। ଚାକିରି କିମ୍ବା ରୋଜଗାର ପାଇଁ କରାଯାଉଥିବା କାମକୁ ସେବା କୁହାଯାଇ ପାରିବ ନାହିଁ। ନିଜ ଉପାର୍ଜିତ ଧନରେ ସମାଜର ସେବା କରିବା ହିଁ ପ୍ରକୃତ ସେବା। ସେବା କାମରେ ଲାଗିଥିବା ସଂସ୍ଥାମାନଙ୍କ ବିନା ସଂଘର କାମ ବି ପୂର୍ଣ୍ଣାଙ୍ଗ ହେବ ନାହିଁ ବୋଲି ସେ କହିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁନୀଲପଦ ଗୋସ୍ୱାମୀ ମୁଖ୍ୟବକ୍ତା ରୂପେ ଯୋଗଦେଇ କହିଲେ, ସେବା ଅନ୍ୟ କେହି କରିବ ବୋଲି ଅପେକ୍ଷା କରନାହିଁ। ପ୍ରଥମେ ନିଜେ ସେହି କାମ ଆରମ୍ଭ କରିବା ଉଚିତ। ବିପଦ ବେଳେ ସମସ୍ତେ ନିଜକୁ ବଞ୍ଚାଇବାକୁ ଦୌଡିବା ପରିବର୍ତ୍ତେ ମିଳିମିଶି ସେଥିରୁ କିପରି ରକ୍ଷା ପାଇ ହେବ ସେଥିପାଇଁ ଉଦ୍ୟମ କରିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ କ୍ଷେତ୍ର କାର୍ଯ୍ୟବାହ ଅଧ୍ୟାପକ ଗୋପାଳ ପ୍ରସାଦ ମହାପାତ୍ର, ପଶ୍ଚିମ ପ୍ରାନ୍ତର ସହ ପ୍ରାନ୍ତ ସଂଘଚାଳକ ଡ. ବିଦ୍ୟାଧର ରଣା, ପ୍ରାନ୍ତ କାର୍ଯ୍ୟବାହ ଦୁର୍ଗା ପ୍ରସାଦ ସାହୁ, ସହପ୍ରାନ୍ତ କାର୍ଯ୍ୟବାହ ସୁଦର୍ଶନ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଯୁଧିଷ୍ଠିର ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୧୧୧ଟି ଷ୍ଟଲରେ କରାଯାଉଥିବା ସେବା କାର୍ଯ୍ୟର ଫଟୋ ପ୍ରଦର୍ଶନୀ ଓ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା।



ଦ୍ୱିଦିବସୀୟ ସେବା ସଙ୍ଗମ-୨୦୧୯ର ରବିବାର ଉଦ୍‌ଯାପନୀ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଅନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି କାମନା କରିବା ସହ ରସୁଲପୁର ବ୍ଲକ୍ ଅଞ୍ଚଳର ସମସ୍ତ କୃଷକ ଭଉଣୀଭାଇ, ବ୍ୟବସାୟୀ ବନ୍ଧୁଗଣ, ପରିଚାଳନା କମିଟିର କର୍ମକର୍ତ୍ତା ଓ ସଦସ୍ୟଗଣଙ୍କୁ ଓଡ଼ଙ୍ଗ ଆଞ୍ଚଳିକ କୃଷକ ସେବା ସମିତି ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ।
ଆସନ୍ତା ନବବର୍ଷ- ୨୦୨୦ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଓ ପ୍ରଗତିର ବର୍ଷ ହେଉ।




**ଅନନ୍ତ କୁମାର ସ୍ୱାଇଁ**
ସଭାପତି

**ଜଗବନ୍ଧୁ ମଲିକ**
ସମ୍ପାଦକ

**ଓଡ଼ଙ୍ଗ ଆଞ୍ଚଳିକ କୃଷକ ସେବା ସମିତି**
ବାରବାଟୀ ଗ୍ରା.ପ., ବ୍ଲକ୍: ରସୁଲପୁର, ଯାଜପୁର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଏହାର କର୍ମକର୍ତ୍ତା ତଥା ପାଠିକା/ପାଠକମାନଙ୍କୁ ଶୁଭେଚ୍ଛା ଜଣାଉଛି।
HP GAS ଜୀହାଁ!



**ସେକ୍ ତାଲିମ୍ ଅଲ୍ଲୀ**
ପ୍ରୋପ୍ରାଇଟର
ମଦିନା ଏଚ୍.ପି. ଗ୍ୟାସ ବିତରଣ କେନ୍ଦ୍ର, ବ୍ରହ୍ମବରଦା

୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ 'ଧରିତ୍ରୀ' ପରିବାରର ସମସ୍ତ କର୍ମକର୍ତ୍ତା ତଥା ପାଠିକା/ ପାଠକମାନଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା।



**ଯତୀନ୍ଦ୍ର କୁମାର ସାହୁ (ବୁଲୁ)**
ଉପାଧ୍ୟକ୍ଷ,
ରସୁଲପୁର ପଞ୍ଚାୟତ ସମିତି
ଜିଲ୍ଲା: ଯାଜପୁର

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀର ନିରପେକ୍ଷତା ଖବର ପରିବେଷଣକୁ ସମ୍ମାନ ଜଣାଉଛି। ଏହି ଅବସରରେ ରସୁଲପୁର ବ୍ଲକ୍ ଅଞ୍ଚଳର ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଛି। ସମସ୍ତଙ୍କ ଜୀବନ ସୁଖମୟ ହେଉ। ପ୍ରତ୍ୟେକ ପରିବାର ହସ, ଖୁସି, ପ୍ରଗତି ଆଉ ସମୃଦ୍ଧିରେ ଭରିଯାଉ ବୋଲି କାମନା କରୁଛି।



**ବିଶ୍ୱନାଥ ରଥ**
ଗ୍ରାମ୍ୟ ଜଳଯୋଗାଣ ବିଭାଗ
କନିଷ୍ଠ ଯନ୍ତ୍ରୀ-୨
ରସୁଲପୁର ବ୍ଲକ୍, ଯାଜପୁର

ଧରିତ୍ରୀର ପବିତ୍ର ଜନ୍ମଦିନରେ ତା'ର ଦୀର୍ଘାୟୁ କାମନା କରୁଛି। ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ଓ ବିଚାରଧାରା ଯୁବସମାଜକୁ ପ୍ରଭାବିତ କରିଛି। ଯୁବକମାନଙ୍କୁ ଶୃଙ୍ଖଳିତ ଓ ସମାଜସେବାରେ ବ୍ରତୀ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଓ ଦିଗ୍‌ଦର୍ଶନ ସର୍ବତ୍ର ପ୍ରଶଂସନୀୟ ହୋଇପାରିଛି। ଏହାକୁ ସମ୍ମାନ ଜଣାଇ ରସୁଲପୁର ବ୍ଲକ୍ ଅଞ୍ଚଳର ଯୁବକମାନେ କାର୍ଯ୍ୟଧାରାକୁ ଆଗେଇ ନେବାକୁ ଅନୁରୋଧ।



**ଶଶାଙ୍କ ଶେଖର ରାଉତ**
ଯୁବ ବିଜେଡି ସାଧାରଣ ସମ୍ପାଦକ, ରସୁଲପୁର ବ୍ଲକ୍, ଯାଜପୁର

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଶୁଭକାମନା। ଏହାଛଡ଼ା ବ୍ରହ୍ମବରଦା କଲେଜ ପକ୍ଷରୁ ପରିଚାଳନା କମିଟିର କର୍ମକର୍ତ୍ତାଗଣ, ଅଭିଭାବକ, ସହକର୍ମୀ, ଛାତ୍ରୀଛାତ୍ର ଓ ଶୁଭେଚ୍ଛୁମାନଙ୍କୁ ଅଭିନନ୍ଦନ ଜଣାଉଛି। କଲେଜର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କୁ ସାଧୁବାଦ ଜ୍ଞାପନ କରୁଛି।



**ମହେଶ୍ୱର ପାଢ଼ୀ,** ଅଧ୍ୟକ୍ଷ
ବ୍ରହ୍ମବରଦା ଡିଗ୍ରୀ କଲେଜ, ରସୁଲପୁର ବ୍ଲକ୍, ଜିଲ୍ଲା: ଯାଜପୁର

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଶୁଭକାମନା। ଏହାଛଡ଼ା ବ୍ରହ୍ମବରଦା କଲେଜ ପକ୍ଷରୁ ପରିଚାଳନା କମିଟିର କର୍ମକର୍ତ୍ତାଗଣ, ଅଭିଭାବକ, ସହକର୍ମୀ, ଛାତ୍ରୀଛାତ୍ର ଓ ଶୁଭେଚ୍ଛୁମାନଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛି।
କଲେଜର ସର୍ବାଙ୍ଗୀନ ଉନ୍ନତି ଦିଗରେ ସମସ୍ତଙ୍କର ସହଯୋଗ ଥିବାରୁ ସାଧୁବାଦ ଜଣାଉଛି।



**କିଶୋର ଚନ୍ଦ୍ର ଜେନା**
ଅଧ୍ୟକ୍ଷ
ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ବ୍ଲକ୍: ରସୁଲପୁର
ଜିଲ୍ଲା: ଯାଜପୁର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ସମସ୍ତଙ୍କୁ ଶୁଭକାମନା। ଧରିତ୍ରୀ ଖବରକାଗଜ ଓ ପରିବାରର ସର୍ବାଙ୍ଗୀନ ଉନ୍ନତି କାମନା କରୁଛୁ। ଏଥିସହ ଲକ୍ଷ୍ମୀନଗର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଆସନ୍ତା ନବବର୍ଷ-୨୦୨୦ର ଅଭିନନ୍ଦନ ଜ୍ଞାପନ କରୁଛୁ। ଆସନ୍ତା ବର୍ଷ ଆପଣମାନଙ୍କ ପାଇଁ ସୁଖ, ସମୃଦ୍ଧି, ପ୍ରଗତିର ବର୍ଷ ହେଉ, ପ୍ରଭୁ ଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା।




**ଗାୟତ୍ରୀ ସାହୁ**
ସରପଞ୍ଚ
ଲକ୍ଷ୍ମୀନଗର ପଞ୍ଚାୟତ

**ପ୍ରଫୁଲ୍ଲ କୁମାର ସାହୁ**
ଯୁବନେତା
ଲକ୍ଷ୍ମୀନଗର ପଞ୍ଚାୟତ

ବ୍ଲକ୍: ରସୁଲପୁର, ଯାଜପୁର

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରୁଛି।

ଏତଦ୍‌ବ୍ୟତୀତ ଲିଙ୍କନ ଫାର୍ମା ପକ୍ଷରୁ ଓଡ଼ିଶା ରାଜ୍ୟର ସମସ୍ତ ଡାକ୍ତର, ଔଷଧ ବିତରକ, ଷ୍ଟକିଷ୍ଟ ଓ କମ୍ପାନୀର କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛି।

ଆସନ୍ତା ନବବର୍ଷ-୨୦୨୦ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି, ପ୍ରଗତିର ବର୍ଷ ହେଉ ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।



**ଅଭୟ କୁମାର ମହାନ୍ତି**
ଜୋନାଲ ସେଲ୍‌ସ ମ୍ୟାନେଜର, ଲିଙ୍କନ ଫାର୍ମାସିଉଟିକାଲ୍ସ ଲିମିଟେଡ୍, ଓଡ଼ିଶା

ଧରିତ୍ରୀ ୪୫ବର୍ଷ ଧରି ସଫଳତାର ସହ କାମ କରିଆସୁଛି। ଉକ୍ତ ଅନୁଷ୍ଠାନ ଏକ ମହାଦ୍ରୁମରେ ପରିଣତ ହେବା ସହ ସ୍ୱତନ୍ତ୍ରତା ବଜାୟ ରଖୁ। ଏହାଛଡ଼ା କୋରେଇ ନିର୍ବାଚନ ମଣ୍ଡଳୀ ଜନସାଧାରଣଙ୍କ ସୁଖ, ସମୃଦ୍ଧି, ପ୍ରଗତିରେ ଧରିତ୍ରୀ ସହାୟ ହେଉ, ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଏହା ହିଁ କାମ୍ୟ।



**ଅଶୋକ କୁମାର ବଳ**, ବିଧାୟକ
କୋରେଇ ନିର୍ବାଚନ ମଣ୍ଡଳୀ, ଜିଲ୍ଲା: ଯାଜପୁର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ଏଥିସହ ମଣ୍ଡଳ ଅଧୀନସ୍ଥ ସମସ୍ତ ଜନସାଧାରଣଙ୍କୁ ଆଗୁଆ ନବବର୍ଷ-୨୦୨୦ ଅଭିନନ୍ଦନ ଜ୍ଞାପନ କରୁଛି।



**ମାୟାଧର ପଲେଇ (ବାଟୁଆ)**
୩୩ନଂ. ଜୋନ୍ ମଣ୍ଡଳ ସଭାପତି
ଭାରତୀୟ ଜନତା ପାର୍ଟି, ରସୁଲପୁର ବ୍ଲକ୍, ଯାଜପୁର

See Career Appointment on every Wednesday & Saturday



ଶ୍ରଦ୍ଧାବାନ୍ ହୁଅ, ବୀର୍ଯ୍ୟବାନ ହୁଅ, ଆତ୍ମଜ୍ଞାନ ଲାଭ କର, ଆଉ ପର ହିତରେ ଜୀବନଯାପନ କର, ଏହା ମୋର ଇଚ୍ଛା ଓ ଆଶୀର୍ବାଦ।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ଖୋର୍ଦ୍ଧାରୋଡ଼ ଷ୍ଟେଶନରେ ମେମୁର ଗୋଟିଏ ବଗି ଲାଇନଚ୍ୟୁତ



**ଜଟଣୀ, ୨୫।୧୧(ଡି.ଏନ.ଏ):** ଖୋର୍ଦ୍ଧାରୋଡ଼ ରେଳ ଷ୍ଟେଶନରେ ସୋମବାର ସନ୍ଧ୍ୟାରେ ମେମୁ ଟ୍ରେନ୍‌ର ଏକ ବଗି ଲାଇନଚ୍ୟୁତ ହୋଇଥିଲା। ସନ୍ଧ୍ୟା ପ୍ରାୟ ୭ଟାରେ ଏହା ଘଟିଛି। ଷ୍ଟେଶନର ସିକ୍ ଲାଇନ୍‌ରେ ଏହା ହୋଇଛି। କେହି ଯାତ୍ରୀ ନ ଥିବା ଏହି ଟ୍ରେନ୍‌ର ବଗିଗୁଡ଼ିକ ଲାଇନ ପରିବର୍ତ୍ତନ କରିବା ସମୟରେ ଏହା ଲାଇନଚ୍ୟୁତ ହୋଇଥିଲା। ଏହାଦ୍ୱାରା କୌଣସି ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇନାହିଁ। ଘଟଣାସ୍ଥଳକୁ ରେଳପଥ ଅଧିକାରୀ ଓ କର୍ମଚାରୀ ପହଞ୍ଚି ଖବର ଲେଖା ହେବା ବେଳକୁ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। କେଉଁ ପରିସ୍ଥିତିରେ ଏହି ଟ୍ରେନ୍‌ର ଗୋଟିଏ ବଗି ଲାଇନ୍‌ଚ୍ୟୁତ ହେଲା ତାହା ତଦନ୍ତ ସାପେକ୍ଷ।

### ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର 'ସୋଭେଟ୍'କୁ ସେଣ୍ଟର ଅଫ୍ ଏକ୍ସଲେନ୍ସ ମାନ୍ୟତା



**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ):** ସେଞ୍ଚୁରିଅନ୍ ୟୁନିଭର୍ସିଟିର ସ୍କୁଲ୍ ଅଫ୍ ଭୋକେଶନାଲ ଏଜୁକେଶନ ଆଣ୍ଡ୍ ଟ୍ରେନିଂ(ସୋଭେଟ୍)କୁ ଦକ୍ଷତା ବିକାଶ ମନ୍ତ୍ରଣାଳୟ ଦ୍ୱାରା ସେଣ୍ଟର ଅଫ୍ ଏକ୍ସଲେନ୍ସର ମାନ୍ୟତା ପ୍ରଦାନ କରାଯାଇଛି। ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ବୃତ୍ତିଗତ ଶିକ୍ଷା ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ହୋଇଥିବାବେଳେ ଏହା ସମ୍ପୂର୍ଣ୍ଣ ଭାବେ ତାଲିମ୍ ପର୍ଯ୍ୟବସିତ ବୋଲି କୁହାଯାଇଛି। ଫଳରେ ଶତ ପ୍ରତିଶତ ବିଦ୍ୟାର୍ଥୀ ଏଠାରୁ ତାଲିମ୍ ପାଇବା ପରେ ଚାକିରି କିମ୍ବା ବୃତ୍ତିଗତ କାର୍ଯ୍ୟରେ ନିଯୁକ୍ତ ହୋଇପାରୁଛନ୍ତି। ସେଞ୍ଚୁରିଅନ୍‌କୁ ପ୍ରଦାନ କରାଯାଇଥିବା ଏହି ସେଣ୍ଟର ଅଫ୍ ଏକ୍ସଲେନ୍ସ ମାନ୍ୟତା ଭାରତ ସରକାରଙ୍କ ଗେଜେଟ୍ ନୋଟିଫିକେସନ୍‌ରେ ପ୍ରକାଶିତ ହୋଇଛି। ଏହି ସେଣ୍ଟର ଅଫ୍ ଏକ୍ସଲେନ୍ସ ବିଶ୍ୱବିଦ୍ୟାଳୟର ସମସ୍ତ ବିଦ୍ୟାର୍ଥୀଙ୍କୁ ବ୍ୟବହାରଯୋଗ୍ୟ କାର୍ଯ୍ୟ ଶିକ୍ଷାପ୍ରଣାଳୀ ସମ୍ପର୍କରେ ଶିଖାଇବ। ନ୍ୟାଶନାଲ ସ୍କିଲ୍ ଡେଭଲପ୍‌ମେଣ୍ଟ କର୍ପୋରେଶନର 'ଗ୍ରାମତରଙ୍ଗ' ଏହି ସେଣ୍ଟର ଅଫ ଏକ୍ସଲେନ୍ସକୁ ପରିଚାଳନା କରିବ। ସମଗ୍ର ଭାରତରେ ଓଡ଼ିଶା ଦକ୍ଷତାର ରାଜଧାନୀ ଭାବେ ଉଭା ହୋଇଥିବାବେଳେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ଏକ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ରାଜ୍ୟ ସରକାର ଏକ୍ଷେତ୍ରରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଇଥିବା ୟୁନିଭର୍ସିଟି ପ୍ରେସିଡେଣ୍ଟ ପ୍ରଫେସର ମୁକ୍ତିକାନ୍ତ ମିଶ୍ର କହିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରାଯାଇଥିବା ନୂତନ ଦାୟିତ୍ୱ ଆଗକୁ ସୂଚାରୁ ରୂପେ କାର୍ଯ୍ୟ କରିବାର ଇଚ୍ଛାଶକ୍ତିକୁ ଦ୍ୱିଗୁଣିତ କରିବ ବୋଲି ବିଶ୍ୱବିଦ୍ୟାଳୟ କୁଳପତି ସୁପ୍ରିୟା ପଟ୍ଟନାୟକ କହିଛନ୍ତି।

### ଜଟଣୀ କୋର୍ଟରେ ପ୍ରଥମ ଦଣ୍ଡାଦେଶ

**ଜଟଣୀ, ୨୫।୧୧(ଡି.ଏନ.ଏ.):** ଜଟଣୀ ଜେଏମ୍ଏଫ୍‌ସିରେ ଏକ ମାମଲାର ବିଚାର କରି ମାଜିଷ୍ଟ୍ରେଟ୍ ଧ୍ରୁବି ସୋଲାଙ୍କିରାୟ ରାୟ ପ୍ରକାଶ କରି ଜଣେ ବିଚାରାଧୀନ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ଦେଇଛନ୍ତି। ଟ୍ରେନ୍ ଯାତ୍ରୀଙ୍କଠାରୁ ଚୋରି କରିବା ଘଟଣାରେ ବିଚାର ବିଭାଗୀୟ ହାଜତରେ ଥିବା କୃଷ୍ଣଚନ୍ଦ୍ର ରାଉତଙ୍କୁ ଶନିବାର ୬ ମାସ ୭ ଦିନ ଜେଲ୍ ଦଣ୍ଡାଦେଶ କରିଛନ୍ତି। ଜଟଣୀରେ କୋର୍ଟ ପ୍ରତିଷ୍ଠା ହେବା ପରେ ଏହା ପ୍ରଥମ ଦଣ୍ଡାଦେଶ। ସରକାରୀ ଆଇନ୍‌ଜୀବୀ ଭାବେ ଏପିପି ଚିରସ୍ମିତା ସାସମଲ ମାମଲା ପରିଚାଳନା କରୁଥିଲେ।

### ଖର୍ଚ୍ଚ ପରିମାଣ ପ୍ରକାଶ କଲେ ଅର୍ଥମନ୍ତ୍ରୀ

**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ):** ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା କେଉଁ ବିଭାଗ କେତେ ଖର୍ଚ୍ଚ କରିଛି, ସେ ନେଇ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସୋମବାର ବିଧାନସଭାରେ ତଥ୍ୟ ରଖିଛନ୍ତି। ବିଜେଡି ବିଧାୟକ ଭୂପିନ୍ଦର ସିଂଙ୍କ ଏକ ତାରକା ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ପୂଜାରୀ ଏହା କହିଛନ୍ତି। ତଥ୍ୟ ଅନୁଯାୟୀ, ସେପ୍ଟେମ୍ବର ସୁଦ୍ଧା ଗୃହ ବିଭାଗ ୨୩୪୦.୭୯ କୋଟି, ଅର୍ଥ ବିଭାଗ ୧୧୫୬୨.୮୦ କୋଟି, ସ୍କୁଲ ଓ ଗଣଶିକ୍ଷା ୬୫୪୧.୦୨, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ୨୨୫୩.୨୬, ନଗର ଉନ୍ନୟନ ୧୯୮୯.୨୪, ପଞ୍ଚାୟତିରାଜ ୪୯୧୩.୭୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଜଳସମ୍ପଦ ୨୬୩୮.୧୦ କୋଟି, କୃଷି ୪୦୨୫.୧୭ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

### ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ସମାରୋହ

# ଏକତ୍ର ହେଲେ ଅଭିଭାବକ, ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ

**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)**



ସମାରୋହର ୩ୟ ଦିବସରେ ଉପସ୍ଥିତ ଆଧ୍ୟାତ୍ମିକ ଗୁରୁ ଡ. ଚନ୍ଦ୍ରଭାନୁ ଶତପଥୀ, ମନ୍ତ୍ରୀ ଅରୁଣ କୁମାର ସାହୁ ଓ ଅନ୍ୟ ଅତିଥିମାନେ।

ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ସମାରୋହର ସୋମବାର ଥିଲା ତୃତୀୟ ଦିବସ। ରବିବାର ଆଲୁମ୍ନି ମିଟ୍ ପରେ ସୋମବାର ଏକ ଅଭୂତପୂର୍ବ ପରିବେଶ ଦେଖିବାକୁ ମିଳିଥିଲା। ଏକତ୍ର ହୋଇଥିଲେ ଅଭିଭାବକ, ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ। କାରଣ ତୃତୀୟ ଦିବସ ଥିଲା ଅଭିଭାବକ ସମ୍ମିଳନୀ। ସକାଳୁ ସକାଳୁ ଅଭିଭାବକଙ୍କ ଆଗମନ ଆରମ୍ଭ ହୋଇଯାଇଥିଲା। ବିଶ୍ୱବିଦ୍ୟାଳୟରେ ଅଭିଭାବକଙ୍କୁ ଦେଖି ଛାତ୍ରୀଛାତ୍ରମାନଙ୍କ ମନରେ ଖୁସିର ଲହରି ଖେଳି ଯାଇଥିଲା। ସେମାନଙ୍କ ମଧ୍ୟରୁ ଅନେକ ପ୍ରଥମ ଥର ପାଇଁ ବିଶ୍ୱବିଦ୍ୟାଳୟକୁ ଆସିଥାନ୍ତି। ପୂର୍ବରୁ ବିଶ୍ୱବିଦ୍ୟାଳୟ ନାମ ଶୁଣିଥିବା ବେଳେ ନିଜ ପିଲାଙ୍କ ପାଇଁ ବିଶ୍ୱବିଦ୍ୟାଳୟକୁ ଦେଖିପାରିଛନ୍ତି ବୋଲି ଅଭିଭାବକମାନେ ଖୁସିବ୍ୟକ୍ତ କରିଛନ୍ତି।

ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ପକ୍ଷରୁ ଅଭିଭାବକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପ୍ରଥମେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ମାତାପିତାଙ୍କୁ ସ୍ୱାଗତ କରାଯିବା ସହିତ ଅଧ୍ୟାପିକା, ଅଧ୍ୟାପକମାନଙ୍କ ସହିତ ବାର୍ତ୍ତାଳାପ ତଥା ଭାବ ବିନିମୟର କାର୍ଯ୍ୟକ୍ରମ ହୋଇଥିଲା। ଏହାପରେ ଅଭିଭାବକ, ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ନେଇ ହୋଇଥିଲା ମେଗା ମିଟ୍। ବିଜୁ ପଟ୍ଟନାୟକ ସ୍ପୋର୍ଟସ କମ୍ପ୍ଲେକ୍ସରେ ଅନୁଷ୍ଠିତ ମିଳିତ ସମ୍ମିଳନୀରେ ଡ. ରାଜେନ୍ଦ୍ର ପ୍ରସାଦ କୃଷି ବିଶ୍ୱବିଦ୍ୟାଳୟର କୁଳପତି ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଆଧ୍ୟାତ୍ମିକ ଗୁରୁ ଡ. ଚନ୍ଦ୍ରଭାନୁ ଶତପଥୀ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟକୁ ଉତ୍କର୍ଷର ଚରମସୀମାରେ ପହଞ୍ଚାଇବା ପାଇଁ ଅର୍ଥ, ପ୍ରଶାସନ, ଶୃଙ୍ଖଳା, ଗବେଷଣା ଓ ବିଦ୍ୟାର୍ଥୀ ଆଦି ୫ଟି ଉପାଦାନ ସମ୍ବନ୍ଧରେ ସେ ଆଲୋକପାତ କରିଥିଲେ। କଷ୍ଟ ବିନା ପରିଶ୍ରମ ଅସମ୍ଭବ ବୋଲି ଦର୍ଶାଇଥିଲେ।



ଅଭିଭାବକମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା।

ଉଚ୍ଚଶିକ୍ଷା ପରିଷଦର ଉପସଭାପତି ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଅଶୋକ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଭିଭାବକମାନଙ୍କୁ ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ଉଦ୍ୟମ କରିବାକୁ ଆହ୍ୱାନ କରିଥିଲେ। ଏଥିସହିତ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷକମାନଙ୍କ ପ୍ରତି ଯଥେଷ୍ଟ ସମ୍ମାନ ଦେବାକୁ ପରାମର୍ଶ ଦେଇଛନ୍ତି। ଛାତ୍ରର ଉନ୍ନତି ଶିକ୍ଷକକୁ ଗର୍ବିତ କରିଥାଏ। ଉତ୍କଳ ବିଶ୍ୱବିଦ୍ୟାଳୟକୁ 'ୟୁନିଭର୍ସିଟି ଅଫ୍ ସବ୍‌ଷ୍ଟାନ୍ସ'ରେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟପାଳଙ୍କ ସ୍ୱତନ୍ତ୍ର ସଚିବ ମଧୁସୂଦନ ପାଢ଼ୀ ଯୋଗଦେଇ ବିଶ୍ୱବିଦ୍ୟାଳୟକୁ ଗୌରବାନ୍ୱିତ କରିବା ପାଇଁ ନୂଆ ପାଠ୍ୟକ୍ରମ ଓ ଗବେଷଣାର ଆବଶ୍ୟକତା ରହିଛି ବୋଲି ଗୁରୁତ୍ୱାରୋପ କରିଥିଲେ। ଉଚ୍ଚ ଶିକ୍ଷା ମନ୍ତ୍ରୀ ତଥା ପୁରାତନ ଛାତ୍ର ଅରୁଣ କୁମାର ସାହୁ ଓ ଉଚ୍ଚ ଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର ଯୋଗଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସବିତା ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୁଳସଚିବ ଦୟାନିଧି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଅଭିଭାବକମାନେ ହଷ୍ଟେଲ ଓ କ୍ୟାମ୍ପସ ବୁଲିଥିଲେ।

## ଦୀପଦାନ କଲେ ମହାପ୍ରଭୁ




**ପୁରୀ ଅଫିସ, ୨୫।୧୧:** ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ଦେବ ଦୀପାବଳି ଉତ୍ସବ। ସୋମବାର ମାର୍ଗଶିର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସତ୍ୟଯୁଗୀୟ ମାତାପିତା ଅଦିତୀ ଓ କଶ୍ୟପଙ୍କୁ ଦୀପଦାନ କରିଛନ୍ତି। ସନ୍ଧ୍ୟାଧୂପ ନୀତି ପରେ ଭଣ୍ଡାର ମେକାପ ସିଂହାସନ ତଳେ ଚାଉଳରେ ଗଛ ତିଆରି କରିଥିଲେ। ପାଳିଆ ମେକାପ ସେହି ଗଛରେ ଦୀପ ବସାଇଥିଲେ। ତିନିଗୋଟି ସୁନା ଆଳତି ଲଗାଇବା ପରେ ପୂଜାପଣ୍ଡା ସେବକ ଚାଉଳ ଗଛକୁ ସଂସ୍କାର କରି ପାଣି ଛଡାଇଥିଲେ। ପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ସେବକ ସିଂହାସନ ଉପରେ ଚଢି ବନ୍ଦାପନା କରିଥିଲେ। ଏହାପରେ ତିନୋଟି ମହାଦୀପ ବନ୍ଦାପନା ହୋଇଥିଲା। ପାଳିଆ ପୂଜାପଣ୍ଡା ମହାଦୀପକୁ ହାତରେ ଧରି ଜୟବିଜୟ ଦ୍ୱାର ଭିତର ପାଖକୁ ଆସି ସେଠାରେ ଥିବା ଚାଉଳ ନିର୍ମିତ ଗଛକୁ ସଂସ୍କାର କରି ପାଣି ଛାଡାଇଥିଲେ। ଏହାପରେ ମହାଦୀପ କଳସ ଧରି ଚୁନରା ସେବକଙ୍କୁ ପ୍ରଦାନ କରିଥିଲେ। ଚୁନରା ସେବକ ଗୋଟିଏ ଦୀପ ଶ୍ରୀମନ୍ଦିର ଅଳା ବେଢ଼ା ଉପରେ, ଆଉ ଗୋଟିଏ ଦୀପ ନାଟମଣ୍ଡପ ଉପରେ ଏବଂ ଅନ୍ୟଟି ଭୋଗ ମଣ୍ଡପ ଉପରେ ଜାଳିଥିଲେ। ଏଥିସହ ଚନ୍ଦ୍ର ଉଦିଆ ଜାଳିଥିଲେ।

### ଶ୍ରାଦ୍ଧ ବେଶରେ ଦର୍ଶନ ଦେଲେ ଠାକୁର

ଦୀପଦାନ ନୀତି ସମୟରେ ଶ୍ରାଦ୍ଧ ବେଶରେ ଦର୍ଶନ ଦେଇଥିଲେ ଠାକୁର। ପୁଷ୍ପାଳକ ସେବକମାନେ ଶ୍ରୀବିଗ୍ରହମାନଙ୍କୁ ନାଗପୁରୀ କାଶୀ ଧଡ଼ିଆ ଧଳା ବସ୍ତ୍ରରେ ବିଭୂଷିତ କରିଥିଲେ। ଶ୍ରୀଜଗନ୍ନାଥଙ୍କୁ ଲାଗି ହୋଇଥିବା ଧଳାବସ୍ତ୍ର ଧଡିର ରଙ୍ଗ ନାଲି ରହିଥିବାବେଳେ ବଳଭଦ୍ରଙ୍କ ବସ୍ତ୍ରର ଧଡି ରଙ୍ଗ କଳା ଏବଂ ସୁଭଦ୍ରାଙ୍କ ବସ୍ତ୍ରର ଧଡି ରଙ୍ଗ ହଳଦିଆ ରହିଥିଲା।

## ଟ୍ରାଫିକ ନିୟମ ମାନିବାକୁ ଶପଥ ନେଲେ ୨ ଲକ୍ଷ ଛାତ୍ରୀଛାତ୍ର



**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)**

ଡିସେମ୍ବର ୧ରୁ ନୂଆ ମୋଟର ଯାନ ଆଇନକୁ କଡ଼ାକଡ଼ି ପାଳନ କରାଯିବ। ଏ ନେଇ ସୋମବାର ରାଜ୍ୟର ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଟ୍ରାଫିକ ସଚେତନତା ନେଇ ଶପଥ ପାଠ କରିଛନ୍ତି। ରାଜଧାନୀର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ କମିଶନରେଟ ପୋଲିସ ଅଧିକାରୀମାନେ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମକୁ ଅନ୍ତରୀଣ ଡିଜିପି ଡ.ସତ୍ୟଜିତ୍ ମହାନ୍ତି ୟୁନିଟ୍-୬ ସରକାରୀ ହାଇସ୍କୁଲରୁ ଆରମ୍ଭ କରିଥିବାବେଳେ, ପୋଲିସ କମିଶନର ଡ. ସୁଧାଂଶୁ ଷଡଙ୍ଗୀ କିସ୍ ପରିସରରେ ଓ ଟ୍ରାଫିକ ଡିସିପି ସାଗରିକା ନାଥ ୟୁନିଟ-୬ ସ୍ଥିତ ସତ୍ୟଭାମା ଦେବୀ କଲେଜରେ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ସମସ୍ତ ମୋଟର ଯାନ ନିୟମକୁ ସମ୍ପୂର୍ଣ୍ଣ ପାଳନ କରିବି। ବେପରୁଆ ହୋଇ ଗାଡି ଚାଳନା କରିବି ନାହିଁ। ନିଜ ଓ ଅନ୍ୟମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାସ୍ତା ବ୍ୟବହାର କରିବି, ହେ ଈଶ୍ୱର ମତେ ସହାୟ ହୁଅନ୍ତୁ ବୋଲି କହି ଛାତ୍ରୀଛାତ୍ରମାନେ ଶପଥ ନେଇଥିଲେ। ଭୁବନେଶ୍ୱରରେ ପ୍ରାୟ ୨ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଯାଇଛି। ଏହି ଅବସରରେ ଅନ୍ତରୀଣ ଡିଜିପି ମହାନ୍ତି କହିଛନ୍ତି ଯେ, ମଦ ପିଇ ଗାଡି ଚାଳନା କରୁଥିବା ଡ୍ରାଇଭରଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ। ପ୍ରତିଦିନ ୧୦୦ରୁ ୧୫୦ ମଦୁଆ ଚାଳକ ରାଜ୍ୟରେ ଗିରଫ ହେଉଛନ୍ତି। ନୂଆ ମୋଟର ଆଇନ ଲାଗୁ ପରେ ରାଜ୍ୟରେ ୧୬ ପ୍ରତିଶତ ଦୁର୍ଘଟଣା କମିଛି।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ମୋନାଲିଜା



ରୋଶନ



ଗୋପବନ୍ଧୁ



ସୁଶାନ୍ତ



ଧର୍ମେନ୍ଦ୍ର



ସୁରେନ୍ଦ୍ର



ବିଭୂତି

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/


### ଦାବି ପୂରଣ ପାଇଁ ଭିନ୍ନ ପନ୍ଥା ଆପଣାଇଲେ

# ଗଛରେ ଚଢ଼ି ଆତ୍ମହତ୍ୟା ଧମକ ଦେଲେ ଗାଁସାଥୀ

### ୩୦ଫୁଟ ଉଚ୍ଚରୁ ଉଦ୍ଧାର କଲେ ଅଗ୍ନିଶମ କର୍ମଚାରୀ

**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)**



ଅଗ୍ନିଶମ କର୍ମଚାରୀ ମଧୁ ଛତରିଆଙ୍କୁ ଉଦ୍ଧାର କରୁଛନ୍ତି।

ଉତ୍କଳ ବିଶ୍ୱଦ୍ୟାଳୟର ପରିଜା ଲାଇବ୍ରେରୀ ଛାତ ଉପରୁ ଜଣେ ଯୁବକ ଆତ୍ମହତ୍ୟା ଧମକ ଦେବା ଘଟଣା ମନରୁ ନ ଲିଭୁଣୁ ସୋମବାର ଆଉଏକ ଘଟଣା ଲୋୟର ପିଏମ୍‌ଜିରେ ଦେଖିବାକୁ ମିଳିଥିଲା। ଆନ୍ଦୋଳନରେ ସାମିଲ୍ ହୋଇଥିବା ଜଣେ ଗାଁସାଥୀ ଦାବି ପୂରଣ ପାଇଁ ୩୦ ଫୁଟ ଉଚ୍ଚ ଗଛକୁ ଚଢି ଆତ୍ମହତ୍ୟା ଧମକ ଦେଇଥିଲେ। ସେ ହେଲେ ବଲାଙ୍ଗୀର ଜିଲା ସଦର ଥାନା ଅଞ୍ଚଳର ମଧୁ ଛତରିଆ। ଖବରପାଇ ଅଗ୍ନିଶମ ବାହିନୀ ତୁରନ୍ତ ଧାରଣାସ୍ଥଳରେ ପହଞ୍ଚିଥିଲେ। ପ୍ରଥମେ ଦୁଇଜଣ ଅଗ୍ନିଶମ କର୍ମଚାରୀ ସଂଶୟ କୁମାର ଦାହୁଡିଆ ଓ ବିକାଶ କୁମାର ଦାହୁଡ଼ିଆ ଏକ ଶିଡ଼ିରେ ଗଛକୁ ଚଢି ତାଙ୍କୁ କାବୁ କରି ରଖିଥିଲେ। ପରେ ବ୍ରୋନ୍‌ଟୋ ସ୍କାଏ ଲିଫ୍ଟ ମାଧ୍ୟମରେ ମଧୁଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଘଟଣା ନେଇ ମଧୁ କହିଛନ୍ତି, ସେମାନେ ଦୀର୍ଘ ଦିନ ହେବ ଧାରଣା ସ୍ଥଳରେ ଭୋକ ଉପାସରେ ପଡିଥିଲେ ମଧ୍ୟ ସରକାର ତାଙ୍କ ଦୁଃଖ ଶୁଣୁନାହାନ୍ତି। ଦାବି ପୂରଣ ନ ହେଲେ ବଞ୍ଚିକି କ'ଣ କରିବେ ବୋଲି ଭାବି ଆତ୍ମହତ୍ୟା କରିବା ପାଇଁ ନିଷ୍ପତ୍ତି ନେଇଥିଲି।

ମିଳିଥିବା ସୂଚନାନୁସାରେ, ସ୍ଥାୟୀ ନିଯୁକ୍ତି ଓ ମାସିକ ୬ ହଜାର ପ୍ରୋତ୍ସାହନ ରାଶି ପ୍ରଦାନ ଆଦି ୫ ଦଫା ଦାବି ନେଇ ନଭେମ୍ବର ୪ରୁ ଗାଁସାଥୀ ସଂଘ ଲୋୟର ପିଏମ୍‌ଜିରେ ଧାରଣାରେ ବସିଛନ୍ତି। ଇତିମଧ୍ୟରେ ୨୨ଦିନ ବିତିଯାଇଥିଲେ ମଧ୍ୟ ସେମାନଙ୍କ ଦାବି ପୂରଣ ହୋଇନି। ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସହିତ ଦୁଇଥର ଆଲୋଚନା ହୋଇଥିଲେ ମଧ୍ୟ କିଛି ସୁଫଳ ମିଳିପାରିନି। ସୋମବାର ଶହ ଶହ ଗାଁସାଥୀ କଂଗ୍ରେସ ଭବନ ନିକଟରୁ ଶୋଭାଯାତ୍ରାରେ ବାହାରି ବିଧାନସଭା ଅଭିମୁଖେ ଯାଇଥିଲେ। ଅଧାବାଟରେ ପୋଲିସ ସେମାନଙ୍କୁ ଅଟକାଇବାରୁ ସେମାନେ ସେଠାରେ ଧାରଣାରେ ବସି ଦାବି ପୂରଣ ପାଇଁ ନାରାବାଜି ଦେଇଥିଲେ। ଅପରାହ୍ନ ପ୍ରାୟ ୪ଟା ୩୦ରେ ମଧୁ ଛତରିଆ ହଠାତ୍ ଧାରଣା ସ୍ଥଳରେ ଥିବା ଏକ ଗଛ ଉପରକୁ ଚଢି ଯାଇ ତଳକୁ ଡେଇଁ ଆତ୍ମହତ୍ୟା କରିବେ ବୋଲି ଚିତ୍କାର କରି କହିଥିଲେ। ତାଙ୍କୁ ଅନ୍ୟ ସାଥିମାନେ ଅଟକାଇଥିଲେ ମଧ୍ୟ ସେ କିଛି ଶୁଣି ନ ଥିଲେ। ସେଠାରେ ପୋଲିସ ଉପସ୍ଥିତ ଥିଲେ ମଧ୍ୟ ଗଛକୁ ଚଢି ତାଙ୍କୁ ଉଦ୍ଧାର କରି ନ ଥିଲେ। ଶେଷରେ ଅଗ୍ନିଶମ ବିଭାଗକୁ ଫୋନ୍‌ରେ ଖବର ଦିଆଯାଇଥିଲା।

### ମାହାଙ୍ଗାରେ ଫନୀ କେଳେଙ୍କାରୀ

# ଜଣଙ୍କ ଆକାଉଣ୍ଟକୁ ଦୁଇଥର ୯୫ହଜାର

**କଟକ ଅଫିସ/ମାହାଙ୍ଗା(ସ୍ୱପ୍ର), ୨୫।୧୧**

କଟକ ଜିଲାରେ ଆବାସ ଦୁର୍ନୀତିକୁ ନେଇ ହୋହଲ୍ଲା ଚାଲିଥିବାବେଳେ ଏବେ ଫନୀ ସହାୟତାକୁ ନେଇ ବଡ଼ଧରଣର ଦୁର୍ନୀତି ମାହାଙ୍ଗା ତହସିଲରେ ଘଟିଛି। ଜଣେ ହିତାଧିକାରୀଙ୍କ ଆକାଉଣ୍ଟକୁ ଫନୀ ଘରଭଙ୍ଗା ସହାୟତା ବାବଦରେ ଦୁଇଥର ୯୫ହଜାର ଲେଖାଏ ଟଙ୍କା ତହସିଲ ଅଫିସ ପକ୍ଷରୁ ପଠାଯାଇଛି। ହିତାଧିକାରୀ ଜଣକ ସମସ୍ତ ଟଙ୍କା ଖର୍ଚ୍ଚ କରିଦେଇଛନ୍ତି। ତହସିଲ ପକ୍ଷରୁ ଯୋଗାଯୋଗ କରାଯିବାରୁ ସ୍ତ୍ରୀଙ୍କ ଚିକିତ୍ସା ବାବଦରେ ଉକ୍ତ ଟଙ୍କା ଖର୍ଚ୍ଚ କରିଦେଇଥିବା ସମ୍ପୃକ୍ତ ହିତାଧିକାରୀ କହିଥିଲେ। ଏହାକୁ ନେଇ ତହସିଲ ପ୍ରଶାସନ ଅଡୁଆରେ ପଡ଼ିଛି। ହାତଗୁଞ୍ଜା ନେଇ ଜଣଙ୍କ ଆକାଉଣ୍ଟକୁ ଦୁଇ ଥର ଟଙ୍କା ପଠାଯାଇଥିବା ଲୋକେ ଚର୍ଚ୍ଚା କରୁଥିବାବେଳେ ତହସିଲ ପ୍ରଶାସନ ପକ୍ଷରୁ ଭୁଲବଶତଃ ଏଭଳି ହୋଇଥିବା କୁହାଯାଇଛି। ତେବେ ଏହିସବୁ କଥା ଭିତରେ ଆଉ ଏକ ପ୍ରସଙ୍ଗ ଘଟଣାଟିକୁ ଅଧିକ ବିବାଦୀୟ କରିଛି। ତାହା ହେଉଛି ଫନୀ ଘର ଭଙ୍ଗା ବାବଦରେ ଆରଆଇମାନେ ଯେଉଁ କ୍ଷେତ୍ର ତଦନ୍ତ ରିପୋର୍ଟ ପଠାଇଥିଲେ, ସେ ସବୁକୁ ତହସିଲ ଅଫିସରେ ବଦଳା ଯାଇ ଏଭଳି ବେଆଇନ କାମ କରାଯାଉଛି। ଫଳରେ ଫନୀରେ ସର୍ବସ୍ୱାନ୍ତ ହୋଇଥିବା ଲୋକେ ମୁଣ୍ଡରେ ହାତଦେଇ ବସିଥିବାବେଳେ ଅଯୋଗ୍ୟ ହିତାଧିକାରୀମାନେ ଯୋଜନାରୁ ଫାଇଦା ଉଠାଇଛନ୍ତି। ଉଦାହରଣ ଭାବେ ଜଣଙ୍କ ଆକାଉଣ୍ଟକୁ ଅଯାଚିତ ଭାବେ ଦୁଇଥର ଟଙ୍କା ପଠାଇବା ଘଟଣାରୁ ଏହା ପ୍ରମାଣିତ ହୋଇଛି। ମାହାଙ୍ଗା ତହସିଲର ଭାରପ୍ରାପ୍ତ ତହସିଲଦାର ଦିଲ୍ଲୀପ ନାୟକ କୁହନ୍ତି, ଯେଉଁ ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାକୁ ଅର୍ଥ ଯାଇଛି, ତାଙ୍କୁ ଫେରାଇ ଦେବା ପାଇଁ କୁହାଯାଇଛି। ଯଦି ସେ ଏହି ଅର୍ଥ ଫେରସ୍ତ ନ କରନ୍ତି ତେବେ ଏଥିରେ ଯେଉଁ କର୍ମଚାରୀ ସମ୍ପୃକ୍ତ ଥିବେ ସେ ଉତ୍ତରଦାୟୀ ରହିବେ ବୋଲି ସେ କହିଛନ୍ତି।

## ୨ କଶ୍ମୀର ନେତା ଗୃହବନ୍ଦୀରୁ ମୁକ୍ତ

ଅଗଷ୍ଟ ୫ରୁ ଗୃହବନ୍ଦୀ ଥିବା ୨ କଶ୍ମୀର ନେତାଙ୍କୁ ଜମ୍ମୁ-କଶ୍ମୀର ପ୍ରଶାସନ ପକ୍ଷରୁ ସୋମବାର ମୁକ୍ତ କରାଯାଇଛି। ସେମାନେ ହେଲେ ପିଡିପି ନେତା ଦିଲାୱର ମିର ଓ ଗୁଲାମ୍ ହାସନ୍ ମିର। ଅନ୍ୟପକ୍ଷରେ ଅଟକ ଥିବା ପୂର୍ବତନ ବିଧାୟକ ଆଶ୍ରଫ ମିର ଓ ହକିନ୍ ୟାସିନ୍‌ଙ୍କୁ ସେମାନଙ୍କ ଘରକୁ ନିଆଯାଇ ଗୃହବନ୍ଦୀରେ ରଖାଯିବାକୁ ନିଷ୍ପତ୍ତି ନିଆଯାଇଛି।

## ସଂକ୍ଷେପରେ

### ବିଧାନସଭା ପ୍ରଶ୍ନୋତ୍ତର
### ୨୩ ପୋଲିସ ଜିଲାରେ କାର୍ଯ୍ୟକ୍ଷମ ଫୋରେନ୍ସିକ୍ ସାଇନ୍ସ ଲାବୋରେଟୋରି

**ଭୁବନେଶ୍ୱର,୨୫।୧୧(ବ୍ୟୁରୋ):** ରାଜ୍ୟରେ ୩୬ ପୋଲିସ ଜିଲାରେ ଫୋରେନ୍ସିକ୍ ସାଇନ୍ସ ଲାବୋରେଟୋରି ଖୋଲିବାକୁ ସରକାର ମଞ୍ଜୁରୀ ଦେଇଛନ୍ତି। ସେଥିରୁ ୨୩ ଜିଲାରେ ଏହା କାର୍ଯ୍ୟ କରୁଅଛି। ଅବଶିଷ୍ଟ ୧୩ ଜିଲାରେ ଏହା କାର୍ଯ୍ୟକ୍ଷମ କରିବା ନେଇ ପଦକ୍ଷେପ ନିଆଯାଉଛି ବୋଲି ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ସୋମବାର କହିଛନ୍ତି। ବିଧାୟକ ମୌଷଧି ବାଗ୍‌ଙ୍କ ତାରକା ଚିହ୍ନିତ ପ୍ରଶ୍ନ ନଂ-୨୭୧ର ଉତ୍ତର ଦେଇ ମନ୍ତ୍ରୀ ଏହା କହିଛନ୍ତି। ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ନୟାଗଡ ଜିଲାରେ ଫୋରେନ୍ସିକ୍ ଏବଂ ଡଗ୍ ସ୍କ୍ୱାଡ ଗଠନ ନେଇ ପ୍ରସ୍ତାବ ଦେଇଥିଲେ। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଆହୁରି ଉନ୍ନତ ଜ୍ଞାନକୌଶଳ ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ଗୃହର ଦୃଷ୍ଟିଆକର୍ଷଣ କରିଥିଲେ। ସେହିପରି ଭଦ୍ରକ ଜିଲାରେ ସ୍ୱତନ୍ତ୍ର ଲାବୋରେଟୋରି ପାଇଁ ପ୍ରଫୁଲ୍ଲ ସାମଲ ପ୍ରସ୍ତାବ ଦେଇଥିଲେ। ସନ୍ତୋଷ ସିଂ ସାଲୁଜା ପଚାରିଥିବା ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ମଧ୍ୟ ମନ୍ତ୍ରୀ ପରିସଂଖ୍ୟାନ ଦ୍ୱାରା ପ୍ରଦାନ କରିଥିଲେ। ମୟୂରଭଞ୍ଜର ୧୩୦ ଏବଂ ରାଉରକେଲାର ୧୨୯ଟି ମାମଲାର ଏହି ଯାଞ୍ଚ ହୋଇଥିବା ମନ୍ତ୍ରୀ ଉତ୍ତର ରଖିଥିଲେ।

### ଆଇଆରସି ଗାଇଡ୍‌ଲାଇନ୍‌ରେ ହେଉଛି ରାସ୍ତା ନିର୍ମାଣ

**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ):** ରାଜ୍ୟରେ ପୂର୍ତ୍ତ ବିଭାଗ ଅଧୀନରେ ଇଣ୍ଡିଆନ୍ ରୋଡ୍ କଂଗ୍ରେସ(ଆଇଆରସି)ର ଗାଇଡ୍‌ଲାଇନ୍‌ରେ ପ୍ରଦତ୍ତ ଜ୍ଞାନକୌଶଳ ପ୍ରୟୋଗ କରାଯାଇଛି। ବର୍ତ୍ତମାନ ଏହି ବିଭାଗ ଅଧୀନରେ ୨୫୬୭୯.୮୪୫ କି.ମି ରାଜ୍ୟ ରାସ୍ତା, ୩୬୩୨ ସେତୁ ଏବଂ ୫୦,୩୬୧ କଲଭର୍ଟ ରହିଛି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ପ୍ରତିବର୍ଷ ହାରାହାରି ଭାବେ ୨୧୩୬ କିମି ରାସ୍ତା କ୍ଷତିଗ୍ରସ୍ତ ହେଉଥିବା ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସୋମବାର କହିଛନ୍ତି। ଭାଜପା ବିଧାୟକ ଦଳ ମୁଖ୍ୟ ସଚେତକ ମୋହନ ମାଝୀଙ୍କ ତାରକା ଚିହ୍ନିତ ପ୍ରଶ୍ନ ନଂ-୨୭୪ର ଉତ୍ତର ଦେଇ ମନ୍ତ୍ରୀ ଏହା କହିଛନ୍ତି।

# ଦିଲ୍ଲୀ ଏମ୍‌ସ ଆକାଉଣ୍ଟରୁ ୪.୭୬ କୋଟି ଠକି ନେଲେ ବ୍ୟବସାୟୀ

■ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସମ୍ପୃକ୍ତି ସନ୍ଦେହ

■ ମାମଲା ଚାପି ଦେବାକୁ ଉଦ୍ୟମ

ଫୁଲବାଣୀ ଅଫିସ, ୨୫।୧୧

୪ କୋଟି ୭୬ ଲକ୍ଷ ୪୬ ହଜାର ୬୨୫ ଟଙ୍କା ଦିଲ୍ଲୀ ଏମ୍‌ସ(ଅଲ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ)ର ଆକାଉଣ୍ଟରୁ ଚେକ୍ ଜରିଆରେ ଫୁଲବାଣୀ ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ଉଠାଣ ହୋଇଛି। ଫୁଲବାଣୀର ମାଦିକୁଦା ଛକରେ ଥିବା ସତ୍ୟସାଇ ମେଡିସିନ ଷ୍ଟୋର ଆକାଉଣ୍ଟକୁ ଏହି ଟଙ୍କା କ୍ରେଡିଟ ହେବା ପରେ ସେଥିରୁ ୧୩ ଟି ଟ୍ରାଞ୍ଜାକ୍ସନରେ ୪ କୋଟି ୬୯ଲକ୍ଷ ୬୩ ହଜାର ଟଙ୍କା ବିଭିନ୍ନ ଆକଉଣ୍ଟକୁ ପଠାଯାଇଛି। ସେଥିରୁ ୫୦ ଲକ୍ଷ ଟଙ୍କା କ୍ୟାଶ ଉଠାଣ ହୋଇଥିବା ବେଳେ ବାକି ଟଙ୍କା ଟ୍ରାନ୍ସଫର କରାଯାଇଛି। ଚେନ୍ନାଇର ଭିଏମ୍‌ଏକ୍ସ ଇମ୍ପେକ୍ସ ପ୍ରାଇଭେଟ ଲିମିଟେଡ ଆକାଉଣ୍ଟକୁ ୪ କୋଟି ୧୦ ଲକ୍ଷ ଟଙ୍କା ଆରଟିଜିଏସ୍ ମାଧ୍ୟମରେ ଟ୍ରାନ୍ସଫର କରାଯାଇଛି। ବଡ କଥା ହେଉଛି, ଏସବୁ ଟ୍ରାଞ୍ଜାକ୍ସନ ଗୋଟିଏ ଦିନରେ ହୋଇଛି। ଏତେ ଟଙ୍କା ଗୋଟିଏ ଦିନରେ ଜଣକ ଆକାଉଣ୍ଟରେ ଚେକ୍ ଜରିଆରେ ଜମା ହେବା ଏବଂ ଉଠାଣ ହୋଇ ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର ହେବା ଘଟଣା କିପରି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସିଲା ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି। ଦିଲ୍ଲୀ ଏମ୍‌ସ କର୍ତ୍ତୃପକ୍ଷ ଘଟଣା ବିଷୟରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଏହା ଜଣାଇବା ପରେ ଉକ୍ତ ଆକାଉଣ୍ଟକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅଚଳ କରିଛନ୍ତି। ଅନ୍ୟପକ୍ଷରେ ସତ୍ୟସାଇ ମେଡିସିନ ଷ୍ଟୋର ଆକାଉଣ୍ଟଧାରୀ ଚନ୍ଦ୍ରଶେଖର ପଣ୍ଡା କେଉଁଆଡେ ଫେରାର ହୋଇଯାଇଛନ୍ତି। ତାଙ୍କର ପତ୍ତା ମିଳୁନାହିଁ। ଘଟଣାକୁ ନେଇ ବ୍ୟାଙ୍କ ପକ୍ଷରୁ ତନାଘନା ଚାଲିଥିବା ବେଳେ ଏ ପର୍ଯ୍ୟନ୍ତ ଥାନା, କ୍ରାଇମବ୍ରାଞ୍ଚ, ସିବିଆଇ କି ଅର୍ଥନୈତିକ ଅପରାଧ ଶାଖାରେ ଅଭିଯୋଗ କରାଯାଇନାହିଁ।

ଅକ୍ଟୋବର ୨୩ରେ ଫୁଲବାଣୀ ମୁଖ୍ୟ ଷ୍ଟେଟ ବ୍ୟାଙ୍କ ଶାଖାରେ ଚନ୍ଦ୍ରଶେଖରଙ୍କ ସତ୍ୟସାଇ ମେଡିସିନି ଷ୍ଟୋର ଆକାଉଣ୍ଟ ନଂ. ୩୨୮୮୦୪୭୯୪୦୧ରେ ନୂଆଦିଲ୍ଲୀସ୍ଥିତ ଏମସ୍‌ର ଚେକ୍ ନଂ. ୮୮୯୩୮୭ ଜମା କରାଯାଇଥିଲା। ଏହାପରେ ଚେକ୍‌ରେ ୪ କୋଟି ୭୬ ଲକ୍ଷ ୪୬ ହଜାର ୬୨୫ ଟଙ୍କା କ୍ରେଡିଟ ହୋଇଥିଲା। ସେହିଦିନ ପଣ୍ଡା ଏକ ଚେକ୍ ଜରିଆରେ ୨୦ ଲକ୍ଷ ଓ ଅନ୍ୟ ୩୦ ଲକ୍ଷ ସୀମାଞ୍ଚଳ ମିଶ୍ର ଏକ ଚେକ୍ ମାଧ୍ୟମରେ ଉଠାଇ ଥିଲେ। କଥା ଏତିକିରେ ସରି ନ ଥିଲା। ୧୧ ଟ୍ରାଞ୍ଜାକ୍ସନ ଅନ୍‌ଲାଇନ ଜରିଆରେ ହୋଇଥିଲା। ସେଥିରୁ ଗୋଟିଏ ଟ୍ରାଞ୍ଜାକ୍ସନ ୪ କୋଟି ୧୦ ଲକ୍ଷ ଟଙ୍କା ଚେନ୍ନାଇର ଭିଏମ୍‌ଏକ୍ସ ଇମ୍ପେକ୍ସ ପ୍ରାଇଭେଟ ଲିମିଟେଡ ଆକାଉଣ୍ଟକୁ ଯାଇଥିଲା। ପଣ୍ଡାଙ୍କ ସହ ଏହି କମ୍ପାନୀର ସମ୍ପର୍କ କ'ଣ ତାହାକୁ ନେଇ ଏବେ ବ୍ୟାଙ୍କ କର୍ତ୍ତୃପକ୍ଷ ତନାଘନା ଚଳାଇଛନ୍ତି।

ଏ ନେଇ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ(ରିଜିଓନାଲ ମ୍ୟାନେଜର) ବିକ୍ରମ କେଶରୀ ମାନ୍ଧାତାଙ୍କୁ ପଚାରିବାରୁ ସେ ଘଟଣାକୁ ପ୍ରଥମେ ଅସ୍ୱୀକାର କରିଥିଲେ। ଏହାପରେ ଘଟଣାର ତଦନ୍ତ ଚାଲିଛି ବୋଲି ପ୍ରକାଶ କରିଛନ୍ତି। ସେହିପରି ସତ୍ୟସାଇ ମେଡିସିନ ଷ୍ଟୋର ମାଲିକ ଚନ୍ଦ୍ରଶେଖର ପଣ୍ଡାଙ୍କୁ ତାଙ୍କ ଫୋନ ନମ୍ବରରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। ହେଲେ ତାହା ବନ୍ଦ ଥିବାରୁ ପ୍ରତିକ୍ରିୟା ନିଆଯାଇ ପାରିନାହିଁ।

# ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ



■ ଆନନ୍ଦ ବଜାରରେ ଅବଢ଼ା ବିକ୍ରିର ଦୃଶ୍ୟ ରହିଛି

■ ମାସକରେ ଦ୍ୱିତୀୟ ଘଟଣା, ଯାଞ୍ଚକୁ ନେଇ ପ୍ରଶ୍ନବାଚୀ

ପୁରୀ ଅଫିସ, ୨୫।୧୧

ବାରମ୍ବାର ସୋସିଆଲ ମିଡିଆରେ ଭାଇରାଲ ହେଉଛି ଶ୍ରୀମନ୍ଦିର ଭିତର ଫଟୋ। ବିଭିନ୍ନ ସମୟରେ ଭକ୍ତମାନେ ମନ୍ଦିରର ବିଭିନ୍ନ ସ୍ଥାନରେ ସେଲ୍‌ଫି ନେଇ ଓ ଫଟୋ ଉଠାଇ ଏହାକୁ ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି। ବେଳେ ବେଳେ ଏଥିରୁ ବାଦ୍ ପଡୁନାହାନ୍ତି ଶ୍ରୀମନ୍ଦିର କର୍ମଚାରୀ, ପୋଲିସ ଓ ସେବାୟତ। ପୂର୍ବରୁ ଏମିତି ଏକାଧିକ ଭିଡିଓ ଓ ଫଟୋ ସୋସିଆଲ ମିଡିଆରେ ଘୁରିବୁଲୁଥିବାବେଳେ ଗତ ମାସରେ ଶ୍ରୀମନ୍ଦିର ଭିତରେ ଶୁଟିଂ ହୋଇଥିବା ଟିକ୍‌ଟିକ୍ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସୋମବାର ପୁଣି ଭାଇରାଲ ହୋଇଛି ଶ୍ରୀମନ୍ଦିର ଭିତର ଫଟୋ। ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଦେଇ ଆନନ୍ଦବଜାରରେ ଉଠାଯାଇଛି ଏହି ଫଟୋ। ଏଥିରେ ଆନନ୍ଦବଜାରରେ ଅବଢା ବିକ୍ରି ହେଉଥିବା ଦୃଶ୍ୟ ରହିଛି। ମାସକ ମଧ୍ୟରେ ଦ୍ୱିତୀୟ ଘଟଣାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୋମବାର ପିଣ୍ଟୁ ମହାପାତ୍ର ନାମକ ଜଣେ ଯୁବକଙ୍କ ଫେସ୍‌ବୁକ ଆକାଉଣ୍ଟରେ ଏହି ଫଟୋ ଅପ୍‌ଲୋଡ ହୋଇଥିଲା। ଏହାପରେ ଏହି ଫଟୋ ଭାଇରାଲ ହେବାରେ ଲାଗିଥିଲା। ଏଥିରେ ଆନନ୍ଦ ବଜାରରେ ମହାପ୍ରସାଦ ବିକ୍ରି ହେଉଥିବା ଦୃଶ୍ୟ ରହିଛି। ତେବେ ଏହା କୌଣସି ଭକ୍ତ ଉଠାଇଛନ୍ତି ନା କେହି ସେବାୟତ ଉଠାଇ ଏହାକୁ ସୋସିଆଲ ମିଡିଆରେ ଅପ୍‌ଲୋଡ କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ଶ୍ରୀମନ୍ଦିର ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି। ଏ ନେଇ ଗୋଇନ୍ଦା ବିଭାଗ ବିଭିନ୍ନ ସମୟରେ ରିପୋର୍ଟ ଦେଇଆସୁଛି। ବିଗତ କିଛିବର୍ଷ ହେଲା ଏନ୍‌ଏସ୍‌ଜି ମଧ୍ୟ ଆସି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି। ତେଣୁ କୌଣସି ଅଘଟଣ ଆଶଙ୍କା କରି ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣା ରହିଛି। ଏଥିପାଇଁ ଭକ୍ତଙ୍କୁ ସଚେତନ କରିବା ଲାଗି ଚାରିଦ୍ୱାରରେ ସୂଚନା ଫଳକ ଲଗାଯାଇଛି। ମଝିରେ ମଝିରେ ଡାକବାଜି ଯନ୍ତ୍ର ଯୋଗେ ମଧ୍ୟ ଏହା ପ୍ରଚାର କରାଯାଉଛି। ଚାରିଦ୍ୱାରରେ ପୋଲିସ ମୋବାଇଲ ଫୋନ ଯାଞ୍ଚ କରି ଭକ୍ତଙ୍କୁ ଭିତରକୁ ଛାଡୁଛି। ଏହାସତ୍ତ୍ୱେ ଭିତରକୁ ମୋବାଇଲ ଯାଉଛି କିପରି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ସିଂହଦ୍ୱାର ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

# ସ୍କୁଲରେ ବାଜିଲା ପାଣିପିଆ ଘଣ୍ଟା



ଛାତ୍ରୀମାନେ ପାଣି ପିଉଛନ୍ତି।

■ ଓଡ଼ିଶାରେ ଗଞ୍ଜାମ ଜିଲା ପ୍ରଥମ

■ ଜିଲାପାଳ କଲେ ଉଦ୍‌ଘାଟନ

■ ଛାତ୍ରୀଛାତ୍ରଙ୍କୁ ଦିଆଯିବ ପାଣି ବୋତଲ

ବ୍ରହ୍ମପୁର ଅଫିସ୍,୨୫।୧୧

ଛାତ୍ରୀଛାତ୍ରଙ୍କୁ ସୁସ୍ଥ ରଖିବା ପାଇଁ ଗଞ୍ଜାମ ଜିଲାରେ ଏକ ଅଭିନବ ଅଭିଯାନ ଆରମ୍ଭ ହୋଇଛି। ପାନୀୟ ଜଳ ପିଇବା ପାଇଁ ପିଲାମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସୋମବାରରୁ ଆରମ୍ଭ ହୋଇଛି 'ପାଣିପିଆ ଘଣ୍ଟା' ଅଭିଯାନ। ବ୍ରହ୍ମପୁର ଭି.ଭି.ଗିରି ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନଙ୍କୁ ପାଣି ବୋତଲ ବାଣ୍ଟିବା ସହ ନିୟମିତ ପାଣି ପିଇବା ପାଇଁ ପରାମର୍ଶ ଦେଇଥିଲେ। ବ୍ରହ୍ମପୁର ଉପଜିଲାପାଳ ସିନ୍ଦେ ଦତ୍ତାତ୍ରୟ ଭାଉସାହେବ, ବ୍ରହ୍ମପୁର ମହାନଗର ନିଗମ କମିଶନର୍ ଚକ୍ରବର୍ତ୍ତୀ ସିଂ ରାଠୋର ଏବଂ ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଜିଲାପାଳ କୁଲାଙ୍ଗେ କହିଥିଲେ, ନିୟମିତ ପାଣି ପିଇବା ଦ୍ୱାରା ଚର୍ମରୋଗ, ପେଟ ରୋଗ ଏବଂ କିଡ୍‌ନୀ ରୋଗ ଭଳି ଅନେକ ରୋଗକୁ ଦୂର କରାଯାଇପାରିବ। ଦେଖିବାକୁ ମିଳୁଛି, ପିଲାମାନେ ଠିକ୍ ସମୟରେ ପାଣି ପିଇବାକୁ ଭୁଲି ଯାଉଛନ୍ତି। ଫଳରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସେମାନେ ସୁସ୍ଥ ନ ରହିଲେ ଭଲ ପାଠ ପଢ଼ିପାରିବେ ନାହିଁ। ସେଥିପାଇଁ 'ପାଣି ପିଅନ୍ତୁ ସୁସ୍ଥ ରହନ୍ତୁ' ସ୍ଲୋଗାନ୍ ଦିଆଯାଇଛି। ୱାଟର୍ ବେଲ୍ ବା ପାଣିପିଆ ଘଣ୍ଟା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସମସ୍ତ ଘରୋଇ ଏବଂ ସରକାରୀ ବିଦ୍ୟାଳୟ ସହ ଅଙ୍ଗନୱାଡ଼ିଗୁଡ଼ିକୁ ଏଥିରେ ସାମିଲ୍ କରାଯାଇଛି। ବେଲ୍ ବାଜିଲେ ପିଲା ଏବଂ ଶିକ୍ଷକମାନେ ପାଣି ପିଇବେ। ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା କହିଥିଲେ, ଦିନକୁ ୩ଥର ଘଣ୍ଟା ବାଜିବ। ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ଟା ୪୦ମିନିଟ୍, ଅପରାହ୍ନ ସାଢ଼େ ଗୋଟାଏ ଏବଂ ୩ଟା ୧୫ମିନିଟ୍‌ରେ, ସେହିଭଳି ଶନିବାର ସକାଳ ୮ଟା, ପୂର୍ବାହ୍ନ ସାଢ଼େ ୯ଟା ଏବଂ ୧୦ଟା ୫୦ମିନିଟ୍‌ରେ ଘଣ୍ଟା ବାଜିବ। ସମସ୍ତେ ଏକାକାଳୀନ ପାଣି ପିଇବେ। ୫ମିନିଟ୍ ପାଇଁ ଏହି ବିରତି ରହିବ ବୋଲି ପଣ୍ଡା କହିଛନ୍ତି। ଜିଲା ପ୍ରଶାସନ ଏଭଳି ପ୍ରଚେଷ୍ଟାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ୫-ଟି କାର୍ଯ୍ୟକ୍ରମକୁ ତାରାଙ୍କ ପ୍ରଶଂସା

**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ):** ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ବିଧାନସଭାରେ ବିରୋଧୀ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ପ୍ରଶଂସା କରିଛନ୍ତି। ୫-ଟି ସଚିବଙ୍କ ଗସ୍ତ ପରେ ହସ୍ପିଟାଲ ଉନ୍ନତି ହେବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି। କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅନୁମୋଦିତ ୩୩୮ ପଦରୁ ୧୯୦ ପଦବୀ ଖାଲି ପଡିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଉତ୍ତର ରଖିଥିଲେ। ଖାଲି ପଦବୀ ଯଥାଶୀଘ୍ର ପୂରଣ ନେଇ ତାରା ମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ମନ୍ତ୍ରୀ ଦାସ କହିଥିଲେ ଯେ, ଶତପ୍ରତିଶତ ନ ହେଲେ ବି ୭୦ ପ୍ରତିଶତ ଖାଲି ଥିବା ପଦବୀ ପୂରଣ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଅବିଭକ୍ତ କୋରାପୁଟ ଜିଲାର ସ୍ୱାସ୍ଥ୍ୟ ସମସ୍ୟା ନେଇ ବିଧାୟକ ରଘୁନାଥ ଗମାଙ୍ଗ, ମନୋହର ରନ୍ଧାରୀ, ନିତ୍ୟାନନ୍ଦ ଗଣ୍ଡ, ମକରନ୍ଦ ମିଦୁଲି ପ୍ରମୁଖ ଅତିରିକ୍ତ ପ୍ରଶ୍ନ କରିଥିଲେ।


ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ, (ରାସ୍ତା ଓ ଗୃହ) ବିଭାଜନ ନଂ.୧, ଭୁବନେଶ୍ୱର

**OFFICE OF THE EXECUTIVE ENGINEER**
**BHUBANESWAR (R&B) DIVISION NO.1, BHUBANESWAR**
Email:- eebbsr1@yahoo.co.in, Phone : 06742597097

No. **BID CANCELLATION NOTICE** dt. 21.11.2019

**NO. B-341:-** The Tender invited vide this office T.C.N No. 21 of 2019-20 in respect of BID Identification No. CC(R&B)-1 is hereby cancelled due to some unavoidable circumstances.

*Sd./- Executive Engineer*
*Bhubaneswar (R&B) Division No.I*

34076/11/0006/1920

**OFFICE OF THE NOTIFIED AREA COUNCIL, JUNAGARH**

No.3105/NAC(J) **Quotation Call Notice** Date:23.11.2019

Sealed quotations in plain paper/letter pad are invited from the intending Company/ Authorised dealer/Manufacturer /Supplier for supply of following requirement.The Quotation must accompany with EMD 1% of quoted value in shape of Demand Draft/Pay Order in favour of Executive Officer, NAC Junagarh attested copies of GST/PAN Card/Registration Certificate, Company Price list,technical specification along with the quotation. The Quotation should reach this office through Regd. Post/ Speed post on or before dt.05.12.2019 at 5.00 PM and same will be opened on dt.06.12.2019 at 12.00 Noon in presence of the quotationers or their authorized reprentative. Preference will be given having servicing centre for the following items within local area.3% of SD will be deducted from the basic price cost and it will be released after expiry of warranty period but not exceeding one year.

| Sl. No. | Description of goods | Quantity |
|---|---|---|
| 1 | Tipper (Open body with Tarpaulin cover) of capacity of 2 Cum. 1 Cylinder,16 HP (Tipping angle 40-45degree power for Hydraulic taken from engine with Manual Stabilizer with Partition wall) | |

The authority reserves the right to accept or reject any or all the quotation without assigning any reason thereof.
**Yours faithfully** **Sd./- Executive Officer, NAC, Junagarh**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**SONEPUR (R&B) DIVISION, SONEPUR**
Email: eepwdsnpr@gmail.com, Phone: 06654-221081

**No. B-342:-**

**E-Procurement Notice**

BID IDENTIFICATION No. EE/R&B/SNPR/12/2019-20
No. 3839 // 22.11.2019

1. The Executive Engineer, Sonepur (R&B) Division, Sonepur on behalf of Governor of Odisha, invites Percentage Rate bids in Double & Single Cover System in Online Mode for construction of Road/ Building works as detailed in the DTCN from the eligible Class of Contractors.
2. No. of Work : 15 (Fifteen)
3. Tender Cost : Rs. 10,000/- For Serial No. 1 to 5
   Rs. 6,000/- For Serial No. 6 to 13 and Rs. 4,000/- For Serial No. 14 to 15
4. Class of Contractor : "B" Class & "A" Class for Serial No. 1 to 6
   "C" Class & "B" Class for Serial No. 7 to 10
   "D" Class & "C" Class for Serial No. 11 to 15
5. Date and time available in Website & receipt of Bids : From 10.00 AM of 10.12.2019 to 5.00PM of 30.12.2019.
6. Date of opening of Tender : 31.12.2019 at 11.30 AM
7. The Bidders have to participate in online bidding only further details can be seen from the website.
8. Any Corrigendum / Addendum will be displayed in the website www.tendersodisha.gov.in only.

34081/11/0010/1920 *Sd./- Executive Engineer, Sonepur (R&B) Division*

**OFFICE OF THE COLLECTOR & DISTRICT MAGISTRATE, CUTTACK**
**(ST & SC Development Section)**
**Phone No.: 0671-2509593, Fax: 2509593, email: dwo.cuttack@nic.in**

**Notice No. 2543/ Wel** **Dt. 25.11.2019**

**Notice**

The Draft Merit list, Objection list & Reject list of applicants applied for the post of Sikhya Sahayaks/ Contract Teachers for engagement in ST & SC Development Department managed schools in Cuttack District in pursuance to Advertisement Notification No. 2733/Wel dtd. 10.12.2018 and No. 2729 dtd. 10.12.2019 is published in the office notice Board of Collector, Cuttack and also available in the District Website of Cuttack District i.e. **www.cuttack.nic.in**. Any applicant having any objections to the said published Draft Merit List, Objection List & Reject List should file objection in writing personally before the DWO, Cuttack on or before 09.12.2019 in office hours of all working days for consideration.

No objection beyond the stipulated date will be entertained and the Draft Merit List will be finalized accordingly.

**By orders of Collector, Cuttack**
**Sd./- District Welfare Officer, Cuttack**

**THE ODISHA MINING CORPORATION LIMITED**
**OMC House, Bhubaneswar-751001,Odisha**
**CIN: U13100OR1956SGC000313, www.omcltd.in**
OMC | ODISHA NEW OPPORTUNITIES

**E-auction Notice (30.11.2019 - 67th E-auction)**

No.CAD-620 :- **IRON ORE CLO**

The Odisha Mining Corporation Ltd. intends to sell various grades of Iron ore CLO produced at different iron ore mines at Daitari and Gandhamardan Regions in Keonjhar District & Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from 11.00 AM to 2.00PM on 30.11.2019.

For details, please visit the website of MSTC i.e. **www.mstcecommerce.com**

**30005/11/0096/1920** **C.G.M. (Min.)**

**TENDER CALL NOTICE**

sudaodisha1990@gmail.com

No. 136/SUDA Date: 22.11.2019/Bhubaneswar

**No. CAD-616:-** The SUDA invites tender from reputed Supplier/Agencies & Co-operative Societies for supply the Office Stationeries to SUDA. The details are available in the website i.e. www. sudaodisha.org. The authority reserves the right to cancel the tender without assigning any reason.

13036/11/0005/1920 ***Additional Director***

**ROURKELA DEVELOPMENT AUTHORITY, UDITNAGAR**
**ROURKELA-769012**
**INVITATION FOR BIDS (IFB)**
No. 4906, Dt.25.11.2019

| Sl. No. | Name of Work | Estimated Cost | Tender Paper Cost | Available of tender online for bidding | | Last date and time for seeking tender clarification | Date & time of opening of tender |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Repair and renovation of Tapaswini market complex (Double storied) at Uditnagar, Rourkela | 7.32 lakhs (Approx.) | 4,000.00 | 26.11.19 | 05.12.19 | 14.00 Hrs of 04.12.19 | 11.00 Hrs of 06.12.19 |

*Sd./- Secretary, Rourkela Development Authority, Rourkela*

**TENDER CALL NOTICE** R-18

Sealed quotations of rates (exclusive of transport) are invited from the intending reputed sculptors/firms for construction and supply of Bronze Statues of different sizes of the eminent personalities of the State/Country by 10.12.2019 upto 4.00.P.M. Quotation in prescribed form should be sent in sealed cover through Registered post/speed post so as to reach the office of the undersigned on or before 10.12.2019 during office hour. The quotation not received during the prescribed period shall not be entertained. Tender papers shall accompany a refundable E.M.D. amounting to Rs.10,000/- (Rupees Ten Thousand) only of the proposed work, deposited as DD drawn in favour of Director, Odia Language, Literature & Culture (O) payable at Bhubaneswar.

Technical bids of the quotation will be opened on 16.12.2019 at 11.00 A.M. and financial bid of qualified technical bidders on 17.12.2019 at 11.00 A.M.in presence of Tender/Purchase Committee members and also the participating Bidder/ or his authorized representative if present. Details of tender can be downloaded from the Odia Language, Literature & Culture Department, Govt. of Odisha **website, i.e. www.odishaculture.gov.in** and the format can be used while submitting quotation on or before the scheduled date.

*Sd/- B. K. Nayak*
Director & Addl. Secy. to Govt.,
Odia Language, Literature & Culture Deptt.,
Odisha, Bhubaneswar

03001/11/0021/1920

**Odisha Industrial Infrastructure Development Corporation**
**(A Government of Odisha Undertaking)**
**IDCO, IDCO Towers, Janpath, Bhubaneswar - 751022, Odisha, INDIA +91- 0674 - 2541525, 2540820, Fax:2542956 / 2541982**
**cmd@idco.in/ md@idco.in www.idco.in**
idco Your power to grow | ODISHA NEW OPPORTUNITIES

**File No.IDCO/Ho-P&A/A-10072/01/2019/V-1 20299 Dt.21.11.2019**

**ADVERTISEMENT**

No.CAD-618 :- Applications are invited from experienced retired P.H. Engineers in the rank of A.E./A.E.E./D.E.E (for 03 posts) & Govt. retired Asst. Executive Engineer (Civil)/ Asst. Engineer (Civil) having minimum 05 (five) years office experiences (02 post) for engagement in IDCO on contractual basis for a period of one year with consolidated monthly remuneration as fixed by the Finance Department Govt. of Odisha in their Memorandum No. 7022 Dtd. 17.03.2018.

Eligible & interested candidates are requested to submit their application in the prescribed PROFORMA with copies of the testimonials in support of their service records on or before 13.12.2019 at 2.00 P.M. within office hours by Registered post/Speed post/Courier to the undersigned at IDCO, Head Office, IDCO Towers, Janpath, Bhubaneswar-751022.

The Corporation shall not be liable for any delay in the delivery of the applications/documents or non-receipt of the same within the stipulated period/time.

The Corporation reserves the right to reject any or all applications without assigning any reason there-of.
The detail of the Advertisement with application format is available at IDCO website **http://www.idco.in.**

**By Order of CMD**
**Sd./-**
**14003/11/0016/1920** **Chief General Manager (P&A)**

**Odisha State Medical Corporation Limited (OSMCL)**
In front of Ram Mandir, Convent Square, Unit – III,
Bhubaneswar -751 001
Tel. : (0674) 2380660/2380608
*Website :* www.osmcl.nic.in Email : logistics.osmcl.od@nic.in
*Assuring Quality, Saving Lives*

**CORRIGENDUM**
**For supply of Inj. Anti Rabies Vaccine for the financial year 2019-20**

**Corrigendum No. 13402/OSMCL/I-63/2019** **Date: 25 / 11 / 2019**

Bid Ref. No. : OSMCL/2019-20/DRUGS-DHS-ARV/04 / Date: 10 / 09 / 2019

Bids are invited from eligible bidders for supply of Inj. Anti Rabies Vaccine (Inj. ARV) for the financial year 2019-20 as per the particulars mentioned below:

| Sl. No. | Particulars | Date and time | |
|---|---|---|---|
| 1. | *Date and Time for submission of* ***Technical Bid, Financial Bid, Tender Document cost and EMD Amount as per Section IV in Hard Copy at OSMCL.*** | *27.11.2019* | *07.12.2019, till 11.30 AM* |
| 2. | *Date of opening of Technical Bid* | *07.12.2019, 12.30 PM* | |
| 3. | *Date of opening of Price Bid* | *To be informed to the qualified bidders* | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in. The eligible bidders will download the tender document and filled documents (both technical and financial) must reach the office of OSMCL before due date and time of submission i.e. by **11.30 AM, 7th Dec. 2019**. The technical and financial bids should be submitted in separate sealed envelopes and both the envelopes should be packed in another envelope superscribed "**Supply of Inj. Anti Rabies Vaccine for the financial year 2019-20/ Bid Ref No. : OSMCL/2019-20/DRUGS-DHS-ARV/04**". Those bidders who have participated in the tender need not submit the bid again. The Authority reserves the right to accept / reject any part thereof or all the bids without assigning any reason thereof.

**Sd/-**
**Managing Director**
**OSMCL**

**10112/11/0020/1920** **No. CAD-617**

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୬ ନଭେମ୍ବର, ୨୦୧୯




ଶାସ୍ତ୍ର ମତରେ ହସ୍ତୀଠାରୁ ସହସ୍ରହାତ, ଘୋଟକଠାରୁ ଏକଶତ ଏବଂ ଶିଙ୍ଗଥିବା ଜନ୍ତୁମାନଙ୍କଠାରୁ ଦଶହାତ ଦୂରରେ ଅବସ୍ଥାନ କରାଯାଇପାରେ। କିନ୍ତୁ ଦୁର୍ଜନମାନେ ବାସ କରୁଥିବା ସ୍ଥାନକୁ ଅବିଳମ୍ବେ ତ୍ୟାଗ କରାଯାଇଥାଏ। - ଚାଣକ୍ୟ



# ଶିଳ୍ପୀ ବିପ୍ରଚରଣଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ପୁରୁଣା ଭୁବନେଶ୍ୱର,୨୫। ୧୧ (ଡି.ଏନ.ଏ.)

ଓଡ଼ିଶାର ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାତାର ଜନକ ଓ ଧର୍ମପଦ ପୁରସ୍କାରପ୍ରାପ୍ତ ଭାସ୍କର୍ଯ୍ୟ ଶିଳ୍ପୀ ସ୍ୱର୍ଗତ ବିପ୍ରଚରଣ ମହାନ୍ତିଙ୍କ ୯୨ତମ ରାଜ୍ୟସ୍ତରୀୟ ଜୟନ୍ତୀ ବିପ୍ରଚରଣ ଫାଉଣ୍ଡେଶନ ଟ୍ରଷ୍ଟ ଓ ଓଡ଼ିଶା ଲଳିତକଳା ଏକାଡେମୀର ମିଳିତ ଆନୁକୂଲ୍ୟରେ ବି.କେ. ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଓଡ଼ିଶା ହାଉସିଂବୋର୍ଡର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ଶିଳ୍ପୀଙ୍କୁ ଜଣେ ଯୋଗଜନ୍ମା ବ୍ୟକ୍ତିତ୍ୱ ବୋଲି ବର୍ଣ୍ଣନା କରିଥିଲେ। ଏଥିରେ ବରିଷ୍ଠ ଶିଳ୍ପୀ ଧନେଶ୍ୱର ସାହୁ, ଚନ୍ଦ୍ରଶେଖର ମହାରଣା ଓ ବ୍ରଜକିଶୋର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶିକ୍ଷା ବିକାଶର ମୂଳ ପୁଞ୍ଜି




ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)

କ୍ୟାପିଟାଲ ବାଳିକା ଉଚ୍ଚ ବିଦ୍ୟାଳୟର ଡାଇମଣ୍ଡ ଜୁବିଲି ସମାରୋହ ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଝାଡ଼ଖଣ୍ଡ ରାଜ୍ୟପାଳ ତଥା ବିଦ୍ୟାଳୟର ପୁରାତନ ଛାତ୍ରୀ ଦ୍ରୌପଦି ମୁର୍ମୁ ଯୋଗଦେଇ ସ୍କୁଲ ସମୟର ଅନୁଭୂତିକୁ ବଖାଣିଥିଲେ। ସେ କହିଥିଲେ ଯେ, ଶିକ୍ଷା ବିକାଶର ମୂଳ ପୁଞ୍ଜି। ଶିକ୍ଷା ବିନା ଆମେ ଅଧୁରା। ତେଣୁ ପ୍ରତ୍ୟେକ ଯୁବପିଢ଼ି ଶିକ୍ଷାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ। ଅଧ୍ୟୟନବସାୟ ଓ ପରିଶ୍ରମ କରିଲେ ସଫଳତା ନିଶ୍ଚୟ ପାଇପାରିବ। ଜ୍ଞାନ ଯେ କେବଳ ପୁସ୍ତକରୁ ମିଳେ, ତାହା ନୁହେଁ। ବହି ଜ୍ଞାନ ସହ ବ୍ୟବହାରିକ ଜ୍ଞାନ ମଧ୍ୟ ରହିବ ଦରକାର। ଦେଶର ପ୍ରଗତି ପଥରେ ଛାତ୍ରୀମାନେ ଆଗରେ ରହିବାକୁ ରାଜ୍ୟପାଳ ଦ୍ରୌପଦି ମୁର୍ମୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ର ସମୀର ରଞ୍ଜନ ଦାସ ଯୋଗଦେଇ ବିଦ୍ୟାଳୟର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ବହୁ ପୁରାତନ ଛାତ୍ରୀମାନେ ଏକାଠି ହୋଇଥିଲେ। ଆଲୁମ୍ନି ସମ୍ପାଦକ ସୁଚିତ୍ରା ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଜୁଲଇ ମଙ୍ଗରାଜ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ରୀ ତଥା ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ପ୍ରତିଭାବାନ୍‌ଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହାସହ ଦଶମ ପରୀକ୍ଷାରେ ସଫଳତା ପାଇଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜାତୀୟ ସଂହତି ଶିବିର ଉଦ୍‌ଘାଟିତ

# ସମାଜର ହିତ ସାଧନରେ କାର୍ଯ୍ୟ କରିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ

ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)




ପରେଡରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

ଭୁବନେଶ୍ୱର ଜିଲା ଭାରତ ସ୍କାଉଟ୍ ଏବଂ ଗାଇଡ୍‌ସ ପକ୍ଷରୁ ସୋମବାର କ୍ୟାପିଟାଲ ହାଇସ୍କୁଲ ଖେଳ ପଡ଼ିଆରେ ଜାତୀୟ ସଂହତି ଶିବିର ଉଦ୍‌ଘାଟିତ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ସଂହତି ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ସମାଜର ହିତ ସାଧନ କ୍ଷେତ୍ରରେ କାର୍ଯ୍ୟ କରି ଦେଶ ତଥା ରାଜ୍ୟକୁ ଗୌରବାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ହରେକ୍ରୀଷ୍ଣ ଶତପଥୀ ଓ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ସମାଜର ସେବା କରିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଲକ୍ଷ୍ୟ ହେବା ଉଚିତ୍ ବୋଲି କହିଥିଲେ।

ଭୁବନେଶ୍ୱର ଜିଲା ଭାରତ ସ୍କାଉଟ୍ ଆଣ୍ଡ୍ ଗାଇଡ୍‌ସ ସଭାପତି ତଥା ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ବୃନ୍ଦାବନ ଶତପଥୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ଉପସଭାପତି ସୁନନ୍ଦା ମେକାପ ସ୍ୱାଗତ ଭାଷଣ ଓ ଜିଲା ସମ୍ପାଦିକା ତଥା କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୋନାମିକା ରାୟ ବିବରଣୀ ପାଠ କରିଥିଲେ। ଗାଇଡ୍ କମିଶନର କାଦମ୍ବିନୀ ଦାସ ଓ ସ୍କାଉଟ୍ କମିଶନର ରବିନାରାୟଣ ଜେନା ଉପସ୍ଥିତ ଥିଲେ। ପୂର୍ଣ୍ଣଚନ୍ଦ୍ର ଦତ୍ତ, ପ୍ରଦୀପ କୁମାର ପଣ୍ଡା, ସୁଶାନ୍ତ କୁମାର ସାମଲ, ଶଶିକାନ୍ତ ବେହୁରା, ଅମ୍ବିକା ଦାସ, ଦିପ୍ତିମୟୀ ବେହେରା, ରଙ୍ଗନିଧି ନାୟକ, ଜ୍ୟୋତ୍ସ୍ନାରାଣୀ ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ। ଶିବିରରେ ଯୋଗ ଦେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମ୍ବଲପୁର ପ୍ରତିଯୋଗିତା କରାଯାଇଥିଲା। ୫ ଦିନ ଚାଲିବାକୁ ଥିବା ଏହି ଶିବିରରେ ପ୍ରାୟ ୨୨ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦେଇଛନ୍ତି।

# ଇ-ଟଏଲେଟର ଶୁଭାରମ୍ଭ କଲେ ସଫେଇ କର୍ମଚାରୀ

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଆଉ ଏକ ଇ-ଟଏଲେଟ୍‌ର ଶୁଭାରମ୍ଭ ହୋଇଛି। ଆଚାର୍ଯ୍ୟ ବିହାରଠାରେ ଏହି ଇ-ଟଏଲେଟ୍ ନିର୍ମାଣ କରାଯାଇଥିବାବେଳେ ବିଏମ୍‌ସି ଏହାକୁ ସୋମବାର ଲୋକଙ୍କ ବ୍ୟବହାର ଉଦ୍ଦେଶ୍ୟରେ କାର୍ଯ୍ୟକ୍ଷମ କରିଛି। ସବୁଠାରୁ ବଡ଼ କଥା ହେଲା ଏହି ଇ-ଟଏଲେଟକୁ ସହରର ସଫେଇ କର୍ମଚାରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ କହିବା ଅନୁସାରେ ବିଏମ୍‌ସି ସଫେଇ କର୍ମଚାରୀଙ୍କ ଦ୍ୱାରା ଫିତା କାଟି ଉଦ୍‌ଘାଟିତ ହୋଇଛି। ବିଏମ୍‌ସି ସାନିଟେସନ୍ ବିଭାଗର ଡେପୁଟି କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି, ସହରର ପରିମଳ ବ୍ୟବସ୍ଥାକୁ ସୁନ୍ଦର କରି ରଖିବାରେ ସଫେଇ କର୍ମଚାରୀଙ୍କର ବଡ଼ ଭୂମିକା ରହୁଛି। ତେଣୁ ସେମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଗୁରୁତ୍ୱ ବଢ଼ାଇବା ପାଇଁ ଏଭଳି ପଦକ୍ଷେପ ନିଆଯାଉଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୪ଟି (୧୨ଯୋଡ଼ା) ଇ-ଟଏଲେଟ୍ କାର୍ଯ୍ୟକ୍ଷମ ହୋଇଥିବାବେଳେ ବାକି ୧୪ (୭ଯୋଡ଼ା) ଇ-ଟଏଲେଟ୍ କାର୍ଯ୍ୟକ୍ଷମ ହେବାକୁ ବାକି ରହିଛି। ଏହାର ନିର୍ମାଣ କାମ ଜାରି ରହିଥିବାବେଳେ ଆସନ୍ତା ୩ମାସ ମଧ୍ୟରେ ତାହା ସରିବ ବୋଲି ବିଏମ୍‌ସି ପକ୍ଷରୁ ଜଣାପଡ଼ିଛି।

# ନିରାଡ଼ମ୍ବର ବାର୍ଷିକୋତ୍ସବ ପାଳିବ ମୋ ସାଇକେଲ

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ମୋ ସାଇକେଲକୁ ମଙ୍ଗଳବାର ବର୍ଷେ ଅବସରରେ ବାର୍ଷିକୋତ୍ସବ ନିରାଡ଼ମ୍ବରରେ ପାଳନ ହେବ। କ୍ୟାପିଟାଲ ରିଜିଅନ୍ ଅର୍ବାନ ଲିମିଟେଡ(କ୍ରୁଟ)ର ଜଣୈକ ଅଧିକାରୀଙ୍କ କହିବାନୁଯାୟୀ, ମୋ ସାଇକେଲ ଆରୋହୀଙ୍କ ସଂଖ୍ୟା ଏବେ ଦିନକୁଦିନ ବୃଦ୍ଧିପାଉଛି। ଆଗକୁ ମୋ ସାଇକେଲକୁ କିଛି ସାଇକ୍ଲୋଥନ୍‌ରେ ସାମିଲ କରାଯାଇ ଲୋକାଭିମୁଖୀ କରାଯିବ। ମଙ୍ଗଳବାର ରୋଟାରୀ ଭବନ ଯାଏ ଏକ ସାଇକ୍ଲୋଥନ୍‌ର ଆୟୋଜନ ହୋଇଛି। ପରେ ୬ଜଣ ଅଧିକ ମୋ ସାଇକେଲ ଚଳାଇଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଭୁବନେଶ୍ୱର ସାଇକ୍ଲିଷ୍ଟ ଆଡଭେଞ୍ଚର କ୍ଲବର ସଦସ୍ୟ ସଞ୍ଜିବ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିବ କ୍ରୁଟ।

# ଦକ୍ଷିଣ ଏସିଆର କମ୍ୟୁନିଟି ହବ୍ ହେବ ଓଡ଼ିଶା

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ଓଡ଼ିଶା ଖୁବ୍‌ଶୀଘ୍ର ଦକ୍ଷିଣ ଏସିଆର କମ୍ୟୁନିଟି ରେଡିଓ ହବ୍‌ରେ ପରିଣତ ହେବ। ବର୍ତ୍ତମାନ ଦେଶରେ ୨୬୫ଟି ଗୋଷ୍ଠୀ ବେତାର କେନ୍ଦ୍ର ବା କମ୍ୟୁନିଟି ରେଡିଓ ସେଣ୍ଟର କାର୍ଯ୍ୟକ୍ଷମ ଥିବାବେଳେ ଏହା ମଧ୍ୟରୁ କେବଳ ଓଡ଼ିଶାରେ ୧୭ଟି କାର୍ଯ୍ୟ କରୁଛି। ଖୁବ୍‌ଶୀଘ୍ର ଓଡ଼ିଶାରେ ଆହୁରି ୫୦ଟି କେନ୍ଦ୍ର ଖୋଲିବାକୁ ଯାଉଛି। ଏନେଇ ରାଜ୍ୟସ୍ତରୀୟ ଗୋଷ୍ଠୀ ବେତାର କେନ୍ଦ୍ରଗୁଡ଼ିକୁ ନେଇ ଅନୁଷ୍ଠିତ ସମୀକ୍ଷା କର୍ମଶାଳାରେ ଗୋଷ୍ଠୀ ବେତାର ମହାସଂଘର ଜାତୀୟ ସଭାପତି ଏନ୍. ଏ. ଶାହ ଅନ୍‌ସାରୀ ସୂଚନା ଦେଇଛନ୍ତି। ସ୍ଥାନୀୟ ଏକ ହୋଟେଲରେ ସୋମବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସେ ଦେଶ ଓ ଦେଶ ବାହାରେ ଗୋଷ୍ଠୀ ବେତାର କେନ୍ଦ୍ରଗୁଡିକ କିଭଳି କାର୍ଯ୍ୟ କରୁଛି ସେ ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟର ବିଭିନ୍ନ ଗୋଷ୍ଠୀ ବେତାର କେନ୍ଦ୍ରରୁ ଶହେରୁ ଅଧିକ ଯୁବ ବେତାର ସାମ୍ବାଦିକ କର୍ମଶାଳାରେ ଯୋଗଦେଇଥିଲେ। ଅତିଥିଭାବେ ୟୁନିସେଫ୍‌ର ଓଡ଼ିଶା ମୁଖ୍ୟ ଡ. ମୋନିକା ନେଲ୍‌ସନ, ୟୁନିସେଫ୍‌ର ଯୋଗାଯୋଗ ବିଶେଷଜ୍ଞ ଲୋପାମୁଦ୍ରା ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ, ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରର ପ୍ରାକ୍ତନ ମୁଖ୍ୟ ଶାନ୍ତନୁ ରଥ, ଆକାଶବାଣୀ କଟକର ଇତିଶ୍ରୀ ରାଠୋର ପ୍ରମୁଖ ଯୋଗଦେଇ ଗୋଷ୍ଠୀ ବେତାରର ଆବଶ୍ୟକତା ଓ ଯୁବ ଗୋଷ୍ଠୀର ଭୂମିକା ସଂପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ 'କମ୍ୟୁନିଟି ରେଡିଓ ଫର୍ ଚେଞ୍ଜ୍' ପୁସ୍ତିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଡ. ଶିଶିର ଦାସ କର୍ମଶାଳାରେ ଅଧ୍ୟକ୍ଷତା କରିଥିବାବେଳେ ୮ ଜଣ ଯୁବ ବେତାର ସାମ୍ବାଦିକଙ୍କୁ ସମ୍ମାନିତ କରାଯାଇଥିଲା।


ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LTD.
A GOVT. OF ODISHA UNDERTAKING
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, FAX/PH.: 0680-2291905, 0680-2291904

Advt.No.07/2019-20 NOTICE INVITING TENDER

For and on behalf of OPTCL sealed tenders are invited from Manufacturers/ Suppliers having Authorized Dealership Certificate with valid I.T. PAN, GST Registration Certificate for **Supply of different capacity & type of fire extinguishers required for Grid Sub-Stations, Aska & Phulbani under EHT (O&M) Division, Bhanjanagar.** Commencement of Sale of Tender Paper: - From Dated 26.11.2019 to Dated 10.12.2019 up to 5.00 PM (GST Registration No. is to be produced at the time of purchase of Tender Specification). Last Date of Submission of Tender Paper : Dated 11.12.2019 up to 02.00 PM. Date of Opening of Tender Paper: - Dated 11.12.2019 at 3.00 PM. Cost of Tender Paper : Rs.6,000 + GST @ 12 % = Rs.6,720/-. For details please visit our website **www.optcl.co.in**. Corrigendum if any will be published in the website only.

*General Manager (Elect.)*



GOVERNMENT OF ODISHA
HEALTH & FAMILY WELFARE DEPARTMENT
File No. PT1-HFW-MEI-MISC-0019-2017 **30208/** /H&F.W. Dated: 22.11.19

ADVERTISEMENT

**No. E-518:-** Applications are invited from eligible candidates in the prescribed proforma for the post of Director, VSS Institute of Medical Sciences and Research, Burla Sambalpur, Odisha, in the scale of pay of Rs.37,400/- - Rs. 67,000/-+ AGP of Rs. 10,000/- or (as admissible from time to time) + a special allowance of Rs.5,000/- per month (or administrative allowance, as decided by Government in Finance Department from time to time, or in such amount of monthly emoluments as decided by Government in Finance Department from time to time for in-service/retired person as applicable.The appointment shall be for a term of three years from the date on which he/she enters upon his/her office or till he/she attains the age of sixty-five years, whichever is earlier. The incumbent shall also be eligible for reappointment for another term of three years or till he/she attains the age of sixty-five years, whichever is earlier. The application in the prescribed format, complete in all respects along with the required documents must be sent by speed post only to "The Deputy Secretary (Medical Education-I), Health & FW, Department, Secretariat, Bhubaneswar, 751001, Odisha" so as to reach on or before 20.12.2019, 5 PM.

The detailed eligibility criteria and other conditions with prescribed proforma can be downloaded from http://health.odisha.gov.in/Announcement.asp?GL=10/ http://www.dmetodisha.gov.in/

*Sd./- Commissioner-cum-Secretary to Govt. of Odisha Health & Family Welfare Department*

10001/11/0010/1920



No. B-339:
Government of Odisha
OFFICE OF THE SUPERINTENDING ENGINEER
CUTTACK (R&B) CIRCLE, CUTTACK
E-mail. ID- sectcrb_2006@yahoo.co.in, Tel/Fax – 0671-2301751/2302751

'e' – PROCUREMENT NOTICE
Bid Identification No.S.E.Ctc.(R&B) 4/2019-20

1. The Superintending Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road and Building works as mentioned below.
2. No. of work :- 4 Nos.
3. Nature of work :- Road and Building works.
4. Class of contractor :- 'B' & 'A' Class
5. Tender paper cost :- Rs.10000/- (online)
6. Available of bid documents in the website :- From 29.11.2019 to 16.00 Hours of 13.12.2019
7. Date of opening of bid :- Dt. 16.12.2019 at 11.00 Hours.
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

*Sd./- (T.P. Mishra), Superintending Engineer Cuttack (R&B) Circle*

34012/11/0005/1920



ରାୟଗଡ଼ ପୌରପରିଷଦ

ବୈଭବ ବିମଣ୍ଡିତ ଓ ଐତିହ୍ୟସମ୍ପନ୍ନ ରାୟଗଡ଼ ଜନସାଧାରଣଙ୍କୁ ଅଧିଷ୍ଠାତ୍ରୀ ଦେବୀ 'ମା ମଝିଘରିଆଣୀ' ନିଜ ଛତ୍ର ଛାୟାରେ ରଖିଥାନ୍ତୁ। ଏକ ସ୍ୱଚ୍ଛ ସୁନ୍ଦର, ସମୃଦ୍ଧ ରାୟଗଡ଼ ଗଠନ ନିମନ୍ତେ – ପୌର ପରିଷଦ, ଆପଣମାନଙ୍କ ସହଯୋଗ କାମନା କରୁଅଛି।

- ପ୍ଲାଷ୍ଟିକ୍ ବର୍ଜନ ଅଭିଯାନକୁ ସଫଳ କରାନ୍ତୁ ଏବଂ ସଫେଇ କର୍ମଚାରୀ ଓ ସ୍ୱଚ୍ଛସାଥୀଙ୍କୁ ବର୍ଜ୍ୟବସ୍ତୁ ପୃଥକ୍ କରିଦିଅନ୍ତୁ।
- ପୌର ପ୍ରଶାସନର ବିକେନ୍ଦ୍ରୀକରଣ କ୍ରମରେ ସହରର ପ୍ରତ୍ୟେକ ୱାର୍ଡରେ 'ୱାର୍ଡଅଫିସ୍' ପ୍ରତ୍ୟହ ସରକାରୀ କାର୍ଯ୍ୟଦିବସ ସକାଳ ୧୦.୦୦ଘ.ରୁ ୧୨.୦୦ଘ. ପର୍ଯ୍ୟନ୍ତ କାର୍ଯ୍ୟ କରୁଅଛି। ଜନସାଧାରଣ ଏହି ୱାର୍ଡଅଫିସରଙ୍କ ମାଧ୍ୟମରେ ବିଭିନ୍ନ ପୌର ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ଅବଗତ ହୋଇପାରିବେ, ତଥା ଆବଶ୍ୟକୀୟ ଦରଖାସ୍ତ ଦାଖଲ କରିପାରିବେ।

**ଶ୍ରୀ ପ୍ରମୋଦ କୁମାର ବେହେରା**
**ଓ.ପ୍ର.ସେ. (ବ.ପ୍ର.ପା)**
**ପ୍ରଶାସକ ତଥା ଜିଲ୍ଲାପାଳ, ରାୟଗଡ଼**

**ଶ୍ରୀ ସଚ୍ଚିଦାନନ୍ଦ ଶତପଥୀ**
**କାର୍ଯ୍ୟନିର୍ବାହୀ ଅଧିକାରୀ**
**ରାୟଗଡ଼ ପୌରପରିଷଦ**



SEALED TENDER CALL NOTICE FOR PALLISHREE MELA- KEONJHAR

**NO: 274/ ORMAS/ DRDA (K) Date: 25.11.19**

Sealed tenders are invited in the prescribed format from reputed Tent House/ Firms/ Agencies/ Decorators for the Pallishree Mela- 2019 to be held at Kali Padia, Keonjhar from 20th to 26th December 2019 as per the specifications. The detail specifications along with terms and conditions can be obtained from the office of ORMAS, O/o. DRDA, Keonjhar on payment of Rs. 3,000/- (Rupees Three Thousand) only by DD/ BC drawn in favour of DSMS, Keonjhar, which is Non-refundable. The details can be seen/ available in the website www.kendujhar.nic.in. w.e.f. 29th November 2019. The undersigned reserves the right to cancel any or all quotations without assigning any reasons thereof.

**Sd./- Chief Executive, DSMS, Keonjhar**



ନିୟନ୍ତ୍ରୀତ ବଜାର କମିଟି କାର୍ଯ୍ୟାଳୟ, ନବରଙ୍ଗପୁର

ନବରଙ୍ଗପୁର ଜିଲ୍ଲାର ସମସ୍ତ ଧାନ ଚାଷୀଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ପ୍ରଶାସନଙ୍କ ନିଷ୍ପତ୍ତିକ୍ରମେ ଚଳିତ ୨୦୧୯-୨୦ ଖରିଫ୍ ବର୍ଷ ସକାଶେ ଚାଷୀମାନଙ୍କର ଉତ୍ପାଦିତ ଧାନକୁ ୫୪ଗୋଟି ସ୍ଥାୟୀ ଓ ଅସ୍ଥାୟୀ ଧାନମଣ୍ଡି ମାଧ୍ୟମରେ ଲ୍ୟାମ୍ପସ୍‌ମାନଙ୍କ ଦ୍ୱାରା କ୍ରୟ କରିବା ପାଇଁ ତା.୦୧।୧୨।୨୦୧୯ରିଖ (ରବିବାର) ଠାରୁ ଧାର୍ଯ୍ୟ କରାଯାଇଅଛି। ମଣ୍ଡିର ସୁପରିଚାଳନା ପାଇଁ ଧାନକ୍ରୟ କେନ୍ଦ୍ରଗୁଡ଼ିକରେ ଗୋଦାମଗୃହ, ନିଲାମଗୃହ, ଖୋଲାପିଣ୍ଡି, ଧାନ ଓଜନ ଯନ୍ତ୍ର, ଆର୍ଦ୍ରତା ମାନ ଯନ୍ତ୍ର, ବିଶ୍ଳେଷଣ ଯନ୍ତ୍ର, ତାର୍ପୋଲିନ, ପାଣି ପିଇବା ପାତ୍ର ଓ ଜରୁରିକାଳୀନ ଆଲୋକ ଇତ୍ୟାଦିର ବ୍ୟବସ୍ଥା କରାଯାଇଅଛି। ସମସ୍ତ ମଣ୍ଡି ଗୁଡିକରେ ଫ୍ଲେକ୍ସ ବ୍ୟାନର, ଲିଫଲେଟ ତଥା ଡାକବାଜି ଯନ୍ତ୍ର ସାହାଯ୍ୟରେ ଧାନ ମଣ୍ଡିର ବାର ଓ ପଞ୍ଚାୟତର ନାମ ଜଣାଇ ଦିଆଯାଇଅଛି। ଏଣୁ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ମଣ୍ଡିରେ ଧାନ ବିକ୍ରୟକରି ସରକାରୀ ମୂଲ୍ୟ ପାଆନ୍ତୁ। ଏଥିପାଇଁ ଧାନକୁ ଶୁଖାଇ ଓ ପରିଷ୍କାର କରି ମଣ୍ଡିକୁ ଆଣିବାକୁ ଅନୁରୋଧ।

୨୦୧୯-୨୦୨୦ ଖରିଫ ବର୍ଷ ସକାଶେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ:-

| F.A.Q. ମାନର ଧାନ | କୁଇଣ୍ଟାଲ ପ୍ରତି | ୮୦ କେଜି ପ୍ରତି |
|---|---|---|
| ସାଧାରଣ ଧାନ | ଟ.୧୮୧୫.୦୦ଙ୍କା | ଟ.୧୪୫୨.୦୦ଙ୍କା |
| "କ" ଶ୍ରେଣୀ ଧାନ | ଟ.୧୮୩୫.୦୦ଙ୍କା | ଟ.୧୪୬୮.୦୦ଙ୍କା |

**ଏଫ୍.ଏ.କ୍ୟୁ.(F.A.Q.) ଧାନ କହିଲେ କ'ଣ ବୁଝାଏ।**

**F.A.Q. ମାନର ଧାନ -** ୧. ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି – ୧.୦%, ୨. କାଠି, କୁଟା, ଧୁଷ, ଅଗାଡି ବା ପୋଲ ଇତ୍ୟାଦି – ୧.୦%, ୩. ଖରାପ, ବେରଙ୍ଗ, ପାଣିଫୁଲା କିମ୍ବା ପୋକଖିଆ – ୫.୦% (ଖରାପ, ପାଣିଫୁଲା ଓ ପୋକଖିଆ ୪% ଅଧିକ ହୋଇନଥିବ), ୪. ଅପରିପକ୍ୱ, ବଙ୍କା ଓ ସଙ୍କୁଚିତ ଇତ୍ୟାଦି – ୩.୦%, ୫. ସରୁ ଧାନ ମିଶ୍ରିତ ମୋଟା ଧାନ ୬.୦% (କେବଳ "କ" ଶ୍ରେଣୀ ଧାନ ନିମନ୍ତେ), ୬. ଆର୍ଦ୍ରତା ବା ଜଳୀୟ ଅଂଶ (ଆର୍ଦ୍ରତା) – ୧୭.୦%

**ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ କେତୋଟି ନିୟମ :**

୧. ଧାନ ମଣ୍ଡିକୁ ଆଣିବା ସମୟ ସକାଳ ୮ଘଣ୍ଟା ଠାରୁ ଅପରାହ୍ନ ୨ଘଣ୍ଟା ପର୍ଯ୍ୟନ୍ତ। ୨. ଧାନଚାଷୀ ଧାନ ଅମଳ କରି ସାରିବା ପରେ ତୁରନ୍ତ ସଂପୃକ୍ତ ଲ୍ୟାମ୍ପସ୍‌ରୁ ଧାନ ବିକ୍ରୟ ପାଇଁ ଟୋକନ୍ ପାଇବା ନିମନ୍ତେ ସୂଚନା ଦେବେ। ୩. ବିଶେଷ ବିବରଣୀ ପାଇଁ- ଯୋଗାଣ ବିଭାଗ ଅଧିକାରୀ ଅଫିସ୍ ଫୋନ୍- ୦୬୮୫୮-୨୨୨୩୪୯, କଣ୍ଟ୍ରୋଲ୍ ରୁମ୍ ଫୋନ୍ ନଂ.୯୯୩୮୫୫୮୮୪୨ (ସକାଳ ଘ.୧୦.୦୦ମି. ଠାରୁ ଅପରାହ୍ନ ଘ.୫.୦୦ମି ପର୍ଯ୍ୟନ୍ତ)

**ସମ୍ପାଦକ**
**ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର**

**ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ**
**ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର**



No. C-342:
GOVERNMENT OF ODISHA
OFFICE OF THE EXECUTIVE ENGINEER
P.H. DIVISION, BARIPADA
Phone No : 06792-252682, E mail Id : eephbaripada2016@gmail.com

NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB)
Identification No. EEPHBPD-17 /2019-20 Dt. 25.11.2019

| S N | Name of Work | Bid Identi-fication No. | Estimated Cost (Rs. in Lakh) | Period of Completion | Availability of Bid Document for Online Bidding | |
|---|---|---|---|---|---|---|
| | | | | | From | To |
| 1. | Supply, Installation & Testing of House Service Connection to the Consumers of Baripada Municipality under P.H. Division, Baripada | EEPHBPD - 17/ 2019-20 | 154.01 | 03 (Three) Months | 11.00 Hrs. of 03.12.2019 | 17.00 Hrs. of 24.12.2019 |

- Name & Address of Officer Inviting Bid: **Executive Engineer, P.H. Division, Baripada Phone # 06792-252682 mail:eephbaripada2016@gmail.com**
- Further details can be seen from the e-Procurement portal **"https://www.tendersodisha.gov.in".**
- **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

13016/11/0006/1920 *Sd/-* **Executive Engineer, P.H. Division, Baripada**



No. O-550:-
GOVERNMENT OF ODISHA
OFFICE OF THE SUPERINTENDING ENGINEER
SOUTHERN CIRCLE, RURAL WORKS, SUNABEDA
email- serwsbd2003@yahoo.com

E-Procurement Notice

NO: Date:

1. Name of the work : Construction and maintenance of rural roads under PMGSY Scheme (04 Nos) Construction of Road under UPANTA Schemes (01 No)
3. Class of contractor : "B", "A" & Special Class of (Odisha PWD) or relevant class of other licensing authority.
4. Estimated Cost : **Varies from Rs.116.56 Lakhs to Rs.318.13 Lakhs (Approximately)**
5. Details projects as per Annexure attached.:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Southern Circle, Sunabeda | SERWSCSBD – Online – 10/2019-20 | 29.11.2019 at 11.00 A.M. | 13.12.2019 up to 5.00 P.M. | 12.12..2019 up to 2.00 P.M. | 16.12.2019 at 11.00 A.M. | To be intimated separately |

6. (i) Further details for Construction of Roads under UPANTA Schemes can be seen from the web site **www.tendersodisha.gov.in**.
(ii) The details of PMGSY works can be seen from the web site **https://www.pmgsytenders.gov.in**
7. Any Corrigendum/Addendum will be displayed in the above e-tender web sites.

25045/11/0010/1920 Superintending Engineer, Southern Circle RW: Sunabeda



Tel-0663-2548268, E-mail id-serwcirclesbp@yahoo.com
No.O-533
Government of Odisha, Office of the Superintending Engineer, Rural Works Circle, Sambalpur

**Bid Identification No. Road tender Online - RWCSBP-11 No: 2068 Dated:.19.11.2019**

The Superintending Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 02 (Two) no of Road work under UPANTA Scheme.

| Sl. No. | Name of work | Approximate estimated cost put to tender excluding of GST in lakhs (Figure appearing in DTCN is final) | Concerned E.E. with Headquarters | Security Amount (in lakhs.) (Online) (Figure appearing in DTCN is final) | Cost of Bid Dociment (Rs.) (Online) | Class of bidder | Period of Completion (including rainy, summer & festival) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Constn. of road from PWD road to Sindurkhol under UPANTA Scheme for the year 2018-19 | 221.00 | Executive Engineer Rural, Works Division Deogarh | 2.21 | 10,000/- (Online) | B & A Class | 06 (Six) Calendar months |
| 2 | Constn. of road from Rugudakudar to Mahuldiha via Dipatala under UPANTA Scheme for the year 2018-19 in the district of Deogarh. | 415.00 | | 4.15 | 10,000/- (Online) | A & Special | 11 (Eleven) Calendar months |
| Mode of submission of tender | | | Tender should be submitted only online in website **www.tendersorissa.gov.in (https://tendersodisha.gov.in)** | | | | |

Summary of key dates are provided below :

| Procurement officer | Bid Identification No. | Availability of Tender online for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural, Works Circle, Sambalpur | Road Tender Online-RWCSBP-11 | 30.11.2019 From 11.00 A.M. | 21.12.2019 Upto 4.00 P.M. | 20.12.2019 Upto 4.00 P.M. | 23.12.2019 At 11.00 A.M. | Will be intimated later |

* Further details can be seen from the e-procurement portal **www.tendersorissa.gov.in. (https//tendersodisha.gov.in)** * Subsequent modification/ corrigendum/Addendum if required shall appear in website only. * The amount put to bid is exclusive of GST. 25091/11/0008/1920 **Superintending Engineer, Rural Works Circle, Sambalpur**



BHUBANESWAR DEVELOPMENT AUTHORITY
AKASH SHOVA BUILDING, PANDIT JAWAHARLAL NEHERU MARG, BHUBANESWAR - 751001
PABX No. 0674-2392801 / 0998 / 6437, FAX No. 0674-2390633 / 085
Visit us at: http://www.bda.gov.in/

**Ref. No. 1217 Date: 25.11.2019**

INVITATION FOR BIDS (IFB)
BID IDENTIFICATION No. 1217/EE-I/BDA/2019–20

**The Executive Engineer, Division No.I, B.D.A.** on behalf of Bhubaneswar Development Authority, Bhubaneswar invites 'e' tender on Percentage Rate in **Single Cover System** to be received in on-line mode only.

| Sl. No. | Name of work | Approximate value of work (in lakh) | Period of Completion | Class of Contractor | Bid Security (In Rs.) | Cost of Document (In Rs.) | Last date of online receipt of bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Accessible Environment in Bhubaneswar Development Authority (B.D.A.) Office Building, Bhubaneswar (P.H.) works from 1st Floor to 5th Floor) | 13.66 | 90 (Ninety) Days | 'D' Class & 'C' Class | 13,700/- | 6,000/- + GST @12% | 27.11.2019 to 09.12.2019 |

**N.B- The quoted rate should be all inclusive but Excluding G.S.T. applicable under works contract.**

1. The bid documents shall be available for downloading in the website **https://tendersodisha.gov.in/** from dated - **27/11/2019 at 5.00 P.M.** onwards.
2. Bids shall be received online on or before Dated - **09/12/2019 up to 5.00 P.M.** The bidder must possess compatible Digital Signature Certificate (DSC) of Class - II or Class - III.
3. Any Corrigendum & Addendum will be published in the website only.

*Sd/-*
**Executive Engineer, Division No.I, BDA.**



NOTICE FOR INVITATION OF TENDER

Notice No. 4235 Date: 22.11.2019

**No. E-517:-** Sealed tenders are invited from intending agency / manufacturer / authorised dealer through Speed Post / Registered Post / Courier for supply of Bike Ambulance. The willing reputed agency / manufacturer / authorised dealers are requested to submit sealed tenders to the office of the undersigned on or before 16.12.19 till 5.30 PM. Tender documents can be downloaded obtained from the district website www.sundergarh.nic.in/ DPMU, NHM, CDM & PHO office, Sundergarh. This office will not entertain any tender after the due date / time fixed for at any circumstances. The undersigned reserves the right to reject any or whole tender without assigning any reason thereof.

***Sd./***
***Chief District Medical & Public Health Officer, Sundargarh***

10100/11/0024/1920

ସ୍ୱାମୀସ୍ତ୍ରୀଙ୍କ ଯୋଡ଼ି ଭଗବାନଙ୍କର ଏକ ଅପୂର୍ବ ସମ୍ପର୍କ, ଯେଉଁ ସମ୍ପର୍କ ଭିତରେ ଭରିରହିଥାଏ ଗଭୀର ଭଲ ପାଇବା, ସ୍ନେହ, କର୍ତ୍ତବ୍ୟବୋଧ। ଆଉ କେବେ କେବେ ମତାନ୍ତର ପୁଣି ମନାନ୍ତର ବି। ତେବେ ଏ ସବୁ ଭିତରେ ଏହି ସମ୍ପର୍କକୁ ସାରା ଜୀବନ ଅତୁଟ ରଖିବା ନିର୍ଭର କରିଥାଏ ନିଜ ଉପରେ...





# ଅତୁଟ ସମ୍ପର୍କ

**ସନ୍ଦେହ:** ସନ୍ଦେହ ସମ୍ପର୍କରେ ଫାଟ ସୃଷ୍ଟି କରିବାର ସବୁଠୁ ବଡ଼ କାରଣ। ଅନେକେ ଏଭଳି ଅଛନ୍ତି, ଯେଉଁମାନେ ନିଜ ପାର୍ଟନରଙ୍କୁ ସନ୍ଦେହ କରିଥାନ୍ତି। ସେ କାହା ସହ ଖୁସିରେ କେଇ ପଦ କଥାହେଲେ ସେମାନଙ୍କ ଭିତରେ କିଛି ସମ୍ପର୍କ ଥିବା ସନ୍ଦେହ କରନ୍ତି। ଏମିତି କି ପାର୍ଟନରଙ୍କ ଅନୁପସ୍ଥିତିରେ ତାଙ୍କ ମୋବାଇଲ୍‌ର ମେସେଜ୍, ହ୍ୱାଟ୍ସଆପ୍, ଫେସ୍‌ବୁକ୍, ମେସେଞ୍ଜର ଆଦି ଚେକ୍ କରିବାକୁ ବି ପଛାନ୍ତିନାହିଁ। କେହି କେହି ବାସ୍ତବ କଥା ନ ଜାଣି ପରକଥାରେ ଭାସିଯାଇ ନିଜ ପାର୍ଟନରଙ୍କୁ ସନ୍ଦେହ କରିବା ସହ ତାଙ୍କ କଥାକୁ ମିଛ ବୋଲି ଭାବିନିଅନ୍ତି। ଏ କ୍ଷେତ୍ରରେ ସମ୍ପର୍କ ମଜଭୁତ ହେବା ପରିବର୍ତ୍ତେ ଧୀରେ ଧୀରେ ଦୁର୍ବଳ ହୋଇ ଭାଙ୍ଗିଯିବାର ଆଶଙ୍କା ବି ରହିଛି। ତେଣୁ ସମ୍ପର୍କକୁ ଅତୁଟ ରଖିବାକୁ ହେଲେ କାହାରି କଥାରେ ଭାବପ୍ରବଣ ନ ହୋଇ ସନ୍ଦେହ ନାମକ ଶତ୍ରୁକୁ ମନଭିତରୁ ବାହାର କରନ୍ତୁ। ତଥାପି ଯଦି ସନ୍ଦେହ ହେଉଛି ତେବେ ମନଭିତରେ ଏହାକୁ ଚାପିରଖି କଷ୍ଟ ପାଇବା କିମ୍ବା ସମ୍ପର୍କ ଖରାପ କରିବା ଅପେକ୍ଷା କେବେ ସମୟ ସୁବିଧା ଦେଖି ନିଜ ପାର୍ଟନରଙ୍କ ସହ ସିଧାସଳଖ ଆଲୋଚନା କରିନେବା ଭଲ। ଏହା ଦ୍ୱାରା ପ୍ରକୃତ ସତ୍ୟ ଜଣାପଡ଼ିଯିବ।

**କମ୍ୟୁନିକେଶନ ଗ୍ୟାପ୍:** ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ କେବେ କେବେ ଛୋଟମୋଟ ଝଗଡ଼ା ହେବା ଏକ ସାଧାରଣ ଘଟଣା। ହେଲେ ଅନେକେ ଏଭଳି ପରିସ୍ଥିତିରେ ଝଗଡ଼ାର ସମାଧାନ କରିବା ବଦଳରେ ପରସ୍ପର ମଧ୍ୟରେ କଥାବାର୍ତ୍ତା ବନ୍ଦ କରିଦିଅନ୍ତି। ଏହା ଦ୍ୱାରା ଧୀରେ ଧୀରେ କମ୍ୟୁନିକେଶନ ଗ୍ୟାପ୍ ବଢ଼ିଥାଏ। ତେଣୁ ଏପରି ହେବାକୁ ଆଦୌ ନ ଦେଇ ଝଗଡ଼ାକୁ ପରବର୍ତ୍ତୀ ସମୟରେ ଭୁଲିଯାଇ ପୁନର୍ବାର ଆଗଭଳି ହସଖୁସିରେ ଚଳିବା ଦ୍ୱାରା ସମ୍ପର୍କ ମଜଭୁତ ହୋଇଥାଏ।

**ଅବିଶ୍ୱାସ:** ବିଶ୍ୱାସ ଏକ ଉତ୍ତମ ସମ୍ପର୍କର ମୂଳଦୁଆ। ତେଣୁ ଥରେ ଏହା ଭାଙ୍ଗିଗଲେ ପୁନର୍ବାର ସୃଷ୍ଟି ହେବା ଖୁବ୍ କଷ୍ଟ। ତେଣୁ ଜୀବନସାଥୀଙ୍କୁ ଅବିଶ୍ୱାସ କରନ୍ତୁ ନାହିଁ। ନିଜେ ମଧ୍ୟ କେବେ ଏଭଳି କୌଣସି କାର୍ଯ୍ୟ କରନ୍ତୁ ନାହିଁ, ଯାହା ତାଙ୍କୁ ଆପଣଙ୍କ ପ୍ରତି ଅବିଶ୍ୱାସ ସୃଷ୍ଟି କରିବାର ସୁଯୋଗ ଦେବ। ବେଳେବେଳେ ବୁଝାମଣା ଅଭାବରୁ ଅବିଶ୍ୱାସ ଜନ୍ମିଥାଏ। ତେଣୁ ଝଗଡ଼ା କରିବା କିମ୍ବା ସମ୍ପୂର୍ଣ୍ଣ ଚୁପ୍ ରହି ସମ୍ପର୍କ ଖରାପ କରିବା ପରିବର୍ତ୍ତେ ପରସ୍ପର ମଧ୍ୟରେ କଥାହୋଇ ଏହାର ସମାଧାନ କରିବା ଦ୍ୱାରା ସମ୍ପର୍କ ମଧୁର ହୋଇଥାଏ।

**ଲୁଚାଇବା:** ନିଜ ଲାଇଫ୍ ପାର୍ଟନରଙ୍କ ଆଗରେ ସବୁବେଳେ ହୃଦୟ ଖୋଲା ରଖନ୍ତୁ ଏବଂ ସଚ୍ଚୋଟ ହୁଅନ୍ତୁ। କାରଣ ତାଙ୍କ ଆଗରେ କିଛି ଲୁଚାଇବାର ଅର୍ଥ ଅବିଶ୍ୱାସ ଏବଂ ସନ୍ଦେହର ମଞ୍ଜି ବୁଣିବା, ଯାହା ସମ୍ପର୍କରେ ଫାଟ ସୃଷ୍ଟି କରିବା ଲାଗି ଯଥେଷ୍ଟ।

**ଜିଦ୍:** ଅନେକେ ପାର୍ଟନରଙ୍କ ଆର୍ଥିକ ସ୍ଥିତି ନ ବୁଝି ନିଜ ଇଚ୍ଛା ପୂରଣ କରିବାକୁ ଜିଦ୍ କରିଥାନ୍ତି। ଉଦାହରଣ ସ୍ୱରୂପ ଆମେ ଅନେକ ମହିଳାଙ୍କ ସୁନାଗହଣା କିଣିବା କିମ୍ବା ଅନ୍ୟାନ୍ୟ ଶପିଂ ନିଶାକୁ ନେଇପାରିବା। କେବଳ ଏତିକି ନୁହେଁ, କେହି କେହି ୱିକେଣ୍ଡ ହେବା ମାତ୍ରେ ବୁଲିବାକୁ ଜିଦ୍ ଧରି ବସନ୍ତି। ହେଲେ ଛୁଟିଦିନ ମାତ୍ରେ ଯେ ସ୍ୱାମୀ ସମ୍ପୂର୍ଣ୍ଣ ଫାଙ୍କା ଥିବେ କିମ୍ବା ଶପିଂ ଲାଗି ସବୁବେଳେ ପାଖରେ ପର୍ଯ୍ୟାପ୍ତ ଟଙ୍କା ଥିବ ତା' ଭାବିବା ଠିକ୍ ନୁହେଁ। ଏହା ନ ବୁଝି ଅଯଥା ଜିଦ୍ କରିବା ଦ୍ୱାରା ପାର୍ଟନରଙ୍କ ଉପରେ ମାନସିକ ତଥା ଆର୍ଥିକ ଚାପ ପଡ଼ିବା ଦ୍ୱାରା ବି କେବେ କେବେ ସମ୍ପର୍କ ଖରାପ ହୋଇଥାଏ। ତେଣୁ ସମ୍ପର୍କ ଭଲ ରଖିବାକୁ ହେଲେ ଜୀବନସାଥୀଙ୍କୁ ଉଭୟ ଉଭୟଙ୍କ ପରିସ୍ଥିତି ବୁଝିବା ଦରକାର।



**କଟୁ କଥା:** ମନ ଭଲ ନ ଥିଲେ କିମ୍ବା ଅଫିସ ତଥା ଅନ୍ୟାନ୍ୟ ଟେନ୍‌ସନ ଥିଲେ ଅନେକେ ଏହାର ରାଗ ନିଜ ପାର୍ଟନରଙ୍କ ଉପରେ ଶୁଝାଇଥାନ୍ତି । ଏମିତି କି ରାଗରେ ପାଟିରୁ ବିଭିନ୍ନ କଟୁ କଥା ବି ବାହାରିଆସେ। ରାଗରେ ହେଉ ନା କାହିଁକି ପାଟିରୁ ଥରେ ବାହାରିଥିବା କଟୁ ବାକ୍ୟ ମନଭିତରେ ରହିଯାଏ ଏବଂ କ୍ରମଶଃ ଉଭୟଙ୍କ ମଧ୍ୟରେ ଦୂରତା ବଢ଼ି ବଢ଼ି ଚାଲେ। ମନେରଖନ୍ତୁ ଦୁଇପଦ ମିଠାକଥା ବି ସମ୍ପର୍କକୁ ମଧୁର କରିଥାଏ। ତେଣୁ କ୍ରୋଧରେ ଏମିତି କିଛି କଟୁ କଥା କହିବାଠୁ ନିଜକୁ ନିବୃତ୍ତ ରଖନ୍ତୁ, ନଚେତ ତାହା ସମ୍ପର୍କରେ ତିକ୍ତତା ଆଣିବ। ରାଗ ସମୟରେ ଚୁପ୍ ରହିଯିବା ବୁଦ୍ଧିମତ୍ତାର କାମ।

**ତୁଳନା:** ସବୁବେଳେ ଅନ୍ୟମାନଙ୍କ ସହ ନିଜ ପାର୍ଟନରଙ୍କ ତୁଳନା କରିବାର ବଦଭ୍ୟାସ କେତେକଙ୍କଠାରେ ରହିଛି। ବାରମ୍ବାର ଏପରି କରିବା ଦ୍ୱାରା ପାର୍ଟନରଙ୍କ ମନରେ ନକାରାତ୍ମକ ଭାବନା ସୃଷ୍ଟି କରିଥାଏ ଏବଂ ଧୀରେ ଧୀରେ ଏହା ମନଭିତରେ ରହି ରହି ମନାନ୍ତରର କାରଣ ସାଜିଥାଏ, ଯାହା ସମ୍ପର୍କକୁ ଅତୁଟ ରଖିବାରେ ସବୁଠୁ ବଡ଼ ବାଧକ ସାଜିପାରେ। ତେଣୁ ତୁଳନା ଛାଡ଼ି ନିଜ ପାର୍ଟନର ଯେମିତି ତାଙ୍କୁ ସେହିଭଳି ସ୍ୱୀକାର କରନ୍ତୁ ଏବଂ ସେତିକିରେ ହିଁ ସନ୍ତୁଷ୍ଟ ରହିବାକୁ ଚେଷ୍ଟା କରନ୍ତୁ।



# ଫିଟ୍ ରଖେ ଅଁଳା

ପ୍ରତିଦିନ ଅଁଳା ଖାଇବା ଏକ ଭଲ ଅଭ୍ୟାସ। କାରଣ ଏଥିରେ ଭରି ରହିଛି ଅନେକ ଔଷଧୀୟ ଗୁଣ ଯାହାକି ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାଠୁ ଦୂରେଇ ରଖିବାରେ ବେଶ୍ ସହାୟକ...

- ଗ୍ୟାସ୍ କିମ୍ବା ଏସିଡିଟି ସମସ୍ୟା ଥିଲେ ଅଁଳା ଆପଣଙ୍କ ଲାଗି ବେଶ୍ ଉପକାରୀ। ପ୍ରତିଦିନ ଏକ ଗ୍ଲାସ୍ ପାଣି କିମ୍ବା କ୍ଷୀର ସହିତ ଏକ ଗ୍ରାମ୍ ଅଁଳା ପାଉଡର ଏବଂ ଅଳ୍ପ ଚିନି ମିଶାଇ ଖାଆନ୍ତୁ ଆରାମ ମିଳିବ।
- ଶୀତଦିନେ ଅନେକଙ୍କୁ ଥଣ୍ଡା, କାଶ ଆଦି ଲାଗି ରହେ। ଯଦି ଆପଣ କିମ୍ବା ପରିବାରର କେହି ଏହି ସମସ୍ୟା ଦେଇ ଗତି କରୁଛନ୍ତି ତେବେ ପ୍ରତିଦିନ ଅଁଳା ଖାଆନ୍ତୁ ଉପକୃତ ହେବେ।
- ଅଁଳା ରସରେ ମହୁ ମିଶାଇ ପିଇଲେ ମୋତିଆବିନ୍ଦୁ ସମସ୍ୟା ଦୂର ହୋଇଥାଏ।
- ପ୍ରତିଦିନ ଅଁଳା ସେବନ ଦ୍ୱାରା ପାଚନତନ୍ତ୍ର ଏବଂ କିଡ୍‌ନୀ ସୁସ୍ଥ ରହିଥାଏ। ଫଳରେ ହଦହଜମୀ, କୋଷ୍ଠ କାଠିନ୍ୟ ଭଳି ଅନେକ ସମସ୍ୟାରୁ ମୁକ୍ତି ମିଳିଥାଏ।
- କେବଳ ଏତିକି ନୁହେଁ ଅଁଳା ଖାଇବା ସହ କେଶରେ ଲଗାଇଲେ ମଧ୍ୟ କେଶ ଘନ ଏବଂ ମଜଭୁତ୍ ହୋଇଥାଏ। ଏହା କେଶ ପାଚିବା ସମସ୍ୟାଠାରୁ ବି ଦୂରେଇ ରଖେ।
- ସକାଳୁ ଖାଲି ପେଟରେ ଅଁଳା ରସ ସହିତ ମହୁ ମିସାଇ ପିଇଲେ ମେଦହ୍ରାସ ହୋଇଥାଏ। ଏହା ମାଂସପେଶୀକୁ ମଜ୍‌ଭୁତ କରିବାରେ ବି ସାହାଯ୍ୟ କରିଥାଏ।
- ଅଁଳାରେ କ୍ରୋମିୟମ୍ ରହିଛି ଯାହାକି ଠିକ୍ ଭାବେ ଇନ୍‌ସୁଲିନ୍ କ୍ଷରଣ ହେବାରେ ସାହାଯ୍ୟ କରିଥାଏ। ଫଳରେ ଏହା ବ୍ଲଡ୍ ସୁଗାର ସ୍ତର ମଧ୍ୟ ନିୟନ୍ତ୍ରଣରେ ରହିବାରେ ସାହାଯ୍ୟ କରୁଥିବାରୁ ଡାଇବେଟିସ୍ ହେବାର ଆଶଙ୍କା କମାଇଥାଏ।

ଖାଦ୍ୟରୁଚି

# ବିଟ୍‌ରୁଟ୍ ମୋଦକ



**ଆବଶ୍ୟକ ସାମଗ୍ରୀ:** ୨ କପ୍ ବେସନ, ୨ ଟେବଲ୍ ସ୍ପୁନ୍ ରାୱା/ସୁଜି, ୨ଟି ସିଝା ବିଟ୍‌ରୁଟ ପେଷ୍ଟ କିମ୍ବା ୧/୪ ଟିସ୍ପୁନ୍ ବିଟ୍‌ରୁଟ୍ କଲର, ୧.୫ କପ୍ ପାଣି, ଛାଣିବା ଲାଗି ଆବଶ୍ୟକ ତେଲ।

**ସିରା ଲାଗି–** ଏକ କପ୍ ଚିନି, ଅଧା କପ୍ ପାଣି, ୧/୪ ଗୁଜୁରାତି ପାଉଡର୍, ୧/୨ ଟିସ୍ପୁନ୍ ଲେମ୍ବୁ ରସ, ୨ ଟେବୁଲ୍ ସ୍ପୁନ୍ ଖଣ୍ଡ କାଜୁ।

**ପ୍ରସ୍ତୁତି ପ୍ରଣାଳୀ:** – ଏକ ପାତ୍ରରେ ୨ କପ୍ ବେସନ, ୨ ଟେବଲ୍ ସ୍ପୁନ୍ ରାୱା/ସୁଜି, ୨ଟି ସିଝା ବିଟ୍‌ରୁଟ ପେଷ୍ଟ କିମ୍ବା ୧/୪ ଟିସ୍ପୁନ୍ ବିଟ୍‌ରୁଟ୍ କଲର, ୧.୫ କପ୍ ପାଣି ନେଇ ଭଲ ଭାବେ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ୩୦ ମିନିଟ୍ ଛାଡି ଦିଅନ୍ତୁ।

– ଚୁଲାରେ ତେଲ ଗରମ କରନ୍ତୁ। ପୂର୍ବ ପ୍ରସ୍ତୁତ ପେଷ୍ଟକୁ ଛୋଟ ଛୋଟ ଗୁଳା କରି ମୋଦକ ଛାଣନ୍ତୁ।

– ଛାଣିବା ପରେ ମୋଦକରୁ ତେଲ ଛାଡିବା ଲାଗି ପେପରରେ ରଖନ୍ତୁ।

– ଅନ୍ୟ ଏକ ପାତ୍ରରେ ପାଣିରେ ଚିନି ପାକଇ ଫୁଟାନ୍ତୁ। କିଛି ସମୟ ପରେ ସେଥିରେ ଲେମ୍ବୁରସ ଏବଂ ଗୁଜୁରାତି ଗୁଣ୍ଡ ପକାଇ ଗୋଳାନ୍ତୁ। ସିରା ବହଳିଆ ହୋଇଗଲେ ସେଥିରେ ପୂର୍ବରୁ ଛଣା ହୋଇ ରହିଥିବା ମୋଦକକୁ ପକାଇ ୨ମିନିଟ୍ ଫୁଟାଇବା ପରେ ଚୁଲା ବନ୍ଦ କରିଦିଅନ୍ତୁ। ସେହିପରି ୧୦ ମିନିଟ୍ ରହିବାକୁ ଦିଅନ୍ତୁ। ସେଥିରେ କାଜୁଗୁଣ୍ଡ ପକାନ୍ତୁ।

– ପ୍ରସ୍ତୁତ ହୋଇଗଲା ବିଟ୍‌ରୁଟ୍ ମୋଦକ। କିଛି ସମୟ ଫ୍ରିଜ୍‌ରେ ରଖିବା ପରେ ଏହାକୁ ଖାଇବାର ମଜା ନିଅନ୍ତୁ।






























| Dollar | Sensex | Nifty | Gold | Silver |
|---|---|---|---|---|
| 71.74 (3) | 529.82 ↑ 40,889.23 | 159.35 ↑ 12,073.75 | ₹166 ↓ 38,604.00 | ₹402 ↓ 45,178.00 |

ଚାଇନାର ଟି ରୁୱେ ପ୍ରାଇସ୍ ଠାରୁ ୧ ବିଲିୟନ ଫଣ୍ଡିଂ ଲାଭ କରିବା ପରେ ପେଟିଏମ୍‌ର ଭାଲ୍ୟୁଏଶନ ୧୬ ବିଲିୟନ ଡଲାର ଟପିଛି।
– ବିଜୟ ଶେଖର ଶର୍ମା, ପେଟିଏମ୍ ସିଇଓ



୫.୭୨ ଲକ୍ଷ କୋଟି ଟଙ୍କାର ରାଜପଥ ପ୍ରକଳ୍ପ କାର୍ଯ୍ୟ ଠିକ୍ ସମୟରେ ଶେଷ କରିବା ଲାଗି ପଦକ୍ଷେପ ନିଆଯାଉଛି।
– ନୀତିନ ଗଡକରୀ, କେନ୍ଦ୍ର ସଡକ, ପରିବହନ ମନ୍ତ୍ରୀ



## ସଂକ୍ଷେପରେ

### ନ୍ୟୁନତମ ବାଲାନ୍ସ ଜରିମାନା ବାବଦ ୧୯୯୬ କୋଟି ଟଙ୍କା ଆଦାୟ

ନୂଆଦିଲ୍ଲୀ,୨୫-୧୧: ବ୍ୟାଙ୍କ ଖାତାରେ ନ୍ୟୁନତମ ମାସିକ ବାଲାନ୍ସ ନ ରଖିବା ଯୋଗୁ ଜରିମାନା ବାବଦ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ୨୦୧୮-୧୯ରେ ଗ୍ରାହକଙ୍କଠାରୁ ୧୯୯୬.୪୬ କୋଟି ଟଙ୍କା ଆଦାୟ କରିଛନ୍ତି। ୨୦୧୭-୧୮ରେ ୧୮ ବ୍ୟାଙ୍କ ଏହି ବାବଦରେ ୩,୩୬୮.୪୨ କୋଟି ଟଙ୍କା ଆଦାୟ କରିଥିଲେ। ୨୦୧୬-୧୭ରେ ଏହା ୭୯୦ କୋଟି ଟଙ୍କା ରହିଥିଲା ବୋଲି ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁର ଲୋକସଭାକୁ ଏହି ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ବେସିକ ସେଭିଙ୍ଗସ ଆକାଉଣ୍ଟ ଲାଗି କୌଣସି ଜରିମାନା ଲାଗୁ ହେଉ ନାହିଁ। ଚଳିତବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ସାରା ଦେଶରେ ଏଭଳି ୫୭.୩ କୋଟି ଆକାଉଣ୍ଟ ରହିଥିବା ଜଣାପଡିଛି।

### ୩.୨୬ ଲକ୍ଷ କୋଟିର କେନ୍ଦ୍ରୀୟ ଜିଏସ୍‌ଟି ଆଦାୟ

ନୂଆଦିଲ୍ଲୀ,୨୫-୧୧: ୨୦୧୯-୨୦ ଆର୍ଥିକ ବର୍ଷ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ୩.୨୬ ଲକ୍ଷ କୋଟି ଟଙ୍କାର ସେଣ୍ଟ୍ରାଲ ଜିଏସ୍‌ଟି ବା କେନ୍ଦ୍ରୀୟ ଜିଏସ୍‌ଟି ଆଦାୟ କରିବାକୁ ସରକାର ସକ୍ଷମ ହୋଇଛନ୍ତି। ଚଳିତ ଆର୍ଥିକ ବର୍ଷରେ ୬.୬୩ ଲକ୍ଷ କୋଟି ଟଙ୍କାର କେନ୍ଦ୍ରୀୟ ଜିଏସ୍‌ଟି ସଂଗ୍ରହ ଲାଗି ସରକାର ବଜେଟରେ ଲକ୍ଷ୍ୟ ରଖିଛନ୍ତି। ଜିଏସ୍‌ଟି ସଂଗ୍ରହ କମିଛି କିମ୍ବା ବଢିଛି ଆର୍ଥିକ ବର୍ଷ ଶେଷ ହେବା ପରେ ହିସାବରୁ ଜଣାପଡିବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ବିମୁଦ୍ରୀକରଣ, ରେରା ପରେ...
# ରିୟଲ ଇଷ୍ଟେଟରେ କମିନି ନଗଦ ନେଣଦେଣ

ନୂଆଦିଲ୍ଲୀ,୨୫-୧୧



ବିମୁଦ୍ରୀକରଣ ପରେ ଡିଜିଟାଲ କାରବାରକୁ ସରକାର ପ୍ରୋତ୍ସାହିତ କରୁଛନ୍ତି। ଏପଟେ ନଗଦ ପ୍ରତି ଭାରତୀୟଙ୍କ ଭଲ ପାଇବା ଏବେ ମଧ୍ୟ ଗଭୀର ଥିବା ବଜାର ବିଶେଷଜ୍ଞମାନେ କୁହନ୍ତି। ଏହି କ୍ରମରେ ଯଦି ରିୟଲ ଇଷ୍ଟେଟ କଥା ବିଚାରକୁ ନିଆଯାଏ ତେବେ ଉକ୍ତ କ୍ଷେତ୍ରରେ ନଗଦ କାରବାର ମୋଟାମୋଟି ଭାବେ କମି ନ ଥିବା ଏକ ସର୍ଭେ ରିପୋର୍ଟରୁ ଜଣାପଡିଛି। ୨୦୧୬ ପରେ ମେଟ୍ରୋ ସହରଗୁଡିକରେ ରିୟଲ ଇଷ୍ଟେଟ ନଗଦ ନେଣଦେଣ କମିଥିବା ଦେଖାଯାଇଛି। ମାତ୍ର ଦେଶର ଛୋଟ ସହର ଏବଂ ଅହମ୍ମଦାବାଦ ଏବଂ ଇନ୍ଦୋର ଭଳି ବଡ ବଡ ସହରଗୁଡିକରେ ଏହି କ୍ଷେତ୍ରରେ ନଗଦ କାରବାର ପୂର୍ବବତ ରହିଛି। ସମ୍ପତ୍ତି କିମ୍ବା ଜମି କିଣାବିକା କ୍ଷେତ୍ରରେ ଡେଭଲପରମାନେ ଗ୍ରାହକଙ୍କୁ ନଗଦରେ ପେମେଣ୍ଟ କରିବାକୁ କହୁଛନ୍ତି। ନଗଦରେ ଦେବାକୁ କିଛି କ୍ଷେତ୍ରରେ ଲୋକଙ୍କୁ ବାଧ୍ୟ କରାଯାଉଛି। ଏହା ନ ହେଲେ ଅନ୍ୟ ସୋର୍ସରୁ ଟଙ୍କା ବ୍ୟବସ୍ଥା କରାଇବାକୁ କିଛି କ୍ଷେତ୍ରରେ କୁହାଯାଉଛି। ଅପରପକ୍ଷରେ ମେଟ୍ରୋରେ ପ୍ରମୁଖ ରିୟଲ ଇଷ୍ଟେଟ ଡେଭଲପରମାନେ ଚେକ୍ ପେମେଣ୍ଟକୁ ଗୁରୁତ୍ୱ ଦେଉଛନ୍ତି।

ଅହମ୍ମଦାବାଦ, ଚଣ୍ଡିଗଡ, ଜୟପୁର, ନଏଡା, ଔରଙ୍ଗାବାଦ, କୋଚି ଏବଂ ଇନ୍ଦୋର ଭଳି ସହରଗୁଡିକରେ ସମ୍ପତ୍ତି କିଣାବିକା ଲାଗି କ୍ୟାଶ ବ୍ୟବହାର ପୂର୍ବଭଳି ରହିଛି। ବଡ ବଡ ସହରଗୁଡିକ ଉଚ୍ଚ କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ନଜରରେ ରହୁଥିବାରୁ ଏହି ସହରଗୁଡିକରେ ନଗଦ କାରବାର ଉପରେ ବିଲଡର ଆଉ ଦୃଷ୍ଟି ଦେଉ ନାହାନ୍ତି। ମାତ୍ର ଅନ୍ୟ ସହରଗୁଡିକରେ ଏହା ପୂର୍ବ ଭଳି ରହିଛି। କମ୍ୟୁନିଟି ପ୍ଲାଟଫର୍ମ ଲୋକାଲ ସର୍କଲ ପକ୍ଷରୁ ହୋଇଥିବା ଏକ ଅଧ୍ୟୟନ ମୁତାବକ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ରିୟଲ ଇଷ୍ଟେଟରେ କ୍ୟାଶ ପୂର୍ବବତ ବ୍ୟବହାର ହେଉଥିବା ଅଧ୍ୟୟନରେ ଭାଗ ନେଇଥିବା ଅଧିକାଂଶ ଲୋକ ମତ ରଖିଛନ୍ତି। ମତାମତ ଦେଇଥିବା ମୋଟ ଲୋକଙ୍କ ମଧ୍ୟରେ ଟାୟାର ୧ ସହରର ୪୨%, ଟାୟାର ୨ର ୨୮% ଏବଂ ଟାୟାର ୩ ସହରର ୩୦% ରହିଛନ୍ତି। ଏଥିରେ ୨୨୦ ଜିଲାର ୫୦ ହଜାର ଲୋକଙ୍କ ମତ ନିଆଯାଇଥିଲା। ମୋଟ ଲୋକଙ୍କ ମଧ୍ୟରୁ ୫୭% କହିଛନ୍ତି ଯେ, ୨୫ରୁ ୫୦% ଅର୍ଥ ସେମାନେ କ୍ୟାଶରେ ଦେଇଛନ୍ତି। ବଳକାକୁ ଇ-ପେମେଣ୍ଟ କିମ୍ବା ଚେକ୍ ଯୋଗେ ଦେଇଛନ୍ତି।

ସମ୍ପୂର୍ଣ୍ଣ ଅର୍ଥକୁ ଇ-ପେମେଣ୍ଟ ଏବଂ ଚେକ୍ ଦ୍ୱାରା ଦେଇଥିବା ପ୍ରାୟ ୩୩% କହିଛନ୍ତି। ମୋଟ ଅର୍ଥ ମଧ୍ୟରୁ ଏକ ଚତୁର୍ଥାଂଶ କ୍ୟାଶ ଏବଂ ବଳକା ନଗଦ କିମ୍ବା ଚେକ୍ ଯୋଗେ ଦେଇଛନ୍ତି। ଜମି କିଣାବିକା କ୍ଷେତ୍ରରେ କୃଷକ କିମ୍ବା ଅଣସଂଗଠିତ କ୍ଷେତ୍ରର ହୋଇଥିଲେ କ୍ୟାଶ ବ୍ୟବହାରକୁ ଅଧିକ ସୁବିଧା ଭାବେ ନେଉଛନ୍ତି। ଜମି କିଣାବିକାରେ ଟିକସ ଲୁଚାଇବା ପାଇଁ ମଧ୍ୟ ନଗଦ ବ୍ୟବହାର ହେଉଛି। ଏଭଳି କ୍ଷେତ୍ରରେ ଟିକସ କମିଲେ ଅନୁପାଳନ,ରାଜସ୍ୱ ବୃଦ୍ଧି ଏବଂ ନଗଦ ବ୍ୟବହାର କମାଇବ ବୋଲି କନଫେଡେରେଶନ ଅଫ୍ ରିୟଲ ଇଷ୍ଟେଟ ଡେଭଲପର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ (କ୍ରେଡାଇ) ଜାତୀୟ ଅଧ୍ୟକ୍ଷ ଜାକ୍ସେ ଶାହ କହିଛନ୍ତି। କେତେକ କ୍ଷେତ୍ରରେ ସର୍କଲ ରେଟ୍, ବଜାର ରେଟ୍ ଏବଂ ଉଚ୍ଚ ହାରର ଷ୍ଟାମ୍ପ ଡ୍ୟୁଟି ରେଟ୍ ରହିଥିବାରୁ ନଗଦରେ କାରବାରକୁ ଲୋକ ଉଚିତ ମଣୁଛନ୍ତି। ସର୍କଲ ରେଟ ଠାରୁ ବଜାର ରେଟ୍ ଅଧିକ ରହିଲେ ଏହା ନଗଦରେ ନେଣଦେଣ କ୍ରେତା ଏବଂ ବିକ୍ରେତାଙ୍କ ଲାଗି ସୁବିଧା ହେଉଥିବା ଜଣେ ରିୟଲ ଇଷ୍ଟେଟ ଏଜେଣ୍ଟ କହିଛନ୍ତି। ଅନ୍ୟ କିଛି କ୍ଷେତ୍ରରେ ଅଧିକ ଷ୍ଟାମ୍ପ ଡ୍ୟୁଟି ଯୋଗୁ ଲୋକମାନେ ଜାଣିଶୁଣି କ୍ୟାଶ ବ୍ୟବହାର କରୁଛନ୍ତି।

## ଭିକି କୌଶଲ ରେଡ୍ ଚିଫ୍‌ର ବ୍ରାଣ୍ଡ ଆମ୍ବାସାଡର

ନୂଆଦିଲ୍ଲୀ,୨୫-୧୧




ଲେୟାନ ଗ୍ଲୋବାଲ ପ୍ରାଇଭେଟ ଲିମିଟେଡର ଅନ୍ୟତମ ଲୋକପ୍ରିୟ ବ୍ରାଣ୍ଡ ରେଡ୍ ଚିଫ୍‌ର ବ୍ରାଣ୍ଡ ଆମ୍ବାସାଡର ଭାବେ ବଲିଉଡ ଅଭିନେତା ଭିକି କୌଶଲଙ୍କୁ ନିଯୁକ୍ତ କରାଯାଇଛି। ଗତ ୨୧ ବର୍ଷ ଧରି ଗ୍ରାହକଙ୍କୁ ଗୁଣବତ୍ତା ପ୍ରଡକ୍ଟ ଯୋଗାଣ ଦିଗରେ କମ୍ପାନୀ ନିଜର ଯୋଗଦାନ ରଖିଥିବା କହିଛି। ୩,୦୦୦ରୁ ଉର୍ଦ୍ଧ୍ୱ ମଲଟି ବ୍ରାଣ୍ଡ ଆଉଟଲେଟ, ୧୭୦ ଏକ୍ସକ୍ଲୁସିଭ ଷ୍ଟୋର ଏବଂ ଇ-କମର୍ସ ପ୍ଲାଟଫର୍ମରେ କମ୍ପାନୀ ପ୍ରଡକ୍ଟ ଯୋଗାଉଛି। ଭିକି କୌଶଲଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରି ଅତ୍ୟନ୍ତ ଖୁସି ବୋଲି ଲେୟାନ ଗ୍ଲୋବାଲର ଏମ୍‌ଡି ମନୋଜ ଜ୍ଞାନ ଚନ୍ଦାନୀ କହିଛନ୍ତି। ଯୁବବର୍ଗଙ୍କ ମଧ୍ୟରେ ବ୍ରାଣ୍ଡକୁ ପରିଚିତ କରାଇବା ଦିଗରେ ସେ କାର୍ଯ୍ୟ କରିବେ। ତାଙ୍କ ସହ ଏହି ଚୁକ୍ତି ଉନ୍ନତ ଅଭିବୃଦ୍ଧି ଦିଗରେ ସହାୟକ ହେବ ବୋଲି ଜ୍ଞାନ ଚନ୍ଦାନୀ କହିଛନ୍ତି। କମ୍ପାନୀର ନୂଆ ମାସ୍‌ମିଡିଆ କ୍ୟାମ୍ପେନରେ ସେ ନଜର ଆସିବେ ବୋଲି ଲେୟାନ ଗ୍ଲୋବାଲର ମାର୍କେଟିଂ ଜିଏମ୍ ରାହୁଲ ଶର୍ମା କହିଛନ୍ତି।

## ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସରେ ୱାନ ପ୍ଲସ ମୋବାଇଲର ବିକ୍ରି ଆରମ୍ଭ

GUPTA DISTRIBUTORS No.1 Retail Chain Stores

ଭୁବନେଶ୍ୱର,୨୫-୧୧

ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ପକ୍ଷରୁ ୱାନପ୍ଲସ ମୋବାଇଲର ବିକ୍ରି ଆରମ୍ଭ ହୋଇଛି। ଅନଲାଇନର ପ୍ରଡକ୍ଟ ଏବଂ ପ୍ରାଇସ ଅଫଲାଇନରେ ଉପଲବ୍ଧ କରାଇଥିବା ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରାହକଙ୍କ ଚାହିଦାକୁ ଗୁରୁତ୍ୱ ଦେଇ ଏଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ଦ୍ୱାରା ୱାନପ୍ଲସର ସମସ୍ତ ମଡେଲ ଏବଂ ଭାରିଆଣ୍ଟ ଗୁପ୍ତା ଷ୍ଟୋରରେ ଉପଲବ୍ଧ ହେବ। ଏହି ସମୟରେ ଗ୍ରାହକ ଫାଇନାନ୍ସ କମ୍ପାନୀଙ୍କ ଦ୍ୱାରା ଆକର୍ଷଣୀୟ ଏବଂ ସହଜ ଫାଇନାନ୍ସ ସୁବିଧା ଲାଭ କରିପାରିବେ। ଗୁପ୍ତାର ଅତିରିକ୍ତ ୱାରେଣ୍ଟି ସୁବିଧା ପ୍ରଦାନ କରାଯାଉଥିବା ଶୋ'ରୁମ ପକ୍ଷରୁ ସୂଚନା ରହିଛି।

### ନୋକିଆର ଚେନ୍ନାଇ ୟୁନିଟ କିଣିଲା ସାଲ୍‌କମ୍ପ

ନୂଆଦିଲ୍ଲୀ,୨୫-୧୧: ଆପଲର ପ୍ରମୁଖ ଯନ୍ତ୍ରାଂଶ ଯୋଗାଣକାରୀ କମ୍ପାନୀ ସାଲ୍‌କମ୍ପ ନୋକିଆର ଚେନ୍ନାଇ ୟୁନିଟକୁ କ୍ରୟ କରିଛି। ଏହି ଡିଲ୍ ନେଇ ଉଭୟ କମ୍ପାନୀ ସ୍ପଷ୍ଟ କରିଛନ୍ତି। ନୋକିଆର ଏହି ହ୍ୟାଣ୍ଡସେଟ ନିର୍ମାଣକାରୀ ୟୁନିଟ ଗତ ୨୦୧୪ ପରଠାରୁ ବନ୍ଦ ପଡିଥିଲା। ଏହି ୟୁନିଟ ପୁନରୁଦ୍ଧାର ଲାଗି ସାଲକମ୍ପ ପ୍ରାୟ ୨୧୫ କୋଟି ଟଙ୍କା ଖର୍ଚ୍ଚ କରିଛି। ଚେନ୍ନାଇର ଶ୍ରୀପୁରମବୁଦୁରଠାରେ ଥିବା ଉକ୍ତ ୟୁନିଟ କ୍ରୟ ଲାଗି ନୋକିଆ ସହ ଚୁକ୍ତି କରିଥିବାରୁ ଅତ୍ୟନ୍ତ ଖୁସି ବୋଲି ସାଲ୍‌କମ୍ପ ପକ୍ଷରୁ କୁହାଯାଇଛି।

## ନିବେଶକଙ୍କୁ ୧.୮୧ ଲକ୍ଷ କୋଟି ଟଙ୍କା ଲାଭ

ନୂଆଦିଲ୍ଲୀ,୨୫-୧୧

ଦେଶର ପୁଞ୍ଜି ବଜାରରେ ସୋମବାର କାରବାର ଉନ୍ନତ ରହିବା ଯୋଗୁ ନିବେଶକଙ୍କ ସମ୍ପତ୍ତିରେ ୧.୮୧ ଲକ୍ଷ କୋଟି ଟଙ୍କା ବଢିଛି। ସୋମବାର ସେନସେକ୍ସ ୫୭୨.୩ ପଏଣ୍ଟ ଏହି ସମୟରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ୫୩୦ ପଏଣ୍ଟ ବୃଦ୍ଧି ହୋଇଥିବା ଦେଖାଯାଇଥିଲା। ଏହା ନୂଆ ରେକର୍ଡ ସ୍ତର ୪୦,୮୮୯.୨୩ ସ୍ତରରେ ବନ୍ଦ ହୋଇଥିଲା। ବୃଦ୍ଧି ଘଟି ୪୦,୯୩୧.୭୧ ପଏଣ୍ଟ ସ୍ତର ଛୁଇଁଥିଲା। ଏସିଆ ବଜାରର ଭଲ ସ୍ଥିତି ଏବଂ ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧରେ ପ୍ରଭାବ କମୁ ଥିବାରୁ ନିବେଶ ବଜାର ଉପରେ ଭଲ ପ୍ରଭାବ ରହିଥିବା ବିଶେଷଜ୍ଞ କହିଛନ୍ତି।

### ତୃତୀୟ ତ୍ରୈମାସ ବିକାଶ ହାର ଖସିବ

ନୂଆଦିଲ୍ଲୀ,୨୫-୧୧: ୨୦୧୯-୨୦ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସରେ ଜିଡିପି ଖସିବ ବୋଲି ସିଙ୍ଗାପୁର ଭିତ୍ତିକ ଡିବିଏସ୍ ବ୍ୟାଙ୍କ ପକ୍ଷରୁ ଅନୁମାନ କରାଯାଇଛି। ବ୍ୟାଙ୍କ ଏହାର ରିପୋର୍ଟରେ କହିଛି ଯେ, ଅକ୍ଟୋବର-ଡିସେମ୍ବରରେ ଭାରତର ବିକାଶ ହାର ହ୍ରାସ ଘଟି ୪.୩% ରହିପାରେ।


### କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, କୋଣାର୍କ, ପୁରୀ

KONARK NAC
e-mail: nackonark@gmail.com, Phone No.: 06758-236826

ପତ୍ରାଙ୍କ ନଂ. ୧୯୭୨ ତାରିଖ: ୨୨।୧୧।୨୦୧୯

#### ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପରିଷଦ ତରଫରୁ ଚଳିତ କୋଣାର୍କ ନାଟ୍ୟ ମହୋତ୍ସବ – ୨୦୧୯ ଅବସରରେ ତା୦୧।୧୨।୨୦୧୯ରିଖଠାରୁ ତା୦୫।୧୨।୨୦୧୯ରିଖ ପର୍ଯ୍ୟନ୍ତ ପରିଷଦ ଅନ୍ତର୍ଗତ (୧) ଚନ୍ଦ୍ରଭାଗାଠାରେ ଓଡ୍ରେନ୍ କାଣ୍ଟିନ୍ ସମ୍ମୁଖସ୍ଥ ପାର୍କିଂ, ଛୋଟାରାମ ମଠ ସମ୍ମୁଖସ୍ଥ ମାଘମେଳା ପଡ଼ିଆରେ ସାଇକେଲ ଓ ମୋଟର ସାଇକେଲ ଷ୍ଟାଣ୍ଡ ଏବଂ (୨) ପରିଷଦର ଚନ୍ଦ୍ରଭାଗା ପାର୍କିଂ ସ୍ଥାନରେ କାର୍, ଜିପ୍ ଓ ଅନ୍ୟାନ୍ୟ ହାଲୁକା ଯାନ ଷ୍ଟାଣ୍ଡ ଫି ପରିଷଦ ତରଫରୁ ନିଲାମ କରାଯିବ। ଏଣୁ ଉକ୍ତ ଷ୍ଟାଣ୍ଡ ନିଲାମ ନେବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ଓ ଅନୁଷ୍ଠାନ ନିମ୍ନ ସ୍ୱାକ୍ଷରକାରୀଙ୍କ ଇଜିଲାସରେ ତା୨୩।୧୧।୨୦୧୯ରିଖ ପୂର୍ବାହ୍ନ ୧୦ଘଟିକାରୁ ତା୨୯।୧୧।୨୦୧୯ରିଖ ମଧ୍ୟାହ୍ନ ୧ଘଟିକା ମଧ୍ୟରେ ପରିଷଦ କାର୍ଯ୍ୟାଳୟରୁ ଯଥାକ୍ରମେ ଟ.୫୦୦.୦୦ଙ୍କା ଓ ଟ.୧୦୦୦.୦୦ଙ୍କା ଦାଖଲ ଦେଇ ନିର୍ଦ୍ଧାରିତ ଫର୍ମ ନେଇ ଆବେଦନ କରିପାରିବେ। ତା୨୯।୧୧।୨୦୧୯ରିଖ ମଧ୍ୟାହ୍ନ ଘ.୧.୩୦ମି. ମଧ୍ୟରେ ଆବେଦନ ଫର୍ମ ପୂରଣ କରାଯାଇ ଟେଣ୍ଡର ବାକ୍ସରେ ପକାଯିବ ଏବଂ ୩ଘଟିକା ସମୟରେ ସର୍ବସାଧାରଣଙ୍କ ସମ୍ମୁଖରେ ନିଲାମ ବାକ୍ସ ଖୋଲାଯିବ। ନିଲାମ ଇସ୍ତାହାରର ସବିଶେଷ ବିବରଣୀ, ନିଲାମ ସର୍ତ୍ତାବଳୀ ଟେଣ୍ଡର ଫର୍ମରେ ସୂଚୀତ କରାଯାଇଛି। ଏହା କାର୍ଯ୍ୟାଳୟରେ ବିନା ଫେରସ୍ତ ଦେୟଯୁକ୍ତ ଉପଲବ୍ଧ ଅଟେ।

ସ୍ୱା./– ନିର୍ବାହୀ ଅଧିକାରୀ
କୋଣାର୍କ ଅଧିସୂଚିତ କ୍ଷେତ୍ର ପରିଷଦ



### ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ବାଙ୍କୀ

(୧୯୧୦ ମସିହାରେ ପ୍ରତିଷ୍ଠିତ ରାଜ୍ୟର ପ୍ରଥମ କେନ୍ଦ୍ର ସମବାୟ ବ୍ୟାଙ୍କ)

#### ସେବାରେ ବିଭିନ୍ନତାର କେତେକାଂଶ

- ସମସ୍ତ ୧୧ଗୋଟି ଶାଖା ଓ ମୁଖ୍ୟ କାର୍ଯ୍ୟାଳୟରେ (Core Banking) କମ୍ପ୍ୟୁଟରୀକରଣ ସେବା ଉପଲବ୍ଧ ହୋଇଅଛି।
- ଅନ୍ୟାନ୍ୟ ବ୍ୟାଙ୍କଠାରୁ ଜମା ଟଙ୍କା ଉପରେ ଅଧିକ ସୁଧ।
- ଜମାରାଶି, ଜମାବୀମା ଯୋଜନା ଦ୍ୱାରା ସୁରକ୍ଷିତ।
- ସମସ୍ତ ପ୍ରାଥମିକ କୃଷି ଋଣ ସମବାୟ ସମିତିରେ କିଶାନ କ୍ରେଡିଟ୍ କାର୍ଡ଼ଧାରୀ ସଭ୍ୟମାନଙ୍କୁ ମାତ୍ର ୫ ଟଙ୍କା ବାର୍ଷିକ ସୁଧ ହାରରେ ଫସଲ ଋଣ ଚେକ୍ ମାଧ୍ୟମରେ ପ୍ରଦାନ।
- କିସ୍ତି ତାରିଖ ପୂର୍ବରୁ ଟ.୫୦୦୦୦/-ରୁ କମ୍ କୃଷିଋଣ ପରିଶୋଧ ଉପରେ ୪% ରିହାତି ପ୍ରଦାନ ଓ ଟ.୫୦୦୦୦/-ରୁ ଉର୍ଦ୍ଧ୍ୱ କୃଷିଋଣ ପରିଶୋଧ ଉପରେ ୩% ରିହାତି ପ୍ରଦାନ।
- କମ୍ ସୁଧରେ ସମସ୍ତ ସଭ୍ୟ, ସଭ୍ୟାମାନଙ୍କୁ କେବଳ ସମିତି ମାଧ୍ୟମରେ ବିଭିନ୍ନ ପ୍ରକାର ଋଣର ସୁବିଧା।
- ସର୍ବଭାରତୀୟ ସ୍ତରରେ RTGS, NEFT, IMPS ମାଧ୍ୟମରେ SBD Account ଥିବା ସମସ୍ତ ଗ୍ରାହକମାନଙ୍କୁ ସୁଲଭ ଦରରେ ଅନ୍ୟତ୍ର ଟଙ୍କା ପ୍ରେରଣର ସୁଯୋଗ ପ୍ରଦାନ ବ୍ୟବସ୍ଥା।

ଶ୍ରୀଯୁକ୍ତ ସୁବାସ ପାଢ଼ୀ
ସଭାପତି



### ନବରଙ୍ଗପୁର ଜିଲ୍ଲାର କୃଷି ସୂଚନା

୧. ଓଡ଼ିଶା କ୍ଷୁଦ୍ର ଶସ୍ୟ ମିଶନ (OMM) ଯୋଜନା ମାଧ୍ୟମରେ ନବରଙ୍ଗପୁର ଜିଲ୍ଲାରେ ମାଣ୍ଡିଆ ଚାଷ ପାଇଁ ପ୍ରୋତ୍ସାହନ ଦିଆଯାଉଛି ଏବଂ ଉକ୍ତ ଯୋଜନାର କାର୍ଯ୍ୟକ୍ରମ ନବରଙ୍ଗପୁର, ପାପଡ଼ାହାଣ୍ଡି, କଷାଗୁମୁଡ଼ା, ଉମରକୋଟ ଓ ଝରିଗାଁ ବ୍ଲକରେ ଚାଲିଛି।
୨. ଚଳିତ ୨୦୧୯-୨୦ ବର୍ଷପାଇଁ ନବରଙ୍ଗପୁର ଜିଲ୍ଲାରୁ ସରକାର ଚାଷୀମାନଙ୍କ ଠାରୁ ଏଫ.ଏ.କ୍ୟୁ ମାନର ମାଣ୍ଡିଆ କ୍ରୟ କରିବେ।
୩. ମାଣ୍ଡିଆର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୩୧୫୦ଟଙ୍କା ଧାର୍ଯ୍ୟ କରାଯାଇଛି।
୪. ସହାୟକ ଆଦିବାସୀ ଉନ୍ନୟନ ସମବାୟ ନିଗମ ଓଡ଼ିଶା ଲି. (TDCCOL) ମାଧ୍ୟମରେ କିଣିବାର ବ୍ୟବସ୍ଥା ରହିଛି।
୫. ଚାଷୀମାନଙ୍କଠାରୁ କିଣା ହେବାକୁ ଥିବା ମାଣ୍ଡିଆ, ବାହ୍ୟ ପଦାର୍ଥ ଯଥା ମାଟି, ଗୋଡି, ବାଲି, ଗୁଣ୍ଡ ଇତ୍ୟାଦି ସର୍ବାଧିକ ୧.୦% / ଅନ୍ୟାନ୍ୟ ଖାଦ୍ୟଶସ୍ୟ ୧.୦% / କ୍ଷତିଗ୍ରସ୍ତ ହୋଇଥିବା ମାଣ୍ଡିଆ ଶସ୍ୟ ୧.୦% / ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ମାଣ୍ଡିଆ ଶସ୍ୟ ୨.୦% ଓ ଜଳୀୟ ଅଂଶ ୧୨.୦% ସର୍ବାଧିକ ପରିମାଣକୁ ଏଫ୍.ଏ.କ୍ୟୁ (FAQ)ମାନ ବୋଲି ଗ୍ରହଣ କରାଯିବ।
୬. ବିଶେଷ ବିବରଣୀ ପାଇଁ ନିକଟସ୍ଥ କୃଷି କର୍ମଚାରୀ /RMC / LAMPCS / କୃଷି ବିଭାଗ ଦ୍ୱାରା ଅନୁବନ୍ଧିତ NGO (FA)କୁ ଯୋଗାଯୋଗ କରନ୍ତୁ।

ସ୍ୱା./- ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ
-ତଥା-ପ୍ରକଳ୍ପ-ନିର୍ଦ୍ଦେଶକ
ଆତ୍ମା, ନବରଙ୍ଗପୁର



### Small Check Dams a ray of livelihood to small and marginal farmers



A major focus and priority was given for treatment of drainage line wherein series of check dams were constructed to arrest the rain water during monsoon season and also to recharge ground water. Prior to the intervention of the watershed programme, rain fed farming was the only means of farming in these villages. Therefore the nalas flowing across the cultivated land were identified to harvest the flowing water by construction of small check dams to counteract drought like situation that often occur due to erratic monsoon in the District. In this process a series of check dams were constructed in the nalas. After construction of Check Dam, irrigation potential was created both in Khariff and Rabi season taking up vegetable cultivation as a second crop. The farmers were able to transplant and yield increased from 12.50 Qtl. to 22.50Qtl./ Acre. The farmers are very much enthusiasms towards Watershed Management programme and demanded for construction of more number of check dams and water bodies.

PD, Watersheds, Nabarangpur



See Career Appointment on every Wednesday & Saturday



### ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର

ସମସ୍ତ କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକମାନେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ନିଜର ନାମକୁ ପଞ୍ଜୀକରଣ କରି ଏଥିରେ ପ୍ରଦତ୍ତ ବିଭିନ୍ନ ସହାୟତା ପ୍ରାପ୍ତ କରିପାରିବେ।

#### ପଞ୍ଜୀକରଣ ପ୍ରକ୍ରିୟା

ଯେଉଁ କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବର୍ଷକୁ ଅନ୍ୟୁନ ୯୦ଦିନ କାର୍ଯ୍ୟ କରିଥିବେ, ସେହିମାନେ ପଞ୍ଜୀକରଣ ପାଇଁ ଯୋଗ୍ୟ ଅଟନ୍ତି। ଶ୍ରମିକଙ୍କ ବୟସ ୧୮ବର୍ଷରୁ ଉର୍ଦ୍ଧ୍ୱ ଏବଂ ୬୦ବର୍ଷରୁ କମ୍ ହୋଇଥିବା ନିତାନ୍ତ ଜରୁରୀ ଅଟେ। ପଞ୍ଜୀକରଣ ପାଇଁ ଫର୍ମ-୨୭କୁ ସଠିକ୍ ଭାବରେ ପୂରଣକରି ନିକଟସ୍ଥ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଆବେଦନ କରିବାର ଆବଶ୍ୟକତା ରହିଛି। ନବରଙ୍ଗପୁର ଜିଲ୍ଲାର ୨୦୦୯-୧୦ରୁ ଅଦ୍ୟାବଧି ୫୦୫୩୩ଜଣ କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକମାନଙ୍କୁ ପଞ୍ଜୀକରଣ କରାଯାଇଛି। ସମସ୍ତ ଯୋଗ୍ୟ ହିତାଧିକାରୀମାନଙ୍କୁ ବିଭିନ୍ନ ସହାୟତା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ପ୍ରଦାନ କରାଯାଇଥାଏ।

ଜିଲ୍ଲା ଶ୍ରମ ଅଧିକାରୀ
ନବରଙ୍ଗପୁର



### ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଯାଜପୁର

ନଂ............ ବିଜ୍ଞପ୍ତି - ତାରିଖ.୨୨।୧୧।୨୦୧୯

| କ୍ର. ନଂ. | ଶିଶୁର ପରିଚୟ | ପୁଅ/ଝିଅ | ବୟସ | ଫଟୋ |
|---|---|---|---|---|
| ୧. | ନାମ – ଶ୍ରଦ୍ଧା<br>ପିତା – ଜଣାନାହିଁ<br>ମାତା – ଜଣାନାହିଁ<br>ଠିକଣା – ଜଣାନାହିଁ | ଝିଅ | ୨୧ଦିନ |  |

ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଯାଜପୁର ଜିଲ୍ଲା ଯାଜପୁର ସଦର ଥାନା ଅନ୍ତର୍ଗତ ଖଣ୍ଡାସ ଗାଁ ବ୍ରାହ୍ମଣୀ ନଦୀବନ୍ଧ କଡରୁ ଏକ ନବଜାତ ଶିଶୁ କନ୍ୟାକୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟି, ଯାଜପୁରଙ୍କ ନିର୍ଦ୍ଦେଶାଙ୍କ 2320/CWC/JPR2019 ତା୧୩।୧୧।୨୦୧୯ରିଖ ଅନୁସାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଚିକିତ୍ସିତ ହୋଇ ବର୍ତ୍ତମାନ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ଯାଜପୁର ଟାଉନ୍ ଉତ୍କଳ ବାଳାଶ୍ରମ ପରିସରଠାରେ ଉପଯୁକ୍ତ ଯତ୍ନ ଏବଂ ସୁରକ୍ଷା ନିମନ୍ତେ ଥଇଥାନ କରାଯାଇଅଛି।

ଯଦି ଏହି ଶିଶୁକନ୍ୟାଟିର କେହି ଅଭିଭାବକ ବା ପରିବାରବର୍ଗ ବା ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ଶିଶୁ ମଙ୍ଗଳ କମିଟି, ଉତ୍କଳ ବାଳାଶ୍ରମ ପରିସର ଯାଜପୁର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଯାଜପୁର ମୋ-୯୪୩୭୨୯୭୭୨୨ ଓ ୦୬୭୨୮-୨୨୩୬୨୨ ସହ ଯୋଗାଯୋଗ କରନ୍ତୁ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଯଦି ଦାବି ଉପସ୍ଥାପନ ନ କରିନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ଅନୁସାରେ (ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୧୫ର ଧାରା/୩୮ ଉପଧାରା (୧) ଅନୁସାରେ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବା ପାଇଁ ପଦକ୍ଷେପ ନିଆଯିବ।

ସ୍ୱା./- ଜିଲ୍ଲାପାଳ, ଯାଜପୁର



### ନିୟନ୍ତ୍ରିତ ବଜାର କମିଟି, ବରଗଡ଼
### (ଖରିଫ୍ ଧାନ ସଂଗ୍ରହ କାର୍ଯ୍ୟକ୍ରମ-୨୦୧୯-୨୦)
#### ଇସ୍ତାହାର

ଏତଦ୍ୱାରା ବରଗଡ଼ ନିୟନ୍ତ୍ରିତ ବଜାର କମିଟି ପରିସୀମା ଅନ୍ତର୍ଗତ ସମସ୍ତ ଚାଷୀଭାଇ-ଭଉଣୀମାନଙ୍କୁ ଅନୁରୋଧପୂର୍ବକ ଜଣାଇ ଦିଆଯାଉଅଛି ଯେ, ଚଳିତ ୨୦୧୯-୨୦ ବର୍ଷର ଖରିଫ୍ ଋତୁରେ ନିଜର କଷ୍ଟୋପାର୍ଜିତ FAQ ମାନର ଧାନକୁ ନିୟନ୍ତ୍ରିତ ବଜାର କମିଟି, ବରଗଡ଼ ଅଧିନସ୍ଥ ସମ୍ପୃକ୍ତ ସ୍ଥାୟୀ ବଜାର ପ୍ରାଙ୍ଗଣ ଓ ଅସ୍ଥାୟୀ ଧାନ କ୍ରୟ କେନ୍ଦ୍ର ଏବଂ ସେବା ସମବାୟ ସମିତି (PACS) ଦ୍ୱାରା ସ୍ଥାପିତ ଓ ପରିଚାଳିତ ଧାନକ୍ରୟ କେନ୍ଦ୍ରମାନଙ୍କରେ ସରକାରୀ ସହାୟକ ଦରରେ ବିକ୍ରୟ କରି ଲାଭବାନ ହୁଅନ୍ତୁ। ସରକାରୀ ସହାୟକ ମୂଲ୍ୟ ପାଇବା ପାଇଁ ଧାନକୁ ଶୁଷ୍କ, ପରିଷ୍କାର, ପରିଚ୍ଛନ୍ନ କରି ବଜାର ପ୍ରାଙ୍ଗଣ ଓ ଧାନ କ୍ରୟ କେନ୍ଦ୍ରକୁ ଆଣିବାକୁ ଚାଷୀଭାଇ-ଭଉଣୀମାନଙ୍କୁ ଅନୁରୋଧ।

**ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଧାନର ସର୍ବନିମ୍ନ ସହାୟକ ଦର MSP**

| ଧାନର କିସମ | କୁଇଣ୍ଟାଲ ପ୍ରତି ଦର (FAQ) | ୭୫ କେଜି ଓଜନ ବସ୍ତା ପ୍ରତି ଦର |
|---|---|---|
| ୧. ସାଧାରଣ ଧାନ | ଟ.୧୮୧୫.୦୦ | ଟ.୧୩୬୧.୨୫ |
| ୨. କ ଶ୍ରେଣୀ ଧାନ | ଟ.୧୮୩୫.୦୦ | ଟ.୧୩୭୬.୨୫ |

**ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ FAQ ଧାନ ମାନ**

| କ୍ର.ନଂ. | ଧାନରେ ମିଶ୍ରଣ ଥିବା ଅପରିଷ୍କୃତ ଆଦି | ସର୍ବୋଚ୍ଚ ପରିମାଣ | କୁଇଣ୍ଟାଲ ପ୍ରତି | ୭୫ କେଜି ଓଜନ ବସ୍ତା |
|---|---|---|---|---|
| ୧. | **ବାହ୍ୟ ବସ୍ତୁ** (କ) ଅଜୈବିକ (ମାଟି, ଗୁଣ୍ଡ, ଗୋଡି, ବାଲି) | ୧% | ୧ କି.ଗ୍ରା | କି.୦.୭୫୦ ଗ୍ରାମ |
| | (ଖ) ଜୈବିକ (ପୋକ, ଅଗାଡି) | ୧% | ୧ କି.ଗ୍ରା | କି.୦.୭୫୦ ଗ୍ରାମ |
| ୨. | ନଷ୍ଟ, ବର୍ଣ୍ଣ ବୈଷମ୍ୟ, ଗଜା ଉଠିଥିବା, ପୋକିଲା | ୪% | ୪ କି.ଗ୍ରା | କି.୩.୦୦୦ ଗ୍ରାମ |
| ୩. | ଅପରିପକ୍ୱ, ସଂକୁଚିତ | ୩% | ୩ କି.ଗ୍ରା | କି.୨.୨୫୦ ଗ୍ରାମ |
| ୪. | ନିକୃଷ୍ଟ ଧରଣର ମିଶ୍ରଣ (କେବଳ ଗ୍ରେଡ ଏ ନିମନ୍ତେ) | ୬% | ୬ କି.ଗ୍ରା | କି.୪.୫୦୦ ଗ୍ରାମ |
| ୫. | ଆର୍ଦ୍ରତା | ୧୭% | | |

ଶ୍ରୀ ଦୁର୍ଗା ପ୍ରସାଦ ଛୁରିଆ, ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ବରଗଡ଼

ଶ୍ରୀ ମିର୍ଧା ଟପ୍ପୋ, ଓ. ପ୍ରେ.ସେ. (S)
ଅତିରିକ୍ତ ଜିଲ୍ଲାପାଳ, ବରଗଡ଼ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ବରଗଡ଼



### ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା

**ସାମାଜିକ ସୁରକ୍ଷା ବିଭାଗ ନବରଙ୍ଗପୁରର ସଫଳତା**

| କ୍ର.ନଂ. | ଯୋଜନା | ସଫଳତା |
|---|---|---|
| ୧ | ଦିବ୍ୟାଙ୍ଗ ଭତ୍ତା ପ୍ରଦାନ | ୧୦୩୨୩ |
| ୨ | ବର୍ଦ୍ଧିତ ଦିବ୍ୟାଙ୍ଗ ଭତ୍ତା | ୪୦୯୬ |
| ୩ | ଭୀମଭୋଇ ଶିବିର | ୩୬ |
| ୪ | ସହାୟକ ଯନ୍ତ୍ର | ୪୬୬୦ |
| ୫ | ଭିନ୍ନକ୍ଷମ ପ୍ରମାଣ ପତ୍ର | ୨୨୭୭୦ |
| ୬ | ଋଣ | ୯୭୪ |
| ୭ | ବାଣିଶ୍ରୀ ବୃତ୍ତି | ୩୬୬୦ |
| ୮ | ଜାତୀୟ ବୃତ୍ତି | ୩୩୪ |
| ୯ | ଭିନ୍ନକ୍ଷମଙ୍କ ସନ୍ତାନକୁଙ୍କ ବୃତ୍ତି | ୬୪ |
| ୧୦ | ମିଶନ କ୍ଷମତା | ୧୭୦ |
| ୧୧ | କୃତ୍ରିମ ଅଙ୍ଗରୋପଣ | ୬୩ |
| ୧୨ | ଦକ୍ଷତା ବିକାଶ ତାଲିମ | ୧୬୩ |
| ୧୩ | Tricycle | ୬୫୩ |
| | Wheel Chair | ୭୯୦ |
| | Crutches | ୧୧୦୪ |
| | Walking Stock | ୪୫୮ |
| | Blind Stick | ୪୯୨ |
| | Hearing Aids | ୧୧୬୩ |
| | Income Certificate | ୪୧୪୩ |
| | Bus Pass | ୩୩୨୬ |
| | Rail Pass | ୧୫୫ |
| ୧୪ | ଆବାସ ଯୋଜନା | ୭୦୩ |
| ୧୫ | ମାଗଣା ଲାପଟପ୍ | ୮ |
| ୧୬ | ବଜ୍ରପାତ ଅସ୍ତ୍ରୋପଚାର | ୩୩ ରୋଗୀ, ୫୦ ଗୋଡ଼ୋ |
| ୧୭ | ବିବାହ ପ୍ରୋତ୍ସାହନ | ୫୨ |

Sd./- District Social Security Officer, Nabarangpur



“ବଲ୍‌ର ଗ୍ରୀପ୍‌କୁ ଧରିବାରେ ଏବେ ସାମାନ୍ୟ ପରିବର୍ତ୍ତନ ଆଣିଛି। ଏହାଦ୍ୱାରା ଅଧିକ ଆଉଟ୍ ସୁଇଂ ମିଳୁଛି, ଯାହାକି ମୋ ସଫଳତାର ରହସ୍ୟ ।
–ଉମେଶ ଯାଦବ, ଭାରତୀୟ ଦ୍ରୁତ ବୋଲର



“ପାକିସ୍ତାନ ବିପକ୍ଷ ଡେଭିସ କପ୍ ମ୍ୟାଚ୍ ଲାଗି ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ବହୁତ ଉତ୍ସାହିତ ରହିଛି। ଜାତୀୟ ଦଳରୁ ଖେଳିବା ସବୁ ଖେଳାଳିଙ୍କ ସ୍ୱପ୍ନ ରହିଥାଏ ।
–ଜୀବନ ନେଦୁନଚେଜିୟାନ, ଭାରତୀୟ ଟେନିସ ଖେଳାଳି

## ସଂକ୍ଷେପରେ

### ସୌଭାଗ୍ୟ କ୍ୱାର୍ଟର ଫାଇନାଲରେ



**କଟକ ଅଫିସ,୨୫।୧୧:** କଟକ କ୍ଲବଠାରେ ବିଲିୟାର୍ଡସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ ଓଡ଼ିଶା (ବିଏସ୍‌ଏଓ) ଓ ଓଡ଼ିଶା ମାଇନିଂ କର୍ପୋରେଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟ ର୍‍ୟାଙ୍କିଙ୍ଗ୍ ଚାମ୍ପିୟନଶିପରେ ସୋମବାର ସିନିୟର ସ୍ନୁକର ବିଭାଗର ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଆକର୍ଷଣୀୟ ପ୍ରଦର୍ଶନ କରି ସୌଭାଗ୍ୟ ବେହେରା ୩-୦ ଫ୍ରେମରେ ଖାଲିଦ ସୁଲତାନଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୌଭାଗ୍ୟ ଓ ସିଦ୍ଧାର୍ଥ ସେନଙ୍କ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ ଦାସ ୩-୦ ଫ୍ରେମରେ ବରୁଣ ପୂର୍ବିଙ୍କୁ, ଇନ୍ଦ୍ରଜିତ ଷଡ଼ଙ୍ଗୀ ୩-୦ ଫ୍ରେମରେ ଗୋବିନ୍ଦ ଶର୍ମାଙ୍କୁ, ଜିତ ଦାସ ୩-୦ ଫ୍ରେମରେ ହରିହର ଗୁରୁଙ୍କୁ ପରାସ୍ତ କରିଛନ୍ତି। ମଙ୍ଗଳବାର ଆକାଶ ମହାପାତ୍ର ଓ ଜୀତ ଦାସଙ୍କ ମଧ୍ୟରେ ପ୍ରି-କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ଏହାର ବିଜେତା ନିଶାନ୍ତ ବିଶ୍ୱାଳଙ୍କୁ କ୍ୱାର୍ଟର ଫାଇନାଲରେ ଭେଟିବ। ସେହିପରି ଇନ୍ଦ୍ରଜିତ ଷଡ଼ଙ୍ଗୀ ଓ ଆଶୁତୋଷ ପାଢ଼ୀଙ୍କ ପ୍ରି-କ୍ୱାର୍ଟର ଫାଇନାଲର ବିଜେତା କ୍ୱାର୍ଟରରେ ରାକେଶ ରୋଶନ ପ୍ରଧାନଙ୍କୁ ଭେଟିବ। ସେହିପରି ଜାକିର ଅଲୀ ଓ ସୁବ୍ରତ ଦାସଙ୍କ ମଧ୍ୟରେ ମଙ୍ଗଳବାର କ୍ୱାର୍ଟର ଫାଇନାଲ ହେବ।

### ଇଷ୍ଟକୋଷ୍ଟ ରେଲୱେ ସେମିଫାଇନାଲରେ

**ଭୁବନେଶ୍ୱର, ୨୫।୧୧(କ୍ରୀଡ଼ା ପ୍ରତିନିଧି):** ପାରାଦୀପ ପୋର୍ଟସ୍ଥିତ ଗୋପବନ୍ଧୁ ଷ୍ଟାଡିୟମରେ ଚାଲିଥିବା ୬୮ତମ ସିନିୟର ଆନ୍ତଃଜିଲା ଭଲିବଲ ଚାମ୍ପିୟନଶିପ୍‌ର ଉଭୟ ମହିଳା ଓ ପୁରୁଷ ବିଭାଗରେ ସୋମବାର ୨ଟି ଲେଖାଏ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଉଭୟ ବିଭାଗରେ ବିଜୟୀ ହୋଇ ଇଷ୍ଟକୋଷ୍ଟ ରେଲୱେ ସେମିଫାଇନାଲରେ ପ୍ରବେଶ କରିଛି। ମହିଳା ବିଭାଗ ପ୍ରଥମ କ୍ୱାର୍ଟର ଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ ୩-୦ (୨୫-୨୧, ୨୫-୧୬, ୨୫-୧୪)ସେଟ୍‌ରେ ଝାରସୁଗୁଡ଼ାକୁ ପରାସ୍ତ କରିଛି। ସେହିପରି ଦ୍ୱିତୀୟ କ୍ୱାର୍ଟରରେ କଟକ ୩-୨ (୨୫-୧୫, ୨୩-୨୫, ୨୫-୧୨, ୨୧-୨୫, ୧୮-୧୬)ସେଟ୍‌ରେ କେନ୍ଦ୍ରାପଡ଼ାକୁ ହରାଇ ଦେଇଛି। ପ୍ରଥମ ସେମିଫାଇନାଲ ଇଷ୍ଟକୋଷ୍ଟ ରେଲୱେ ଓ କଟକ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ପୁରୁଷ ବିଭାଗର ପ୍ରଥମ କ୍ୱାର୍ଟର ଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ ୩-୧(୨୫-୧୮, ୨୫-୧୬, ୨୪-୨୬, ୨୫-୧୭)ସେଟ୍‌ରେ ମୟୂରଭଞ୍ଜକୁ ପରାସ୍ତ କରିଛି। ଦ୍ୱିତୀୟ କ୍ୱାର୍ଟରରେ ବାଲେଶ୍ୱର ୩-୦(୨୫-୧୪, ୨୫-୨୦, ୨୫-୧୭)ରେ କିଟ୍‌କୁ ହରାଇଛି। ଇଷ୍ଟକୋଷ୍ଟ ରେଲୱେ ଓ ବାଲେଶ୍ୱର ମଧ୍ୟରେ ପ୍ରଥମ ସେମି ଖେଳାଯିବ।

# ଓଡ଼ିଶାର ରଣଜୀ ପ୍ରସ୍ତୁତି

- ଟ୍ରାଏଲ୍ସ ମ୍ୟାଚ୍ ଆଜିଠାରୁ
- ୨୯ରେ ଦଳ ଘୋଷଣା ସମ୍ଭାବନା
- ନୂଆ ନେତୃତ୍ୱ ଖୋଜା ଚାଲିଛି

**କଟକ ଅଫିସ,୨୫।୧୧**

ଡିସେମ୍ବର ୯ରୁ ଆରମ୍ଭ ହେଉଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘରୋଇ ଟୁର୍ନାମେଣ୍ଟ ରଣଜୀ ଟ୍ରଫି। ଆସନ୍ତା ରଣଜୀ ଟ୍ରଫିରେ ଓଡ଼ିଶା ଏଲିଟ୍ ଗ୍ରୁପ-ସିରେ ସ୍ଥାନ ପାଇଛି। ଛତିଶଗଡ଼ର ରାୟପୁରସ୍ଥିତ ଶହୀଦ ବୀର ନାରାୟଣ ସିଂ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ୯ ତାରିଖରେ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ ଓଡ଼ିଶା ଘରୋଇ ଛତିଶଗଡ଼ ବିପକ୍ଷରେ ଖେଳିବ। ଏଥି ନିମନ୍ତେ ମଙ୍ଗଳବାରଠାରୁ ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶାର ଟ୍ରାଏଲ୍ସ ମ୍ୟାଚ୍ ଆରମ୍ଭ ହେବ। ୩୦ଜଣ ଖେଳାଳିଙ୍କୁ ନେଇ ଦୁଇଟି ଦଳରେ ବିଭକ୍ତ କରାଯାଇଛି। ଶୁଭ୍ରାଂଶୁ ଶେଖର ସେନାପତି ଗୋଟିଏ ଦଳର ଅଧିନାୟକ ଥିବା ବେଳେ ଅନ୍ୟଦଳର ଅଧିନାୟକ ରହିଛନ୍ତି ଅଲରାଉଣ୍ଡର ଅଭିଷେକ ରାଉତ। ଆସନ୍ତା ୨୯ରେ ରାଜ୍ୟ ରଣ୍‌ଜୀ ଦଳ ଘୋଷଣା କରାଯିବାର ସମ୍ଭାବନା ରହିଛି।

ଡ୍ରିମ୍ସ ଗ୍ରାଉଣ୍ଡରେ ହେବାକୁ ଥିବା ଟ୍ରାଏଲ୍ସ ମ୍ୟାଚ୍ ପାଇଁ ଦୁଇଟି ଦଳ ଚୂଡ଼ାନ୍ତ ହୋଇଛି। ଟିମ୍-ଏର ଅଧିନାୟକ ରହିଛନ୍ତି ଶୁଭ୍ରାଂଶୁ। ଏଥିରେ ସନ୍ଦୀପ ପଟ୍ଟନାୟକ, ଦେବାଶିଷ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ଅଭିଷେକ ଯାଦବ, ସୁଜିତ ଲେଙ୍କା(ଉଇକେଟ କିପର), ଅଙ୍କିତ ଯାଦବ, ସୂର୍ଯ୍ୟକାନ୍ତ ପ୍ରଧାନ, ବସନ୍ତ ମହାନ୍ତି, ପପୁ ରାୟ ଓ ଶୁଭମ ନାୟକ ରହିଛନ୍ତି। ଏହାଛଡ଼ା ଟିମ୍-ଏରେ କିଛି ନୂଆ ପ୍ରତିଭାଙ୍କୁ ସାମିଲ କରାଯାଇଛି। ଏମାନେ ହେଲେ ରାଜ୍ୟ ୨୩ବର୍ଷରୁ କମ୍ ଦଳର ଅଧିନାୟକ ତଥା ଡାହାଣହାତୀ ବ୍ୟାଟ୍ସମ୍ୟାନ ସୌଭାଗ୍ୟ ମିଶ୍ର, ଉଇକେଟ କିପର ଭେଙ୍କଟେସ୍ ଭାଣ୍ଡେ, ରାହୁଲ ଚୌଧୁରୀ ଓ ତାରିଣୀ ସା। ଆଘାତ ଜନିତ ସମସ୍ୟା ଯୋଗୁ ଭେଙ୍କଟେସ୍ କିଛି ଦିନ ହେବ ରାଜ୍ୟ କ୍ରିକେଟରୁ ଦୂରରେ ଥିଲେ। ରାହୁଲ ଗତ ୨୩ବର୍ଷରୁ କମ୍ ଟୁର୍ନାମେଣ୍ଟରେ ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରି ଚମତ୍କାର ବୋଲିଂ ପ୍ରଦର୍ଶନ କରିଥିଲେ। ଟିମ୍-ବିର ଅଧିନାୟକ ହେଉଛନ୍ତି ଅଭିଷେକ। ଟିମ୍-ବିରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଅନୁରାଗ ଷଡ଼ଙ୍ଗୀ, ରଣଜିତ ସିଂ, ବିପ୍ଲବ ସାମନ୍ତରାୟ, ଅରବିନ୍ଦ ସିଂ, ଶାନ୍ତନୁ ମିଶ୍ର, ରାଜେଶ ଧୂପର(ଉଇକେଟ କିପର), ପ୍ରୟାସ ସିଂ ଠାକୁର, ରାଜେଶ ମହାନ୍ତି, ଦୀପକ ବେହେରା, ଆଶୁତୋଷ ଦାସ, ଧୀରଜ ସିଂ। ଏଥିରେ ମଧ୍ୟ ଯୁବ ପ୍ରତିଭା ମଧ୍ୟ ଅଛନ୍ତି। ସେମାନେ ହେଲେ ସୟଦ ମୁସ୍ତାକ ଅଲ୍ଲୀ ଟି୨୦ରେ ଉଇକେଟ କିପର ଭାର ସମ୍ଭାଳିଥିବା ପ୍ରବୀଣ ଲୁହା, ରାଜ୍ୟ ୨୩ବର୍ଷରୁ କମ୍ ଦଳର ପେସ୍ ବୋଲର ଐଶକାନ୍ତ ସାହୁ ଓ ବିଶ୍ୱଜିତ ମଲ୍ଲିକ। ଉଇକେଟ କିପର ଦୌଡ଼ରେ ୪ଜଣ ଅଛନ୍ତି। ସୁଜିତ, ରାଜେଶ ଅଭିଜ୍ଞ ହୋଇଥିବା ବେଳେ ଭେଙ୍କଟେସ୍ ଓ ପ୍ରବୀଣ ନବାଗତ ଭାବେ ଦୌଡ଼ରେ ରହିବେ। ଓଡ଼ିଶା ପେସ୍ ବୋଲର ବିକଳ୍ପ ବାଛିପାରେ। ଭେଟେରାନ ପେସ୍ ବୋଲର ବସନ୍ତ ଟ୍ରାଏଲ୍ସରେ ଭାଗ ନେଉଥିବା ବେଳେ ସୂର୍ଯ୍ୟକାନ୍ତ, ଦୀପକ, ରାଜେଶ, ଆଶୁତୋଷ ମଧ୍ୟ ସାମିଲ ଅଛନ୍ତି। ନବାଗତ ଭାବେ ରାହୁଲ, ଐଶକାନ୍ତ ଓ ତାରିଣୀ ପେସ ବୋଲର ଟ୍ରାଏଲ୍ସକୁ ଓହ୍ଲାଇବେ। ସ୍ପିନର ଭାବେ ଅଭିଜ୍ଞ ଧୀରଜ, ପପୁ ଓ ଶୁଭମ ଥିବା ବେଳେ ବିଶ୍ୱଜିତ ହେଉଛନ୍ତି ନୂଆମୁହଁ। ଅନ୍ୟପକ୍ଷରେ ଦଳ ଆଗାମୀ ରଣ୍‌ଜୀ ସିଜନରେ ନୂଆ ନେତୃତ୍ୱ ଖୋଜୁଥିବା ବିଶେଷସୂତ୍ରରୁ ଜଣାପଡ଼ିଛି।

**ଓଡ଼ିଶାର ରଣ୍‌ଜୀ ମ୍ୟାଚ୍ ସୂଚୀ**

| ତାରିଖ | ବିପକ୍ଷ | ଭେନ୍ୟୁ |
|---|---|---|
| ଡିସେମ୍ବର ୯ରୁ ୧୨ | ଛତିଶଗଡ଼ | ଛତିଶଗଡ଼ |
| ଡିସେମ୍ବର ୧୭ରୁ ୨୦ | ସର୍ଭିସେସ | ଡ୍ରିମ୍ସ |
| ଡିସେମ୍ବର ୨୫ରୁ ୨୮ | ଉତ୍ତରାଖଣ୍ଡ | ଡ୍ରିମ୍ସ |
| ଜାନୁୟାରୀ ୩ରୁ ୬ | ତ୍ରିପୁରା | ତ୍ରିପୁରା |
| ଜାନୁୟାରୀ ୧୧ରୁ ୧୪ | ହରିୟାଣା | ହରିୟାଣା |
| ଜାନୁୟାରୀ ୧୯ରୁ ୨୨ | ଜମ୍ମୁ-କଶ୍ମୀର | ବାରବାଟୀ |
| ଜାନୁୟାରୀ ୨୭ରୁ ୩୦ | ଆସାମ | ବାରବାଟୀ |
| ଫେବୃୟାରୀ ୪ରୁ ୭ | ମହାରାଷ୍ଟ୍ର | ମହାରାଷ୍ଟ୍ର |
| ଫେବୃୟାରୀ ୧୨ରୁ ୧୫ | ଝାଡ଼ଖଣ୍ଡ | କିଟ୍ |

# ଲକ୍ଷ୍ୟଙ୍କୁ ସିଜନର ୪ର୍ଥ ଟାଇଟଲ



**ନୂଆଦିଲ୍ଲୀ,୨୫।୧୧(ପି.ଟି.)**

ଉଦୀୟମାନ ଭାରତୀୟ ଶଟ୍‌ଲର ଲକ୍ଷ୍ୟ ସେନ୍ ସ୍କଟିଶ୍ ଓପନ୍ ଟାଇଟଲ ହାତେଇଛନ୍ତି। ଚଳିତ ସିଜନରେ ଏହା ତାଙ୍କର ୪ର୍ଥ ଟାଇଟଲ। ଟପ୍ ସିଡ୍ ଭାରତୀୟ ଖେଳାଳି ବ୍ରାଜିଲର ଗୋର କୋଏଲ୍‌ହୋଙ୍କୁ ହରାଇ ଦେଇଛନ୍ତି। ରବିବାର ରାତିରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲକୁ ଲକ୍ଷ୍ୟ ୧୮-୨୧, ୨୧-୧୮, ୨୧-୧୯ ଗେମ୍‌ରେ ଜିତି ନେଇଛନ୍ତି। ମ୍ୟାଚ୍ ଜିତିବା ପାଇଁ ତାଙ୍କୁ ୫୬ ମିନିଟ୍ ଲାଗିଥିଲା। ପ୍ରଥମ ଗେମ୍‌ରେ ପରାସ୍ତ ହେବା ପରେ ଲକ୍ଷ୍ୟ ଦ୍ୱିତୀୟ ଗେମ୍‌କୁ ଜିତି ମ୍ୟାଚ୍‌କୁ ଫେରିଥିଲେ। ଅନ୍ତିମ ତଥା ନିର୍ଣ୍ଣାୟକ ଗେମ୍‌ରେ ଉଭୟ ଖେଳାଳି ଜିତିବା ପାଇଁ ଭରପୂର ପ୍ରୟାସ କରିଥିଲେ। କିନ୍ତୁ ଶେଷରେ ଲକ୍ଷ୍ୟ ୨୧-୧୯ରେ ମ୍ୟାଚ୍ ସହ ଟାଇଟଲ ଜିତି ନେଇଛନ୍ତି। ଉତ୍ତରାଖଣ୍ଡର ୧୮ ବର୍ଷୀୟ ଲକ୍ଷ୍ୟ ସେପ୍ଟେମ୍ବରଠାରୁ ସାରଲକ୍ସ ଓପନ୍, ଡଚ୍ ଓପନ୍ ଓ ବେଲ୍‌ଜିଆନ ଇଣ୍ଟରନ୍ୟାଶନାଲ ଟାଇଟଲ ହାସଲ କରିସାରିଛନ୍ତି। ଏହି ବିଜୟ ଯୋଗୁ ଲକ୍ଷ୍ୟ ବିଡବ୍ଲ୍ୟୁଏଫ୍ ଟପ୍ ୪୦ରେ ପ୍ରବେଶ କରିବା ନିଶ୍ଚିତ। ଏଥିସହିତ ଗ୍ରେଡ୍ ୨ ଇଭେଣ୍ଟସ ଲାଗି ସିଧାସଳଖ ଯୋଗ୍ୟତା ହାତେଇବା ନିକଟତର ହୋଇଛନ୍ତି। କିନ୍ତୁ ଲକ୍ଷ୍ମୌଠାରେ ହେବାକୁଥିବା ସୟଦ ମୋଦି ଇଣ୍ଟରନ୍ୟାଶନାଲ ସୁପର ୩୦୦ ଟୁର୍ନାମେଣ୍ଟରେ ସେ ଖେଳିପାରିବେ।

# ଆଖି ହରାଇବା ପରେ ମଧ୍ୟ ସାମ୍‌ଙ୍କ ଅଲିମ୍ପିକ ଲକ୍ଷ୍ୟ



ଗ୍ରେଟ୍ ବ୍ରିଟେନ ହକି ଖେଳାଳି ସାମ୍ ୱାର୍ଡ।

**ଲଣ୍ଡନ, ୨୫।୧୧**

ହକିକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ସବୁକିଛି କରିବାକୁ ପ୍ରସ୍ତୁତ ରହିଛି ବୋଲି ନିକଟରେ ବଲ୍ ବାଜି ବାମଆଖି ହରାଇଥିବା ଗ୍ରେଟ୍ ବ୍ରିଟେନ ଓ ଇଂଲଣ୍ଡ ହକି ଖେଳାଳି ସାମ୍ ୱାର୍ଡ କହିଛନ୍ତି। ୨୮ ବର୍ଷୀୟ ସାମ୍ ଗତ ନଭେମ୍ବର ୩ରେ ମାଲେସିଆ ବିପକ୍ଷ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳୁଥିବାବେଳେ ଏହି ଅଘଟଣ ଘଟିଥିଲା। ମ୍ୟାଚ୍ ଅବସରରେ ଏକ ବଲ ତାଙ୍କ ବାମଆଖି ପାର୍ଶ୍ୱରେ ମାଡ଼ ହୋଇଥିଲା। ଏହି ମ୍ୟାଚ୍‌ରେ ଗ୍ରେଟ୍ ବ୍ରିଟେନ ବିଜୟୀ ହୋଇଥିବାବେଳେ ସାମ୍ ୨ଟି ଗୋଲସ୍କୋର କରି ମୁଖ୍ୟ ନାୟକ ସାଜିଥିଲେ। ଏଥିସହ ଗ୍ରେଟ୍ ବ୍ରିଟେନ ୨୦୨୦ ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ କରିଥିଲା। ତେବେ ଏହି ଘଟଣାରେ ସାମ୍‌ଙ୍କ ରେଟିନାରେ ଗୁରୁତର ଆଘାତ ଲାଗିବା ସହ ବାମଆଖି ହରାଇଥିଲେ। ସେହିଭଳି ମୁହଁର କିଛି ହାଡ଼ ମଧ୍ୟ ଭାଙ୍ଗି ଯାଇଥିଲା।

‘ଗତ କିଛି ସପ୍ତାହ ହେବ ମୁଁ ୩ଜଣ ଆଖି ବିଶେଷଜ୍ଞଙ୍କ ନିକଟରୁ ପରାମର୍ଶ ପାଇଛି। ମୋ ବାମଆଖିର ରେଟିନା ନଷ୍ଟ ହୋଇଯାଇଛି। ଏହି କ୍ଷତି ଆଶିଂକ ଭାବେ ଅପୂରଣୀୟ ବୋଲି ସେମାନେ କହିଛନ୍ତି। ମୋର କିଛି ଦୃଷ୍ଟିଶକ୍ତି ଫେରିପାରେ କିନ୍ତୁ ଏହା ବିଳମ୍ବିତ ପ୍ରକ୍ରିୟା। ଅନ୍ତର୍ଜାତୀୟ ହକିକୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ଏହା ମୋ ପାଇଁ ପର୍ଯ୍ୟାପ୍ତ ହେବ କି ନାହିଁ ଜାଣିନି। କେବଳ ସମୟ ହିଁ ସବୁକିଛି କହିବ’ ବୋଲି ସାମ ଏକ ସାକ୍ଷାତକାର ଅବସରରେ କହିଛନ୍ତି। ସମସ୍ତେ ଜାଣିଛନ୍ତି ମୁଁ ସହଜରେ ହାର୍ ମାନେ ନାହିଁ। ଟୋକିଓ ଅଲିମ୍ପିକକୁ ଚୟନ ପାଇଁ ନିଜକୁ ଉପଲବ୍ଧ ରଖିବାକୁ ଚାହେଁ ବୋଲି ଏହି ଗ୍ରେଟ୍ ବ୍ରିଟେନ ହକି ତାରକା କହିଛନ୍ତି। ‘ସାମ୍ ଗୁରୁତର ଆଘାତର ସମ୍ମୁଖୀନ ହୋଇଛନ୍ତି। ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେବା ସହ ସର୍ବଶ୍ରେଷ୍ଠ ଚିକିତ୍ସା ଯୋଗାଇଦେବା ପାଇଁ ଫୋକସ୍ ରଖିଛୁ। ଏହି କଠିନ ସମୟରେ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ତାଙ୍କର ଶୁଭକାମନା କରୁଛନ୍ତି’ ବୋଲି ଗ୍ରେଟ୍ ବ୍ରିଟେନ ହକି ପରଫର୍ମାନ୍ସ ଡିରେକ୍ଟର ଏଡ୍ ବାର୍ନି କହିଛନ୍ତି।

# ନେହେରୁ କପ୍ ହକି ଫାଇନାଲରେ ମାରପିଟ

**ନୂଆଦିଲ୍ଲୀ,୨୫।୧୧**

ହକି ଗ୍ରାଉଣ୍ଡରେ ସାଧାରଣତଃ ଖେଳାଳିଙ୍କ ମଧ୍ୟରେ ମାରପିଟ୍ ହେବା ଘଟଣା କ୍ୱଚିତ ଦେଖାଯାଏ। ମାତ୍ର ଏଭଳି ଘଟଣା ଜାତୀୟ ସ୍ତରୀୟ ହକି ଟୁର୍ନାମେଣ୍ଟ ନେହେରୁ କପ୍‌ର ଫାଇନାଲରେ ଦେଖିବାକୁ ମିଳିଛି। ସ୍ଥାନୀୟ ନ୍ୟାଶନାଲ ଷ୍ଟାଡିୟମରେ ପଞ୍ଜାବ ପୋଲିସ ଓ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ମଧ୍ୟରେ ସୋମବାର ଅନୁଷ୍ଠିତ ଫାଇନାଲ ଅତ୍ୟଧିକ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ, ଉଭୟ ଦଳର ଖେଳାଳିମାନେ ପରସ୍ପରକୁ ଆକ୍ରମଣ କରିବାକୁ ପଛାଇ ନ ଥିଲେ। ସ୍କୋର ଲାଇନ୍ ୩-୩ରେ ସଂଘର୍ଷପୂର୍ଣ୍ଣ ସ୍ଥିତିରେ ଥିବାବେଳେ ପିଏନ୍‌ବି ଆଟାକିଂ ପୋଜିଶନରେ ଥିଲା। ଏତିକି ବେଳେ ଦୁଇ ଦଳର ଖେଳାଳି ହାତାହାତି ଓ ପରେ ହକି ଷ୍ଟିକରେ ପରସ୍ପରକୁ ଆକ୍ରମଣ କରିଥିଲେ।



ଦୁଇ ଦଳର ଖେଳାଳିଙ୍କ ମଧ୍ୟରେ ମାର୍‌ପିଟର ଦୃଶ୍ୟ।

ଫଳରେ କିଛି ସମୟ ପାଇଁ ଖେଳ ପଡ଼ିଆ ଯୁଦ୍ଧ ପଡ଼ିଆରେ ପରିଣତ ହୋଇଥିଲା। ଟୁର୍ନାମେଣ୍ଟ ଅଫିସିଆଲ ଫିଲ୍ଡ ମଧ୍ୟକୁ ପ୍ରବେଶ କରିବାପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏଭଳି ଅଣଖେଳୁଆଡ଼ ମନୋଭାବ ଯୋଗୁ ରେଫରି ଉଭୟ ଦଳର ୩ ଲେଖାଏ ଖେଳାଳି ଓ ପଞ୍ଜାବ ପୋଲିସ ମ୍ୟାନେଜରଙ୍କୁ ରେଡ କାର୍ଡ ଦେଇଥିଲେ। ଫଳରେ ଦୁଇ ଦଳକୁ ୮ ଜଣ ଖେଳାଳିରେ ଖେଳିବାକୁ ପଡ଼ିଥିଲା। ବିରତି ପରେ ପିଏନ୍‌ବି ୬-୩ ବ୍ୟବଧାନରେ ଜିତିବା ସହ ଚାମ୍ପିୟନ ହୋଇଥିଲା। ମ୍ୟାଚ୍‌ବେଳେ ଏଭଳି ଘଟଣାକୁ ସହଜରେ ଗ୍ରହଣ କରିପାରି ନାହିଁ ହକି ଇଣ୍ଡିଆ (ଏଚ୍‌ଆଇ)। ଟୁର୍ନାମେଣ୍ଟ ଆୟୋଜକଙ୍କୁ ତୁରନ୍ତ ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ କୁହାଯାଇଛି। ରିପୋର୍ଟ ଆସିବା ପରେ ହିଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏଚ୍‌ଆଇ ସିଇଓ ଏଲିନା ନର୍ମାନ କହିଛନ୍ତି। ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ତଥା ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ମୁଖ୍ୟ ନରିନ୍ଦର ବାତ୍ରା ସମ୍ପୃକ୍ତ ଖେଳାଳି ଓ ଅଫିସିଆଲଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଏଚ୍‌ଆଇକୁ ନିର୍ଦ୍ଦେଶ ଦେଇଛନ୍ତି।

- ଉଭୟ ଦଳର ୩ ଜଣ ଲେଖାଏ ଖେଳାଳିଙ୍କୁ ରେଡ୍‌କାର୍ଡ
- ପଞ୍ଜାବ ପୋଲିସ ମ୍ୟାନେଜରଙ୍କୁ ମଧ ରେଡ୍‌କାର୍ଡ
- ରିପୋର୍ଟ ମାଗିଲା ହକି ଇଣ୍ଡିଆ
- କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନରିନ୍ଦର ବାତ୍ରାଙ୍କ ନିର୍ଦ୍ଦେଶ

## ମଙ୍ଗଳା କ୍ଲବ ବିଜୟୀ

**ଯାଁଳା, ୨୫।୧୧ (ଡି.ଏନ.ଏ.):** ଯାଁଳା ରାଧାଚରଣପୁର ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ଶବର କପ୍ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଜଟଣୀ ଫ୍ରେଣ୍ଡ ପାରାଡାଇଜଡ୍‌କୁ ୫-୩ ଟାଇବ୍ରେକରରେ ପରାସ୍ତ କରି କଟକ ମଙ୍ଗଳା କ୍ଲବ ବିଜୟୀ ହୋଇଥିଲା। ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ୍ ଦେବାରୁ ମ୍ୟାଚ୍ ଡ୍ର ରହିଥିଲା। ଫଳରେ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ରାଜୁ ମହାନ୍ତି ରେଫରି ରହିଥିବା ବେଳେ ଦିଗ୍‌ବିଜୟ ଦାସ ଓ ଲକ୍ଷ୍ମୀପ୍ରସାଦ ନାଇଡୁ ଲାଇନ୍‌ରେ ସହାୟତା କରିଥିଲେ।

## ପିଭିଆର ମୂର୍ତ୍ତି ଆନ୍ତଃ ସ୍କୁଲ କ୍ରିକେଟ୍ ୨୭ରୁ

**କଟକ ଅଫିସ, ୨୫।୧୧:** ୟୁନିୟନ ସ୍ପୋର୍ଟିଂ ଆନୁକୂଲ୍ୟରେ ବୋଷ ଗ୍ରାଉଣ୍ଡରେ ଆସନ୍ତା ୨୭ରୁ ୧୪ତମ ପିଭିଆର୍ ମୂର୍ତ୍ତି ସ୍ମାରକୀ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏହି ଟୁର୍ନାମେଣ୍ଟ ଡିସେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୬ଟି ଦଳ ଅଂଶ ଗ୍ରହଣ କରିବେ। ଅଂଶ ଗ୍ରହଣ କରିବାକୁ ଥିବା ଦଳ ଗୁଡ଼ିକ ହେଲା, ଯୋବ୍ରା ମ୍ୟୁନିସିପାଲ ହାଇସ୍କୁଲ, ରେଭେନ୍‌ଶା କଲିଜିଏଟ ସ୍କୁଲ, ବୋର୍ଡ ହାଇସ୍କୁଲ, ନ୍ୟୁ ଷ୍ଟିୱାର୍ଟ ସ୍କୁଲ, ଷ୍ଟିୱାର୍ଟ ସ୍କୁଲ, ପିଏମ୍ ଏକାଡେମୀ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କିସ୍, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ରାଣୀହାଟ ହାଇସ୍କୁଲ, ଏସ୍‌ସିବି ମେଡ଼ିକାଲ ପବ୍ଲିକ ସ୍କୁଲ, ପୋଲିସ ହାଇସ୍କୁଲ, ଡିଏଭି ପବ୍ଲିକ ସ୍କୁଲ, ସୟଦ ସେମିନାରୀ ହାଇସ୍କୁଲ, କେମ୍ବ୍ରିଜ ସ୍କୁଲ ଓ ଖ୍ରୀଷ୍ଟ କଲିଜିଏଟ୍ ସ୍କୁଲ। ପୂର୍ବରୁ ଏହି ଟୁର୍ନାମେଣ୍ଟର ବିଦ୍ୟାଳୟସ୍ତରୀୟ ମ୍ୟାଚ୍ ୨୫ ଓଭର ବିଶିଷ୍ଟ ଖେଳାଯାଉଥିଲା। ଚଳିତବର୍ଷ ମ୍ୟାଚ୍ ଗୁଡ଼ିକ ୨୦ଓଭର ବିଶିଷ୍ଟ କରାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରତ୍ୟେକ ମ୍ୟାଚ୍ ନକ୍‌ଆଉଟ ପର୍ଯ୍ୟାୟରେ ଖେଳାଯିବ। ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ଆକାରରେ ବାଇକ୍ ପ୍ରଦାନ କରାଯିବ ବୋଲି କ୍ଲବ ସମ୍ପାଦକ ପ୍ରଦୀପ ଚୌହାନ ସୂଚନା ଦେଇଛନ୍ତି।

ସେହିପରି ଏହି କ୍ଲବ ଆନୁକୂଲ୍ୟରେ ଡିସେମ୍ବର ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଆନ୍ତଃ କ୍ଲବ ଟୁର୍ନାମେଣ୍ଟ ହେବ। ଏଥିରେ ୧୬ଟି ପ୍ରମୁଖ କ୍ରିକେଟ କ୍ଲବ ଭାଗ ନେବେ। ଟାଉନ କ୍ଲବ-ରାଇଜିଂ ଷ୍ଟାର ଓ ଏସିସି-ବାରବାଟୀ କଲଚରାଲ ୟୁନିୟନ ମଧ୍ୟରେ କ୍ୱାଲିଫାୟର ମ୍ୟାଚ୍ ଅନୁଷ୍ଠିତ ହେବ। ଉକ୍ତ ଦୁଇ ମ୍ୟାଚର ବିଜୟୀ ଦଳ ୧୬ଜଣିଆ ଦଳ ମଧ୍ୟରେ ସାମିଲ ହେବେ। ୨୦ଓଭର ବିଶିଷ୍ଟ ଏହି ଟୁର୍ନାମେଣ୍ଟର ବିଜେତା ଦଳକୁ ୨୫ହଜାର ଟଙ୍କା ଓ ରନର୍ସଅପ ଦଳକୁ ୧୫ହଜାର ଟଙ୍କାର ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ପ୍ରଦୀପ ପ୍ରକାଶ କରିଛନ୍ତି।

# ସିଜନର ପ୍ରଥମ ବିଜୟ ହାସଲ କଲା ଚେନ୍ନାଇନ

**ଚେନ୍ନାଇ, ୨୫।୧୧ (ପି.ଟି.)**

ଇଣ୍ଡିଆନ ସୁପର୍‌ଲିଗ୍(ଆଇଏସ୍‌ଏଲ୍)ରେ ସୋମବାର ଖେଳାଯାଇଥିବା ଏକ ରୋମାଞ୍ଚକ ମ୍ୟାଚ୍‌ରେ ଚେନ୍ନାଇନ ଏଫ୍‌ସି ୨-୧ ଗୋଲରେ ହାଇଦ୍ରାବାଦ ଏଫ୍‌ସିକୁ ପରାସ୍ତ କରିଛି। ଏଥିସହ ଚେନ୍ନାଇନ ସିଜନର ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଏକଦା ମ୍ୟାଚ୍ ଗୋଲଶୂନ୍ୟ ଭାବରେ ଡ୍ର ହେବା ସ୍ଥିତିରେ ରହିଥିଲା। କିନ୍ତୁ ମ୍ୟାଚ୍‌ର ଅତିରିକ୍ତ ସମୟ ହିଁ ରୋମାଞ୍ଚ ଭରିଦେଇଥିଲା। ଏହି ଅତିରିକ୍ତ ସମୟରେ ୩ଟି ଯାକ ଗୋଲସ୍କୋର ଦେଖିବାକୁ ମିଳିଥିଲା। ୯୦+୨ ମିନିଟ୍‌ରେ ଆନ୍ଦ୍ରେ ଶ୍ଚେମ୍ବ୍ରିଙ୍କ ଗୋଲ ବଳରେ ଚେନ୍ନାଇନ ୧-୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ଏହାର ୩ ମିନିଟ୍ ପରେ ହାଇଦ୍ରାବାଦର ଇଂଲିଶ ମଧ୍ୟଭାଗ ଖେଳାଳି ମାଥ୍ୟୁ କିଲଗାଲୋନ (୯୦+୫) ଏକ ଶକ୍ତିଶାଳୀ ହେଡ୍ କରି ହାଇଦ୍ରାବାଦ ଶିବିରର ଖୁସିର ଲହରି ଖେଳାଇ ଦେଇଥିଲେ।



ବିଜୟ ହାସଲ ପରେ ଉଲ୍ଲସିତ ଚେନ୍ନାଇନ୍ ଏଫ୍‌ସି ଖେଳାଳି।

ମ୍ୟାଚ୍ ୧-୧ର ବରାବର୍‌ସ୍ଥିତିକୁ ଚାଲି ଆସିଥିଲା। ମ୍ୟାଚ୍ ନିଶ୍ଚିତ ଡ୍ର’ ଅଭିମୁଖେ ଅଗ୍ରସର ହେଉଥିବାବେଳେ ଅତିରିକ୍ତ ସମୟର ଅନ୍ତିମ କ୍ଷଣରେ ହାଇଦ୍ରାବାଦ ଗୋଲକିପର କମଳେଶ ସିଂଙ୍କୁ ଚକ୍‌ମା ଦେଖାଇ ନେରିଜୁସ ଭଲସ୍କି ଚେନ୍ନାଇନ ପାଇଁ ବିଜୟସୂଚକ ୨ୟ ଗୋଲଟି ଦେଇଥିଲେ।

# ରାଜ୍ୟ ଦୃଷ୍ଟିହୀନ ମହିଳା କ୍ରିକେଟ: ଭଦ୍ରକ ଚାମ୍ପିୟନ

**ଭୁବନେଶ୍ୱର, ୨୫।୧୧(କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ ହାଇଟେକ୍ ମେଡିକାଲ କଲେଜ ଗ୍ରାଉଣ୍ଡରେ ୩ୟ ରାଜ୍ୟସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ରାଜ୍ୟ ଦୃଷ୍ଟିହୀନ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ଫାଇନାଲରେ ବାଲେଶ୍ୱରକୁ ହରାଇ ଭଦ୍ରକ ଚାମ୍ପିୟନ ହୋଇଛି। ବାଲେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୯୩ ରନ କରିଥିଲା। ଜବାବରେ ଭଦ୍ରକ ୭ ଓଭରରେ ୨ ଉଇକେଟ ହରାଇ ୯୬ ରନ ସଂଗ୍ରହ କରି ନେଇଥିଲା। ଭଦ୍ରକ ପକ୍ଷରୁ ଝିଲି ବିରୁଆ ୩୫* ଓ ଗାୟତ୍ରୀ ମଲିକ ୨୬ ରନ ସ୍କୋର କରିଥିଲେ। ଝିଲି ପ୍ଲେୟର ଅଫ୍ ଦି ଫାଇନାଲ ପୁରସ୍କାର ପାଇଥିଲେ। ପ୍ରଦର୍ଶନ ଭିତ୍ତିରେ ଟୁର୍ନାମେଣ୍ଟର ବି-୧ କାଟେଗରିରେ ଗାୟତ୍ରୀ ମଲିକ, ବି-୨ରେ ଫୁଲ ସୋରେନ ଓ ବି-୩ରେ ଝିଲି ବିରୁଆ ପ୍ଲେୟର ଅଫ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ପୂର୍ବରୁ ଅନୁଷ୍ଠିତ କ୍ୱାଲିଫାୟର-୨ରେ କଟକକୁ ହରାଇ ଭଦ୍ରକ ଫାଇନାଲରେ ପ୍ରବେଶ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଚେୟାରମ୍ୟାନ ତିରୁପତି ପାଣିଗ୍ରାହୀ ମୁଖ୍ୟଅତିଥି ଏବଂ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ‘ଅଧିକାର, ଇଣ୍ଡିଆ’ ପକ୍ଷରୁ ବସନ୍ତ, ଅଜୟ ଜେନା, ଦୃଷ୍ଟିହୀନ ମହିଳା କ୍ରିକେଟ ମେଣ୍ଟର ଅର୍ପିତା ମହାପାତ୍ର, ରାଜ୍ୟ ଦୃଷ୍ଟିହୀନ କ୍ରିକେଟ ସଂଘ ମୁଖ୍ୟ ପରାମର୍ଶଦାତା ପ୍ରକାଶ ରଥ, ଉପସଭାପତି ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ତିରୁପତି ପାଣିଗ୍ରାହୀ ଆଗାମୀ ମହିଳା କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଦଳର ପ୍ରାୟୋଜକ ହେବାକୁ ଘୋଷଣା କରିଥିଲେ। ସେହିପରି ଆଗାମୀ ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ‘ଅଧିକାର’ ଓଡ଼ିଶା ପୁରୁଷ ଦୃଷ୍ଟିହୀନ କ୍ରିକେଟ ଦଳର ପ୍ରାୟୋଜକ ହେବ ବୋଲି ଘୋଷଣା ହୋଇଥିଲା।




ଚାମ୍ପିୟନ ଭଦ୍ରକ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।



“ ଅନ୍ୟ ଆଥ୍ଲେଟ୍‌ଙ୍କ ପରି ମୋର ଲକ୍ଷ୍ୟ ଅଲିମ୍ପିକ୍ସରେ ଭାଗ ନେଇ ପଦକ ହାସଲ କରିବା। କିନ୍ତୁ ଭାରତୀୟ ସିନିୟର ଦଳ ପକ୍ଷରୁ ଖେଳିବା ପ୍ରାଥମିକ ଲକ୍ଷ୍ୟ ରହିଛି ।
–ମାନବାଦିତ୍ୟ ସିଂ ରାଠୋର, ଯୁବ ଭାରତୀୟ ଶୁଟର୍



“ ଜିଶନ ଅଶ୍ରଫ ପ୍ରଥମ ବଲ୍‌କୁ ସମ୍ମୁଖୀନ ହେବା ବେଳେ ମଧ୍ୟ ତାଙ୍କର ଶକ୍ତିଶାଳୀ ଶଟ୍‌କୁ ଚେକ୍ କରିବା ଉଚିତ ନୁହେଁ ।
–ସଇଦ୍ ଅନୱର, ପୂର୍ବତନ ପାକିସ୍ତାନ ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ପିଙ୍କ୍ ବଲ ଟେଷ୍ଟ: ଟିକେଟ ଅର୍ଥ ଫେରାଇବ ସିଏବି

**କୋଲ୍‌କତା,୨୫।୧୧(ପି.ଟି.):** ସ୍ଥାନୀୟ ଇଡେନ୍ ଗାର୍ଡେନ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ଦିବାରାତ୍ର ଟେଷ୍ଟକୁ ଭାରତୀୟ ଦଳ ୩ ଦିନରୁ କମ୍ ସମୟରେ ଜିତି ନେଇଥିଲା। ମ୍ୟାଚ୍‌ର ୪ର୍ଥ ଓ ୫ମ ଦିନର ଖେଳ ଦେଖିବା ପାଇଁ ଟିକେଟ କରିଥିବା ଦର୍ଶକଙ୍କୁ ଅର୍ଥ ଫେରାଇବାକୁ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ନିଷ୍ପତ୍ତି ନେଇଛି। ଏହି ପ୍ରକ୍ରିୟା ରବିବାରଠାରୁ ଆରମ୍ଭ ହୋଇଯାଇଛି। ଉକ୍ତ ଦୁଇଦିନ ପାଇଁ ଅନ୍‌ଲାଇନ ଟିକେଟ କରିଥିବା ଦର୍ଶକଙ୍କୁ ମେସେଜ ଜରିଆରେ ସୂଚିତ କରାଯାଇଥିବା ସିଏବି ପକ୍ଷରୁ ବିବୃତିରେ କୁହାଯାଇଛି। ସିଏବି ସର୍ବଦା କ୍ରିକେଟପ୍ରେମୀଙ୍କ ସହ ଛିଡ଼ା ହୋଇଛି ଓ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇବା ପାଇଁ ଉଦ୍ୟମ କରିଛି। ଏଥର ମଧ୍ୟ ଊଣା କରିବ ନାହିଁ। ଖେଳାଯାଇ ନ ଥିବା ଦୁଇଦିନର ଟିକେଟର ଅର୍ଥ ଫେରାଇବା ଆମର ନୈତିକ ଦାୟିତ୍ୱ ବୋଲି ସିଏବି ସମ୍ପାଦକ ଅଭିଷେକ ଡାଲମିଆ କହିଛନ୍ତି। ନିୟମ ଅନୁସାରେ, କୌଣସି ମ୍ୟାଚ୍‌ରେ ଗୋଟିଏ ବଲ ପଡ଼ିଲେ ଟିକେଟର ଅର୍ଥ ଫେରାଯିବ ନାହିଁ। କିନ୍ତୁ ଧାର୍ଯ୍ୟ ଦିନ ଖେଳାଯାଇ ନ ଥିବାରୁ ଅର୍ଥ ଫେରାଯିବ। ପ୍ରତ୍ୟେକ ଦିନ ୫୦, ୧୦୦ରୁ ୧୫୦ ଟଙ୍କାର ଟିକେଟ ବିକ୍ରି କରାଯାଇଥିଲା। ମ୍ୟାଚ୍‌ର ପ୍ରତ୍ୟେକ ଦିନ ବହୁସଂଖ୍ୟାରେ ଦର୍ଶକ ଯୋଗଦେଇଥିବାରୁ ଆମେ କୃତଜ୍ଞ ହୋଇ ରହିବୁ। ମ୍ୟାଚ୍‌ରେ ଖୁବ୍ କମ୍ ଖେଳ ବାକିଥିବା ଜାଣିବା ପରେ ମଧ୍ୟ ତୃତୀୟ ଦିନ ଭରପୂର ଦର୍ଶକ ଆସିଥିଲେ ବୋଲି ସିଏବି ପକ୍ଷରୁ କୁହାଯାଇଛି।

# ନ୍ୟୁଜିଲାଣ୍ଡର ଇନିଂସ ବିଜୟ

**ମାଉଣ୍ଟ ମାଉଙ୍ଗାନୁଇ, ୨୫।୧୧(ଏଏଫପି)**

ଏଠାରେ ଅନୁଷ୍ଠିତ ସିରିଜର ପ୍ରଥମ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡ ଏକ ଇନିଂସ ଓ ୬୫ ରନରେ ଇଂଲଣ୍ଡକୁ ପରାସ୍ତ କରିଛି। ନ୍ୟୁଜିଲାଣ୍ଡର ନେଲ ୱାଗନର ୫ ଉଇକେଟ ସଫଳତା ଲାଭକରି ଇଂଲଣ୍ଡର ଦ୍ୱିତୀୟ ଇନିଂସକୁ ୧୯୭ ରନରେ ସୀମିତ କରି ଦେଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଦ୍ୱିଶତକ ହାସଲକାରୀ ବ୍ରାଡ୍‌ଲି ଜନ୍ ୱାଟଲିଂ(୨୦୫ ରନ) ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଚତୁର୍ଥ ଦିବସର ଅସମାପ୍ତ ସ୍କୋର ୫୫/୩ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ଅଧିନାୟକ ଜୋ ରୁଟ୍‌ଙ୍କ ଉଇକେଟ ମଧ୍ୟ ଶୀଘ୍ର ହରାଇଥିଲା। ରୁଟ ୧୧ ରନ କରିଥିବାବେଳେ କଲିନ ଡି ଗ୍ରାଣ୍ଡହୋମ୍‌ଙ୍କ ବଲ୍‌ରେ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ।



ଉଇକେଟ ହାସଲ ପରେ ନେଲ ୱାଗନରଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

- ଇଂଲଣ୍ଡ ପ୍ରଥମ ଇନିଂସ: ୩୫୩
- ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୬୧୫/୯(ଘୋଷଣା)
- ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୯୭/ଅଲଆଉଟ(ଜୋ ଡେନ୍‌ଲି-୩୫, ରୋରି ବର୍ନ୍ସ-୩୧, ଜୋଫ୍ରା ଆର୍ଚର-୩୦, ସାମ୍ କୁରାନ-୨୯, ୱାଗନର-୫/୪୪, ସାଣ୍ଟନର-୩/୫୩, ସୌଦୀ-୧/୬୦, ଗ୍ରାଣ୍ଡହୋମ-୧/୧୫)।

ମିଡଲ୍ ଅର୍ଡରରେ ଜୋ ଡେନ୍‌ଲି ଓ ବେନ୍ ଷ୍ଟୋକ୍ସ କିଛି ସମୟ ସଂଘର୍ଷ କରି ଇଂଲଣ୍ଡ ଇନିଂସକୁ ଆଗେଇ ନେଇଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଷ୍ଟୋକ୍ସ ୨୮ ଓ ଡେନ୍‌ଲି ୩୫ ରନ କରି ଆଉଟ ହୋଇଥିଲେ। ଶେଷ ଭାଗରେ ଜୋଫ୍ରା ଆର୍ଚର ଓ ସାମ୍ କୁରାନ ପାଖାପାଖି ୧୬ ଓଭର ନ୍ୟୁଜିଲାଣ୍ଡ ବୋଲରଙ୍କୁ ସଫଳତାର ସହ ମୁକାବିଲା କରିଥିଲେ। ମାତ୍ର ୱାଗନର ଏହି ଯୋଡ଼ି ଭାଙ୍ଗିବା ପରେ ଇଂଲଣ୍ଡ ଇନିଂସ ଶେଷ ହୋଇ ଯାଇଥିଲା। କୁରାନ ୨୯ ରନରେ ଅପରାଜିତ ରହିଥିବାବେଳେ ଆର୍ଚର ୩୦ ରନ କରି ୱାଗନରଙ୍କ ଶିକାର ହୋଇଥିଲେ। ଫଳରେ ୯୬.୨ ଓଭରରେ ଇଂଲଣ୍ଡ ଇନିଂସ ୧୯୭ରେ ଶେଷ ହୋଇଥିଲା। ବାମହାତୀ ମିଡିୟମ ପେସର ୱାଗନର ନିଜ ୧୯.୨ ଓଭର ସ୍ପେଲ୍‌ରେ ୬ ମେଡେନ ନେଇଥିବାବେଳେ ୪୪ ରନ ଦେଇ ୫ ଉଇକେଟ ହାସଲ କରିଥିଲେ। ମିଚେଲ ସାଣ୍ଟନର ୩ଟି ଏବଂ ଟିମ୍ ସୌଦୀ ଓ ଗ୍ରାଣ୍ଡହୋମ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ଆର୍ଚରଙ୍କୁ କ୍ଷମାପ୍ରାର୍ଥନା କଲା ନ୍ୟୁଜିଲାଣ୍ଡ କ୍ରିକେଟ

**ୱେଲିଂଟନ, ୨୫।୧୧ (ପି.ଟି.):** ଏଠାରେ ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଟେଷ୍ଟର ଅନ୍ତିମ ଦିନରେ ଇଂଲଣ୍ଡ ପେସର ଜୋଫ୍ରା ଆର୍ଚରଙ୍କୁ ସହ ଜଣେ ଦର୍ଶକ ବର୍ଣ୍ଣବୈଷମ୍ୟ ଆକ୍ଷେପ ଅଭିଯୋଗ ହୋଇଥିଲା। ଏଥିନେଇ ସୋମବାର ଘରୋଇ କ୍ରିକେଟ ବୋର୍ଡ ଆର୍ଚରଙ୍କୁ କ୍ଷମାପ୍ରାର୍ଥନା କରିଛି। ମାଉଣ୍ଟ ମାଉନଗାନୁଇଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ଅନ୍ତିମ ଦିନ ମ୍ୟାଚ୍ ଶେଷ ହେବା ପରେ ଆର୍ଚର ପ୍ୟାଭିଲିୟନ ଫେରୁଥିବାବେଳେ ଏହି ଘଟଣା ଘଟିଥିବା କୁହାଯାଇଛି। ଚଳିତ ସପ୍ତାହରେ ଭଲ ଦର୍ଶକ ହୋଇଥିଲେ। ମାତ୍ର ଜଣେ ଦର୍ଶକ ବର୍ଣ୍ଣବୈଷମ୍ୟ କମେଣ୍ଟ କରି ମୋର ଅପମାନ କରିଥିଲେ ବୋଲି ୨୪ ବର୍ଷୀୟ ପେସର ଟୁଇଟ୍ କରିଥିଲେ। ନ୍ୟୁଜିଲାଣ୍ଡ କ୍ରିକେଟ (ଏନ୍‌ଜେଡସି) ଉକ୍ତ ଘଟଣା ପାଇଁ ଆର୍ଚରଙ୍କୁ କ୍ଷମା ମାଗିଛି। ଏଭଳି ଅସମ୍ମାନକୁ କଦାପି ଗ୍ରହଣ କରାଯିବ ନାହିଁ। ଉକ୍ତ ଦର୍ଶକଙ୍କୁ ଠାବ କରାଯିବ ବୋଲି କୁହାଯାଇଛି।

## ପାକିସ୍ତାନ କ୍ରିକେଟରଙ୍କ ସହ ଡିନର୍ କଲେ ଭାରତୀୟ ଟ୍ୟାକ୍ସି ଡ୍ରାଇଭର

**ବ୍ରିସବେନ, ୨୫।୧୧:** ଅଷ୍ଟ୍ରେଲିଆ ଗସ୍ତରେ ଥିବା ପାକିସ୍ତାନ କ୍ରିକେଟ ଦଳର କିଛି ଖେଳାଳି ଜଣେ ଭାରତୀୟ ଟ୍ୟାକ୍ସି ଡ୍ରାଇଭରଙ୍କ ସହ ମିଶି ଏକାଠି ଡିନର କରିଛନ୍ତି। ଯାହା ଏବେ ବେଶ୍ ଚର୍ଚ୍ଚାରେ ରହିଛି। ବ୍ରିସବେନରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ ଏକ ଇନିଂସ ଓ ୫ ରନରେ ପାକିସ୍ତାନକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍ ଅବସରରେ ପାକିସ୍ତାନ ଦଳର ୩ କ୍ରିକେଟର୍ ଶାହୀନ ଆଫ୍ରିଦୀ, ୟାସିର ଶାହ ଓ ନସୀମ ଶାହ ରାତ୍ରି ଭୋଜନ ପାଇଁ ବାହାରକୁ ଯାଇଥିଲେ। ଏହି ସମୟରେ ଜଣେ ଭାରତୀୟ ଟ୍ୟାକ୍ସି ଡ୍ରାଇଭର ୩ ପାକିସ୍ତାନ କ୍ରିକେଟରଙ୍କୁ ଏକ ଭାରତୀୟ ରେଷ୍ଟୁରାଣ୍ଟକୁ ନେଇଥିଲେ। ଏହାପରେ ସେହି ଟ୍ୟାକ୍ସି ଡ୍ରାଇଭର ପାକିସ୍ତାନ ଖେଳାଳିଙ୍କ ନିକଟରୁ ଗାଡ଼ି ଭଡ଼ା ନେବାକୁ ମନା କରିଦେଇଥିଲେ। ଫଳରେ ପାକିସ୍ତାନ କ୍ରିକେଟର୍‌ମାନେ ରାତ୍ରିଭୋଜନ ପାଇଁ ସେହି ଟ୍ୟାକ୍ସି ଡ୍ରାଇଭରଙ୍କୁ ନିମନ୍ତ୍ରଣ କରିଥିଲେ ଓ ପରେ ଏକାଠି ଖାଇଥିଲେ। ଏହି ଘଟଣାକୁ ଏବିସି ରେଡିଓର ଉପସ୍ଥାପିକା ଆଲିସନ ମିଚେଲ ମ୍ୟାଚ୍ ସମୟରେ ସାଥୀ ଭାଷ୍ୟକାର ତଥା ପୂର୍ବତନ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ମିଚେଲ ଜନସନଙ୍କ ସାମ୍ନାରେ ବଖାଣିଛନ୍ତି। ସଂଯୋଗକ୍ରମେ ସେହି ଭାରତୀୟ ଟ୍ୟାକ୍ସି ଡ୍ରାଇଭର ଆଲିସନଙ୍କୁ ଷ୍ଟାଡିୟମରେ ଛାଡ଼ିଥିଲେ। କାରରେ ଆସିବା ସମୟରେ ଡ୍ରାଇଭର ଜଣଙ୍କ ପାକିସ୍ତାନ ଖେଳାଳିଙ୍କ ସହ କିପରି ଏକାଠି ଡିନର କରିଥିଲେ ତାହା ଆଲିସନଙ୍କୁ କହିଥିଲେ।

**Happy Birthday**



**Jyoti Ranjan Lenka**
Your smile, love & laugh make me live my life more happily. Thanks for all the support you gave me in my life. Happy birthday to my superhero.
**-Your Dufferi-**
D-68193

**ଶ୍ରବଣ ସମସ୍ୟା?**
ଅଡ଼ିଜୋନ୍ ଏବେ ସମ୍ବଲପୁରରେ
For FREE hearing checkup : 7853086497, 9078672409
ଶ୍ରବଣ ଯନ୍ତ୍ର
DIGITAL HEARING AID
signia Life sounds brilliant.
Hearing Systems SIEMENS
Signia GmbH is a Trademark Licensee of Siemens AG
**Audizone Speech & Hearing Clinic**

| BHUBANESWAR | | | CUTTACK | KORAPUT |
|---|---|---|---|---|
| Baramunda | Saheed Nagar | Jaydev Vihar | Link Road | In front of S.L.N Medical |
| 9777806331 | 6371045707 | 6372287878 | 7381770531 | 6372307123 |


## ଜାତୀୟ ଉଷୁ ପାଇଁ ୩୮ ଜଣିଆ ଓଡ଼ିଶା ଦଳ




ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଉଷୁ ଦଳ।

**ଭୁବନେଶ୍ୱର, ୨୫।୧୧(କ୍ରୀଡ଼ା ପ୍ରତିନିଧି)**

କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହେଉଛି ୧୯ତମ ଜାତୀୟ ସବ୍‌ଜୁନିୟର ଉଷୁ ଚାମ୍ପିୟନଶିପ୍। ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଭାଗ ନେବାପାଇଁ ଖେଳାଳି ଓ ଅଫିସିଆଲଙ୍କୁ ମିଶାଇ ୩୯ ଜଣିଆ ଓଡ଼ିଶା ଦଳ ସୋମବାର କୋଲକାତା ଯାତ୍ରା କରିଛି। ଓଡ଼ିଶା ଦଳରେ ୧୬ ବାଳିକା ଓ ୧୫ ବାଳକ ସ୍ଥାନ ପାଇଛନ୍ତି। ଉଷୁ ଆସୋସିଏଶନ ଅଫ୍ ଓଡ଼ିଶାର ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ଏହି ଦଳର ନେତୃତ୍ୱ ନେଉଛନ୍ତି। ଓଡ଼ିଶା ପ୍ରତିଯୋଗୀଙ୍କ ସହ ଜାତୀୟ ଜଜ୍‌ଭାବେ ପୃଥ୍ୱୀରାଜ ହରିଚନ୍ଦନ, ଶରତ ଦାସ, ଟିମ୍ ମ୍ୟାନେଜର ସୁଧାଂଶୁ ପଣ୍ଡା, ସୁଶାନ୍ତ କଳସ ଏବଂ କୋଚ୍ ପଙ୍କଜ ମହାନ୍ତ ଓ ସୁଜନ ରଥ କୋଲକାତା ଯାଇଛନ୍ତି। ଉଷୁ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ସୁଧାଂଶୁ ଶେଖର ହରିଚନ୍ଦନ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। **ଓଡ଼ିଶା ଦଳ(ବାଳିକା):** ମାଳିନି ମୁଣ୍ଡା, ଲକ୍ଷ୍ମୀ ମୁଣ୍ଡା, ଶ୍ୱେତାରାଣୀ ମହାନ୍ତ, ସାବିତ୍ରୀ ମୁଣ୍ଡା, ସୁମିତ୍ରା ମୁଣ୍ଡା, ସୃଷ୍ଟି ସିଂ, ସୃଷ୍ଟି କଳସ, ପାୟଲ ପଟ୍ଟନାୟକ, ନୁପୁର ପଟ୍ଟନାୟକ, ତନିଶା ସାହୁ, ସ୍ୱାତୀ ସ୍ୱରୂପା ଜେନା, ସ୍ନେହା ମହାନ୍ତି, ଯଶସ୍ୱିନୀ ମଲ୍ଲିକ, ସ୍ୱାତୀ ଶ’, ମେହେର ଜୈନ, ଜିୟା ବାଜୋରିଆ। **ବାଳକ:** ମଦନ ମୁଣ୍ଡା, ଦେବେନ ମୁଣ୍ଡା, ପ୍ରେମ୍ ମୁଣ୍ଡା, ରାଜକୁମାର ମୁଣ୍ଡା, କୁଶ ମୁଣ୍ଡା, ଅକିଲ ମୁଣ୍ଡା, ଗୋପାଳକୃଷ୍ଣ ବେହେରା, ଗୁରୁଚରଣ ମୁଣ୍ଡା, ଅକ୍ଷତ ଗୁନ୍‌ମତ, ଆଦିତ୍ୟ ଜେନା, ଶାୟନ କୁମାର, ଶ୍ରେୟସ କଳସ, ଅର୍ପଣ କୁମାର, ସ୍ୱୟଂଶୁ ପଣ୍ଡା, ଆଶୁତୋଷ ମହାରଣା।

DADLS-59



**ବିଶିଷ୍ଟ ଜନନେତା ବୀରେନ୍ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ**
**୨୬ ନଭେମ୍ବର, ୨୦୧୯**

ସକାଳ ଘ.୮.୩୦ମି. ଭୁବନେଶ୍ୱର ଜୟଦେବ ବିହାର ଛକ ନିକଟସ୍ଥ ବୀରେନ୍ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।

**ସାଧାରଣ ସଭା**

ସମୟ – ସଂଧ୍ୟା ଘ.୫.୩୦ ମିନିଟ୍ | ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**
ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ

ମୁଖ୍ୟବକ୍ତା – **ଶ୍ରୀଯୁକ୍ତ ତ୍ରିଲୋଚନ କାନୁନ୍‌ଗୋ**
ପୂର୍ବତନ ସାଂସଦ

ସମ୍ମାନିତ ଅତିଥି – **ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର,** ମାନ୍ୟବର ବିଧାୟକ
– **ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ**
ଉପଦେଷ୍ଟା, ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ)
– **ଶ୍ରୀଯୁକ୍ତ ପ୍ରିୟଦର୍ଶୀ ମିଶ୍ର**
ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥାର ଅଧ୍ୟକ୍ଷ ଓ
ବୀରେନ୍ ମିତ୍ର ଫାଉଣ୍ଡେସନର ଅଧ୍ୟକ୍ଷ

କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ବୀରେନ୍ ମିତ୍ର ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ଉତ୍ସବରେ ଯୋଗଦେବାକୁ ଆପଣଙ୍କୁ ସାଦର ନିମନ୍ତ୍ରଣ ।

ନିର୍ଦ୍ଦେଶକ,
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0089/1920

## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ**



**୰ସେବତୀ ତ୍ରିପାଠୀ**
ଯୋଡପୁର, ତିର୍ତ୍ତୋଲ, ଜଗତସିଂହପୁର
ମହତାବରୋଡ, ଓଲ୍ଡ ଟାଉନ, ଭୁବନେଶ୍ୱର
ଆବିର୍ଭାବ : ୦୫.୦୯.୧୯୩୪
ତିରୋଧାନ : ୧୫.୧୧.୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ପରମେଶ୍ୱରଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ**
ଧ-୧୫୪୧୩

**ଦଶାହ ଉପଲକ୍ଷେ**



**ସ୍ୱର୍ଗତ ସନାତନ ତ୍ରିପାଠୀ**
ତୁମ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶ୍ରଦ୍ଧାଞ୍ଜଳି ସହ:**
ହତଭାଗ୍ୟ ପୁତ୍ର: ସୁଶାନ୍ତ ତ୍ରିପାଠୀ, ଉମାକାନ୍ତ ତ୍ରିପାଠୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୫୪୧୨

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଚିନ୍ମୟୀ ଦାସ (ମହାନ୍ତି)**
(ଅବସରପ୍ରାପ୍ତ ସରକାରୀ ଶିକ୍ଷୟିତ୍ରୀ)
ସ୍ୱାମୀ: ବିପିନ୍ ମହାନ୍ତି
୨୭୮, ଜୟଦେବ ବିହାର, ଭୁବନେଶ୍ୱର
ଆବିର୍ଭାବ: ୦୯।୦୨।୧୯୫୦
ତିରୋଧାନ: ୧୬।୧୧।୨୦୧୯
ତୁମର ଅବର୍ତ୍ତମାନରେ ପରିବାରରେ ସୃଷ୍ଟି ଶୂନ୍ୟସ୍ଥାନ ଚିରକାଳ ଅପୂରଣୀୟ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ଚନ୍ଦନ-ଲୁଇ, ମିଲନ-ନିତି, ଇଶାନ, ଅଦିତି, ପରିବାରବର୍ଗ ଓ ବନ୍ଧୁ ପରିଜନ
ଧ-୧୫୪୧୧

**୧୬ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ରଘୁନାଥ ସାହୁ**
୫୮, ବାପୁଜୀନଗର, ଭୁବନେଶ୍ୱର
ଆବିର୍ଭାବ: ୧୭।୦୨।୧୯୩୪
ତିରୋଧାନ: ୨୩।୧୧।୨୦୦୩
ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
**ଶୋକସନ୍ତପ୍ତ:**
ପତ୍ନୀ ଓ ପରିବାରବର୍ଗ ।
ଧ-୬୭୫୧୧

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୬/୨୦୧୯ Bhubaneswar, Tuesday, November 26/2019


## ଶ୍ରୀଜଗନ୍ନାଥ ମନ୍ଦିର ହୁଣ୍ଡିରୁ ଅଳଙ୍କାର ଗାଏବ ମାମଲା
# ଆବେଦନକାରୀଙ୍କ ପକ୍ଷରୁ ପ୍ରତିଜବାବ ଦାଖଲ

**କଟକ ଅଫିସ, ୨୫।୧୧**

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ହୁଣ୍ଡିରୁ ମିଳିଥିବା ସୁନାରୁ ସାଢ଼େ ୩ କେଜି ଗାଏବ ହୋଇଯାଇଥିଲା। ଏ ନେଇ ଭାଜପା ଉପସଭାପତି ସମୀର ମହାନ୍ତି ହାଇକୋର୍ଟରେ ମାମଲା ରୁଜୁ କରିଥିବାବେଳେ ସୋମବାର ଏହି ମାମଲାର ଶୁଣାଣି ହୋଇଥିଲା। ୨୦୧୮ ଡିସେମ୍ବର ୧୦ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜବାବ ଦାଖଲ କରାଯାଇଥିବା ବେଳେ ସୋମବାର ଆବେଦନକାରୀଙ୍କ ପକ୍ଷରୁ ପ୍ରତିଜବାବ ଦାଖଲ ହୋଇଛି। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ଜଷ୍ଟିସ କେ.ଆର.ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଆସନ୍ତା ଡିସେମ୍ବର ୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

୧୯୮୩ ଅକ୍ଟୋବରଠାରୁ ୨୦୧୮ ଜାନୁୟାରୀ ପର୍ଯ୍ୟନ୍ତ ଶ୍ରୀମନ୍ଦିର ହୁଣ୍ଡିରୁ ୧୮ କିଲୋ ୨୬୧ ଗ୍ରାମ ସୁନା ଅଳଙ୍କାର ମିଳିଥିଲା। ଭକ୍ତଙ୍କଠାରୁ ଦାନସୂତ୍ରରେ ମିଳିଥିବା ଏହି ଅଳଙ୍କାର ରତ୍ନଭଣ୍ଡାରରେ ରଖା ନ ଯାଇ ଶ୍ରୀମନ୍ଦିର ପ୍ରଶାସନ ହେପାଜତରେ ରହିଥିଲା। ଜଣାପଡ଼ିବା ପରେ ଶ୍ରୀମନ୍ଦିର ପ୍ରଶାସନ କେବଳ ୧୪ କିଲୋ ୫୬୦ ଗ୍ରାମ୍ ସୁନା ଷ୍ଟେଟ୍ ବ୍ୟାଙ୍କରେ ରଖିଥିଲେ। ବାକି ୩ କିଲୋ ୭ଶହ ଗ୍ରାମରୁ ଅଧିକ ସୁନା ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଭାଜପା ଉପସଭାପତି ମହାନ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

# ଭାଷାଭିତ୍ତିକ ‘ଓଡ଼ିଶା’ ଗଠନକୁ ସମର୍ଥନ କରିଥିଲେ ଗାନ୍ଧୀ

**ଭୁବନେଶ୍ୱର,୨୫।୧୧(ବ୍ୟୁରୋ)**

**‘ସଂସ୍କୃତି ଚର୍ଚ୍ଚା’**

ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନକୁ ଜାତିର ଜନକ ମହାତ୍ମା ଗାନ୍ଧୀ ସମର୍ଥନ କରିଥିଲେ। ଗଞ୍ଜାମ ଜିଲା ଗସ୍ତ ସମୟରେ ଗାନ୍ଧିଜୀ ବିଭିନ୍ନ ସଭାରେ ମାତୃଭାଷା ଉପରେ ଗୁରୁତ୍ୱ ଦେବାସହ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବିକୁ ଆନ୍ତରିକ ସମର୍ଥନ ଜଣାଇଥିଲେ। ୧୯୨୧ ଦୋଳପୂର୍ଣ୍ଣିମା ଦିନ ଗାନ୍ଧିଜୀ ପ୍ରଥମେ କଟକରେ ପହଞ୍ଚିଥିଲେ। ଏହାପରେ ୧୯୨୧, ୧୯୨୫, ୧୯୨୭, ୧୯୨୮, ୧୯୩୪, ୧୯୩୮ ଏବଂ ୧୯୪୬ରେ ମୋଟ ୮ ଥର ସେ ଓଡ଼ିଶା ଗସ୍ତରେ ଆସିଥିଲେ। ପଣ୍ଡିତ ଗୋପବନ୍ଧୁଙ୍କ ଡାକରାରେ ପ୍ରଥମେ ଏବଂ ପରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନିମନ୍ତ୍ରଣରେ ଗାନ୍ଧିଜୀ ଓଡ଼ିଶା ଆସିଥିଲେ ବୋଲି ବିଶିଷ୍ଟ ପ୍ରାବନ୍ଧିକ ତଥା ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ଅଭିରାମ ବିଶ୍ୱାଳ କହିଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୋମବାର ରାଜ୍ୟ ଅଭିଲେଖାଗାର ଆନୁକୂଲ୍ୟରେ ଅନୁଷ୍ଠିତ ‘ସଂସ୍କୃତି ଚର୍ଚ୍ଚା’ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡ. ବିଶ୍ୱାଳ ‘ଓଡ଼ିଶାରେ ଗାନ୍ଧିଜୀ, ଓଡ଼ିଆରେ ଗାନ୍ଧିଜୀ’ ଶୀର୍ଷକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ସେ କହିଥିଲେ, ଓଡ଼ିଶାର ସାଂସ୍କୃତିକ-ଧାର୍ମିକ ସମାଜକୁ ରାଜନୈତିକ ତଥା ନାଗରିକ ସମାଜରେ ପରିଣତ କରିବାରେ ଗାନ୍ଧିଜୀଙ୍କ ଭୂମିକା ଅତ୍ୟନ୍ତ ପ୍ରଭାବଶାଳୀ ଥିଲା। ଫଳରେ ଗାନ୍ଧୀ ଆଦର୍ଶରେ ପରିପାଳିତ ହୋଇ ଓଡ଼ିଶାରେ ଅନେକ ‘ଗାନ୍ଧୀ’ ସୃଷ୍ଟି ହୋଇପାରିଥିଲେ। ସ୍ୱାଧୀନତା ସଂଗ୍ରାମ ସହିତ ଜାତୀୟ ଜୀବନର ମହାସ୍ରୋତରେ ଓଡ଼ିଶାକୁ ସାମିଲ କରିବା ଗାନ୍ଧୀଙ୍କ ଉଦ୍ଦେଶ୍ୟ ଥିଲା ବୋଲି ଡ. ବିଶ୍ୱାଳ କହିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ୍ ସୁଲେମାନ୍ ଅଲ୍ଲୀ ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶିକା ସଂଘମିତ୍ରା ଶତପଥୀ, ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ମହେଶ ପ୍ରସାଦ ଦାସ, ଡ. ଅଶୋକ ପଟ୍ଟନାୟକ, ପୂର୍ବତନ ପ୍ରଶାସକ ଡ. ରବିନାରାୟଣ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ମା’ଙ୍କୁ ବଳାତ୍କାର, ନାବାଳକ ପୁଅ ସହ ଅପ୍ରାକୃତିକ ଯୌନ କ୍ରିୟା
# ନୟାଗଡ଼ ଡିଇଓ କାର୍ଯ୍ୟାଳୟର ଷ୍ଟେନୋଙ୍କୁ ଜେଲ

**ଖୋର୍ଦ୍ଧା ଅଫିସ,୨୫।୧୧:** ମା’କୁ ବଳାତ୍କାର, ନାବାଳକ ପୁଅକୁ ଅପ୍ରାକୃତିକ ଯୌନ କ୍ରିୟା କରି ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟର ଷ୍ଟେନୋ ସୁରେନ୍ଦ୍ର ବାରିକ (୫୮) ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ଜାମିନ ନାମଞ୍ଜୁର ପରେ ସୁରେନ୍ଦ୍ରଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ସୁରେନ୍ଦ୍ରଙ୍କର ଘର ପୁରୀ ଜିଲା ଡେଲାଙ୍ଗ ଥାନା ବେରବୋଇ ଗାଁରେ। ସୁରେନ୍ଦ୍ର ନୟାଗଡ଼ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଷ୍ଟେନୋ ଭାବେ ଚାକିରି କରି ଖୋର୍ଦ୍ଧା ଆଦର୍ଶ ଥାନା ବିଡ଼ିଏ କଲୋନୀଠାରେ ଏକ ସରକାରୀ ଜମିରେ ଘର କରି ରହୁଥିଲେ। ନୟାଗଡ ଅଞ୍ଚଳର ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ଘରେ ରଖି ଘର କାମ କରାଉଥିଲେ। ଉକ୍ତ ମହିଳାଙ୍କର ଏକ ୭ବର୍ଷର ପୁଅ ଅଛି। ମା’ଙ୍କୁ ବଳାତ୍କାର, ନାବାଳକ ପୁଅଙ୍କ ସହ ଅପ୍ରାକୃତିକ ଯୌନ କ୍ରିୟା କରିବା ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଆଇପିସି ଦଫା ୩୭୬, ୩୭୭, ୩୧୨, ୨୯୪, ୫୦୬, ୩୨୩, ୩୭୭ରେ ନଂ. ୪୨୦/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା।

## ଜନ ଆନ୍ଦୋଳନକାରୀଙ୍କ ରାଷ୍ଟ୍ରୀୟ ସମନ୍ୱୟ ସମ୍ମିଳନୀ ଉଦ୍‌ଯାପିତ
# ଭୂତଳ ଜଳର ଅପବ୍ୟବହାର ରୋକାଯିବା ଦରକାର

**ପୁରୀ ଅଫିସ, ୨୫।୧୧**

ଢୁଢୁୱାଲା ଧର୍ମଶାଳା ପରିସରରେ ଚାଲିଥିବା ଜନଆନ୍ଦୋଳନକାରୀଙ୍କ ତିନିଦିନିଆ ରାଷ୍ଟ୍ରୀୟ ସମନ୍ୱୟ ସମ୍ମିଳନୀ ସୋମବାର ଶେଷ ହୋଇଛି। ଅନ୍ତିମ ଦିବସରେ ଜନ ଆନ୍ଦୋଳନ ନେତ୍ରୀ ମେଧା ପାଟେକର ଆଗାମୀ ଦିନରେ ସାଧାରଣ ଲୋକଙ୍କ ଜମି, ଜଙ୍ଗଲ ଓ ପାଣିକୁ ହଡ଼ପ କରିବାର ଚକ୍ରାନ୍ତ ବିରୋଧରେ ଲଢେଇ ଜୋର୍‌ଦାର ହେବ ବୋଲି କହିଥିଲେ। କର୍ନାଟକର ସମାଜବାଦୀ ନେତା ବି.ଆର. ପଟେଲ ପାଣିର ଘରୋଇକରଣ ବନ୍ଦ କରାଯିବା ଉଚିତ। ସରକାର ଯେଉଁଭଳି ନଦୀଗୁଡ଼ିକୁ କମ୍ପାନୀ ହାତରେ ଟେକିଦେଉଛନ୍ତି ତାହା ସାଧାରଣ କୃଷକଙ୍କ ସମେତ ସବୁ ବର୍ଗର ଲୋକଙ୍କ ପାଇଁ ଦୁର୍ବିସହ ହୋଇପଡୁଛି। ଭୂତଳ ଜଳର ଅପବ୍ୟବହାରକୁ ରୋକିବା ଓ ତାର ସୁରକ୍ଷା ପାଇଁ ସରକାର ଆଇନ ଆଣିବା ଆବଶ୍ୟକ ବୋଲି କହିଥିଲେ। ଦେଶରେ ଏନ୍‌ଆର୍‌ସି ଲାଗୁ କରାଯିବା ନିଷ୍ପତ୍ତିକୁ ମଞ୍ଚ ପ୍ରବଳ ବିରୋଧ କରିବ ବୋଲି ନିଷ୍ପତ୍ତି ହୋଇଥିଲା।

ସେହିପରି ଶିକ୍ଷା, ସ୍ୱାସ୍ଥ୍ୟର ଘରୋଇକରଣ ବିରୋଧରେ ଆଗାମୀ ଦିନରେ ଲଢେଇ ଜୋର୍‌ଦାର କରାଯିବ। ସରକାରଙ୍କ ବିଭିନ୍ନ ପ୍ରକଳ୍ପ ଦ୍ୱାରା ଅନେକ ଲୋକ ଜମିହରା ଓ ବାସହରା ହୋଇପଡିଛନ୍ତି। ଆଗାମୀ ଦିନରେ ବିସ୍ଥାପିତଙ୍କୁ ଥଇଥାନ ଲାଗି କେନ୍ଦ୍ର ଓ ରାଜ୍ୟ ସ୍ତରରେ ଏକ କମିଶନ ଗଠନ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଦେଶରେ ବେରୋଜଗାରଙ୍କ ସଂଖ୍ୟା ବଢିଚାଲିଛି। ଏ ନେଇ ସରକାରଙ୍କ ଉପରେ ଚାପ ପକାଇବା ପାଇଁ ସଙ୍ଗଠନ ପକ୍ଷରୁ କାର୍ଯ୍ୟ କରାଯିବ ବୋଲି ନିଷ୍ପତ୍ତି ହୋଇଛି। କଶ୍ମୀର ପ୍ରସଙ୍ଗ ମଧ୍ୟ ଉଠିଥିଲା। କଶ୍ମୀରବାସୀଙ୍କ ସହିତ ଖୋଲା ଆଲୋଚନା କରିବାର ଆବଶ୍ୟକତା ରହିଛି। ଫଳରେ ସେମାନଙ୍କ ବିଶ୍ୱାସ ଅଣାଯାଇପାରିବ। ଆଧାରକାର୍ଡ ଆଳରେ ଯେଉଁଭଳି ଭାବେ ସାଧାରଣ ଲୋକଙ୍କୁ ରାଶନ ମିଳିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ତାହା ଦୁର୍ଭାଗ୍ୟଜନକ ବୋଲି କୁହାଯାଇଥିଲା। ଏହାର ତୁରନ୍ତ ସମାଧାନ କରାଯାଉ ବୋଲି ବକ୍ତାମାନେ କହିଥିଲେ।

# ଚିଲିକା: ୧୩୭ ଏକର ଘେରି ଉଚ୍ଛେଦ

**କୃଷ୍ଣପ୍ରସାଦ,୨୫।୧୧ (ଡି.ଏନ.ଏ.):** ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ତହସିଲ ଅଧୀନ ଚିଲିକା ଅଞ୍ଚଳରୁ ସୋମବାର ବେଆଇନ ଘେରି ଉଚ୍ଛେଦ ଆରମ୍ଭ ହୋଇଛି। ଜିଲାପାଳ ବଲୱନ୍ତ ସିଂଙ୍କ ତତ୍ତ୍ୱାବଧାନରେ ପ୍ରଥମ ଦିନରେ ମାଲୁଦ ନିକଟ କନ୍ଦାଖାଇ ଚିଲିକାରୁ ୧୩୭ ଏକର ବେଆଇନ ଘେରି ଉଚ୍ଛେଦ ହୋଇଛି। ଘେରିରୁ ଜବତ ସାମଗ୍ରୀକୁ ପୋଡ଼ି ଦିଆଯାଇଛି। ଚିଲିକାକୁ ସମ୍ପୂର୍ଣ୍ଣ ବେଆଇନ ଘେରି ମୁକ୍ତ କରିବା ଯାଏ ଉଚ୍ଛେଦ କାର୍ଯ୍ୟ ଚାଲିବ ବୋଲି ତହସିଲଦାର ଜିତେନ୍ଦ୍ର କୁମାର ନାୟକ କହିଛନ୍ତି। ପୁରୀ ଏସ୍‌ପି ଉମା ଶଙ୍କର ଦାଶ, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ଉପସ୍ଥିତ ଥିଲେ। କୃଷ୍ଣପ୍ରସାଦ ଥାନା ଆଇଆଇସି ଅଭିମନ୍ୟୁ ନାୟକ ଓ ଏସ୍‌ଆଇ ନାରାୟଣ ପ୍ରଧାନଙ୍କ ସମେତ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।













3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଶାସ୍ତ୍ର ମତରେ ହସ୍ତୀଠାରୁ ସହସ୍ରହାତ, ଘୋଟକଠାରୁ ଏକଶତ ଏବଂ ଶିଙ୍ଗଥିବା ଜନ୍ତୁମାନଙ୍କଠାରୁ ଦଶହାତ ଦୂରରେ ଅବସ୍ଥାନ କରାଯାଇପାରେ। କିନ୍ତୁ ଦୁର୍ଜନମାନେ ବାସ କରୁଥିବା ସ୍ଥାନକୁ ଅବିଳମ୍ବେ ତ୍ୟାଗ କରାଯାଇଥାଏ। -ଚାଣକ୍ୟ



# ଜିଲ୍ଲାପାଳ, ଏସ୍‌ପିଙ୍କୁ ଘେରିଲେ ମତ୍ସ୍ୟଜୀବୀ

ବ୍ରହ୍ମଗିରି,୨୫ା୧୧(ଡି.ଏନ.ଏ):

ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଚିଲିକାରେ ଘେରି ଉଚ୍ଛେଦକୁ ମତ୍ସଜୀବୀ ମହାସଂଘ ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ଖଣ୍ଡୁଆଳପୁରଠାରେ ସୋମବାର ମତ୍ସ୍ୟଜୀବୀଙ୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଥିଲା। କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଜିଲାପାଳ ବଲୱନ୍ତ ସିଂହ ଓ ଏସ୍‌ପି ଉମାଶଙ୍କର ଦାଶ ପୁରୀ-ସାତପଡା ରାସ୍ତାଦେଇ କୃଷ୍ଣପ୍ରସାଦ ଆସୁଥିବାବେଳେ ଖଣ୍ଡୁଆଳପୁରଠାରେ ମତ୍ସ୍ୟଜୀବୀ ଘେରିଯାଇଥିଲେ। ଜିଲାପାଳ ମତ୍ସ୍ୟଜୀବୀ ସଂଘର କେତେଜଣ ନେତାଙ୍କୁ ସାତପଡାରେ ଥିବା ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟକୁ ଡାକି ଆଲୋଚନା କରିଥିଲେ। ଏହି ଆଲୋଚନାରେ ମତ୍ସ୍ୟଜୀବୀ ନେତା କେଲୁ ଚରଣ ଜେନା, ହରି ଦଳାଇ, ଲକ୍ଷ୍ମୀଧର ବରାଳ, ବ୍ରଜ କିଶୋର ପ୍ରଧାନ, ତ୍ରିନାଥ ପ୍ରଧାନ ଓ ସୁରେନ୍ଦ୍ର ଦଳାଇ ଆଲୋଚନା କରି ଦାବିପତ୍ର ଦେଇଛନ୍ତି। ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ଚିଲିକା କୂଳରୁ ୨୦୦ମିଟର ମଧ୍ୟରେ ଥିବା ଘେରିକୁ ଉଚ୍ଛେଦ କରାଯିବ ବୋଲି ଜିଲାପାଳ କହିଥିଲେ।

■ ପୁରୀ ପୁସ୍ତକ ମେଳା ଉଦ୍‌ଘାଟିତ

# ପୁସ୍ତକ ଅଧ୍ୟୟନ ସଫଳତା ଦିଏ

ପୁରୀ ଅଫିସ, ୨୫ା୧୧ :

ସଫଳତା ପାଇବାକୁ ହେଲେ ପୁସ୍ତକ ଅଧ୍ୟୟନ ଆବଶ୍ୟକ। ଜୀବନରେ ପୁସ୍ତକକୁ ସାଥୀ କରନ୍ତୁ। ଏହା ଦ୍ୱାରା ଉପଯୁକ୍ତ ମାର୍ଗଦର୍ଶନ ପାଇବେ ବୋଲି ପୁରୀ ପୁସ୍ତକ ମେଳା କମିଟି ଓ ଅନୁଷ୍ଠାନ ପ୍ରୟାସର ମିଳିତ ଆନୁକୂଲ୍ୟରେ ଶରଧାବାଲିରେ ସୋମବାର ୨ୟ ପୁରୀ ପୁସ୍ତକ ମେଳା ଉଦ୍‌ଘାଟନ ଅବସରରେ ମୁଖ୍ୟ ଅତିଥି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର ହୋତା କହିଛନ୍ତି। କମିଟି ସଭାପତି ଜ୍ୟୋତିର୍ବିଦ୍ ଅନାମ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ପୁସ୍ତକ ମେଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପପତି ନାରାୟଣ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କମିଟି ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ପୁସ୍ତକ ମେଳା ଡିସେମ୍ବର ୪ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନ ପାଠକଙ୍କ ଭିଡ଼ ଜମିଥିଲା।

■ ବେଆଇନ ଗୁଟଖା ବିକ୍ରୟ

# ୨୦ ଦୋକାନରେ ଚଢ଼ାଉ, ୩ହଜାର ଜରିମାନା ଆଦାୟ

ପୁରୀ ଅଫିସ, ୨୫।୧୧:

ପୁରୀ ଏନଫୋର୍ସମେଣ୍ଟ କମିଟି ପକ୍ଷରୁ ସୋମବାର ୨୦ରୁ ଊର୍ଦ୍ଧ୍ୱ ପାନ ଦୋକାନ ରେ ଚଢାଉ କରାଯାଇଛି। ବେଆଇନ ଭାବେ ଗୁଟଖା, ତମାଖୁ ଦ୍ରବ୍ୟ ବିକ୍ରି ନେଇ ସେମାନଙ୍କଠାରୁ ୩୦୫୦ଟଙ୍କା ଜରିମାନା ଆଦାୟ କରାଯାଇଛି। ପୁରୀ ପୌରସଂସ୍ଥା ଖାଦ୍ୟ ନିରାପତ୍ତା ଅଧିକାରୀ ଏବଂ ଡା. ସୁଶାନ୍ତ ବିଶ୍ୱାଳ ବଳଗଣ୍ଡି ଅଞ୍ଚଳରେ ଚଢ଼ାଉ କରିଥିଲେ। ସ୍କୁଲଠାରୁ ୧୦୦ ମିଟର ମଧ୍ୟରେ ଏକାଧିକ ଦୋକାନରେ ଚଢ଼ାଉ କରିଥିଲେ। ପୋଲିସ ଫୋର୍ସ ସହାୟତାରେ ଏହି ଚଢ଼ାଉ ହୋଇଥିବା ଜଣାପଡିଛି।

# ନବଗ୍ରହ ମନ୍ଦିରକୁ ପ୍ରବେଶପଥ ଖୋଲିବାକୁ ଦାବି

କୋଣାର୍କ,୨୫।୧୧ (ପି.ଏନ.ଏସ)

କୋଣାର୍କର ସୂର୍ଯ୍ୟ ମନ୍ଦିରଠାରୁ ନବଗ୍ରହ ମନ୍ଦିରକୁ ପ୍ରବେଶ ପଥ ଖୋଲିବା ଦାବିରେ ନବଗ୍ରହ ମନ୍ଦିରଠାରେ ସୋମବାର ନବଗ୍ରହ ପୂଜକ ସଂଘ ଓ କୋଣାର୍କ ସୁରକ୍ଷା ସମିତି ମିଳିତ ଆନୁକୂଲ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଧର୍ମୀୟ ମାରଣା ନୀତିର ପ୍ରତିବାଦ କରି ଏହି ବୈଠକରେ ଆଲୋଚନା କରାଯାଇଥିଲା। ଦୀର୍ଘଦିନରୁ ସୂର୍ଯ୍ୟମନ୍ଦିରରୁ ନବଗ୍ରହ ମନ୍ଦିରକୁ ରହିଥିବା ପ୍ରବେଶ ପଥକୁ ବନ୍ଦ କରି ଧର୍ମୀୟ ଭାବନା ପ୍ରତି କୁଠାରଘାତ କରିବା ଘଟଣାକୁ ପୂଜକ ସଂଘ ଓ ସୁରକ୍ଷା ସମିତି ପକ୍ଷରୁ ଦୃଢ ବିରୋଧ କରିଥିଲେ। ୭ଦିନ ମଧ୍ୟରେ ପ୍ରବେଶପଥ ଖୋଲା ନ ଗଲେ ପୂଜକ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସଂଘ ସଭାପତି ତ୍ରିଲୋଚନ ପାଢୀ କହିଛନ୍ତି।

## ହ୍ୟାଣ୍ଡବଲ ପ୍ରତିଯୋଗିତା

ପୁରୀ ଅଫିସ, ୨୫ା୧୧ :

ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୦ଟି କଲେଜର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ।

# ସରକାରଙ୍କୁ ଜମି ଦେଇ ଘର ଛାଡ଼ିଲେ ୨ ପରିବାର

■ ଡିସେମ୍ବର ୨ରେ ସରୁଛି ଅଧିକ ୧୦ ପ୍ରତିଶତର ଅବଧି

ପୁରୀ ଅଫିସ, ୨୫ା୧୧:

ମହାପ୍ରଭୁଙ୍କ ପାଇଁ ସରକାର ଯେଉଁ ତ୍ୟାଗର ଆହ୍ୱାନ ଦେଇଥିଲେ ତାହାର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ସରକାରଙ୍କୁ ଜମି ହସ୍ତାନ୍ତର କରି ସୋମବାର ଘର ଛାଡିଛନ୍ତି ୨ ପରିବାର। ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରରେ ଥିବା ଏହି ଦୁଇ ପରିବାର ଘର ଖାଲିକରି ଚାଲିଯିବା ପରେ ବିକ୍ରି କବଲା ସାରିଥିବା ଅନ୍ୟ ପରିବାର ପ୍ରସ୍ତୁତ ହେଉଛନ୍ତି।

ଶ୍ରୀମନ୍ଦିର ସୁରକ୍ଷା ଜୋନ ମଧ୍ୟରେ ମୋଟ ୩୬୬ ପ୍ଲଟ ମଧ୍ୟରୁ ୧୮୫ ଘରୋଇ ପ୍ଲଟ ରହିଛି। ବର୍ତ୍ତମାନ ସୁଦ୍ଧା ୬୦ରୁ ଅଧିକ ପ୍ଲଟ ସରକାର କିଣି ସାରିଛନ୍ତି। ଏପଟେ ବିକ୍ରି କବଲା ବି ଜାରି ରହିଛି। ଭଲ ଭାବେ କାଗଜପତ୍ର ଯାଞ୍ଚ କରାଯିବା ପରେ ଏହି ସେଲ୍ ଡିଡ୍ ହେଉଛି।

**ଶ୍ରୀମନ୍ଦିର ସୁରକ୍ଷା ଜୋନ୍**



ବାସେଳିସାହିରେ ଏକ ପରିବାର ଦ୍ୱାରା ଖାଲିକରାଯାଇଥିବା ଘର।

ପଶ୍ଚିମ ଦ୍ୱାର ପାର୍ଶ୍ୱ ବାସେଳି ସାହି ମନ୍ଦିର ନିକଟରେ ରହୁଥିବା ଗୋଟିଏ ପରିବାର ସେମାନଙ୍କ ଘର ଖାଲି କରି ଗାଁକୁ ପଳାଇଛନ୍ତି। ଭଦ୍ରକ ଅଞ୍ଚଳର ଏହି ପରିବାର ଏଠାରେ ଘର କିଣି ରହୁଥିଲେ। ସୁରକ୍ଷା ଜୋନ ମଧ୍ୟରେ ତାଙ୍କ ଘର ରହିଥିଲା। ରବିବାର ରାତିରେ ଏହି ପରିବାର ତାଙ୍କ ଘରର ଝରକା, କବାଟ, ଆଜବେଷ୍ଟସ ସହିତ ସମସ୍ତ ଆନୁଷଙ୍ଗିକ ଜିନିଷପତ୍ର ଖୋଲି ସୋମବାର ଭୋରରୁ ଟ୍ରକ୍‌ରେ ଲଦି ଗାଁକୁ ପଳାଇଥିବା ପାଖ ପଡୋଶୀ କହିଛନ୍ତି। ସେହିପରି ଅନ୍ୟ ଏକ ପରିବାର ମଧ୍ୟ କିଛିଦିନ ପୂର୍ବରୁ ଘର ଖାଲି କରି ପଳାଇଥିବା ଜଣାପଡିଛି।

ତେବେ ଏହି ଦୁଇ ପରିବାର ପଳାଇଯିବା ପରେ ସେମାନଙ୍କ ଘର ଏବେ ଫାଙ୍କା ପଡିଛି। ଏହାକୁ ନେଇ ପାଖ ପଡୋଶୀ ଆପତ୍ତି ଉଠାଇଛନ୍ତି। ଏହି ଘରେ ଏବେ ଅସାମାଜିକଙ୍କ ଆଡ୍ଡା ଜମିବ। ଏମିତି କି ସେହି ଘର ଦେଇ ଅନ୍ୟ ଘରକୁ ମଧ୍ୟ ଚୋର ପଶିବାର ଭୟ ରହିଛି। ତେଣୁ ସରକାର ସେମାନଙ୍କୁ ସୁରକ୍ଷା ଦେବେ କି ବୋଲି ପାଖ ପଡୋଶୀ କହିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଶ୍ରୀମନ୍ଦିର ସୁରକ୍ଷା ପାଇଁ ସରକାର ତ୍ୟାଗର ଆହ୍ୱାନ ଦେଇଥିଲେ। ସାମାନ୍ୟ ବିଳମ୍ବ ହେଉପଛେ ଲୋକମାନେ ଏହାକୁ ଗ୍ରହଣ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ସ୍ୱେଚ୍ଛାକୃତ ଭାବେ ଜମି ପ୍ରଦାନ କରିଛନ୍ତି। ଧାର୍ଯ୍ୟ ସମୟ ଭିତରେ ଏଥିରେ ସାମିଲ ହୋଇ ଏହି ମହତ କାର୍ଯ୍ୟରେ ସହଯୋଗ କରିବା ଦରକାର ବୋଲି ଉପଜିଲାପାଳ କହିଛନ୍ତି।

# ଛୋଟିଯୋଡ଼ି ଗ୍ରାମରେ ଗୋଷ୍ଠୀ ସଂଘର୍ଷ ଘଟଣା, ୧୩ ଗିରଫ

କଣାସ,୨୫ା୧୧(ସ୍ୱ.ପ୍ର.)

କଣାସ ଥାନା ଅନ୍ତର୍ଗତ ଗଡସାନପୁଟ ପଞ୍ଚାୟତର ଛୋଟିଯୋଡି ଗ୍ରାମରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟି ଜଣେ ଗୁରୁତର ଆହତ ହେବା ସହ ବୋମାମାଡ଼ ହୋଇଥିଲା। ଉଭୟ ପକ୍ଷ କଣାସ ଥାନାରେ ପୃଥକ ଭାବେ ଏତଲା ପରେ ୧୨୬/୧୯ ଏବଂ ୧୨୯/୧୯ରେ ୨ଟି ମାମଲା ରୁଜୁ ହୋଇଥିଲା। ପରେ ପୋଲିସ ପକ୍ଷରୁ ଏନେଇ ତଦନ୍ତ ଆରମ୍ଭ କରାଯାଇଥିଲା। ପୋଲିସ ଲଗାତର ବିଭିନ୍ନ ସ୍ଥାନରେ ଚଢାଉ କରି ୨୩ତାରିଖରେ ୧୨୬ନଂ କେସ୍‌ରେ ୩ଜଣଙ୍କୁ ଗିରଫ କରିଥିବାବେଳେ ୧୨୯ କେସ୍‌ର ୧୦ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିବା କଣାସ ଆଇଆଇସି ତପନ ରାଉତ ସୋମବାର ସୂଚନା ଦେଇଛନ୍ତି।


## ରାୟଗଡ଼ ପୌରପରିଷଦ

ବୈଭବ ବିମଣ୍ଡିତ ଓ ଐତିହ୍ୟସମ୍ପନ୍ନ ରାୟଗଡ଼ ଜନସାଧାରଣଙ୍କୁ ଅଧିଷ୍ଠାତ୍ରୀ ଦେବୀ 'ମା ମଝିଘରିଆଣୀ' ନିଜ ଛତ୍ର ଛାୟାରେ ରଖିଥାନ୍ତୁ। ଏକ ସ୍ୱଚ୍ଛ ସୁନ୍ଦର, ସମୃଦ୍ଧ ରାୟଗଡ଼ ଗଠନ ନିମନ୍ତେ – ପୌର ପରିଷଦ, ଆପଣମାନଙ୍କ ସହଯୋଗ କାମନା କରୁଅଛି।

- ପ୍ଲାଷ୍ଟିକ୍ ବର୍ଜନ ଅଭିଯାନକୁ ସଫଳ କରାନ୍ତୁ ଏବଂ ସଫେଇ କର୍ମଚାରୀ ଓ ସ୍ୱଚ୍ଛସାଥୀଙ୍କୁ ବର୍ଜ୍ୟବସ୍ତୁ ପୃଥକ୍ କରିଦିଅନ୍ତୁ।
- ପୌର ପ୍ରଶାସନର ବିକେନ୍ଦ୍ରୀକରଣ କ୍ରମରେ ସହରର ପ୍ରତ୍ୟେକ ୱାର୍ଡରେ 'ୱାର୍ଡଅଫିସ୍' ପ୍ରତ୍ୟହ ସରକାରୀ କାର୍ଯ୍ୟଦିବସ ସକାଳ ୧୦.୦୦ଘ.ରୁ ୧୨.୦୦ଘ. ପର୍ଯ୍ୟନ୍ତ କାର୍ଯ୍ୟ କରୁଅଛି। ଜନସାଧାରଣ ଏହି ୱାର୍ଡଅଫିସରଙ୍କ ମାଧ୍ୟମରେ ବିଭିନ୍ନ ପୌର ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ଅବଗତ ହୋଇପାରିବେ, ତଥା ଆବଶ୍ୟକୀୟ ଦରଖାସ୍ତ ଦାଖଲ କରିପାରିବେ।

**ଶ୍ରୀ ପ୍ରମୋଦ କୁମାର ବେହେରା**
**ଓ.ପ୍ର.ସେ. (ବ.ପ୍ର.ପା)**
**ପ୍ରଶାସକ ତଥା ଜିଲ୍ଲାପାଳ, ରାୟଗଡ଼**

**ଶ୍ରୀ ସଚ୍ଚିଦାନନ୍ଦ ଶତପଥୀ**
**କାର୍ଯ୍ୟନିର୍ବାହୀ ଅଧିକାରୀ**
**ରାୟଗଡ଼ ପୌରପରିଷଦ**

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, FAX/PH.: 0680-2291905, 0680-2291904

Advt.No.07/2019-20 **NOTICE INVITING TENDER**

For and on behalf of OPTCL sealed tenders are invited from Manufacturers/ Suppliers having Authorized Dealership Certificate with valid I.T. PAN, GST Registration Certificate for **Supply of different capacity & type of fire extinguishers required for Grid Sub-Stations, Aska & Phulbani under EHT (O&M) Division, Bhanjanagar**. Commencement of Sale of Tender Paper: - From Dated 26.11.2019 to Dated 10.12.2019 up to 5.00 PM (GST Registration No. is to be produced at the time of purchase of Tender Specification). Last Date of Submission of Tender Paper : Dated 11.12.2019 up to 02.00 PM. Date of Opening of Tender Paper: - Dated 11.12.2019 at 3.00 PM. Cost of Tender Paper : Rs.6,000 + GST @ 12 %= Rs.6,720/-. For details please visit our website **www.optcl.co.in**. Corrigendum if any will be published in the website only.

*General Manager (Elect.)*

## SEALED TENDER CALL NOTICE FOR PALLISHREE MELA- KEONJHAR

**NO: 274/ ORMAS/ DRDA (K)** **Date: 25.11.19**

Sealed tenders are invited in the prescribed format from reputed Tent House/ Firms/ Agencies/ Decorators for the Pallishree Mela- 2019 to be held at Kali Padia, Keonjhar from 20th to 26th December 2019 as per the specifications. The detail specifications along with terms and conditions can be obtained from the office of ORMAS, O/o. DRDA, Keonjhar on payment of Rs. 3,000/- (Rupees Three Thousand) only by DD/ BC drawn in favour of DSMS, Keonjhar, which is Non-refundable. The details can be seen/ available in the website www.kendujhar.nic.in. w.e.f. 29th November 2019. The undersigned reserves the right to cancel any or all quotations without assigning any reasons thereof.

**Sd./- Chief Executive, DSMS, Keonjhar**

## GOVERNMENT OF ODISHA HEALTH & FAMILY WELFARE DEPARTMENT

File No. PT1-HFW-MEI-MISC-0019-2017 **30208/** /H&F.W. Dated: 22.11.19

**ADVERTISEMENT**

**No. E-518:-** Applications are invited from eligible candidates in the prescribed proforma for the post of Director, VSS Institute of Medical Sciences and Research, Burla Sambalpur, Odisha, in the scale of pay of Rs.37,400/- - Rs. 67,000/-+ AGP of Rs. 10,000/- or (as admissible from time to time) + a special allowance of Rs.5,000/- per month (or administrative allowance, as decided by Government in Finance Department from time to time, or in such amount of monthly emoluments as decided by Government in Finance Department from time to time for in-service/retired person as applicable.The appointment shall be for a term of three years from the date on which he/she enters upon his/her office or till he/ she attains the age of sixty-five years, whichever is earlier. The incumbent shall also be eligible for reappointment for another term of three years or till he/she attains the age of sixty-five years, whichever is earlier. The application in the prescribed format, complete in all respects along with the required documents must be sent by speed post only to "The Deputy Secretary (Medical Education-I), Health & FW, Department, Secretariat, Bhubaneswar, 751001, Odisha" so as to reach on or before 20.12.2019, 5 PM.

The detailed eligibility criteria and other conditions with prescribed proforma can be downloaded from http://health.odisha.gov.in/Announcement.asp?GL=10/ http://www.dmetodisha.gov.in/

*Sd./- Commissioner-cum-Secretary to Govt. of Odisha Health & Family Welfare Department*

10001/11/0010/1920

No. B-339:

## Government of Odisha OFFICE OF THE SUPERINTENDING ENGINEER CUTTACK (R&B) CIRCLE, CUTTACK

E-mail. ID- sectcrb_2006@yahoo.co.in, Tel/Fax – 0671-2301751/2302751

**'e' – PROCUREMENT NOTICE**

Bid Identification No.S.E.Ctc.(R&B) 4/2019-20

1. The Superintending Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road and Building works as mentioned below.
2. No. of work :- 4 Nos.
3. Nature of work :- Road and Building works.
4. Class of contractor :- 'B' & 'A' Class
5. Tender paper cost :- Rs.10000/- (online)
6. Available of bid documents in the website :- From 29.11.2019 to 16.00 Hours of 13.12.2019
7. Date of opening of bid :- Dt. 16.12.2019 at 11.00 Hours.
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

*Sd./- (T.P. Mishra), Superintending Engineer Cuttack (R&B) Circle*

34012/11/0005/1920

## ନିୟନ୍ତ୍ରୀତ ବଜାର କମିଟି କାର୍ଯ୍ୟାଳୟ, ନବରଙ୍ଗପୁର

ନବରଙ୍ଗପୁର ଜିଲ୍ଲାର ସମସ୍ତ ଧାନ ଚାଷୀଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ପ୍ରଶାସନଙ୍କ ନିଷ୍ପତ୍ତିକ୍ରମେ ଚଳିତ ୨୦୧୯-୨୦ ଖରିଫ୍ ବର୍ଷ ସକାଶେ ଚାଷୀମାନଙ୍କର ଉତ୍ପାଦିତ ଧାନକୁ ୫୪ଗୋଟି ସ୍ଥାୟୀ ଓ ଅସ୍ଥାୟୀ ଧାନମଣ୍ଡି ମାଧ୍ୟମରେ ଲ୍ୟାମ୍ପସ୍‌ମାନଙ୍କ ଦ୍ୱାରା କ୍ରୟ କରିବା ପାଇଁ ତା.୦୧ା୧୨ା୨୦୧୯ରିଖ (ରବିବାର) ଠାରୁ ଧାର୍ଯ୍ୟ କରାଯାଇଅଛି। ମଣ୍ଡିର ସୁପରିଚାଳନା ପାଇଁ ଧାନକ୍ରୟ କେନ୍ଦ୍ରଗୁଡ଼ିକରେ ଗୋଦାମଗୃହ, ନିଲାମଗୃହ, ଖୋଲାପିଣ୍ଡି, ଧାନ ଓଜନ ଯନ୍ତ୍ର, ଆର୍ଦ୍ରତା ମାନ ଯନ୍ତ୍ର, ବିଶ୍ଳେଷଣ ଯନ୍ତ୍ର, ତାର୍ପୋଲିନ, ପାଣି ପିଇବା ପାତ୍ର ଓ ଜରୁରିକାଳୀନ ଆଲୋକ ଇତ୍ୟାଦିର ବ୍ୟବସ୍ଥା କରାଯାଇଅଛି। ସମସ୍ତ ମଣ୍ଡି ଗୁଡିକରେ ଫ୍ଲେକ୍ସ ବ୍ୟାନର, ଲିଫଲେଟ ତଥା ଡାକବାଜି ଯନ୍ତ୍ର ସାହାଯ୍ୟରେ ଧାନ ମଣ୍ଡିର ବାର ଓ ପଞ୍ଚାୟତର ନାମ ଜଣାଇ ଦିଆଯାଇଅଛି। ଏଣୁ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ମଣ୍ଡିରେ ଧାନ ବିକ୍ରୟକରି ସରକାରୀ ମୂଲ୍ୟ ପାଆନ୍ତୁ। ଏଥିପାଇଁ ଧାନକୁ ଶୁଖାଇ ଓ ପରିଷ୍କାର କରି ମଣ୍ଡିକୁ ଆଣିବାକୁ ଅନୁରୋଧ।

୨୦୧୯-୨୦୨୦ ଖରିଫ ବର୍ଷ ସକାଶେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ:-

| F.A.Q. ମାନର ଧାନ | କୁଇଣ୍ଟାଲ ପ୍ରତି | ୮୦ କେଜି ପ୍ରତି |
|---|---|---|
| ସାଧାରଣ ଧାନ | ଟ.୧୮୧୫.୦୦ଙ୍କା | ଟ.୧୪୫୨.୦୦ଙ୍କା |
| "କ" ଶ୍ରେଣୀ ଧାନ | ଟ.୧୮୩୫.୦୦ଙ୍କା | ଟ.୧୪୬୮.୦୦ଙ୍କା |

**ଏଫ୍.ଏ.କ୍ୟୁ.(F.A.Q.) ଧାନ କହିଲେ କ'ଣ ବୁଝାଏ।**

**F.A.Q. ମାନର ଧାନ -** ୧. ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି - ୧.୦%, ୨. କାଠି, କୁଟା, ଧୁଷ, ଅଗାଡି ବା ପୋଲ ଇତ୍ୟାଦି - ୧.୦%, ୩. ଖରାପ, ବେରଙ୍ଗ, ପାଣିଫୁଲା କିମ୍ବା ପୋକଖିଆ - ୫.୦% (ଖରାପ, ପାଣିଫୁଲା ଓ ପୋକଖିଆ ୪% ଅଧିକ ହୋଇନଥିବ), ୪. ଅପରିପକ୍ୱ, ବଙ୍କା ଓ ସଙ୍କୁଚିତ ଇତ୍ୟାଦି - ୩.୦%, ୫. ସରୁ ଧାନ ମିଶ୍ରିତ ମୋଟା ଧାନ ୬.୦% (କେବଳ "କ" ଶ୍ରେଣୀ ଧାନ ନିମନ୍ତେ), ୬. ଆର୍ଦ୍ରତା ବା ଜଳୀୟ ଅଂଶ (ଆର୍ଦ୍ରତା) - ୧୭.୦%

**ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ କେତୋଟି ନିୟମ :**

୧. ଧାନ ମଣ୍ଡିକୁ ଆଣିବା ସମୟ ସକାଳ ୮ଘଣ୍ଟା ଠାରୁ ଅପରାହ୍ନ ୨ଘଣ୍ଟା ପର୍ଯ୍ୟନ୍ତ। ୨. ଧାନଚାଷୀ ଧାନ ଅମଳ କରି ସାରିବା ପରେ ତୁରନ୍ତ ସଂପୃକ୍ତ ଲ୍ୟାମ୍ପସ୍‌ରୁ ଧାନ ବିକ୍ରୟ ପାଇଁ ଟୋକନ୍ ପାଇବା ନିମନ୍ତେ ସୂଚନା ଦେବେ। ୩. ବିଶେଷ ବିବରଣୀ ପାଇଁ- ଯୋଗାଣ ବିଭାଗ ଅଧିକାରୀ ଅଫିସ୍ ଫୋନ୍- ୦୬୮୫୮-୨୨୨୩୪୯, କଣ୍ଟ୍ରୋଲ୍ ରୁମ୍ ଫୋନ୍ ନଂ.୯୯୩୮୫୫୮୮୪୨ (ସକାଳ ଘ.୧୦.୦୦ମି. ଠାରୁ ଅପରାହ୍ନ ଘ.୫.୦୦ମି ପର୍ଯ୍ୟନ୍ତ)

**ସମ୍ପାଦକ**
**ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର**

**ଉପଜିଲ୍ଲାପାଳ ତଥା ଅଧକ୍ଷ**
**ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର**

No. C-342:

## GOVERNMENT OF ODISHA OFFICE OF THE EXECUTIVE ENGINEER P.H. DIVISION, BARIPADA

Phone No : 06792-252682, E mail Id : eephbaripada2016@gmail.com

**NATIONAL COMPETITIVE BIDDING THROUGH e-PROCUREMENT**

**Invitation For Bids (IFB)**

**Identification No. EEPHBPD-17 /2019-20 Dt. 25.11.2019**

| SN | Name of Work | Bid Identi-fication No. | Estimated Cost (Rs. in Lakh) | Period of Completion | Availability of Bid Document for Online Bidding From | To |
|---|---|---|---|---|---|---|
| 1. | Supply, Installation & Testing of House Service Connection to the Consumers of Baripada Municipality under P.H. Division, Baripada | EEPHBPD - 17/ 2019-20 | 154.01 | 03 (Three) Months | 11.00 Hrs. of 03.12.2019 | 17.00 Hrs. of 24.12.2019 |

- Name & Address of Officer Inviting Bid: Executive Engineer, P.H. Division, Baripada Phone # 06792-252682 mail:eephbaripada2016@gmail.com
- Further details can be seen from the e-Procurement portal "https://www.tendersodisha.gov.in".
- **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

13016/11/0006/1920 *Sd/-* Executive Engineer, P.H. Division, Baripada

No. O-550:-

## GOVERNMENT OF ODISHA OFFICE OF THE SUPERINTENDING ENGINEER SOUTHERN CIRCLE, RURAL WORKS, SUNABEDA

email- serwsbd2003@yahoo.com

**E-Procurement Notice**

NO: Date:

1. Name of the work : Construction and maintenance of rural roads under PMGSY Scheme (04 Nos) Construction of Road under UPANTA Schemes (01 No)
3. Class of contractor : "B", "A" & Special Class of (Odisha PWD) or relevant class of other licensing authority.
4. Estimated Cost : **Varies from Rs.116.56 Lakhs to Rs.318.13 Lakhs (Approximately)**
5. Details projects as per Annexure attached.:

| Procurement Officer | Bid Identification No. | Availability of Tender online for bidding From | To | Last Date & Time of seeking tender clarification | Date & Time of opening of tender Technical Bid | Financial Bids |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Southern Circle, Sunabeda | SERWSCSBD – Online – 10/2019-20 | 29.11.2019 at 11.00 A.M. | 13.12.2019 up to 5.00 P.M. | 12.12..2019 up to 2.00 P.M. | 16.12.2019 at 11.00 A.M. | To be intimated separately |

6. (i) Further details for Construction of Roads under UPANTA Schemes can be seen from the web site **www.tendersodisha.gov.in**.
(ii) The details of PMGSY works can be seen from the web site **https://www.pmgsytenders.gov.in**
7. Any Corrigendum/Addendum will be displayed in the above e-tender web sites.

25045/11/0010/1920 Superintending Engineer, Southern Circle RW: Sunabeda

Tel-0663-2548268, E-mail id-serwcirclesbp@yahoo.com

No.O-533

## Government of Odisha, Office of the Superintending Engineer, Rural Works Circle, Sambalpur

**Bid Identification No. Road tender Online - RWCSBP-11 No: 2068 Dated:.19.11.2019**

The Superintending Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 02 (Two) no of Road work under UPANTA Scheme.

| Sl. No. | Name of work | Approximate estimated cost put to tender excluding of GST in lakhs (Figure appearing in DTCN is final) | Concerned E.E. with Headquarters | Security Amount (in lakhs.) (Online) (Figure appearing in DTCN is final) | Cost of Bid Dociment (Rs.) (Online) | Class of bidder | Period of Completion (including rainy, summer & festival) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Constn. of road from PWD road to Sindurkhol under UPANTA Scheme for the year 2018-19 | 221.00 | Executive Engineer Rural, Works Division Deogarh | 2.21 | 10,000/- (Online) | B & A Class | 06 (Six) Calendar months |
| 2 | Constn. of road from Rugudakudar to Mahuldiha via Dipatala under UPANTA Scheme for the year 2018-19 in the district of Deogarh. | 415.00 | | 4.15 | 10,000/- (Online) | A & Special | 11 (Eleven) Calendar months |
| Mode of submission of tender | | | Tender should be submitted only online in website www.tendersorissa.gov.in (https://tendersodisha.gov.in) | | | | |

Summary of key dates are provided below :

| Procurement officer | Bid Identification No. | Availability of Tender online for bidding From | To | Last date & time for seeking clarification | Date & Time of opening of tender Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural, Works Circle, Sambalpur | Road Tender Online-RWCSBP-11 | 30.11.2019 From 11.00 A.M. | 21.12.2019 Upto 4.00 P.M. | 20.12.2019 Upto 4.00 P.M. | 23.12.2019 At 11.00 A.M. | Will be intimated later |

* Further details can be seen from the e-procurement portal **www.tendersorissa.gov.in. (https//tendersodisha.gov.in)** * Subsequent modification/ corrigendum/Addendum if required shall appear in website only. * The amount put to bid is exclusive of GST. 25091/11/0008/1920 **Superintending Engineer, Rural Works Circle, Sambalpur**

## BHUBANESWAR DEVELOPMENT AUTHORITY

AKASH SHOVA BUILDING, PANDIT JAWAHARLAL NEHERU MARG, BHUBANESWAR - 751001
PABX No. 0674-2392801 / 0998 / 6437, FAX No. 0674-2390633 / 085
Visit us at: http://www.bda.gov.in/

**Ref. No. 1217** **Date: 25.11.2019**

**INVITATION FOR BIDS (IFB)**
**BID IDENTIFICATION No. 1217/EE-I/BDA/2019–20**

**The Executive Engineer, Division No.I, B.D.A.** on behalf of Bhubaneswar Development Authority, Bhubaneswar invites 'e' tender on Percentage Rate in **Single Cover System** to be received in on-line mode only.

| Sl. No. | Name of work | Approximate value of work (in lakh) | Period of Completion | Class of Contractor | Bid Security (In Rs.) | Cost of Document (In Rs.) | Last date of online receipt of bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Accessible Environment in Bhubaneswar Development Authority (B.D.A.) Office Building, Bhubaneswar (P.H.) works from 1st Floor to 5th Floor) | 13.66 | 90 (Ninety) Days | 'D' Class & 'C' Class | 13,700/- | 6,000/- + GST @12% | 27.11.2019 to 09.12.2019 |

**N.B- The quoted rate should be all inclusive but Excluding G.S.T. applicable under works contract.**

1. The bid documents shall be available for downloading in the website **https://tendersodisha.gov.in/** from dated - **27/11/2019 at 5.00 P.M.** onwards.
2. Bids shall be received online on or before Dated - **09/12/2019 up to 5.00 P.M.** The bidder must possess compatible Digital Signature Certificate (DSC) of Class - II or Class - III.
3. Any Corrigendum & Addendum will be published in the website only.

**Sd/- Executive Engineer, Division No.I, BDA.**

## NOTICE FOR INVITATION OF TENDER

Notice No. 4235 Date: 22.11.2019

**No. E-517:-** Sealed tenders are invited from intending agency / manufacturer / authorised dealer through Speed Post / Registered Post / Courier for supply of Bike Ambulance. The willing reputed agency / manufacturer / authorised dealers are requested to submit sealed tenders to the office of the undersigned on or before 16.12.19 till 5.30PM. Tender documents can be downloaded obtained from the district website www.sundergarh.nic.in/ DPMU, NHM, CDM & PHO office, Sundergarh. This office will not entertain any tender after the due date / time fixed for at any circumstances. The undersigned reserves the right to reject any or whole tender without assigning any reason thereof.

***Sd./- Chief District Medical & Public Health Officer, Sundargarh***

10100/11/0024/1920